

ପୂଜା, ନନ୍ଦିନୀ, ଗୁଲବୀରଙ୍କୁ ସ୍ୱର୍ଣ୍ଣ ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 69 | ଭାଗ ୩୪ | ସଂଖ୍ୟା ୬୯
Bhubaneswar | Sunday 1 June 2025 | Page 8 Rs. 4.00
ଭୁବନେଶ୍ୱର ରବିବାର ୧ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

ନିଶାମୁକ୍ତି ଅଭିଯାନର ନୂଆ ଆଇକନ ମୋହନ

# ବର୍ଷକୁ ତମାଖୁ ଖାଉଛି ୧୪ ଲକ୍ଷ ଜୀବନ



- ନିଶା ନୁହେଁ, ଜୀବନକୁ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ
- ଅଧିକ କଡ଼ାକଡ଼ି ହେବ ଅବକାରୀ ଆଇନ

**ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ):** ଭାରତରେ ପ୍ରାୟ ବର୍ଷକୁ ୧୪ ଲକ୍ଷ ଲୋକ ତମାଖୁ ସେବନ କାରଣରୁ ଜୀବନ ହରାଉଛନ୍ତି। ପ୍ରତି ବର୍ଷ ଭାରତରେ ବିଭିନ୍ନ କାରଣରୁ ଯେତିକି ମୃତ୍ୟୁ ହେଉଛି, ତା'ର ପ୍ରାୟ ୧୦ ପ୍ରତିଶତ କେବଳ ତମାଖୁଜନିତ। ଜନସାଧାରଣ, ବିଶେଷକରି ଯୁବ ସମାଜ ଏଥିରୁ କିପରି ମୁକ୍ତି ପାଇବେ, ତାହାକୁ ଆଜି ଗମ୍ଭୀରତାର ସହ ନେବାର ସମୟ ଆସିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ କନଭେନ୍‌ସନ୍ ହଲ୍‌ଠାରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ ଉପଲକ୍ଷେ ଆୟୋଜିତ ସଚେତନତା ଅଭିଯାନର ଶୁଭାରମ୍ଭ ଅବସରରେ ମତ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ନିଶାଦ୍ରବ୍ୟ, ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୁଦ୍ଧରେ ଆରମ୍ଭ ହେଉଥିବା ସଚେତନତା ଅଭିଯାନରେ ସମସ୍ତେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ନିଶା ନୁହେଁ, ଜୀବନକୁ ଆପଣେଇବା ପାଇଁ ମୁଖ୍ୟମନ୍ତ୍ରୀ ସଂକଳ୍ପ ନେବା ସକାଶେ ଆହ୍ୱାନ ଦେଇଥିଲେ।

ତମାଖୁ, ବିଷାକ୍ତ ମଦ ଓ ଡ୍ରଗ୍‌ସର ବ୍ୟବହାର ଓ ପ୍ରସାରକୁ ରୋକିବା ପାଇଁ ରାଜ୍ୟବ୍ୟାପୀ ୪ଟି ପର୍ଯ୍ୟାୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ବିଶ୍ୱ ତମାଖୁ ନିଷେଧ ଦିବସରୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ, ଦ୍ୱିତୀୟ ପର୍ଯ୍ୟାୟରେ ଜୁନ୍ ୨୬ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ, ତୃତୀୟ ପର୍ଯ୍ୟାୟରେ ଅକ୍ଟୋବର ୨ ଓ ଚତୁର୍ଥ ପର୍ଯ୍ୟାୟରେ ଡିସେମ୍ବର ୨୫ରୁ ୨୦୨୬ ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ପ୍ରାୟ ବର୍ଷେ ଧରି ଏହି ସଚେତନତା ଅଭିଯାନ ଜାରି ରହିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ତମାଖୁଜନିତ ମୃତ୍ୟୁକୁ ରୋକିବା ପାଇଁ ଏକମାତ୍ର ଉପାୟ ହେଉଛି ସଚେତନତା। ଲୋକେ ଏହାର ଭୟାବହତା ଜାଣିଥିଲେ ମଧ୍ୟ ଏହାଠାରୁ ନିଜକୁ ଦୂରେଇ ପାରୁନାହାନ୍ତି। ତମାଖୁ ସେବନର ଅପକାରିତା ଓ ସ୍ୱାସ୍ଥ୍ୟଗତ ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଅଭିଯାନକୁ ଘରେ ଘରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ତମାଖୁ, ସିଗାରେଟ୍ ଓ ନିଶାଦ୍ରବ୍ୟର ବିଜ୍ଞାପନ ମଧ୍ୟ ଯୁବ ସମାଜ ଉପରେ ପ୍ରଭାବ ପକାଉଛି। ଏହି ଛଳନାପୂର୍ଣ୍ଣ ବିଜ୍ଞାପନ ପ୍ରତି ମଧ୍ୟ ସଜାଗ ରହିବାର ଆବଶ୍ୟକତା ରହିଛି। ନିଶା ଦ୍ରବ୍ୟ ଅପବ୍ୟବହାର, ବିଷାକ୍ତ ମଦ ଓ ଚୋରା ➢ପୃଷ୍ଠା-୬

ପେନ୍‌ସନ ନିୟମରେ ସଂଶୋଧନ

# ବଢ଼ିଲା ଗ୍ରାଚ୍ୟୁଇଟି ପରିମାଣ

## ଭିଜିଲାନ୍ସ ଅଭିଯୋଗ ସତ୍ତ୍ୱେ ମିଳିପାରିବ ପେନ୍‌ସନ୍

**ଭୁବନେଶ୍ୱର, ୩୧।୫ (ସଂଚାର ବ୍ୟୁରୋ) :** ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଚାକିରିଆଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଓଡ଼ିଶା ସିଭିଲ ସର୍ଭିସ (ପେନ୍‌ସନ) ନିୟମ-୧୯୯୨ରେ କେତେକ ସଂଶୋଧନ କରାଯାଇଛି। ଦିବ୍ୟାଙ୍ଗ ଓ ସ୍ୱାମୀ ପରିତ୍ୟକ୍ତା ଏବଂ



ଝିଅମାନଙ୍କ ଭବିଷ୍ୟତକୁ ଏଥିରେ ସୁରକ୍ଷିତ କରାଯିବା ସକାଶେ ଉଦ୍ୟମ ହୋଇଛି। ଏହାଛଡ଼ା ରାଜ୍ୟ ସରକାରଙ୍କ ପକ୍ଷରୁ ୨୦ଟି ଦିଗରେ ନିୟମରେ ସଂଶୋଧନ କରାଯିବା ସହ ସରକାରୀ ଚାକିରିଆଙ୍କ ପରିବାରକୁ ଏକପ୍ରକାର ସୁରକ୍ଷା ବଳୟ ଭିତରକୁ ଅଣାଯାଇଛି।

ଗତ ଗୁରୁବାର ଏ ସଂକ୍ରାନ୍ତରେ ଅର୍ଥ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ଉକ୍ତ ବିଜ୍ଞପ୍ତି ଅନୁଯାୟୀ, ଏଣିକି ଓଡ଼ିଶା ସରକାରଙ୍କ ଚାକିରିଆମାନେ ଯଦି ଇସ୍ତଫା ଦିଅନ୍ତି, କିନ୍ତୁ ଏହାକୁ ୯୦ ଦିନ ଭିତରେ ଫେରାଇ ନେବାକୁ ଚାହିଁବେ, ତେବେ ସରକାର ତାକୁ ଗ୍ରହଣ କରିବେ। ମାତ୍ର ପୂର୍ବରୁ ସରକାରୀ ଚାକିରିଆ ଯଦି ଚାକିରିରୁ ଇସ୍ତଫା ଦେଉଥିଲେ ତାଙ୍କ ପାଇଁ ଏସଂକ୍ରାନ୍ତରେ କୌଣସି ସ୍ୱତନ୍ତ୍ର ମାର୍ଗଦର୍ଶିକା ନ ଥିଲା। ମାତ୍ର ଭାରତ ସରକାରଙ୍କ ଚାକିରିଆଙ୍କ କ୍ଷେତ୍ରରେ ଇସ୍ତଫା ଓ ସ୍ୱେଚ୍ଛାକୃତ ଅବସରର ପୁନର୍ବାର ସୁଯୋଗ ରହିଥିଲା। ସେହିପରି ଯେଉଁ କର୍ମଚାରୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା ଥିବ, ମାତ୍ର ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ନ ଥିବେ, ସେ କ୍ଷେତ୍ରରେ ସମ୍ପୃକ୍ତ ଚାକିରିଆଙ୍କୁ ପେନ୍‌ସନ ମିଳିପାରିବ। ମାତ୍ର ପୂର୍ବରୁ ଉକ୍ତ ମାମଲାର ନିର୍ଯ୍ୟାସ କିମ୍ବା ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ପେନ୍‌ସନ ମିଳିପାରୁ ନ ଥିଲା।

ସଂଶୋଧନ ଅନୁଯାୟୀ, ପୂର୍ବରୁ ସରକାରୀ ଚାକିରିଆମାନେ ଅବସର ସମୟରେ ଅତି ବେଶିରେ ୧୫ ଲକ୍ଷ ଟଙ୍କା ଗ୍ରାଚ୍ୟୁଇଟି ➢ପୃଷ୍ଠା-୬



ମଦୁଆଙ୍କୁ ବାବୁଙ୍କ ନାଲିଆଖି

# ଏଣିକି ରାସ୍ତାରେ ହେବ ମାଡ଼



ଖଣ୍ଡଗିରିରେ ଅଶ୍ଳୀଳ ନୃତ୍ୟ ବନ୍ଦ ପାଇଁ ଠେଙ୍ଗା ବାହିନୀ ଗଢ଼ିଥିବା ବିଧାୟକ ବାବୁ ସିଂ ଏବେ ରାସ୍ତାରେ ମଦୁଆଙ୍କୁ ସାବାଡ଼ କରିବାକୁ ମାଡ଼ ତତ୍ତ୍ୱ ବାହାର କରିଛନ୍ତି। ମଦୁଆଙ୍କ ଉତ୍ପାତ କମାଇବାକୁ ମହିଳାମାନେ ଦାୟିତ୍ୱ ନେବାକୁ ସେ ଆହ୍ୱାନ ଦେଇଛନ୍ତି। ରାସ୍ତାରେ ମଦ ପିଇ ବୁଲିଲେ ମହିଳାମାନେ ମାଡ଼ ମାରିବାକୁ ସେ ଅପିଲ କରିଛନ୍ତି। ରାଜ୍ୟରେ ନିଶା ଦ୍ରବ୍ୟର ବିକ୍ରି ଓ ବ୍ୟବହାର ଉପରେ ଅଙ୍କୁଶ ଲାଗିବା ଉଚିତ। ନିଶା ପାଇଁ ପ୍ରତିଦିନ ବହୁ ସଂଖ୍ୟାରେ ପରିବାର ନଷ୍ଟ ହେଉଛି। ମହିଳାମାନେ ଅକଥନୀୟ ଦୁଃଖ ଓ ନିର୍ଯାତନାର ଶିକାର ହେଉଛନ୍ତି। ତେଣୁ ସେମାନେ ହିଁ ଏହି ଅଭିଯାନର ନେତୃତ୍ୱ ନେବା ଆବଶ୍ୟକ। ମଦୁଆଙ୍କୁ ରାସ୍ତାରେ ମାଡ ମାରିଲେ ହିଁ ସେମାନେ ସାବାଡ ହେବେ ବୋଲି ସେ କହିଛନ୍ତି। ୨୦ ବର୍ଷ ପୂର୍ବରୁ ଓଡ଼ିଶାରେ ମଦ କାରବାର ସହରଠାରୁ ଦୂରରେ ହେଉଥିଲା । ଯିଏ ମଦ ଖାଇବାକୁ ଯାଉଥିଲା ଲୋକେ ➢ପୃଷ୍ଠା-୬

# ଉଷାକୋଠି ଅଭୟାରଣ୍ୟର ବଢ଼ିବ ସୁରକ୍ଷା

**ଜମନକିରା/ସମ୍ବଲପୁର,୩୧।୫(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସମ୍ବଲପୁର ଜମନକିରା ବ୍ଲକ ବଡ଼ରମାସ୍ଥିତ ଉଷାକୋଠି ଅଭୟାରଣ୍ୟ ପରିଦର୍ଶନ କରିବା ସହ ଏହାର ସୁରକ୍ଷା ଓ ବିକାଶ ନେଇ

- କୁତବଗ୍ରାମବାସୀଙ୍କୁ ଭେଟି ସମସ୍ୟା ବୁଝିଲେ
- ମୌଳିକ ସୁବିଧା ଦେବାକୁ ପ୍ରଶାସନ ସହ ଆଲୋଚନା




ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ବନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ଗସ୍ତ କାଳରେ ଅଭୟାରଣ୍ୟରେ ଥିବା ନିରୀକ୍ଷଣ ଅଟ୍ଟାଳିକା ଓ ବଡରମାଠାରେ ଶିକାରୀ ନିରୋଧ ତନଖି ଫାଟକ ଓ ତନଖି ଗୃହ ସହ ପର୍ଯ୍ୟଟକ ସୁବିଧା କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ସମସ୍ୟା ଓ ସମ୍ଭାବନା ନେଇ ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ବନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ବାମରା ବନ୍ୟପ୍ରାଣୀ ବନଖଣ୍ଡ ବଡ଼ରମା ବନାଞ୍ଚଳ ଅଧୀନସ୍ଥ ଏହି ଅଭୟାରଣ୍ୟରେ ବନ୍ୟଜନ୍ତୁ ସହ ନାନାଦି ମୂଲ୍ୟବାନ ବୃକ୍ଷ ରହିଛି। ଜଙ୍ଗଲ, ଝରଣା ଓ ସବୁଜିମାରେ ପରିପୂର୍ଣ୍ଣ ଏହି ଅଭୟାରଣ୍ୟ ପ୍ରକୃତିପ୍ରେମୀ ତଥା ପର୍ଯ୍ୟଟକଙ୍କୁ ସବୁବେଳେ ଆକର୍ଷିତ କରିଆସିଛି। ନିରୀକ୍ଷଣ ଅଟ୍ଟାଳିକା ମାଧ୍ୟମରେ ପର୍ଯ୍ୟଟକମାନେ ନିରାପଦରେ ବନ୍ୟଜନ୍ତୁ ଦେଖିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି। ପର୍ଯ୍ୟଟନ ଆମର ସମ୍ପଦ ହୋଇଥିବା ଏହି ଅଭୟାରଣ୍ୟର ସୁରକ୍ଷା, ଅବାଧ ଶିକାର ରୋକିବା, ➢ପୃଷ୍ଠା-୬

# ବଦଳିବ ମାଷ୍ଟରକ୍ୟାଣ୍ଟିନ୍ ନାଁ

## ସୂଚନା ଦେଲେ ନଗର ଉନ୍ନୟନ ମନ୍ତ୍ରୀ



**ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ):** ବଦଳିବ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ନାଁ। ଏନେଇ ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦିଆଯିବ। ମାଷ୍ଟରକ୍ୟାଣ୍ଟିନ୍



ସହିତ ଇଂରେଜ ଅମଳରୁ ଥିବା କିଛି ପ୍ରମୁଖ ସ୍ଥାନର ମଧ୍ୟ ନାମ ଆଗାମୀ ଦିନରେ ପରିବର୍ତ୍ତନ କରାଯିବ। ଏନେଇ ଉପର ସ୍ତରରେ ବିଚାରବିମର୍ଶ ଚାଲିଥିବା ଶ୍ରୀ ମହାପାତ୍ର କହିଛନ୍ତି। ତେବେ ନାଁ ପରିବର୍ତ୍ତନ ହେଲେ ଓଡ଼ିଶାର କୌଣସି ବରପୁତ୍ରଙ୍କ ନାଁରେ ଏହାକୁ ନାମିତ କରାଯିବାର ସମ୍ଭାବନା ରହିଛି। ଏନେଇ ➢ପୃଷ୍ଠା-୬

# ତାରିଖ ଯନ୍ତ୍ରଣାରୁ ମିଳିବ ମୁକ୍ତି!



**ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ):** ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ। ସମସ୍ତେ ଏହି ଗୋଟିଏ ଡାଇଲଗ ମାରୁଥିଲେ ବି ରାଜ୍ୟରେ ବର୍ଷ ବର୍ଷ ଧରି ଗଡ଼ିଚାଲିଛି ଲକ୍ଷ ଲକ୍ଷ ମାମଲା। ଆଜି ପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ହୋଇପାରୁନଥିବା ବେଳେ ଏବେ ଏଇ ଧାରାରେ ବ୍ରେକ୍ ଲଗାଇବାକୁ ଯାଉଛନ୍ତି ମୋହନ ସରକାର। ଫୌଜଦାରୀ ମାମଲାରେ ରାଜ୍ୟ ସରକାରଙ୍କୁ ପ୍ରତିନିଧିତ୍ୱ କରୁଥିବା ସମସ୍ତ ସରକାରୀ ଓକିଲ (ପିପି) ଓ ଏପିପିଙ୍କ ପାଇଁ ଗୃହ ବିଭାଗ ଆଣିଛି ନୂଆ ଏସଓପି।

- ପିପି ଓ ଏପିପି ଦେବେ ମାସିକିଆ ରିପୋର୍ଟ
- ଦୁଇ ଥର ପରେ ଆଉ ତାରିଖ ଘୁଞ୍ଚିବନି
- ଅଯଥା ତାରିଖ ନେଲେ ପଡ଼ିବ ଆର୍ଥିକ ଦଣ୍ଡ

ମହକିଲଙ୍କୁ ତାରିଖ ଯନ୍ତ୍ରଣାରୁ ମୁକ୍ତି ଦେବାକୁ ଫୌଜଦାରୀ ମାମଲାରେ ଅଯଥା ତାରିଖ ନ ଗଡ଼େଇ ସରକାରୀ ଓକିଲମାନେ ସରକାରଙ୍କୁ ମାସିକିଆ ରିପୋର୍ଟ ଦେବେ। ଏହି ଅନୁସାରେ ଯଦି ସାକ୍ଷୀ ଉପସ୍ଥିତ ଥାଆନ୍ତି, ତା'ହେଲେ ଅଯଥାରେ ତାରିଖ ଘୁଞ୍ଚାଇବାକୁ ଆବେଦନ କରିବେ ନାହିଁ। ଦୁଇ ଥର ତାରିଖ ଘୁଞ୍ଚିଥିଲେ ଆଉ ତାରିଖ ଘୁଞ୍ଚାଯିବ ନାହିଁ। ସମାନ ତାରିଖରେ ଓକିଲଙ୍କର ଅନ୍ୟ କୋର୍ଟରେ କେସ୍ ଥିବା କାରଣ ଦର୍ଶାଇଲେ, ତାହାକୁ ଗ୍ରହଣ କରାଯିବ ନାହିଁ। ସାକ୍ଷୀ ପ୍ରସ୍ତୁତ ଥାଇ ମଧ୍ୟ ପ୍ରତିପକ୍ଷ ପ୍ରସ୍ତୁତ ନଥିଲେ କୋର୍ଟ ସାକ୍ଷୀଙ୍କ ବୟାନ ରେକର୍ଡ କରି ଜେରା କରିପାରିବେ। ଯୁକ୍ତିଯୁକ୍ତ କାରଣ ନ ଦର୍ଶାଇ ତାରିଖ ପରେ ତାରିଖ ନେଲେ ସରକାରୀ ପକ୍ଷ କିମ୍ବା ଅଭିଯୁକ୍ତ ପକ୍ଷଙ୍କ ଉପରେ ଆର୍ଥିକ ଦଣ୍ଡ କରାଯାଇପାରିବ। ମାସିକ ରିପୋର୍ଟରେ ମାମଲାର ➢ପୃଷ୍ଠା-୬

# ରାଜ୍ୟରେ କୋଭିଡ୍ ନେଲା ପ୍ରଥମ ମୁଣ୍ଡ!



**ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ):** ଗତ ମାସ ତୃତୀୟ ସପ୍ତାହରେ ଓଡ଼ିଶାରେ ୨୦୨୫ ବର୍ଷରେ ପ୍ରଥମ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଗତକାଲି କଟକରେ ସଦ୍ୟ ସଂକ୍ରମିତ ଚିହ୍ନଟ ହେବା ପରେ ଏହି ସଂଖ୍ୟା ୭ରେ ପହଞ୍ଚିଥିଲା। ତେବେ ରାଜ୍ୟରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଉଥିଲେ ହେଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବରାବର ଭୟଭୀତ ନ ହେବାକୁ ପରାମର୍ଶ ଦିଆଯାଇଆସିଛି। କିନ୍ତୁ ଆଜି ଭୟଭୀତ କରିବା ଭଳି ସ୍ଥିତି ସାମ୍ନାକୁ ଆସିଛି। କାରଣ ଜଣେ ସଂକ୍ରମିତଙ୍କର ଆଜି ଜୀବନ ଯାଇଥିବା ଖବର ମିଳିଛି। ଅବଶ୍ୟ ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ବିଧିବଦ୍ଧ ସୂଚନା ଦିଆଯାଇନାହିଁ। କିନ୍ତୁ ବିଭିନ୍ନ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ରାଜ୍ୟରେ ୨୦୨୫ରେ କୋଭିଡ୍ ପ୍ରଥମ ମୁଣ୍ଡ ନେଇଛି। ମିଳିଥିବା ସୂଚନାନୁସାରେ, ମୃତ୍ୟୁବରଣ କରିଥିବା ବ୍ୟକ୍ତି ଜଣଙ୍କ ଭୁବନେଶ୍ୱରର ଓ ସେ ଅସୁସ୍ଥ ରହିବା ସହ କୋଭିଡ୍ ସଂକ୍ରମିତ ଭାବେ ନିକଟରେ ଚିହ୍ନଟ ହୋଇଥିଲେ। ମୃତ୍ୟୁବରଣ କରିଥିବା ସଂକ୍ରମିତ ଜଣେ ବୃଦ୍ଧ ଓ ସେ ସଂକ୍ରମିତ ଭାବେ ଚିହ୍ନଟ ହେବା ପରେ ଘରେ ଚିକିତ୍ସାଧୀନ ଥିଲେ। ➢ପୃଷ୍ଠା-୬

ଅରୁଣଙ୍କ ନୂଆ ନାଟକ

# 'ସତ ପ୍ରଚାର ବନାମ ମିଛ ଜବାବ'



କଳିରେ ସାମିଲ ହେବାକୁ ନାରାଜ ନେତା

**ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ):** ରାଜ୍ୟର ଯାତ୍ରା ଜଗତ ଏବେ କଳାକାର, ମାଲିକଙ୍କ କଳିକୁ ନେଇ ବେଶ ଚର୍ଚ୍ଚାରେ ରହିଛି। ମାଲିକ ଓ କଳାକାରଙ୍କ କଳି ପାଇଁ ଜଲିଉଡ ଏତେ ବିବାଦୀୟ ହୋଇପଡିଛି ଯେ ଆଗାମୀ ଦିନରେ ଯାତ୍ରା ଜଗତର ସ୍ଥାୟିତ୍ୱକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏଭଳି ସ୍ଥିତିରେ ବିଜେଡି ବିଧାୟକ ଅରୁଣ ସାହୁ ଘୋଷଣା କରିଛନ୍ତି ନୂଆ ନାଟକ- 'ମିଛ ପ୍ରଚାର ବନାମ ସତ ଜବାବ'। ଆସନ୍ତା ୧୨ ତାରିଖରେ ସରକାରଙ୍କ ବର୍ଷପୂର୍ତ୍ତି ସଫଳତାର ସେ ଗୋଟି ଗୋଟି କରି ଜବାବ ଦେବେ ବୋଲି ଘୋଷଣା କରିଛନ୍ତି। ତେବେ ଅରୁଣଙ୍କ ଏହି ନୂଆ ନାଟକ ସ୍କ୍ରିନପ୍ଲେ ପୂର୍ବରୁ ଫସର ଫାଟିଯିବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି ହିରୋ, ହିରୋଇନ କିମ୍ବା ମାଲିକଙ୍କୁ ନେଇ ଯାତ୍ରା ଚାଲିନଥାଏ। ଗୋଟିଏ ଯାତ୍ରା ବହିର ସଫଳତା ରୋଷେୟାଠାରୁ ଆରମ୍ଭ କରି ମାଲିକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମିଳିତ ସହଯୋଗ ଓ ପ୍ରୟାସ ଉପରେ ନିର୍ଭର କରିଥାଏ। ଠିକ ସେହିଭଳି ଅରୁଣ ସାହୁଙ୍କ ନୂଆ ନାଟକର ସଫଳତା ନିର୍ଭର କରୁଛି ଦଳର ତୃଣମୂଳ ସ୍ତରରେ ପ୍ରତିଟି କର୍ମୀଙ୍କଠାରୁ ଆରମ୍ଭ କରି ମୁଖିଆ ନବୀନ ପଟ୍ଟନାୟକଙ୍କ ଯୋଗଦାନ ଉପରେ।

ବିରୋଧୀ ଦଳରେ ଥାଇ ବି ନବୀନ ରାଜ୍ୟ ସରକାରଙ୍କ ବିରୋଧରେ ମୁହଁ ଖୋଲୁନାହାଁନ୍ତି। ନିର୍ବାଚନ ବେଳେ ବଡ଼ ବଡ଼ ଭାଷଣ ମାରୁଥିବା ଦଳର ଦ୍ୱିତୀୟ କ୍ଷମତା କେନ୍ଦ୍ର କ୍ରୀତଦାସ ଓରଫ ବବି ➢ପୃଷ୍ଠା-୬

ସିକ୍କିମ ଅଘଟଣ

# ମିଳିନି ଇତିଶ୍ରୀଙ୍କ ସମେତ ୪ ଓଡ଼ିଆଙ୍କ ପତ୍ତା



- ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଆକାଶ
- ମନ୍ଦିରରେ ଗାଁଲୋକଙ୍କ ଦୀପଦାନ

**ଯାଜପୁର,୩୧।୫(ସଂଚାର ବ୍ୟୁରୋ):** ସିକ୍କିମ ଟ୍ରାଜେଡିକୁ ଗଡୁଛି ସମୟ। ବର୍ତ୍ତମାନ ସୁଦ୍ଧା ମିଳିଛି ବିଜେପି ନେତ୍ରୀ ଇତିଶ୍ରୀ ଜେନାଙ୍କ ପତ୍ତା। ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଏବେବି ନିଖୋଜ ଅଛନ୍ତି ୪ ଓଡ଼ିଆ। ଏହାକୁ ନେଇ ଇତିଶ୍ରୀଙ୍କ ଗାଁ ଲୋକେ ଆଶା ଓ ଆଶଙ୍କାରେ ରହିଛନ୍ତି। ନିଖୋଜଙ୍କ ଶୁଭ ମନାସି ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ମନ୍ଦିରରେ ଦୀପ ଦାନ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ କୋରେଇ ବିଧାୟକ ଆକାଶ ଦାସନାୟକ ଆଲୋଚନା କରିଛନ୍ତି। ସିକ୍କିମରେ ଗତ ଗୁରୁବାର ରାତିରେ ଘଟିଥିବା ଅଘଟଣରେ ଘାଟିରୁ ପ୍ରାୟ ହଜାର ଫୁଟ୍ ତଳକୁ ଖସିପଡିଥିଲା ଟୁରିଷ୍ଟ କାର୍। ନଦୀ ମାଟି ତଳେ ପୋତି ହୋଇଯାଇଥିଲା କାର। ଉକ୍ତ କାର୍‌ରେ ଇତିଶ୍ରୀଙ୍କ ସମେତ ମୋଟ ୪ ଜଣ ଓଡ଼ିଆ ଥିବା ବେଳେ ସେମାନଙ୍କ ଖୋଜ୍‌ଖବର ଆରମ୍ଭ ହୋଇଯାଇଥିଲା। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଚାଲିଥିଲେ ମଧ୍ୟ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସେମାନଙ୍କର କୌଣସି ପତ୍ତା ମିଳିପାରିନାହିଁ। ଇତିଶ୍ରୀ ବିଜେପି ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦିକା ଭାବେ କାର୍ଯ୍ୟ କରୁଛନ୍ତି। ଏପରି ଏକ ଅଘଟଣ ପରେ ସାରା ଗାଁ ସ୍ତବ୍ଧ ହୋଇଯାଇଛି। ଗାଁ ଓ ଆଖପାଖ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। କାରଣ ଦୁର୍ଘଟଣାକୁ ୪୮ ଘଣ୍ଟା ଘଣ୍ଟା ପୂରିଯାଇଥିଲେ ମଧ୍ୟ ଅଦ୍ୟାବଧି ସିକ୍କିମର ତିସ୍ତା ନଦୀଗର୍ଭରୁ ନିଖୋଜମାନଙ୍କ ପତ୍ତା ମିଳିପାରିନାହିଁ। ତେବେ ଯଥାଶୀଘ୍ର ସେମାନଙ୍କୁ ଉଦ୍ଧାର କରିବା ପାଇଁ ଇତିଶ୍ରୀଙ୍କ ପରିବାର ଓ ଆତ୍ମୀୟସ୍ୱଜନ ସରକାରଙ୍କୁ ନିବେଦନ କରିଛନ୍ତି। ସେପଟେ ଘଟଣାସ୍ଥଳରେ ବର୍ଷା ହେଉଥିବାରୁ ଏକ ପ୍ରତିକୂଳ ପାଗ ସ୍ଥାନୀୟ ଉଦ୍ଧାରକାରୀ ➢ପୃଷ୍ଠା-୬



## କାନ ଡେରିଆ

ଯାତରା ପାର୍ଟିର ମାଲିକଟା ପରା
ନାମ ତାର ନାଲୁ ନାଣ୍ଡୁ
ହାରାଷ କରୁଛି ମହିଳାମାନଙ୍କୁ
କେତେ ହାରାମି ସେ ଗାଣ୍ଡୁ
ବୟସ ଦେଖୁନି ପାଣ୍ଡୁ...
ମଲା ବୟସରେ ନାଲୁଆମୀ କଲେ
ଗଡେଇ ଦେବେ ତୋ ପେଣ୍ଡୁ।

■ ଦେବାଶିଷ

# ସରକାରଙ୍କୁ ଅଡୁଆ କୁହାଳିଆ ମନ୍ତ୍ରୀ



- ମୁହଁରେ ରହୁନି ବାଡ଼ବତା
- ବିରୋଧୀଙ୍କୁ ଦେଉଛନ୍ତି ମଉକା

**ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ):** ବର୍ଷପୂର୍ତ୍ତି ଅବସରରେ ଲୋକଙ୍କ ଆଗରେ ନିଜର ସଫଳତା ବଖାଣିବା ସହିତ ନୂଆ ନୂଆ ଯୋଜନା ଭେଟି ଦେବାକୁ ସରକାର ପୂର୍ଣ୍ଣ ପ୍ରସ୍ତୁତି ଚଳାଇଥିବା ବେଳେ କିଛି ମନ୍ତ୍ରୀଙ୍କ ବେପରୁଆ ମନ୍ତବ୍ୟ ଏବେ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କଲାଣି। ଏଥିରେ ବ୍ରେକ୍ ନ ଲାଗିଲେ ଖାଲି ଯେ ବିରୋଧୀଙ୍କ ମଉକା ମିଳିବ ତାହା ନୁହେଁ, ସରକାର ବି ଅକଳରେ ପଡ଼ିଯିବେ ବୋଲି ଶାସକଦଳର କର୍ମୀମାନେ କହିଲେଣି।

ଓଡ଼ିଶାକୁ ଏକ ନମ୍ବର କରିବାକୁ ମୁଖ୍ୟମନ୍ତ୍ରୀ ମୋହନଙ୍କ ଟିମ୍ ଲାଗି ପଡ଼ିଥିବା ବେଳେ ଏବେ ଜଣେ ମନ୍ତ୍ରୀ ଓଡ଼ିଶାକୁ ୫ ନମ୍ବର କରିବାକୁ ପଡ଼ିବ ବୋଲି କହିଛନ୍ତି। ଏଭଳି ଲଗାମଛଡ଼ା ମନ୍ତବ୍ୟ ବିରୋଧୀ ସାଇବର ସେଲ୍‌କୁ ବେଶ୍ ସୁହାଇଛି। ସେହିଭଳି ଆଉ ଜଣେ ମନ୍ତ୍ରୀ ପୁରୀ ମଠ ସଂକ୍ରାନ୍ତରେ ବିଚିତ୍ର ମନ୍ତବ୍ୟ ଦେଇଛନ୍ତି। ସବୁ ମଠ ଗୋଟିଏ ସ୍ଥାନରେ ରହିବ ବୋଲି କହିବା ପରେ ତାହା ବିବାଦ ଭିତରକୁ ଠେଲି ହୋଇଯାଇଛି। ଏଭଳି ମନ୍ତବ୍ୟ ଅତ୍ୟନ୍ତ ମାରାତ୍ମକ ବୋଲି ତାଙ୍କରି ଦଳର କର୍ମୀମାନେ ମତ ଦେଉଛନ୍ତି।

ରାଜ୍ୟରେ ପାନୀୟ ଜଳ ସ୍ଥିତିକୁ ନେଇ ମନ୍ତ୍ରୀଙ୍କ ବୟାନ ହେଉଛି ଏହାର ସ୍ଥିତି ଭଲ ନାହିଁ। ଗଣମାଧ୍ୟମର ପ୍ରଶ୍ନରେ ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ବିରୋଧୀଙ୍କ ହାତରେ ଅସ୍ତ୍ର ଧରାଇଦେଲା ଭଳି ହୋଇଛି। ସରକାରକୁ ବର୍ଷେ ପୂରିବାକୁ ଯାଉଥିବା ବେଳେ ଏଭଳି ମନ୍ତବ୍ୟ ଆଦୌ ଉଚିତ୍ ନୁହେଁ ବୋଲି ବିଭାଗୀୟ ଅଧିକାରୀମାନେ କହୁଛନ୍ତି। ସେହିଭଳି ଓଡ଼ିଶାକୁ ଆଳୁ ଯୋଗାଣ କ୍ଷେତ୍ରରେ ବିଭାଗୀୟ ➢ପୃଷ୍ଠା-୬

SANCHAR ସଂଚାର

# ସଲାରୋକୁ ସଂଯୋଗ କରୁଥିବା ରାସ୍ତା ବିପର୍ଯ୍ୟସ୍ତ

## ୬ ମାସ ବିତିଯାଇଥିଲେ ମଧ ଠିକାଦାରଙ୍କ ଦେଖା ମିଳୁନାହିଁ



**ଡେରାବିଶ,୩୧।୫ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ସଲାରୋ ମଠ ଛକ ନିକଟରୁ ସଲାରୋ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡିଛି। ଏକ କି.ମି ରାସ୍ତାରେ ଏକାଧିକ ଗାଡ଼ ସୃଷ୍ଟି ହେବାରୁ ଅଞ୍ଚଳବାସୀ ହିନସ୍ତା ହେଉଛନ୍ତି। ଏହି ରାସ୍ତାର ପୁନଃନିର୍ମାଣ ପାଇଁ ଦୁଇବର୍ଷ ତଳେ ଅଞ୍ଚଳବାସୀ ଦାବି କରିଥିବା ବେଳେ ରାସ୍ତାର ଗୁରୁତ୍ୱ ଦୃଷ୍ଟିରୁ ପଞ୍ଚାୟତ ସମିତି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଏହି ରାସ୍ତା ହସ୍ତାନ୍ତର କରିଥିଲା। ପ୍ରାୟ ଏକ ବର୍ଷ ହେବ ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇ ଜଣେ ଠିକାଦାରଙ୍କ ସହିତ ଚୁକ୍ତିନାମା କରାଯାଇଥିଲା। ମାତ୍ର ଦୀର୍ଘ ଦିନ ବ୍ୟବଧାନ ପରେ ଠିକାଦାର ଏକ ଜେସିବି ଦ୍ୱାରା ରାସ୍ତା କଡ ସଫା କରି ବସି ରହିଛନ୍ତି। ଇତିମଧ୍ୟରେ ଛଅ ମାସ ବିତିଯାଇଥିଲେ ମଧ ଠିକାଦାରଙ୍କ ଦେଖା ମିଳୁନାହିଁ କି ରାସ୍ତା କାମ ଆରମ୍ଭ ହୋଇ ପାରିନାହିଁ ।

ଲଗାଣ ବର୍ଷାରେ ଚାରିଦିନ ଭିତରେ ତିନିଜଣ ବାଇକ ଆରୋହୀ ଏହି ଦୁର୍ଘଟଣାରେ ସମ୍ମୁଖୀନ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ରାସ୍ତା ଉପରେ ଖମୋଳ ପଞ୍ଚାୟତର ବଡସଲାରୋ ଗ୍ରାମ ସମେତ ଡାଳିଜୀ, କୋଶିଦା, କରିମୂଳ, ଅନନ୍ତପୁର ସମେତ ଆଖପାଖ ବହୁ ଗ୍ରାମର ଅଧିବାସୀ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ମାତ୍ର ରାସ୍ତା ଅବସ୍ଥା ସୁଧୁରୁ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଟେଣ୍ଡର ଓ ଚୁକ୍ତିନାମାକୁ ବର୍ଷେ ପୂରି ଥିଲେ ମଧ ରାସ୍ତାକାମ ଆରମ୍ଭ ନ ହେବା ଓ ବିଭାଗୀୟ ଅଧିକାରୀ ଏ ସମ୍ପର୍କରେ କ'ଣ ପଦକ୍ଷେପ ନେଉଛନ୍ତି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ସାହୁଙ୍କୁ ପଚାରିବାରୁ ରାସ୍ତାକାମ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି କହିଛନ୍ତି।

# ବିପର୍ଯ୍ୟସ୍ତ ନଳକୂପ ସଜାଡ଼ିଲା ବିଭାଗ




## ● 'ସଂଚାର'କୁ ଧନ୍ୟବାଦ ଜଣାଇଲେ ଅଞ୍ଚଳବାସୀ

**ମହାକାଳପଡ଼ା,୩୧।୫ (ସଂଚାର ବ୍ୟୁରୋ):** ବିପର୍ଯ୍ୟସ୍ତ ନଳକୂପର ମରାମତି ଦାବି ଘଟଣା ଗତକାଲି ଦୈନିକ ଖବରକାଗଜ ସଂଚାରରେ ପ୍ରକାଶିତ ହେବା ପରେ ଆଜି ବିଭାଗ ତରଫରୁ ତତ୍ପରତା ଦେଖିବାକୁ ମିଳିଛି। ବିପର୍ଯ୍ୟସ୍ତ ନଳକୂପକୁ ସମ୍ପୂର୍ଣ୍ଣ ଭାବରେ ନୂତନ କରି ମରାମତି କରାଯାଇଛି।

ମହାକାଳପଡ଼ା ବ୍ଲକ ବରକନ୍ଧା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଯୁବ ଜ୍ୟୋତି ଆଞ୍ଚଳିକ ଶିକ୍ଷା ନିକେତନ, ବରକନ୍ଧା ସାମ୍ନାରେ ଏହି ନଳକୂପ ବିପର୍ଯ୍ୟସ୍ତ ଭାବରେ ରହିଥିଲା। ନଳକୂପର ଶରୀର କଳଙ୍କି ଲାଗି ସମ୍ପୂର୍ଣ୍ଣ ଭାବରେ ବିପର୍ଯ୍ୟସ୍ତ ହୋଇପଡିଥିଲା। କଳଙ୍କିରେ ନଳକୂପର ପାଣି ମୁହଁ ପାଇପ ମଧ ନଷ୍ଟ ହୋଇ ଯାଇଥିବା ଦେଖିବାକୁ ମିଳିଥିଲା। ନିକଟରେ ପଞ୍ଚାୟତ କାର୍ଯ୍ୟାଳୟ, ମିଶନ ଶକ୍ତି ଗୃହ, ମନ୍ଦିର ଆଦି ରହିଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ପଞ୍ଚାୟତବାସୀ ବିଭିନ୍ନ କାମରେ ଏହି ନଳକୂପକୁ ବ୍ୟବହାର କରୁଥିଲେ। ହେଲେ ଏହି ବିପର୍ଯ୍ୟସ୍ତ ଓ କଳଙ୍କି ଲଗା ନଳକୂପ ବ୍ୟବହାର କରିବା ଦ୍ୱାରା ଛାତ୍ରଛାତ୍ରୀ ଓ ଅଞ୍ଚଳବାସୀଙ୍କ ମନରେ ଭୟର ବାତାବରଣ ଦେଖାଦେଇଥିଲା। ତୁରନ୍ତ ପ୍ରଶାସନ ତରଫରୁ ଏହି ନଳକୂପକୁ ନୂତନ ଭାବରେ ମରାମତି କରିବାକୁ ଅଞ୍ଚଳବାସୀ ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ତରଫରୁ ଦାବି ହୋଇଥିଲା।

ମହାକାଳପଡ଼ା ୟୁଥ୍ ଗ୍ରୁପ୍ ତରଫରୁ ବିଭୂତି ରାଉତ ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ। ଦୈନିକ ଖବରକାଗଜ ସଂଚାରରେ ଖବର ପ୍ରକାଶ ଓ ମହାକାଳପଡ଼ା ୟୁଥ୍ ଗ୍ରୁପର ପ୍ରୟାସ ପାଇଁ ଦୀର୍ଘଦିନ ଧରି ଅବହେଳିତ ହୋଇ ପଡି ରହିଥିବା ନଳକୂପକୁ ଆଜି ବିଭାଗ ତରଫରୁ ନବୀକରଣ କରାଯାଇଛି। କଳଙ୍କି ଲଗା ଲୁହା ଶରୀରକୁ ବଦଳା ଯାଇଛି। ଏନେଇ ଅଞ୍ଚଳବାସୀଙ୍କ ତରଫରୁ ଦୈନିକ ଖବରକାଗଜ ସଂଚାର ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍ କୁ ଧନ୍ୟବାଦ ଜଣାଇଛନ୍ତି।

# ପେଣ୍ଠ ବାତ୍ୟା ଆଶ୍ରୟସ୍ଥଳୀରୁ ଚୋରି ଅଭିଯୋଗ

**ରାଜନଗର,୩୧।୫ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ହାତିନା ପଞ୍ଚାୟତ ପେଣ୍ଠ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର କବାଟ ଭାଙ୍ଗି ଦୁର୍ବୃତ୍ତ ବିଭିନ୍ନ ସାମଗ୍ରୀ ଲୁଟି ନେଇଥିବା ରାଜନଗର ଥାନାରେ ଅଭିଯୋଗ ହୋଇଛି। ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ଘନଶ୍ୟାମ ବଳ ଓ କମିଟି ସଦସ୍ୟ କରିଥିବା ଅଭିଯୋଗ ମୁତାବକ ଚଳିତ ମାସ ୨୯ ତାରିଖ ରାତିରେ ବାତ୍ୟା ଆଶ୍ରୟସ୍ଥଳୀର କବାଟ ଭାଙ୍ଗି ଏଠାରେ ଥିବା ବିଭିନ୍ନ ସାମଗ୍ରୀ ଲୁଟି ନେଇଛନ୍ତି। ଏକଥା ଜାଣିବା ପରେ ହାତିନା ସରପଞ୍ଚ ସମୀର ସେଠୀଙ୍କ ଉପସ୍ଥିତିରେ କମିଟି ସଦସ୍ୟମାନେ ଚୋରି କରିଥିବା ୭ ଜଣଙ୍କୁ ପଚାରିବାରୁ ସେମାନେ ପାଲଟା କମିଟି ସଦସ୍ୟ ମାନଙ୍କୁ ଧମକ ଦେଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି।



# ଧୂମଧାମରେ ଶେଷ ହେଲା ଶିବ ପାର୍ବତୀଙ୍କ ବିବାହ ଉତ୍ସବ

**ମାର୍ଶାଘାଇ,୩୧।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଦଶିପୁର ପଞ୍ଚାୟତ ଅନ୍ତର୍ଗତ ଦଶିପୁର ଗ୍ରାମର ଉମା ମହେଶ୍ୱର ଶୈବପୀଠରେ ମନ୍ଦିରର ନିତିକାନ୍ତି ଅନୁସାରେ ପାଳନ ହୋଇଯାଇଛି ଶିବ ବିବାହ। ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ମା ପାର୍ବତୀ ଓ ଶିବ ଶଙ୍କର ଙ୍କ ବିବାହ ଉତ୍ସବ ପାଳନ କରାଯାଇଥାଏ। କିଛି ଭକ୍ତ ପ୍ରଭୁ ଶିବ ଶଙ୍କର ଙ୍କ ପିତା, ମାତା ହୋଇ ଉଭୟଙ୍କ ବିବାହ କାର୍ଯ୍ୟ ସମାପନ କରନ୍ତି। ସାଧାରଣ ବିବାହ ପରି ପାରମ୍ପରିକ ରିତି ନିତି ରେ ଧୂମଧାମରେ ପାଳନ କରାଯାଏ।ଶିବ ପୁରାଣ ଅନୁସାରେ ବ୍ରହ୍ମାଙ୍କ ଠାରୁ ତପସ୍ୟା କରି ଦକ୍ଷ ପ୍ରଜାପତି ମାତା ସତିଙ୍କୁ ପୁତ୍ରି ରୂପେ ପ୍ରାପ୍ତ ହୁଅନ୍ତି।ସତି ବିବାହ ବୟସ ହେବା ପରେ ପିତାଙ୍କ ଅନିଚ୍ଛାରେ ସତ୍ୟ ଶ୍ମଶାନ ଚାରି ଶିବଙ୍କୁ ବିବାହ କରନ୍ତି। ଏଥିରେ କ୍ଷୁବ୍ଧ ହୋଇ ଦକ୍ଷ ପ୍ରଜାପତି ଝିଅ ଜ୍ୱାଇଁ ଙ୍କୁ ଆମନ୍ତ୍ରଣ କରନ୍ତି ନାହିଁ। ଦେବ ଦମ୍ପତିଙ୍କ ଏହି ମିଳନ କୁ ଶିବ ରୁଦ୍ର ଓ ପାର୍ବତୀ ଶାନ୍ତିର ବାର୍ତ୍ତା ବହନ କରନ୍ତି। ଗ୍ରୀଷ୍ମ ଋତୁ ପୃଥିବୀ ପୃଷ୍ଠରୁ ବିଦାୟ ନେଉଥାଏ। ବର୍ଷା ଋତୁର ଆଗମନ ସମୟରେ ଶିବ ପାର୍ବତୀ ଙ୍କ ବିବାହ କୁ ଶୀତଳ ଷଷ୍ଠୀ କୁହାଯାଏ। ଆଜି ଦଶିପୁର ଉମା ମହେଶ୍ୱର ଶୈବପୀଠରେ ଶିବଙ୍କ ପିତା ଭାବେ ଅମରେନ୍ଦ୍ର ସ୍ୱାଇଁ ଓ ପାର୍ବତୀ ଙ୍କ ପିତା ଭାବେ ବିଭୂତି ଚୈଧୁରୀ ଏହି ଦେବ ଦମ୍ପତିଙ୍କ ବିବାହ କରନ୍ତି। ଏଥିରେ ପୂଜକ ଗଗନ ଦାଶ, ବିବାହ କାର୍ଯ୍ୟ ସଂପନ୍ନ କରିଥିଲେ। ଏହି ବିବାହ ଉତ୍ସବ ଗ୍ରାମର ଗ୍ରାମବାସୀମାନଙ୍କ ସହଯୋଗ ରେ ସଫଳ ହୋଇପାରିଛି।

# ଘର ଉପରେ ବଜ୍ରପାତ; ଘର ଫାଟିଲା, ଶିଶୁ ସମେତ ୩ ଆହତ

**ରାଜନଗର,୩୧।୫ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କୃଷ୍ଣନଗର ପଞ୍ଚାୟତ ବାଘୁଆ ଗାଁରେ ବଜ୍ରପାତରେ କୋଠା ଘରର ଛାତ ଫାଟିଥିବା ବେଳେ ଘରେ ଥିବା ୩ ମାସର ଶିଶୁ ସମେତ ୩ ଜଣ ଆହତ ହୋଇଛନ୍ତି। ସୂଚନା ମୁତାବକ ଆଜି ଦିନପ୍ରାୟ ୪ ଘଟିକା ସମୟରେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ବାଘୁଆ ଗାଁର ମଣ୍ଟୁ କୁମାର ଦାସଙ୍କ କୋଠା ଘର ଉପରେ ବଜ୍ରପାତ ପଡ଼ିଥିଲା। କୋଠା ଘରର ଛାତ ଫାଟିବା ସହିତ କାନ୍ଥ ମଧ ଫାଟି ଯାଇଛି। ଘର ନିକଟରେ ଥିବା ନଡ଼ିଆ ଗଛ ଜଳି ଯିବା ସହ ଚିରି ହୋଇ ଯାଇଛି। ଘର ଭିତରେ ଥିବା ମଣ୍ଟୁ ଦାସଙ୍କ ୩ମାସର ନାତୁଣୀ ଲକ୍ଷ୍ମୀ ଚେତା ହରାଇଥିବା ବେଳେ ତାଙ୍କ ସ୍ତ୍ରୀ କାମିନୀ ବାଳା ଦାସ ୪୩ ବର୍ଷ, ବୋହୂ ଝିଲି ଦାସ ୨୪ ବର୍ଷ ବେହୋସ ହୋଇ ପଡ଼ିଥିଲେ। ବଜ୍ରପାତ ଘର ଉପରେ ପଡ଼ିବାର ପ୍ରଚଣ୍ଡ ଶବ୍ଦରେ ବେହୋସ ହୋଇ ପଡ଼ିଥିଲେ। ଶାଶୁ, ବୋହୂ ଘରେ ସୁସ୍ତ ହୋଇଥିବା ବେଳେ ୩ ମାସର ଶିଶୁ ଚିକିତ୍ସା ପରେ ସୁସ୍ଥ ଥିବା ଜଣାପଡ଼ିଛି।

# ମୂଳବସନ୍ତ ଓ ଗଣ୍ଡକୂଳରେ ବିକଶିତ କୃଷି ସଂକଳ୍ପ ଅଭିଯାନ




**ପଟ୍ଟାମୁଣ୍ଡାଇ,୩୧।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ମୂଳବସନ୍ତ ପଂଚାୟତ ଠାରେ ରାଜ୍ୟ ସରକାରଙ୍କ ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ସନ୍ତୋଷ ସେଠୀଙ୍କ ପୌରହିତ୍ୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଭୁବନେଶ୍ୱର କୃଷି ବୈଜ୍ଞାନିକ ଡ଼ ଲକ୍ଷ୍ମୀପ୍ରିୟା ସାହୁ, ଜଟ୍ଟାଙ୍ଗ କୃଷି ବିଜ୍ଞାନକେନ୍ଦ୍ର କୃଷି ବିଶେଷଜ୍ଞ ଡ଼ ତାପସ ରଞ୍ଜନ ସାହୁ ଓ ଡ଼ ନମିତା ମହାପାତ୍ର, ପଟ୍ଟାମୁଣ୍ଡାଇ ବ୍ଲକ କୃଷି ଅଧିକାରୀ ଶରତ ଚନ୍ଦ୍ର ନାୟକ ଓ ସହକାରୀ କୃଷି ଅଧିକାରୀ ସ୍ୱପ୍ନା ସୋନାଲି ପ୍ରଧାନ, ମହାକାଳପଡ଼ା ଉଦ୍ୟାନ କୃଷି ଅଧିକାରୀ ସୌରଭ ମହାପାତ୍ର,ବଡ଼ମୂଳବସନ୍ତ ସମିତି ସଭ୍ୟା ସ୍ମୃତିମୟୀ ମଲିକ, ସମବାୟ ସମିତି ସଭାପତି ସଞ୍ଜୟ ଲେଙ୍କା, ଯୁବନେତା ସଂଗ୍ରାମ କେଶରୀ ସ୍ୱାଇଁ, ସୁବ୍ରତ କୁମାର ସ୍ୱାଇଁ ପ୍ରମୁଖ ସମ୍ମାନିତଅତିଥି ଭାବେ ଯୋଗ ଦେଇ କୃଷି ଓ କୃଷକର କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ନୂତନ ପରିକଳ୍ପନା ବିକଶିତ କୃଷି ସଂକଳ୍ପ ଅଭିଯାନ ଓ ଆଧୁନିକ ଜ୍ଞାନ କୌଶଳ ମାଧ୍ୟମରେ କୃଷିର ଉନ୍ନତି ଉପରେ ଆଲୋକପାତ କରିଥିଲେ । ଏଥିରେ ବଡ଼ମୂଳବସନ୍ତ ପଂଚାୟତ ର ସମସ୍ତ ଏମ ବି କେ, ମହିଳା ମହାସଂଘ, ସି ଆର ପି, ଇ ସି ମେମ୍ବର ଓ କୃଷକମାନେ ଯୋଗ ଦେଇଥିଲେ । ସେହିପରି ଡିହାପଡା ପଂଚାୟତ ଗଣ୍ଡକୁଳ ଠାରେ ମଧ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୃଷି ବୈଜ୍ଞାନିକ,କୃଷି ବିଶେଷଜ୍ଞ,କୃଷି ଅଧିକାରୀ, ଡିହାପଡା ସରପଞ୍ଚ ଶତ୍ରୁଘ୍ନ ମଲିକ ସମିତି ସଭ୍ୟା ରେଣୁକା ସେଠୀ ପ୍ରମୁଖ ସମ୍ମାନିତଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିକଶିତ କୃଷି ସଂକଳ୍ପ ଅଭିଯାନ ଉପରେ ଆଲୋକପାତ କରିଥିଲେ ।

# ବିଷାକ୍ତ ନିଶା ଦ୍ରବ୍ୟ ବିରୋଧରେ ସଚେତନତା କାର୍ଯ୍ୟକ୍ରମ




**କେନ୍ଦ୍ରାପଡା,୩୧।୫ (ସଂଚାର ବ୍ୟୁରୋ):** ନିଶା ଦ୍ରବ୍ୟ ସେବନର ଅପକାରିତା ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ଏକ ସଚେତନତା ଅଭିଯାନ (ଆମ ସଂକଳ୍ପ) ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ଅଭିଯାନ ସଂପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଭାସୀ ମାଧ୍ୟମରେ ଉଦ୍‌ବୋଧନ ଦେବା ସହ ଅଭିଯାନ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅବକାରୀ ମନ୍ତ୍ରୀ, ସଚିବ ଏବଂ ଉପରିସ୍ଥ ଅଧିକାରୀ ମାନଙ୍କ ବାର୍ତ୍ତା ପ୍ରସାରଣ କରାଯାଇ ଥିଲା। ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ଅଭିଯାନରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ, ଉପ ଜିଲ୍ଲପାଳ ଅରୁଣ କୁମାର ନାୟକ, ଅବକାରୀ ଅଧିକ୍ଷକ ବିପ୍ର ମଣ୍ଡଳ, ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ ନାୟକ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନ୍ଦ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଡିଏସଡବ୍ଲୁଓ ମନୋରମା ସ୍ୱାଇଁ, ଡିଏସଓ ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ନିଶା ଦ୍ରବ୍ୟ ଓ ବିଷାକ୍ତ ନିଶା ଦ୍ରବ୍ୟ କିଭଳି ଯୁବ ସମାଜକୁ ପଥଭ୍ରଷ୍ଟ କରିବା ସହ ଭବିଷ୍ୟତ କୁ ଧ୍ୱଂସ କରୁଛି ସେ ସଂପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇ ଏକ ସୁସ୍ଥ ସମାଜ ଗଠନ ଦିଗରେ ସମସ୍ତେ ପ୍ରୟାସ କରିବା ଉଚିତ୍ ବୋଲି ଆହ୍ୱାନଦେଇଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ ଖୁଣ୍ଟ

## ସ୍ଥାନାନ୍ତରିତ ପାଇଁ ଅଭିଯୋଗ କଲେ ଶୁଣୁନାହାନ୍ତି ଅଧିକାରୀ

**ମହାକାଳପଡ଼ା,୩୧।୫ (ସଂଚାର ବ୍ୟୁରୋ):** ଘର ଆଗରେ ବିପଦପୂର୍ଣ୍ଣ ଭାବେ ଅନେଇ ହୋଇ ରହିଛି ବିଦ୍ୟୁତ ଖୁଣ୍ଟ। ଘର ସାମ୍ନାରୁ ଅନ୍ୟତ୍ର ସ୍ଥାନାନ୍ତରଣ ପାଇଁ ବିଦ୍ୟୁତ କାର୍ଯ୍ୟାଳୟରେ ଅଭିଯୋଗ କରିବା ସତ୍ତ୍ୱେ ମଧ ଅଧିକାରୀ କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି। ସୂଚନା ମୁତାବକ ବିଜୟନଗର ପଞ୍ଚାୟତର ମମତା ପ୍ରତିହାରୀଙ୍କ ବିଜୟନଗର ଠାରୁ ମାଳିଆଈ ରାସ୍ତାରେ ଏକ ପକ୍କାଘର ରହିଛି। ତାଙ୍କ ଘର ଆଗରେ ଯେଉଁ ବିଦ୍ୟୁତ ଖୁଣ୍ଟଟି ରହିଛି ତାହା ଘର ଆଡ଼କୁ ବିପଦପୂର୍ଣ୍ଣ ଭାବେ ଢଳିକି ରହିଛି। ଏନେଇ ମମତା ବାବର ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି। ହେଲେ ଆଜି କାଲି କହି ଅଧିକାରୀ ଦିନ ଗଡାଉଥିବା ମମତା ଅଭିଯୋଗ କରିଛନ୍ତି।



# କେନାଲ ପାଲଟିଛି ଡମ୍ପିଂୟାର୍ଡ



**ଡେରାବିଶ,୩୧।୫ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକର ସର୍ବପୁରାତନ ଓ ବୃହତ ବ୍ୟବସାୟ ପେଣ୍ଠସ୍ଥଳ ଚାନ୍ଦୋଳ ବଜାର ଓ ହାଟର ବର୍ଜ୍ୟବସ୍ତୁରେ ପୋତି ହୋଇପଡ଼ିଲାଣି କେନ୍ଦ୍ରାପଡ଼ା କେନାଲର ୧୨ ନଂ ଶାଖାନାଳ ଓ ୨୦ ନଂ ଡ୍ରେନେଜ କଟ୍। ୨୦ ନଂ ଡ୍ରେନେଜ୍‌କଟ୍ ଓ କେନ୍ଦ୍ରାପଡ଼ା କେନାଲ୍‌ର ୧୨ ନଂ ଶାଖା ନାଳକୁ ଚାନ୍ଦୋଳ ନିକଟରେ ଅତିକ୍ରମ କରିଥିବା କଟକ-ଚାନ୍ଦବାଲି ରାଜରାସ୍ତା କଡ଼ରେ ଗଢ଼ି ଉଠିଛି ଚାନ୍ଦୋଳ ଓ ବଜାର। ଏହି ହାଟ ଓ ବଜାରରେ ଥିବା ବିଭିନ୍ନ ଦୋକାନମାନଙ୍କରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଲୋକମାନେ ସିଧାସଳଖ ଭାବେ କେନାଲ୍ ଓ ଡ୍ରେନେଜକଟ୍‌ରେ ପକାଉଛନ୍ତି। ଏହି ବର୍ଜ୍ୟବସ୍ତୁ ଜମି ରହି ଯେ କେବଳ ଜଳ ପ୍ରବାହକୁ ଅବରୋଧ କରୁଛି ନୁହେଁ, ଏଥିସହିତ କେନାଲର ତଳ ମୁଣ୍ଡଯାଏ ଜଳ ଓ ପରିବେଶକୁ ପ୍ରଦୂଷିତ କରୁଛି। ଏଥିସହିତ ପ୍ରତି ବର୍ଷ ଜଳସେଚନ ବିଭାଗ ଏହାକୁ ସଫେଇ କରିବା ପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ମଧ କରୁଛି। ତେଣୁ ଏହି ବର୍ଜ୍ୟବସ୍ତୁକୁ କେନାଲରେ ନପକାଇ ଏହାକୁ ସଠିକ୍ ଢ଼ଙ୍ଗରେ ପରିଚାଳନା କରିବା ପାଇଁ ପରିବେଶବିତ୍‌ମାନେ ଦାବି କରିଛନ୍ତି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ନିଶ୍ଚିନ୍ତକୋଇଲି,୩୧।୫ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ପଞ୍ଚାୟତ ପିଠାପଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀରା ପଟ୍ଟନାୟକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶନିବାର ପୂର୍ବାହ୍ନରେ ବଡମ୍ବା ବ୍ଲକର ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷ୍ୟାଧିକାରୀ ଲକ୍ଷ୍ମଣ କୁମାର ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ କଟରପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ରାକେଶ କୁମାର ସାମଲ, ସମ୍ମାନିତ ଅତିଥିଭାବେ ପ୍ରାଥମିକ ଶିକ୍ଷକ ସଙ୍ଘର ସଭାପତି ସାରଦା ପ୍ରସନ୍ନ ଆଚାର୍ଯ୍ୟ, ସହକାରୀ ଶିକ୍ଷକ ଲକ୍ଷ୍ମୀଧର ଶୁକ୍ଳା ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୀରା ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା, ଛାତ୍ର ବତ୍ସଳତା ଉପରେ ବିସ୍ତୃତ ଆଲୋଚନା କରି ପୁଷ୍ପଗୁଚ୍ଛ ମାନପତ୍ର ଓ ଉତ୍ତରୀୟ ଦେଇ ବିଦାୟ କାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରାରମ୍ଭରେ ସାଙ୍ଗିଲୋ ବିଦ୍ୟାଳୟର ପ୍ରଦାନ ଶିକ୍ଷକ ଅଶୋକ ଗୋଛାୟତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା କାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।





# ଗାନ୍ଧିଜୀଙ୍କ କେନ୍ଦ୍ରାପଡ଼ା ଆଗମନର ସ୍ମରଣ ଦିବସ ପାଳିତ

**କେନ୍ଦ୍ରାପଡ଼ା,୩୧।୫ (ସଂଚାର ବ୍ୟୁରୋ):** ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରସିଦ୍ଧ ହରିଜନ ପଦଯାତ୍ରା କାଳରେ କେନ୍ଦ୍ରାପଡ଼ାରେ ୧୯୩୪ ମସିହା ମେ ମାସ ୨୭ ରୁ ୩୦ତାରିଖ ଯାଏ ୪ ଦିନ କଟାଇଥିଲେ।, ଯାହା କେନ୍ଦ୍ରାପଡ଼ା ଅଞ୍ଚଳର ପୁରପଲ୍ଲୀରେ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପ୍ରଚାର ପ୍ରସାର କରିବାରେ ସହାୟକ ହୋଇଥିଲା ବୋଲି ସେ ଅବସ୍ଥାନ କରିଥିବା ଗରାପୁର ଡାକବଙ୍ଗଳା ଛକରେ ପ୍ରତିଷ୍ଠିତ ଗାନ୍ଧିଜୀଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ପୂର୍ବରୁ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ତିନିମୁହାଣୀ ସ୍ଥିତ ଗାନ୍ଧୀ ପଦଯାତ୍ରା ସ୍ମୃତି ପୀଠରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଗଠନର ସଭାପତି ପ୍ରାଧାପକ ନନ୍ଦକିଶୋର ପରିଡ଼ା, ସଂପାଦକ ଆଦିକନ୍ଦ ରାଉଳ, କୋଷାଧକ୍ଷ ମୁକ୍ତାର ଖାଁଙ୍କ ସମେତ ଅଧାପକ ଅଜୟ ସାମଲ, ଶୁଭାଂଶୁ କୁମାର ଦାସ, ପ୍ରଦୀପ ଦାଶ, ସମାଜସେବୀ ପ୍ରଦୀପ୍ତ ମହାନ୍ତି, ମହେନ୍ଦ୍ର ପଟ୍ଟନାୟକ, ପଣ୍ଡିତ ପ୍ରତାପ ପତି, ରାଜକିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ହୋଟେଲ ଓ ଫାଷ୍ଟଫୁଡ୍ ଦୋକାନରେ ବିକ୍ରି ହେଉଛି ବାସୀ ଖାଦ୍ୟ

# କାର୍ଯ୍ୟାନୁଷ୍ଠାନ କେବେ ?



**ସାଲେପୁର,୩୧।୫ (ସଂଚାର ବ୍ୟୁରୋ):** ସାଲେପୁର ଅଞ୍ଚଳରେ ଛତୁ ଫୁଟିଲା ଭଳି ହୋଟେଲ, ଫାଷ୍ଟଫୁଡ୍ ଓ ଜଳଖିଆ ଦୋକାନ ଖୋଲି ଚାଲିଥିଲାବେଳେ ଅଧିକାଂଶ ସ୍ଥାନରେ ଅପମିଶ୍ରିତ ଖାଦ୍ୟ ଖାଉଟୀମାନଙ୍କୁ ଦିଆଯାଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଫୁଡ୍ ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ହୋଟେଲ ଓ ଫାଷ୍ଟଫୁଡ୍ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଖୁଲମ୍‌ଖୁଲା ଅପମିଶ୍ରିତ ଖାଦ୍ୟ ବିକ୍ରୟ କରୁଛନ୍ତି।

ପ୍ରକାଶ ଯେ ସାଲେପୁର ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଅଟେ। ଏହି ଅଞ୍ଚଳରେ ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ବ୍ୟାଙ୍କ୍ ଆଦି ରହିଅଛି। ତେଣୁ ସାଲେପୁର ଅଞ୍ଚଳକୁ ବାହାର ଅଞ୍ଚଳର ବହୁ ବ୍ୟକ୍ତି, ଛାତ୍ରଛାତ୍ରୀ ଆସିଥାନ୍ତି। ସେମାନଙ୍କ ମଧ୍ୟରୁ ବହୁ ବ୍ୟକ୍ତି ସାଲେପୁର ଅଞ୍ଚଳରେ ଥିବା ବିଭିନ୍ନ ହୋଟେଲ ଏବଂ ଜଳଖିଆ ଦୋକାନରେ ଭୋଜନ କରିଥାନ୍ତି। କିନ୍ତୁ ଦୁଃଖର ବିଷୟ ସାଲେପୁରର କିଛି ହୋଟେଲରେ ଅପମିଶ୍ରିତ ଓ ନିମ୍ନମାନର ଖାଦ୍ୟ ଗ୍ରାହକମାନଙ୍କୁ ଦିଆଯାଉଛି। ବହୁ ହୋଟେଲରେ ୩/୪ଦିନର ବାସୀ ଖାଦ୍ୟକୁ ଡିପ୍ ଫ୍ରିଜରରେ ରଖି ଖାଲି ଗରମ କରି ଖାଉଟୀମାନଙ୍କୁ ଏହି ଖାଦ୍ୟ ପ୍ରଦାନ କରାଯାଉଥିବାବେଳେ ଖାଦ୍ୟ ପ୍ରସ୍ତୁତ ହେଉଥିବା ତେଲ, ମସଲା ଓ ବହୁ ଆବଶ୍ୟକୀୟ ସାମଗ୍ରୀ ଅତ୍ୟନ୍ତ ନିମ୍ନମାନର ବ୍ୟବହାର କରାଯାଉଛି। ଫଳରେ ଏହି ସବୁ ଖାଦ୍ୟ ଖାଇ ବହୁ ବ୍ୟକ୍ତି ପେଟ ରୋଗ ସମେତ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି।



ସାଲେପୁର ଅଞ୍ଚଳରେ କେତେକ ବ୍ୟବସାୟୀ ହୋଟେଲ କରି ନିୟମିତ ଅପମିଶ୍ରିତ ଖାଦ୍ୟ ଖାଉଟୀମାନଙ୍କୁ ଖାଇବାକୁ ଦେଉଥିଲେ ହେଁ ଖାଦ୍ୟ ନିରାପତ୍ତା ବିଭାଗ ଏ ଦିଗରେ ଦୃଷ୍ଟି ଦେଉନଥିବା ସାଧାରଣରେ ଅଭିଯୋଗ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ଏହି ଅଞ୍ଚଳରେ ନିମ୍ନମାନର ଓ ଅପମିଶ୍ରିତ ବାସୀ ଖାଦ୍ୟ ବିକ୍ରୟ କରୁଥିବା ପ୍ରତିଷ୍ଠାନ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହୋଇଛି।

# ବଉଳକଣି ପଞ୍ଚାୟତରେ ଅର୍ଥ ତୋଷାରପାତ ଭିଜିଲାନ୍ସ ତଦନ୍ତ ଦାବି




**କେନ୍ଦ୍ରାପଡ଼ା,୩୧।୫ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ବଉଳକଣି ପଂଚାୟତରେ ଦୁର୍ନୀତିର ପେଡ଼ି ଧୀରେ ଧୀରେ ପଦାକୁ ଆସୁଛି । ବଉଳକଣି ପଞ୍ଚାୟତରେ ୨୦୧୭ରୁ ୨୦୨୧ ଆର୍ଥିକ ବର୍ଷରେ ବ୍ୟାପକ ଆର୍ଥିକ ଅନିୟମିତତା ଅଭିଯୋଗ ଆଣିଛନ୍ତି ସମାଜସେବୀ ତଥା ସୂଚନା ଅଧିକାର କର୍ମୀ ହରେକୃଷ୍ଣ ପାତ୍ର । ଗତ ୨୦୨୧ ମସିହାରେ ହରେକୃଷ୍ଣ ପାତ୍ର ସୂଚନା ଅଧିକାର ଆଇନ ଅନୁଯାୟୀ ବଉଳକଣି ପଞ୍ଚାୟତର ୨୦୧୭ ରୁ ୨୦୨୧ ଆର୍ଥିକ ବର୍ଷର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମସ୍ତ ବିବରଣୀ ପ୍ରଦାନ ନିମନ୍ତେ ଆବେଦନ କରିଥିଲେ। ଗତ ୨୩ ଅପ୍ରିଲ ୨୦୨୫ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଉପସ୍ଥିତ ରହି ମହାକାଳପଡ଼ା ବିଡ଼ିଓ ଯେଉଁ ତଥ୍ୟ ପ୍ରଦାନ କରିଥିଲେ ତାହା ସମସ୍ତଙ୍କୁ ଚକିତ କରିଛି । ପଞ୍ଚାୟତରୁ ସରକାରୀ ତଥ୍ୟ ଗାଏବ ନେଇ ସୂଚନା ମିଳିବା ପରେ ସମ୍ପୃକ୍ତ ତତ୍କାଳୀନ ସରପଞ୍ଚ ସୁଜାତା ସାମଲ ଓ ସରକାରୀ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ କରି, ଦୃଢ଼ କାର୍ଯ୍ୟନୁଷ୍ଠାନ ନିମନ୍ତେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକଙ୍କ ନିକଟରେ ଶ୍ରୀ ପାତ୍ର ଅଭିଯୋଗ କରି ତଦନ୍ତ ପାଇଁ ଦାବି କରିଛନ୍ତି ।



ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁ।

# ଲୋକକଳା, ଲୋକବାଦ୍ୟ ଓ ଲୋକନୃତ୍ୟ ମହାସଙ୍ଗମ ଶୀତଳଷଷ୍ଠୀ

**ସମ୍ବଲପୁର,୩୧।୫(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁରରେ ବିଭିନ୍ନ ମନ୍ଦିରରେ ଶୀତଳ ଷଷ୍ଠୀ ଯାତ୍ରାରେ ସାମିଲ ସହ ସମ୍ବଲପୁରର ସୌନ୍ଦର୍ଯ୍ୟ ସକାଶେ ସୌନ୍ଦର୍ଯ୍ୟକରଣ ଓ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଆଜି 'ଶୀତଳ ଷଷ୍ଠୀ'ର ପବିତ୍ର ଅବସରରେ ସମ୍ବଲପୁର ଚାରବାଟି ନିକଟରେ ହେରିଟେଜ୍ ଲାଇଟ୍ ସହ ଗୋଲବଜାର ଛକ ଓ ଶକ୍ତି ଛକର ସୌନ୍ଦର୍ଯ୍ୟକରଣ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥାର ଲୋକାର୍ପଣ କରିଛନ୍ତି। ସେହିପରି ସମ୍ବଲପୁରରେ ଲକ୍ଷ୍ମୀ ଟକିଜ ଛକର ସୌନ୍ଦର୍ଯ୍ୟକରଣ, ଲକ୍ଷ୍ମୀ ଟକିଜ୍ ଛକ ଫ୍ଲାଏଓଭରରେ ଡିଏମଏକ୍ସ ଆଲୋକୀକରଣର ସୁବିଧା, ବଡ଼ବଜାରଠାରେ ଗୌରୀଶଙ୍କର ସାହାଣୀ ଉଦ୍ୟାନରେ ଜିମ୍ ଓ ପାର୍କର ନବୀକରଣ କାର୍ଯ୍ୟ ଆଦିର ମଧ୍ୟ ଶୁଭାରମ୍ଭ କରିଥିଲେ। ଜମନକିରା ସ୍ଥିତ ମୁକ୍ତେଶ୍ୱର ମନ୍ଦିରରେ ଏକ ନୂତନ କଲ୍ୟାଣ ମଣ୍ଡପର ଶିଳାନ୍ୟାସ ମଧ୍ୟ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କରିଥିଲେ।



ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ 'ଶୀତଳଷଷ୍ଠୀ' ହେଉଛି ଲୋକକଳା, ଲୋକବାଦ୍ୟ, ଲୋକନୃତ୍ୟ ଏବଂ ଲୋକଗୀତର ମହାସଙ୍ଗମ। ଆଜିର ଶୁଭ ଅବସରରେ ସମ୍ବଲପୁର ସହରକୁ ସୁନ୍ଦର ଓ ଆଧୁନିକ କରିବା ଦିଗରେ ଅନେକ ପଦକ୍ଷେପର ଶୁଭାରମ୍ଭ ହୋଇଛି । ଏହି ସବୁ ସୁବିଧା କଳା ଓ ସଂସ୍କୃତିର ସହର ସମ୍ବଲପୁରକୁ ଅଧିକ ସୁନ୍ଦର କରିବା ସହ ସାଧାରଣ ଜନତାଙ୍କ ଯାତାୟତ, ଗମନାଗମନ ଓ ଜୀବନଶୈଳୀକୁ ସୁଗମ କରିବ। ସେହିପରି ମୁକ୍ତେଶ୍ୱର ମନ୍ଦିରରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୫୩ ଲକ୍ଷ ୫୫ ହଜାର ଟଙ୍କା ବିନିମୟରେ ନିର୍ମିତ ଏହି କଲ୍ୟାଣ ମଣ୍ଡପ ଅଞ୍ଚଳର ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ବେଶ୍ ସହାୟକ ହେବ ବୋଲି କହିଥିଲେ।

## ବିଳମ୍ବରେ ଆସୁଥିବା ୧୮ କର୍ମଚାରୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ




**କଟକ,୩୧।୫ (ସଂଚାର ବ୍ୟୁରୋ) :** ଅଫିସକୁ ଡେରିରେ ଆସୁଛନ୍ତି କି ? ତାହାଲେ ହୁସିଆର ହୋଇ ଯାଆନ୍ତୁ । ଅଫିସରେ ଡେରିରେ ପହଁଚିଲେ ହୋଇ ପାରେ ଦରମା ବନ୍ଦ । ବିଳମ୍ବରେ ଅଫିସ ଆସୁଥିବା କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ୧୮ଜଣ କର୍ମଚାରୀଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି କଟକ ଉନ୍ନୟନ କର୍ତ୍ତୃପକ୍ଷ ( ସିଡିଏ )ର ସଚିବ ଶ୍ୱେତ କୁମାର ଦାଶ । ବାରମ୍ବାର ତାଗିଦ୍ ସତ୍ତ୍ୱେ କିଛି କର୍ମଚାରୀ ଅଫିସ୍ କୁ ଠିକ୍ ସମୟରେ ଆସୁ ନଥିଲେ । କଟକ ଉନ୍ନୟନ କର୍ତ୍ତୃପକ୍ଷର ବହୁ କର୍ମଚାରୀ ନିର୍ଦ୍ଧାରିତ ସମୟରେ କାର୍ଯ୍ୟାଳୟକୁ ଆସୁନଥିବାରୁ ସାଧାରଣ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଜନସାଧାରଣ କୌଣସି କାର୍ଯ୍ୟ ଲାଗି ଦିନ ୧୦ଟାରେ ସିଡିଏ କାର୍ଯ୍ୟାଳୟରେ ପହଞ୍ଚିଲା ବେଳକୁ କର୍ମଚାରୀଙ୍କ ଦେଖା ମିଳୁ ନଥଲା । ଏପରିକି ଦିନ ୧୨ଟା ପର୍ଯ୍ୟନ୍ତ ବି ବହୁ କର୍ମଚାରୀ ଆସୁଥିବାରୁ ବରିଷ୍ଠ ନାଗରିକଙ୍କ ସମେତ ଅନେକ ବ୍ୟକ୍ତି କାର୍ଯ୍ୟାଳୟରୁ ନିରାଶ ହୋଇ ଫେରୁଥିଲେ । କଟକ ଉନ୍ନୟନ କର୍ତ୍ତୃପକ୍ଷ ( ସିଡିଏ )ର ସଚିବ ଶ୍ୱେତେ କୁମାର ଦାଶ କାର୍ଯ୍ୟରେ ଯୋଗଦେବା ପରେ ତାଙ୍କୁ ଏନେଇ ଅନେକ ଲୋକ ଅଭିଯୋଗ କରିଥିଲେ । ଫଳରେ ନିର୍ଦ୍ଧାରିତ ସମୟରେ ଅଫିସ ଆସିବା ପାଇଁ ପ୍ରଥମେ କର୍ମଚାରୀମାନଙ୍କୁ ତାଗିଦ କରାଯାଇଥିଲା। ବାରମ୍ବାର ତାଗିଦ୍ ସତ୍ତ୍ୱେ କର୍ମଚାରୀମାନେ ଠିକ୍ ସମୟରେ ଅଫିସ ଆସିଲେ ନାହିଁ । କାର୍ଯ୍ୟରେ ଅବହେଳା କରିଥିବା ଏହି କର୍ମଚାରୀମାନଙ୍କ ଦରମା ବନ୍ଦ ପାଇଁ ସଚିବ ତୁରନ୍ତ ନିର୍ଦ୍ଦେଶ ଦେଇଥିଲେ । ଆଗକୁ ଯଦି କର୍ମଚାରୀମାନେ ନିର୍ଦ୍ଧାରିତ ସମୟରେ ଅଫିସ ନଆସନ୍ତି ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଚିବ ସତର୍କ କରାଇଛନ୍ତି ।



## ଲିଙ୍ଗରାଜ ମନ୍ଦିରରେ ବିଭ୍ରାଟ | ମହାସ୍ନାନ ପରେ ନୀତିକାନ୍ତି ସ୍ୱାଭାବିକ

**ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ):** ସ୍ୱାଭାବିକ ହୋଇଛି ଶ୍ରୀଲିଙ୍ଗରାଜ ମନ୍ଦିରର ନୀତିକାନ୍ତି। ପ୍ରଶାସନର ହସ୍ତକ୍ଷେପ ପରେ ନୀତିକାନ୍ତି ସ୍ୱାଭାବିକ ହୋଇଛି। ମହାସ୍ନାନ ପରେ ପୁଣି ଆରମ୍ଭ ହୋଇଛି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି। ସାହାଣମେଲା ଦର୍ଶନ କରାଇଥିବା ପୂର୍ବରୁ ସାହାଣମେଲା ଦର୍ଶନ ନେଇ ବିଭ୍ରାଟ ହୋଇଥିବା ବେଳେ ଏନେଇ ବଡୁ ସେବାୟତଙ୍କୁ ପଚରାଉଚରା କରାଯିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ବଡୁ ସେବାୟତ ବିନା ମଙ୍ଗଳ ଆଳତିରେ ସାହାଣମେଲା ଦର୍ଶନ କରାଇଥିବାରୁ ଏହାକୁ ନେଇ ବିଭ୍ରାଟ ସୃଷ୍ଟି ହୋଇଥିଲା। ଫଳସ୍ୱରୂପ ମନ୍ଦିରରେ ପ୍ରଭୁଙ୍କ ନୀତିକାନ୍ତି ବନ୍ଦ ରହିଥିଲା। ତେବେ ମନ୍ଦିରରେ ବାରମ୍ବାର ବିଭ୍ରାଟ ସୃଷ୍ଟି ହେଉଥିବାରୁ ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛଇ।

● କାନ୍ଥ କଣା କରି କଳାକନା ବୁଲାଇଲେ ଲୁଟେରା |

## ଥାନା ନାକତଳୁ ୮୦ ଲକ୍ଷର ମୋବାଇଲ୍ ଚୋରି

**ଭଦ୍ରକ,୩୧।୫(ସଂଚାର ବ୍ୟୁରୋ):** କାନ୍ଥ କଣା କରି ଦୋକାନରୁ ଲୁଟିନେଲେ ୮୦ ଲକ୍ଷ ଟଙ୍କା ମୂଲ୍ୟର ମୋବାଇଲ୍। ଗତକାଲି ରାତିରେ ଏଠାରେ ଏକ ମୋବାଇଲ୍ ଦୋକାନର କାନ୍ଥ କଣା କରି ଲୁଟେରାମାନେ ପ୍ରାୟ ୪ ଶହ ମୋବାଇଲ୍ ନେଇ ପଳାଇଛନ୍ତି। ଏଭଳି ବଡ ଧରଣର ଲୁଟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବଜାରରେ। ଭଣ୍ଡାରିପୋଖରୀ ଥାନାଠାରୁ ମାତ୍ର ୨ଶହ ମିଟର ଦୂରରେ ଥିବା ମା' ତାରିଣୀ ମୋବାଇଲ ପଏଣ୍ଟ ଦୋକାନରୁ ହୋଇଛି ଏହି ଲୁଟ୍। ଏନେଇ ସ୍ଥାନୀୟ ଥାନାରେ



ଅଭିଯୋଗ ହେବା ପରେ ପୁଲିସ୍ ତନାଘନା ଆରମ୍ଭ କରିଛି। ମିଳିଥିବା ସୂଚନାନୁସାରେ, ମୋବାଇଲ୍ ଚୋରି କରିବା ପରେ ଲୁଟେରାମାନେ ଡାଟା କେବୁଲ ଓ ମୋବାଇଲ ଖୋଳ ଆଦି ଦୋକାନ ପଛରେ ଫିଙ୍ଗି ଚାଲିଯାଇଥିବା ଦେଖିବାକୁ ମିଳିଛି। ଏଥିସହ ଦୋକାନରେ ଥିବା ସିସିଟିଭିର ଗୋଟିଏ ହାର୍ଡ ଡିସ୍କ ବି ସେମାନେ ନେଇଯାଇଥିବା ଦୋକାନୀ ସୂଚନା ଦେଇଛନ୍ତି। ପୁଲିସ ଘଟଣାର ଖୋଳତାଡ଼ ଚଳାଇଥିବା ବେଳେ ଡଗ୍ ସ୍କ୍ୱାଡ୍ ବିଲ ମଝିରୁ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଠାବ କରିଛି। ପୁଲିସ୍ ତାକୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଲୁଟ୍‌ର ଶିକାର ହୋଇଥିବା ଦୋକାନୀ ଜଣଙ୍କ କହିଛନ୍ତି ଯେ ଦୋକାନରେ ପ୍ରାୟ ୪୫୦ଟି ମୋବାଇଲ ଥିଲା। ଏଥିରେ ଦାମୀ ଆଇଫୋନ ମଧ୍ୟ ସାମିଲ୍। ତେବେ ଦୋକାନରୁ ଚୋରି ହୋଇଥିବା ନେଇ ପାଖ ଦୋକାନୀ ତାଙ୍କୁ ଖବର ଦେବା ପରେ ସେ ଏନେଇ ଜାଣି ପୁଲିସ୍‌କୁ ଅବଗତ କରାଇଥିଲେ। ପୂର୍ବରୁ ମଧ୍ୟ ଅନେକ ଥର ଏଠାରୁ ଚୋରି ହୋଇଛି। କିନ୍ତୁ ଉକ୍ତ କୌଣସି ଗୋଟିଏ ଚୋରି ଘଟଣାର ବି ପୁଲିସ୍ ପର୍ଦ୍ଦାଫାସ୍ କରିପାରିନାହିଁ ବୋଲି ଦୋକାନୀ ଜଣଙ୍କ କହିଛନ୍ତି। ତେବେ ରାସ୍ତାରେ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଲୁଟେରାମାନେ ପଛପଟେ ଚୋରି କରି ପୁଲିସ୍‌ଠାରୁ ଅଧିକ ଚାଲାକ୍ ବୋଲି ପ୍ରମାଣିତ କରିଛନ୍ତି। ଏପରି ସ୍ଥିତିରେ ପୁଲିସ୍ ପାଟ୍ରୋଲିଂ ବ୍ୟବସ୍ଥାକୁ ଆହୁରି ଅଧିକ କଡ଼ାକଡ଼ି କରିବା ସକାଶେ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀମାନେ ଦାବି କରିଛନ୍ତି।

## ଆତ୍ମସମର୍ପଣ କଲେ ୧୭ ହାର୍ଡକୋର ମାଓବାଦୀ



**ମାଲକାନଗିରି, ୩୧।୫ (ସଂଚାର ବ୍ୟୁରୋ):** ଆତ୍ମସମର୍ପଣ କଲେ ୧୭ ହାର୍ଡକୋର ମାଓବାଦୀ । ତେଲଙ୍ଗାନାର ଭଦ୍ରାଦ୍ରୀ କଥାଗୁଡ଼େମ ଜିଲ୍ଲା ଏସପିଙ୍କ ନିକଟରେ ଆତ୍ମସମର୍ପଣ କଲେ ୧୭ ମାଓବାଦୀ । ଏମାନଙ୍କ ମଧ୍ୟରେ ଦୁଇ ଜଣ ଏସିଏମ୍ କ୍ୟାଡର, ୪ଜଣ ପାର୍ଟି ମେମ୍ବର ଅଛନ୍ତି । ନିଜର ଅସ୍ତ୍ରଶସ୍ତ୍ର ସହ ଏସପିଙ୍କ ଆଗରେ ସରେଣ୍ଡର କରିଛନ୍ତି। ସରକାରଙ୍କ ଆତ୍ମସମର୍ପଣ ନୀତିରେ ଆକର୍ଷିତ ହୋଇ ଏମାନେ ସରେଣ୍ଡର କରିଛନ୍ତି । ଚଳିତ ବର୍ଷ ଏଯାଏ ୨୮୨ ହାର୍ଡକୋର ମାଓବାଦୀ ଭଦ୍ରାଦ୍ରୀ କଥାଗୁଡ଼େମ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ମାଓବାଦୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଭଦ୍ରାଦ୍ରୀ କଥାଗୁଡ଼େମ ଏସ୍‌ପି କହିଛନ୍ତି ।

## ୫ ମାସର ଝିଅକୁ ଛାଡ଼ି ଝୁଲିପଡ଼ିଲେ ମା'-ବାପା

**କେନ୍ଦୁଝର, ୩୧।୫ (ସଂଚାର ବ୍ୟୁରୋ) :** କେନ୍ଦୁଝର ସଦର ଥାନା ଅର୍ନ୍ତଗତ ପଦ୍ମପୁର ପଞ୍ଚାୟତ ଯୋଗୀମଠ ମୁଣ୍ଡା ସାହି ୟୁକାଲି ପଟାସ ଜଙ୍ଗଲରୁ ଶନିବାର ଦମ୍ପତିଙ୍କ ଝୁଲନ୍ତା ମୃତଦହ ଉଦ୍ଧାର ହୋଇଛି। ମୃତ ଦମ୍ପତି ହେଲେ ରଇବୁ ମୁଣ୍ଡା(୨୭) ସ୍ତ୍ରୀ ଗୌରୀ। ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିନାହିଁ। ଶୁକ୍ରବାର ଉଭୟଙ୍କ ମଧ୍ୟରେ କଳହ ହୋଇଥିଲା ବୋଲି ପଡ଼ୋଶୀଙ୍କ ଆଲୋଚନାରୁ ଜାଣିବାକୁ ମିଳିଛି। ତେବେ ଗତକାଲି ରାତିରେ ଦୁହେଁ ୫ ମାସର ଶିଶୁକନ୍ୟାକୁ ଛାଡି ଏକ ଶାଢ଼ି ଲଗାଇ ଝୁଲି ପଡ଼ିଥିଲେ। ଆଜି ସକାଳେ ଖବର ପାଇ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

## ବଜ୍ରପାତରେ ଜଳିଗଲେ ୩୦ ଛେଳି



**ଦିଗପହଣ୍ଡି, ୩୧।୫ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ଗ୍ରାମ କୁମ୍ଭାର ସାହିରେ ବଜ୍ରପାତ ଘଟି କେଶବ ଗୌଡ଼ଙ୍କ ଗୁହାଳ ଘର ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ କେଶବଙ୍କ ଗୁହାଳ ଘରେ ଥିବା ୩୦ଟି ଛେଳି ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ୨୫ଟି ଛେଳି ଅର୍ଦ୍ଧଦଗ୍ଧ ହୋଇଛନ୍ତି। ଶୁକ୍ରବାର ରାତି ପ୍ରାୟ ୧୨ଟାରେ ବର୍ଷା ସହ ବଜ୍ରପାତ ଘଟି ଗୁହାଳଟି ଜଳି ଯାଇଥିଲା। ଖବରପାଇ ପୋଡ଼ାମାରି ପଞ୍ଚାୟତ ସରପଞ୍ଚ ସନ୍ତୋଷ କୁମାର ବିଷୋୟୀ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରାଣୀ ଚିକିତ୍ସକ ଟିମ୍ ଗାଁରେ ପହଞ୍ଚି ଅଗ୍ନିକାଣ୍ଡରେ ଅର୍ଦ୍ଧଦଗ୍ଧ ଛେଳିଗୁଡ଼ିକର ଚିକିତ୍ସା କରି ଫେରିଛନ୍ତି। ଧାରକରଜ କରି ଛେଳି ବ୍ୟବସାୟ କରୁଥିବା କେଶବ ଘଟଣାପରେ ହତୋତ୍ସାହିତ ହୋଇପଡ଼ିଛନ୍ତି। ଗରିବ ଅସହାୟ କେଶବଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସରପଞ୍ଚ ଦାବି କରିଛନ୍ତି।

## ୯ରୁ ଆନ୍ଦୋଳନକୁ ଓହ୍ଲାଇବେ ବନ କର୍ମଚାରୀ



**ଭଞ୍ଜନଗର, ୩୧।୫ (ସଂଚାର ବ୍ୟୁରୋ) :** ଓଡ଼ିଶା ଅଣ ଗେଜେଟେଡ୍ ବନସେବା ସଂଘ ପକ୍ଷରୁ ୩ ଦଫା ଦାବି ନେଇ ଜୁନ୍ ୯ରେ ରାଜ୍ୟର ସମସ୍ତ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ। ତେଣୁ ଆଗାମୀ ଆନ୍ଦୋଳନ କିଭଳି ସଫଳ ହେବ ସେଥିପାଇଁ ରବିବାର ବ୍ରହ୍ମପୁର ସର୍କଲର ୧୧ଟି ବନଖଣ୍ଡର ଶତାଧିକ କର୍ମଚାରୀ ଭଞ୍ଜନଗରରେ ଏକ ବୈଠକରେ ଏକାଠି ହେବେ। ବୈଠକରେ ଆଗାମୀ ରଣନୀତି ଉପରେ ଆଲୋଚନା ହେବ ବୋଲି ସର୍କଲ ସଭାପତି ଅନୁପ କୁମାର ବିଷୋୟୀ ସୂଚନା ଦେଇଛନ୍ତି। ଏଥିସହ ଗତ ଶୁକ୍ରବାର ସର୍କଲ ପକ୍ଷରୁ ବ୍ରହ୍ମପୁର ଆଞ୍ଚଳିକ ବନ ସଂରକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ସର୍କଲ ସଭାପତି ଅନୁପ କୁମାର ବିଷୋୟୀ, ବରିଷ୍ଠ କର୍ମକର୍ତ୍ତା ଶରତ କୁମାର ମହାନ୍ତି, ସର୍କଲ ସମ୍ପାଦକ ଅମରେଶ କୁମାର ପଣ୍ଡା, ସହ ସମ୍ପାଦକ ପୁଷ୍ପାଞ୍ଜଳି ଜେନା, ଭଞ୍ଜନଗର ବନଖଣ୍ଡ ସଭାପତି ସନ୍ତୋଷ ପାତ୍ର, ସମ୍ପାଦକ ପ୍ରଦ୍ୟୁମ୍ନ ବିଷୋୟୀ, ଜିତେନ୍ଦ୍ର କୁମାର ସେଠୀ, ଅଭିମନ୍ୟୁ ମଳିକ, ସୁଶୀଲ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୨୪ ତାରିଖରେ ଢେଙ୍କାନାଳ ବନଖଣ୍ଡରେ କାର୍ଯ୍ୟରତ ଥିବା ବନରକ୍ଷୀ ପ୍ରହଲ୍ଲାଦ ପ୍ରଧାନଙ୍କୁ ଶିକାରୀମାନେ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣାକୁ ସଂଘ ପକ୍ଷରୁ ନିନ୍ଦା କରାଯିବା ସହ ଦୋଷୀ ବରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଏଥିସହ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ସହାୟତା ଦେବାକୁ ଦାବି କରାଯାଇଥିଲା। ବନ ବିଭାଗର ବିଭିନ୍ନ ଅବ୍ୟବସ୍ଥା ପ୍ରତିକାର ନିମନ୍ତେ ଫରେଷ୍ଟ କମିଶନ ଗଠନ କରିବାକୁ ଦାବି ହୋଇଥିଲା। ପୋଲିସ ଭଳି ବନ କର୍ମଚାରୀଙ୍କୁ ଦରମା ଏବଂ ବୀମା ସୁବିଧା ପ୍ରଦାନ କରିବାକୁ ଦାବି ହୋଇଥିଲା। ଏନେଇ ବନ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ସଂଘର କର୍ମକର୍ତ୍ତାମାନେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ସଂଘର ଦାବିକୁ ୮ ତାରିଖ ସୁଦ୍ଧା ପୂରଣ କରନ୍ତୁ। ନଚେତ୍ ସଂଘର କର୍ମକର୍ତ୍ତାମାନେ ୯ରେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବେ। ଜୁନ୍ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପିନ୍ଧି ଆନ୍ଦୋଳନ କରିବେ। ଏହି ସମୟରେ ବିପଦପୂର୍ଣ୍ଣ କାର୍ଯ୍ୟ କରିବେ ନାହିଁ। ୨୧ ତାରିଖ ସୁଦ୍ଧା ଦାବି ପୂରଣ ନହେଲେ ୨୨ ତାରିଖରୁ କର୍ମଚାରୀମାନେ ସମୂହ ଛୁଟିରେ ଯାଇ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ଆଜି ପାଇଥାନ୍ତେ ଫୁଲତୋଡ଼ା, ପଡ଼ିଲା ହାତକଡ଼ି

**ଭୁବନେଶ୍ୱର,୩୧।୫ (ସଂଚାର ବ୍ୟୁରୋ):** ଆୟ ବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ କୁବେର ଆର୍‌ଡବ୍ଲ୍ୟୁ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କୁ ଶନିବାର ଗିରଫ କରିଛି ଭିଜିଲାନ୍ସ। ଶୁକ୍ରବାର ତାଙ୍କ ଘରୁ ମିଳିଥିଲା ନଗଦ ୨.୫୬ କୋଟି ଟଙ୍କା ମିଳିଥିଲା।

ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ (ପ୍ଲାନ୍ ରୋଡ୍‌ସ) ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ନାଁରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଶୁକ୍ରବାର ବୈକୁଣ୍ଠନାଥଙ୍କ ଅନୁଗୋଳ, ଭୁବନେଶ୍ୱର ଓ ପିପିଲି(ପୁରୀ)ର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଥିଲା ଏସବୁ ସ୍ଥାନ ମଧ୍ୟରେ ଭୁବନେଶ୍ୱରସ୍ଥିତ ଅଫିସ ଚାମ୍ବର ଓ ଅନୁଗୋଳ ଜିଲା ଲୋକେଇପଶି ଗ୍ରାମସ୍ଥିତ ପୈତୃକଘର, ଶିକ୍ଷକପଡାସ୍ଥିତ ସମ୍ପର୍କୀୟଙ୍କ ଘର ଆଦି ରହିଛି। ଯାଞ୍ଚରୁ ବୈକୁଣ୍ଠ ୧୫ କୋଟିରୁ ଅଧିକ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠୁଳ କରିଥିବା ସୂଚନା ମିଳିଥିଲା। ତେବେ ଭିଜିଲାନ୍ସ ଟିମ୍‌କୁ ଦେଖି ବୈକୁଣ୍ଠ ଭୁବନେଶ୍ୱର ଡୁମୁଡୁମାସ୍ଥିତ ଫ୍ଲାଟ୍‌ର ଝରକା ବାଟେ ବିଡ଼ା ବିଡ଼ା ୫୦୦ ଟଙ୍କିଆ ନୋଟ୍ (କୋଟିଏରୁ ଉର୍ଦ୍ଧ୍ୱ) ଫିଙ୍ଗିଦେଇଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏଥିସହ ଯନ୍ତ୍ରୀ ଦାମୀ ହାତଘଡି ସଉକ ରଖିଥିଲେ ବୋଲି ଜଣାପଡିଛି।



ଭିଜିଲାନ୍ସ ସୂଚନା ଅନୁଯାୟୀ, ବୈକୁଣ୍ଠଙ୍କର ଅନୁଗୋଳ କରଡ଼ାଗଡ଼ିଆରେ ୩୨୦୦ ବର୍ଗଫୁଟରେ ଦୁଇ ମହଲା କୋଠା, ମାଟିଆ ସାହିରେ ୧୦୦୦ ବର୍ଗଫୁଟର ଆଉ ଏକ ଦୁଇ ମହଲା କୋଠା, ଭୁବନେଶ୍ୱର ଡୁମୁଡୁମାରେ ଥିବା ଏକ ଆପାର୍ଟମେଣ୍ଟରେ ଫ୍ଲାଟ୍ ଏବଂ ପିପିଲିରେ ଆଉ ଏକ ଫ୍ଲାଟ ରହିଛି। ଭୁବନେଶ୍ୱର ଓ ଅନୁଗୋଳ ଉପକଣ୍ଠରେ ୭ଟି ଉଚ୍ଚମୂଲ୍ୟ ପ୍ଲଟ୍ ଠାବ ହୋଇଛି। ଏଥିସହ ଘରୁ ମୋଟ ନଗଦ ୨ କୋଟି ୫୬ ଲକ୍ଷ ୨୯ ହଜାର ୨୯୯ ଟଙ୍କା ମିଳିଛି। ଏଥିରୁ କରଡ଼ାଗଡ଼ିଆ ବାସଭବନରେ ଏକ ଛୋଟ କାର୍ଟୁନରେ ଥିବା ୩୦ଲକ୍ଷ ଟଙ୍କା ସମେତ ୧ କୋଟି ୩୪ ଲକ୍ଷ ୩୪ ହଜାର ୨୯୯ ଟଙ୍କା ଏବଂ ଭୁବନେଶ୍ୱର ଡୁମୁଡୁମାସ୍ଥିତ ଫ୍ଲାଟ୍‌ରୁ ୧ କୋଟି ୨୧ ଲକ୍ଷ ୯୫ ହଜାର ରହିଛି। ସେହିପରି ୧୧୪୧.୫ ଗ୍ରାମର ସୁନା ଅଳଙ୍କାର ଓ ୧୫ଟି ଦାମୀ ହାତଘଡି ମିଳିଥିଲା। ଯନ୍ତ୍ରୀଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୧.୫ କୋଟି ରହିଥିବାବେଳେ ୧୫.୪୪ ଲକ୍ଷ ଟଙ୍କାର ଗୋଟିଏ କାର (ମାରୁତି ସ୍ୱିଫ୍ଟ), ଗୋଟିଏ ଦୁଇଚକିଆ ଯାନ ଏବଂ ଘରୋଇ ସାମଗ୍ରୀ ଠାବ ହୋଇଛି। ଅନୁଗୋଳ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଯାଞ୍ଚରେ ଭିଜିଲାନ୍ସର ୮ ଡିଏସ୍‌ପି, ୧୨ ଇନ୍ସପେକ୍ଟର, ୬ ଏଏସ୍‌ଆଇ ଏବଂ ଅନ୍ୟ ସହକର୍ମଚାରୀ ସାମିଲ ଥିଲେ। ବୈକୁଣ୍ଠ ୧୯୯୧ ସେପ୍ଟେମ୍ବର ୩୦ରେ ପଞ୍ଚାୟତିରାଜ ବିଭାଗରେ ଷ୍ଟାଇପେଣ୍ଡାରି ଇଞ୍ଜିନିୟର ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ସେତେବେଳେ ତାଙ୍କ ମାସିକ ଦରମା ଥିଲା ୨ହଜାର ଟଙ୍କା। ପରେ ସେ ବିଭିନ୍ନ ପଦବୀକୁ ପଦୋନ୍ନତି ପାଇଥିଲେ। ୨୦୨୩ ଜାନୁଆରୀରେ ବୈକୁଣ୍ଠ ଅତିରିକ୍ତ ମୁଖ୍ୟଯନ୍ତ୍ରୀକୁ ପଦୋନ୍ନତି ପାଇଥିବା ବେଳେ ୨୦୨୫ ଜାନୁଆରୀରୁ ସେ ମୁଖ୍ୟଯନ୍ତ୍ରୀ ଭାବେ କାମ କରୁଥିଲେ। ମେ ୩୧ ଶନିବାର ସେ ଅବସର ଗ୍ରହଣ କରିଥାନ୍ତେ। ହେଲେ ଏହା ପୂର୍ବରୁ ବୈକୁଣ୍ଠ ଭିଜିଲାନ୍ସ ଜାଲରେ ଫସିଗଲେ।

## ମାଡ଼ିଆସିଲା ସମୁଦ୍ର, ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ

**ଜଗତସିଂହପୁର, ୩୧।୫ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକର ଶିଆଳି ବେଳାଭୂମିରେ ସମୁଦ୍ର ତା'ର ଉଗ୍ର ରୂପ ଦେଖାଇଛି। ଶନିବାର ସମୁଦ୍ରର ଉଚ୍ଚ ଜୁଆର କୂଳ ଲଙ୍ଘି ପ୍ରାୟ ୨୦୦ ମିଟର ଅଞ୍ଚଳକୁ ବୁଡ଼ାଇ ଦେଇଛି। ଏହି ଘଟଣାରେ ବେଳାଭୂମି ନିକଟରେ ଥିବା ପାର୍କିଂସ୍ଥଳ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି। ଲଘୁଚାପ ପ୍ରଭାବରେ ସୃଷ୍ଟ ଉଚ୍ଚ ଜୁଆର ଏହି ପରିସ୍ଥିତିର ମୁଖ୍ୟ କାରଣ ବୋଲି ସ୍ଥାନୀୟ ପ୍ରଶାସନ ଓ ପାଣିପାଗ ବିଭାଗ ସୂଚନା ଦେଇଛି।

ଶିଆଳି ବେଳାଭୂମି ଜଗତସିଂହପୁରର ଏକ ଜନପ୍ରିୟ ପର୍ଯ୍ୟଟନ ସ୍ଥଳୀ ଭାବେ ପରିଚିତ। କିନ୍ତୁ ଶନିବାର ସମୁଦ୍ରର ଅଶାନ୍ତ ରୂପ ଯୋଗୁଁ ଏହି ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସମୁଦ୍ରର ଜଳସ୍ତର ଅଚାନକ ବୃଦ୍ଧି ପାଇବା ଯୋଗୁଁ ବେଳାଭୂମି ନିକଟରେ ଥିବା ପାର୍କିଂସ୍ଥଳ ସମେତ ଅନ୍ୟାନ୍ୟ ଅଞ୍ଚଳ ଜଳମଗ୍ନ ହୋଇଛି। ଏହି ଘଟଣା ଯୋଗୁଁ ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।



ପାଣିପାଗ ବିଭାଗ ପୂର୍ବରୁ ଜଗତସିଂହପୁର ସମେତ ଓଡ଼ିଶାର ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ଓ ଉଚ୍ଚ ଜୁଆରର ସମ୍ଭାବନା ନେଇ ସତର୍କ ସୂଚନା ଜାରି କରିଥିଲା। ଲଘୁଚାପ ଜନିତ ପାଗ ପରିବର୍ତ୍ତନ ଯୋଗୁଁ ସମୁଦ୍ର ଅଶାନ୍ତ ହୋଇ କୂଳ ଲଙ୍ଘିବାର ଆଶଙ୍କା ରହିଥିଲା। ଏହି ସତର୍କତା ଅନୁଯାୟୀ, ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି। ଏହି ଘଟଣା ପରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକଙ୍କୁ ବେଳାଭୂମି ଅଞ୍ଚଳରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ, ସମୁଦ୍ର କୂଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପାର୍କିଂସ୍ଥଳରେ ଥିବା ଯାନବାହାନଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ପ୍ରୟାସ ଜାରି ରହିଛି। ଏହି ଘଟଣା ଯୋଗୁଁ ଶିଆଳି ବେଳାଭୂମିର ପର୍ଯ୍ୟଟନ ବ୍ୟବସାୟ ଉପରେ ସାମୟିକ ପ୍ରଭାବ ପଡ଼ିପାରେ। ସ୍ଥାନୀୟ ବ୍ୟବସାୟୀ ଓ ମତ୍ସ୍ୟଜୀବୀମାନେ ଏହି ଅଶାନ୍ତ ପାଗ ଯୋଗୁଁ ଆଶଙ୍କା ମଧ୍ୟରେ ଅଛନ୍ତି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଆଗାମୀ କିଛି ଦିନ ମଧ୍ୟରେ ପାଗ ପରିସ୍ଥିତିରେ ଉନ୍ନତି ଆସିପାରେ, କିନ୍ତୁ ତା ପୂର୍ବରୁ ଉପକୂଳବର୍ତ୍ତୀ ଅଞ୍ଚଳରେ ସତର୍କତା ଜାରି ରହିଛି। ବିଶେଷଜ୍ଞମାନେ ଏହି ଘଟଣାକୁ ଜଳବାୟୁ ପରିବର୍ତ୍ତନ ଓ ସମୁଦ୍ର ଜଳସ୍ତର ବୃଦ୍ଧିର ଏକ ପରିଣାମ ଭାବେ ଦେଖୁଛନ୍ତି। ଲଘୁଚାପ ଓ ଘୂର୍ଣ୍ଣିଝଡ଼ ପରି ପାଗ ପରିବର୍ତ୍ତନ ଘଟଣା ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକୁ ଅଧିକ ଆଶଙ୍କାପୂର୍ଣ୍ଣ କରୁଛି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦାମାନେ ସରକାରଙ୍କ ଠାରୁ ଦୀର୍ଘମିଆଦୀ ସୁରକ୍ଷା ବ୍ୟବସ୍ଥା ଦାବି କରୁଛନ୍ତି।

# ବଢ଼ି ବଢ଼ି ଚାଲିଛି ମଦ ଓ ଅନ୍ୟ ନିଶା

**ଭୁବନେଶ୍ୱର,୩୧।୫:** କେବଳ ମଦ ନୁହେଁ, ଓଡିଶାରେ ଗୁଟ୍‌ଖା, ତମାଖୁ, ବ୍ରାଉନସୁଗାର, ଗଞ୍ଜେଇ ସମେତ ବିଭିନ୍ନ କିସମର ନିଶା କାରବାର ବଢି ଚାଲିଛି । ତମାଖୁ ବର୍ଜନ ଦିବସ ଓ ନିଶା ନିବାରଣ ଦିବସ ପାଳନ ପାଇଁ ସରକାରୀ ସ୍ତରରେ ପ୍ରତିବର୍ଷ ବ୍ୟାପକ ଅର୍ଥ ବ୍ୟୟ କରାଯାଉଥିଲେ ମଧ୍ୟ ନିଶା ପ୍ରସାର କମିବା ପରିବର୍ତ୍ତେ ବଢିବା ଏକ ଉଦବେଗଜନକ ସ୍ଥିତି ସୃଷ୍ଟି କରିଛି। ଗୋଟିଏ ପଟେ ଗୁଟ୍‌ଖା, ତମାକୁ ଆଦିର ବ୍ୟବହାର, ବିପ୍ଣନ, ପରିବହନ, ଉତ୍ପାଦନ ଉପରେ ପ୍ରାୟ ୧୨ବର୍ଷ ତଳୁ ରାଜ୍ୟ ସରକାର ନିଷେଧାଦେଶ ଜାରି କରିଥିଲେ ମଧ୍ୟ ଖୋଲାଖୋଲି ଭାବେ ହାଟ ବଜାରରେ ଏହି ସାମଗ୍ରୀ ଉପଲବ୍ଧ ହେଉଛି । ଏମିତିକି ସିଗାରେଟ ଭିତରେ ପୂରାଇ ଗଞ୍ଜେଇ, ବ୍ରାଉନସୁଗର ଆଦିର ମଧ୍ୟ କଳାବେପାର ଗାଁ ଗହଳରୁ ରାଜଧାନୀ ପର୍ଯ୍ୟନ୍ତ ଚାଲୁଛି।

ନିଶା ବିରୁଦ୍ଧରେ କାର୍ଯ୍ୟ କରୁଥିବା ବିଭିନ୍ନ ସାମାଜିକ ସଂଗଠନର ସ୍ୱେଚ୍ଛାସେବୀମାନେ ମତ ଦେଉଛନ୍ତି ଯେ ସରକାର ନୀତିଗତ ଭାବେ ସମ୍ପୂର୍ଣ୍ଣ ନିଶା ନିବାରଣକୁ ଆପଣେଇ ନିଶା ବ୍ୟବହାରକାରୀ ଓ ଏହାର ବେପାରୀ ତଥା ଉତ୍ପାଦନକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ହିଁ ନିଶା ନିବାରିତ ହୋଇପାରିବ ଓ ଏଥିଯୋଗୁଁ ସୃଷ୍ଟି ହେଉଥିବା ବହୁ ମାରାତ୍ମକ ରୋଗ ସହଜରେ ନିରାକରଣ କରାଯାଇ ପାରିବ। ବିଶେଷକରି ଓଡିଶାରେ ଗତ କିଛିବର୍ଷ ଭିତରେ ମଦ କାରବାର ହୁହୁ ହୋଇ ବଢୁଛି । ୨୦୦୦-୦୧ ବର୍ଷରେ ଓଡିଶାର



ଅବକାରୀ ରାଜସ୍ୱ ପରିମାଣ ୧୩୫କୋଟି ୩୫ଲକ୍ଷ ଟଙ୍କା ଥିବାବେଳେ ୨୦୨୪-୨୫ ବର୍ଷର ସଂଶୋଧିତ ବଜେଟ୍‌ରେ ଅବକାରୀ ରାଜସ୍ୱ ପରିମାଣ ୮୬୮୦ କୋଟି ଟଙ୍କା ଦର୍ଶାଯାଇଥିଲା। ୨୦୨୫-୨୬ର ବଜେଟ୍‌ରେ ଓଡିଶାର ଅବକାରୀ ରାଜସ୍ୱ ପରିମାଣ ୯୭୫୪ କୋଟି ଟଙ୍କା ଦର୍ଶାଯାଇଛି । ତେବେ ବିଭାଗୀୟ ଅଧିକାରୀମାନେ କହୁଛନ୍ତି ଯେ ଯେତିକି ପରିମାଣର ଅବକାରୀ ରାଜସ୍ୱ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ବାସ୍ତବରେ ତାହାଠାରୁ ଅଧିକ ରାଜସ୍ୱ ମିଳିବ । ବିଭିନ୍ନ ପ୍ରକାରର ଅବକାରୀ ଶୁଳ୍କ, ଭାଟ୍ ଓ ଅନ୍ୟାନ୍ୟ କରକୁ ମିଶାଇଲେ କେବଳ ମଦ ରୁ ଓଡିଶାର ବାର୍ଷିକ ଆୟ ପରିମାଣ ପାଖାପାଖି ୧୪ ହଜାର କୋଟି ଟଙ୍କା ହେବ ବୋଲି ଆଶଙ୍କା କରାଯାଉଛି ।

ସମ୍ବିଧାନର ଘୋଷିତ ପ୍ରତିଶ୍ରୁତିରେ ନିଶା ନିବାରଣ କଥା ରହିଛି। ୨୦୦୮ର ଅବକାରୀ ଆଇନ୍‌ରେ ବି ଓଡିଶା ସରକାର ନିଶା ନିବାରଣ କଥା ଉଲ୍ଲେଖ କରିଛନ୍ତି । ୧୯୫୬ ମସିହାରୁ ଓଡିଶା ନିଶା ନିବାରଣ ଆଇନ୍ ମଧ୍ୟ ରାଷ୍ଟ୍ରପତିଙ୍କ ସ୍ୱୀକୃତି କ୍ରମେ ପ୍ରଣିତ ହୋଇଛି। ଏସବୁ ସତ୍ତ୍ୱେ ପାନ, ବିଡି ଠାରୁ ମଦ ପର୍ଯ୍ୟନ୍ତ ନିଶା ନିବାରଣ ହେବା ପରିବର୍ତ୍ତେ ପ୍ରସାରଣ ଘଟି ଚାଲିଛି। ନିଶା ଯୋଗୁଁ ଆତ୍ମହତ୍ୟା, ଅପରାଧ, ନାରୀ ନିର୍ଯ୍ୟାତନା, ସଡକ ଦୁର୍ଘଟଣା ଆଦି ମଧ୍ୟ ବର୍ଷକୁ ବର୍ଷ ବଢୁଛି । ଏଥିଯୋଗୁଁ ପୁଲିସ୍ ଓ ଅବକାରୀ ପ୍ରଶାସନ ଉପରେ ଚାପ ବଢିବା ସଂଗେ ସଂଗେ ଆଇନ୍ ଅଦାଲତରେ ବି ମାମଲା ସଂଖ୍ୟା ବଢୁଛି ଏବଂ ଜେଲ୍‌ରେ ମଧ୍ୟ ବନ୍ଦୀଙ୍କ ସଂଖ୍ୟା ବର୍ଷକୁ ବର୍ଷ ବଢିବାରେ ଲାଗିଛି। ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ଆଜି ସାରା ରାଜ୍ୟରେ ଅନେକ କାର୍ଯ୍ୟକ୍ରମ ହୋଇଛି। ଏଥିପାଇଁ ବି ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇଛି । ସରକାର ମଧ୍ୟ କୋଟ୍‌ପା ଆଇନ୍ ପ୍ରଣୟନ କରିଛନ୍ତି। ସର୍ବସାଧାରଣ ସ୍ଥାନ ବିଶେଷକରି ସରକାରୀ ଦପ୍ତର ଓ ଶିକ୍ଷାନୁଷ୍ଠାନଗୁଡିକରେ ନିଶା ସେବନ କରାଯାଇପାରିବ ନାହିଁ ବୋଲି ଆଇନ୍‌ଗତ ବ୍ୟବହାର ରହିଛି। କିନ୍ତୁ ସଂଖ୍ୟାଧିକ ସରକାରୀ କର୍ମଚାରୀ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଶା ସେବନ କରୁଥିବାବେଳେ ସେମାନଙ୍କ ବିରୁଦ୍ଧରେ ସରକାରୀ କର୍ମଚାରୀ ଆଚରଣ ବିଧି ଆଧାରରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ । (ତଥ୍ୟ)

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ରବିବାର ୧ ଜୁନ ୨୦୨୫, ଭୁବନେଶ୍ୱର
Sunday 1 June 2025, Bhubaneswar

# ସତର୍କ ରହିବାର ସମୟ

ପ୍ରାୟ ୬ ବର୍ଷ ତଳେ ଚୀନର ଉହାନରୁ ସୃଷ୍ଟି ହୋଇଥିବା କରୋନା ଭାଇରସ ମାତ୍ର କିଛି ମାସ ମଧ୍ୟରେ ସାରା ବିଶ୍ୱକୁ ଗ୍ରାସ କରିଥିଲା। ଏହି ଭାଇରସର ସୃଷ୍ଟି ନେଇ ଏବେ ବି କିଛି ସ୍ପଷ୍ଟ ହୋଇନି। କୁହାଯାଏ ଯେ ଏହା ବାଦୁଡ଼ି ଶରୀରରୁ ବା ଅନ୍ୟ ଜଙ୍ଗଲୀ ଜନ୍ତୁଙ୍କ ଶରୀରରୁ ଆସିଛି। ଉହାନର ଏକ ବଜାରରେ ପ୍ରଥମେ ଏହି ଭାଇରସରେ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଂଇଥିଲା ଯେଉଁ ବଜାରରେ ଜଙ୍ଗଲୀ ଜନ୍ତୁଙ୍କ ମାଂସ ବିକ୍ରୀ ହୋଇଥାଏ। ଅନ୍ୟ କେତେକଙ୍କ ମତରେ ଉହାନସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଭାଇରୋଲୋଜି ଲ୍ୟାବରୁ ଉତ୍ପତ୍ତି ହୋଇଛି। ଏହି ଲ୍ୟାବରେ ଏଭଳି ଭାଇରସ ସମ୍ପର୍କରେ ଗବେଷଣା କରାଯାଇଥାଏ। ଅବଶ୍ୟ ଚୀନ ଏହାକୁ ଅସ୍ୱୀକାର କରି ଆସୁଛି, କିନ୍ତୁ ଏଭଳି ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। କରୋନା ଭାଇରସ ଦ୍ୱାରା ସୃଷ୍ଟ ରୋଗକୁ କୋଭିଡ-୧୯ କୁହାଗଲା। ବିଶ୍ୱର କୋଣ ଅନୁକୋଣରେ କୋଟି କୋଟି ଲୋକ ଏଥିରେ ଆକ୍ରାନ୍ତ ହେଲେ। ଏହି ରୋଗରେ ଏତେ ଲୋକଙ୍କ ଜୀବନ ଗଲା ଯେ, ଏହି ସଂଖ୍ୟା ୟୁରୋପର ଅନେକ ଦେଶର ମୋଟ ଜନସଂଖ୍ୟାଠାରୁ ଅଧିକ। ଭାରତରେ ମଧ୍ୟ ଲକ୍ଷ ଲକ୍ଷ ବ୍ୟକ୍ତି ଏଥିରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ। ଏବେ ବି ଆମ ଭିତରେ ଏହି ଭାଇରସ ବଞ୍ଚି ରହିଛି। କୋଭିଡ ବିରୋଧରେ ବିଶ୍ୱବାସୀଙ୍କ ଲଢ଼େଇ ଜାରି ରହିଛି। ଏବେ ଏହା ପୁଣି ନୂଆ ରୂପରେ ଡରାଇବା ଆରମ୍ଭ କଲାଣି। ଗତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ସତର୍କ କରାଇଥିଲା ଯେ, କରୋନା ମହାମାରୀ ଦୂର ହୋଇନି। ଏବେ ବି କରୋନା ଭାଇରସ ନୂଆ ରୂପ ନେଇ ଆକ୍ରମଣ କରିବାର ଆଶଙ୍କା ରହିଛି । ଏହା ଏବେ ସତ ହେଲା ଭଳି ଲାଗୁଛି। କରୋନା ଭାଇରସର ଦୁଇଟି ନୂଆ ଭାରିଆଣ୍ଟ ଏବେ କାୟା ବିସ୍ତାର କରୁଛି। ଏସିଆର ବିଭିନ୍ନ ଦେଶରେ ଏହା ସଂକ୍ରମଣ ବୃଦ୍ଧିର କାରଣ ହେବା ପରେ ଭାରତରେ ମଧ୍ୟ ଏହାର ସଂକ୍ରମଣ ହାର ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ମାତ୍ର ଦୁଇ ସପ୍ତାହରେ ଦେଶରେ ୨୭୧୦ ଜଣ କୋଭିଡ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୧୩ ଜଣ ପ୍ରାଣ ହରାଇଲେଣି। ଅବଶ୍ୟ ଯେଉଁମାନେ ପ୍ରାଣ ହରାଇଛନ୍ତି ସେମାନେ ଅନ୍ୟ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ଥିଲେ। ବିଶେଷଜ୍ଞମାନଙ୍କ ମତରେ ନୂଆ ଭାରିଆଣ୍ଟର ସଂକ୍ରମଣ କ୍ଷମତା ଅଧିକ। କିନ୍ତୁ ଏଥିରେ ମୃତ୍ୟୁ ହାର କମ ରହିବ। କିନ୍ତୁ ଅଧିକ ବ୍ୟକ୍ତି ସଂକ୍ରମିତ ହେବା ବି କିଛି କମ ଗୁରୁତର ଘଟଣା ନୁହେଁ। କାଲି କରୋନା ଭାଇରସର ମ୍ୟୁଟେସନ ହୋଇ ଆହୁରି ଅଧିକ ମାରାତ୍ମକ ଭାରିଆଣ୍ଟ ନବାହାରିବ ବୋଲି କିଏ କହିବ? ହୁ ପକ୍ଷରୁ କୁହାଯାଇଛି ଯେ, ଅନେକ ଦେଶ ଏବେ କୋଭିଡ ସଂକ୍ରମଣର ସ୍ଥିତି ଉପରେ ନଜର ରଖି ନାହାଁନ୍ତି ବା ରିପୋର୍ଟ ଦେଉ ନାହାଁନ୍ତି। ଅନେକ ଦେଶରେ ଏବେ ବହୁ କୋଭିଡ ସଂକ୍ରମିତ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେକ ପ୍ରାଣ ହରାଉଛନ୍ତି। ଆମେରିକା ରାଷ୍ଟ୍ରପତିଙ୍କ ପତ୍ନୀ ଏବଂ ସ୍ପେନ ରାଷ୍ଟ୍ରପତି କୋଭିଡ ସଂକ୍ରମିତ ହେବା ଏହାର ସଦ୍ୟତମ ଉଦାହରଣ। ତେଣୁ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବା ଏବଂ ଯେଉଁମାନେ ବୁଷ୍ଟର ଡୋଜ ନେଇ ନାହାଁନ୍ତି ସେମାନେ ତୁରନ୍ତ ଏହା ନେଇଯିବା ଲାଗି ହୁ ପକ୍ଷରୁ ପରାମର୍ଶ ଦିଆଯାଇଛି। ଭାରତରେ ଅନେକ କୋଭିଡ ଟିକାର ବୁଷ୍ଟର ଡୋଜ ନେଇ ନାହାଁନ୍ତି। ଏବେ ପ୍ରତ୍ୟେକ ନାଗରିକ ଏହି ବୁଷ୍ଟର ଡୋଜ ନେଇଯିବା ଜରୁରୀ। ସ୍ମରଣ କରାଯାଇପାରେ ଯେ, ୨୦୧୯ ଶେଷ ଭାଗରେ ଚୀନରେ ଏମିତି କରୋନା ଆରମ୍ଭ ହୋଇଥିଲା। ସେତେବେଳେ କେହି କଳ୍ପନା କରିନଥିଲେ ଯେ, ଏହା ସମଗ୍ର ବିଶ୍ୱରେ ହାହାକାର ରଚିଦେବ ବୋଲି। ଏହା ଏବେ ଅନ୍ୟ ରୋଗ ଭଳି ହୋଇଯାଇଛି। ଅନ୍ୟ ସାଧାରଣ ରୋଗରେ ମଧ୍ୟ ପ୍ରତିଦିନ କିଛି କିଛି ଲୋକ ଆକ୍ରାନ୍ତ ହେଉଛନ୍ତି। କରୋନା ଭାଇରସ ସଂକ୍ରମଣ ମଧ୍ୟ ସେହିପରି ସ୍ଥିତିକୁ ଆସିଯାଇଛି। ମୂଳରୁ ବୈଜ୍ଞାନିକମାନେ କହିଥିଲେ ଯେ, କରୋନା କେବେ ସମ୍ପୂର୍ଣ୍ଣ ମୂଳପୋଛ ହେବନି। ଏହା ସବୁ ଦିନ ପାଇଁ ରହିବ। କିନ୍ତୁ ପ୍ରତିଷେଧକ ବଳରେ ଏହାକୁ କେବଳ ନିୟନ୍ତ୍ରଣ କରାଯାଇପାରିବ। କୋଭିଡ ଟିକା ନେବା ପରେ ଏବଂ ଲୋକଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ପରେ ମହାମାରୀ ଏବେ ନିୟନ୍ତ୍ରିତ ହୋଇପାରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ମଧ୍ୟ ସ୍ୱୀକାର କରିଛି ଯେ, କୋଭିଡ ମହାମାରୀ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି ତେବେ ଗତ ଦୁଇ ବର୍ଷ ଭିତରେ ଏଥିରେ ଯେତେ ଜୀବନ ହାନୀ ହୋଇଛି ତାହା ଏକ ମହାଯୁଦ୍ଧରେ ବି ଦେଖିବାକୁ ମିଳେନି। ସରକାରୀ ହିସାବ ଅନୁଯାୟୀ କୋଭିଡରେ ବିଶ୍ୱରେ ୬୬ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଯାଇଛି। କିନ୍ତୁ ବାସ୍ତବରେ ମୃତ୍ୟୁ ସଂଖ୍ୟା ଏହାର ୫ଗୁଣ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ସବୁ ଦେଶ କରୋନା ଆକ୍ରାନ୍ତଙ୍କ ବାସ୍ତବ ସଂଖ୍ୟା ଲୁଚାଉଛନ୍ତି। ଏଥିରେ ଚୀନ ସର୍ବାଗ୍ରେ ରହିଛି। ଚୀନରେ ସବୁ ତଥ୍ୟ ସରକାର ସବୁ ବେଳେ ଲୁଚାଇଥାନ୍ତି। ଏହା ସେ ଦେଶର ନୀତି। ମୂଳରୁ କରୋନାର ଉତ୍ପତ୍ତି ଓ ସଂକ୍ରମଣ ନେଇ ଚୀନ ତଥ୍ୟ ଲୁଚାଇଥିଲା। ଫଳରେ ଏହା ମହାମାରୀ ରୂପ ନେଇ ସାରା ପୃଥିବୀକୁ ଗ୍ରାସ କଲା। ସମଗ୍ର ମାନବ ସମାଜ ଚୀନର ଏହି ତ୍ରୁଟି ପାଇଁ ଦଣ୍ଡ ଭୋଗିଲେ। ଏବେ ଯେତିକି ଲୋକ କରୋନା ଆକ୍ରାନ୍ତ ହୋଇଥିବା କୁହାଯାଉଛି, ବାସ୍ତବରେ ତାହାଠାରୁ ଢେର ଅଧିକ ବ୍ୟକ୍ତି ଆକ୍ରାନ୍ତ ହୋଇଛନ୍ତି। ଟେଷ୍ଟିଂ ହ୍ରାସ ପାଉଥିବାରୁ ବାସ୍ତବ ସଂଖ୍ୟା ଜଣାପଡ଼ୁନି। ସେହି ଅନୁଯାୟୀ ଅନେକ ପ୍ରାଣ ହରାଉଛନ୍ତି। ସବୁଠାରୁ ଉଦବେଗର ବିଷୟ ହେଲା ଯେଉଁମାନେ ପୂର୍ବରୁ କରୋନା ଟିକା ନେଇଛନ୍ତି ସେମାନେ ମଧ୍ୟ ଏଥିରେ ଆକ୍ରାନ୍ତ ହେଉଛନ୍ତି। ବିଶେଷଜ୍ଞମାନଙ୍କ କହିବା କଥା ହେଲା କରୋନାର କିଛି ନୂଆ ଭାରିଆଣ୍ଟ ଯୋଗୁ ଏବେ ଏଥିରେ ବହୁ ଲୋକ ଆକ୍ରାନ୍ତ ହେଉଛନ୍ତି। ସ୍ମରଣ କରାଯାଇପାରେ ଯେ, ୨୦୨୧ରେ କରୋନା ଭାଇରସର ଡେଲଟା ଭାରିଆଣ୍ଟ ଯୋଗୁ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଥିଲେ। କରୋନା ଭାଇରସର ମ୍ୟୁଟେସନରୁ ନୂଆ ଭାରିଆଣ୍ଟ ସୃଷ୍ଟି ହୋଇ ମୃତ୍ୟୁର ଲହର ସୃଷ୍ଟି କରିଥିଲା। ଏହା ସିଧାସଳଖ ମଣିଷରୁ ଫୁସଫୁସକୁ ସଂକ୍ରମିତ କରୁଥିଲା। ରୋଗୀ ଶରୀରରେ ଅକ୍ସିଜେନର ଅଭାବ ଦେଖିବାକୁ ମିଳୁଥିଲା। ଅକ୍ସିଜେନ ଅଭାବରୁ ହଜାର ହଜାର ଲୋକେ ପ୍ରାଣ ହରାଇଲେ। ପରିସ୍ଥିତି ଏମିତି ହେଲା ଯେ, ଭାରତକୁ ବାହାରୁ ମେଡିକାଲ ଅକ୍ସିଜେନ ସିଲିଣ୍ଡର ଆମଦାନୀ କରିବାକୁ ପଡ଼ିଲା। ଏବେ ପୁନର୍ବାର ଏହି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଯଦି ବିଶେଷଜ୍ଞମାନଙ୍କ କଥା ସତ୍ୟ ହୁଏ ତେବେ ଏହା ଏକ ଅତ୍ୟନ୍ତ ଉଦବେଗର ବିଷୟ। ଏବେ ବି ସତର୍କ ରହିବାର ବେଳ ଯାଇନି। ସବୁ କଥା ସରକାର କରିବେ ବୋଲି ଚିନ୍ତା କରିବା ଭୁଲ। ଆମକୁ ନିଜକୁ ସତର୍କ ରହିବାକୁ ପଡ଼ିବ। ସରକାର ସମସ୍ତଙ୍କୁ ମାଗଣାରେ ଟିକା ଦେଲେ। ମାଗଣା ଚିକିତ୍ସା ବ୍ୟବସ୍ଥା କଲେ। ଏବେ ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ ହେଲା ନିଜେ ସତର୍କ ରହିବା, ଅନ୍ୟକୁ ସତର୍କ କରାଇବା। କରୋନା ମୁକାବିଲାର ସର୍ବନିମ୍ନ ସତର୍କତାକୁ ଆପଣାଇବା। ମାସ୍କ ପିନ୍ଧିବା, ହାତ ଧୋଇବା, ଗହଳି କରିବାନି। ଏତିକି ନିୟମ ପାଳନ କଲେ ଆମେ ଅନେକାଂଶରେ ବିପଦକୁ ଏଡ଼ାଇପାରିବା।



# ଅଯୋଗ୍ୟ ପଦାଧିକାରୀଙ୍କୁ ବିତାଡିତ କରାଯିବା ଆବଶ୍ୟକ-୨



ପଙ୍କଜ କୁମାର ପାଣିଗ୍ରାହୀ

ବିକଳ, କାନ୍ତାର, ଅକାଳ କୁଷ୍ମାଣ୍ଡ, ଦୁଶ୍ଚରିତ୍ର, ନୀତିହୀନ, ଅମାନୁଷିକ, ପଶୁ ପ୍ରକୃତି ମଣିଷ ଆକୃତିର ବିଚିତ୍ର ଜନ୍ତୁ ଗୁଡିଏ ପଦାଧିକାରୀ ଭାବେ ବିରାଜମାନ କରିଛନ୍ତି ସମାଜର ଏକ କଳଙ୍କିତ ଅଧ୍ୟାୟର ଦୁର୍ମୂଲ୍ୟ ଚେହେରା ଭାବେ ଯେଉଁମାନେ, ସେମାନଙ୍କ ପାଖକୁ ଲେଖାଟି ପହଁଚିବା ଅତ୍ୟାବଶ୍ୟକ ! ପୂର୍ବରୁ ଏହି ପ୍ରସଙ୍ଗରେ ପ୍ରାୟତଃ ଅନେକ ଅପାରଗ ଚରିତ୍ର ଉପରେ ଆମେ ବିଷଦ୍ ବ୍ୟାଖ୍ୟା କରି ସାରିଛେ। ଏହି ପ୍ରସଙ୍ଗରେ ବର୍ତ୍ତମାନ ସରକାରୀ ପ୍ରଶାସନିକ ପତ୍ରାଳାପ ତଥା ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ପତ୍ରର ପ୍ରାସଙ୍ଗିକତା ଏକ ସ୍ୱାଗତ ଯୋଗ୍ୟ ବିଷୟ। ଏହା ଆମକୁ ଅତ୍ୟନ୍ତ ଆନନ୍ଦ ଦାୟକ ଅନୁଭୂତି ଦେଉଥିବା ବେଳେ ତାହା କେତେଦୂର କାର୍ଯ୍ୟକାରୀ କରାଯିବ ଭବିଷ୍ୟତ କହିବ ! ଏହି ପତ୍ରାଳାପ କେବଳ ସାଧାରଣ ଲୋକଙ୍କୁ କ୍ଷଣିକ ଆନନ୍ଦ ଦେବା ପାଇଁ କରାଯାଇ ଅଛି ନା ସରକାର ପ୍ରକୃତରେ ସମାଜ ମଙ୍ଗଳ ଉଦ୍ଦେଶ୍ୟରେ କରିଛନ୍ତି ତାହା ଦେଖିବା ବାକି ରହିଲା ଯେ ଏହି ପ୍ରସଙ୍ଗରେ କେତେଜଣ ପଦାଧିକାରୀଙ୍କୁ ବିତାଡିତ କରାଯିବ...?!

ଦେଶ ତଥା ରାଜ୍ୟ ଗୁଡିକର ପ୍ରଶାସନିକ କ୍ଷେତ୍ରରେ ନିୟୋଜିତ ଲକ୍ଷ ଲକ୍ଷ ସରକାରୀ ପଦାଧିକାରୀ/ଚାକିରିଆଙ୍କୁ ସର୍ବସାଧାରଣ ଅର୍ଥରୁ ଯଥେଷ୍ଟ ମାତ୍ରାରେ ଦରମା ଦିଆଯାଇଥାଏ କେବଳ ସେମାନଙ୍କ ଦାୟିତ୍ୱବୋଧତା କାରଣରୁ ଯେ ସେମାନେ ପ୍ରତ୍ୟେକ ସୋପାନର କାର୍ଯ୍ୟ ଗୁଡିକ ସାମ୍ବିଧାନିକ ଆଇନ ତଥା ସରକାରୀ ଚାକିରୀ ନିୟମାବଳୀକୁ ଆଧାର କରି ନିଜର ଦାଇତ୍ୱ ତୁଲାଇବେ। କେବଳ ପରୀକ୍ଷାରେ ବସି ପାସ୍ ହେବା ଏବଂ ତା ପରେ ଶାସନ କଳର ଚାଟୁକାରି କରି ପ୍ରଶାସନିକ ବ୍ୟବସ୍ଥା ଚଳାଇବା ଏକ ପ୍ରଶାସନିକ ଅଧିକାରୀଙ୍କ ପଦ ମର୍ଯ୍ୟାଦାର ଅନୁକୂଳ ପରିବେଶ ନୁହେଁ। ସମସ୍ତ ଶାସନ ଆଇନ କାନୁନ ନଜାଣି କିମ୍ବା ସବୁ ଜାଣିଶୁଣି ବେଆଇନ କାର୍ଯ୍ୟ କରି ସରକାରୀ ତହବିଲରୁ କୋଟି କୋଟି ଟଙ୍କା କ୍ଷତି କରିବା ଅର୍ଥାତ ସେ ଜଣେ ପଦାଧିକାରୀ ପଦବାଚ୍ୟ ନହେବା ଆବଶ୍ୟକ। ସାଧାରଣ ଲୋକଙ୍କ ଠାରୁ ଉତ୍କୋଚ ନେଇ ସତ୍ୟକୁ ମିଥ୍ୟା ଏବଂ ମିଥ୍ୟକୁ ସତ୍ୟରେ ପରିଣତ କରି ଫାଇଲ ପ୍ରସ୍ତୁତ କରୁଥିବା ପଦାଧିକାରୀ ଯେ କେବଳ ବିତାଡିତ ହେବା ଆବଶ୍ୟକ ତା ନୁହେଁ ବରଂ ସେମାନଙ୍କୁ ସମାଜରେ ବଂଚିବାର ଅଧିକାର ମଧ୍ୟ ଦିଆନଯିବା ଏକ ସୁସ୍ଥ ଗଣତନ୍ତ୍ର ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ରହିବା ଆବଶ୍ୟକ। ସେହିଭଳି କ୍ଷେତ୍ରରେ ସେମାନଙ୍କୁ ସରକାରୀ ଅଧିକାରୀ ପଦରୁ ବହିଷ୍କାର କରି ବିତାଡିତ କରାଯିବା ସହିତ ବେଳେ ବେଳେ ଜେଲ, ଜୋରିମାନା ସହିତ ଯଥେଷ୍ଟ କଠୋର ଦଣ୍ଡବିଧାନର ଅନିବାର୍ଯ୍ୟ ଆବଶ୍ୟକତା ରହିଛି।

ଅନେକ କ୍ଷେତ୍ରରେ ଦେଖିବାକୁ ମିଳୁଛି ଯେ ସରକାରୀ ପଦାଧିକାରୀମାନେ କେତେବେଳେ ଅଜ୍ଞାନତା, ଆଇନ କାନୁନ ବିଷୟରେ ଅନଭିଜ୍ଞତା, ବ୍ୟକ୍ତିଗତ ଆଗ୍ରହ, ଆର୍ଥିକ ଉତ୍କୋଚ ଆଶା କରି ନପାଇବା, ବ୍ୟକ୍ତିଗତ ଆକ୍ରୋଶ ହେଉ କିମ୍ବା ଆତ୍ମ ଅହଙ୍କାର ଜନିତ ଅଧସ୍ତନ କର୍ମଚାରୀ କିମ୍ବା ଜନସାଧାରଣଙ୍କୁ ବ୍ୟାପକ କ୍ଷତି ପହଞ୍ଚାଇ ଥା'ନ୍ତି। ଭାରତୀୟ ସାମ୍ବିଧାନିକ କ୍ଷମତାର ଅପବ୍ୟବହାର କରି ସେମାନେ ନିଜ ଇଚ୍ଛା ମୁତାବକ ଅନେକ ଅକର୍ତ୍ତବ୍ୟ ତଥା ବେଖାତିରି ଭାବେ ଅନୈତିକ କାର୍ଯ୍ୟ କରିଥା'ନ୍ତି ଯାହା ଦ୍ୱାରା ସାଧାରଣ ଲୋକେ ଆଶାତୀତ କ୍ଷତିରେ ପଡୁଛନ୍ତି। ଏମିତିକି ଅନେକ ସମୟରେ ସରକାରୀ ତହବିଲରୁ କୋଟି କୋଟି ଟଙ୍କା କ୍ଷତି ହେଉଛି ସେହିଭଳି ପଦାଧିକାରୀଙ୍କ ମନମାନୀ କାର୍ଯ୍ୟ କଳାପ କାରଣରୁ। ସେମାନଙ୍କ ଦାଇତ୍ୱ ଭୁଲି ଯାଇ ଆଇନର ସୀମାରେଖା ପାର କରି କରୁଥିବା ସ୍ୱେଚ୍ଛାଚାରୀ କାର୍ଯ୍ୟ ହେତୁ ବ୍ୟାପକ କ୍ଷତି ହେଉଥିବା ବେଳେ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା କାରଣରୁ ଏହିଭଳି ଅସଂଖ୍ୟ ଘଟଣାର ଉଦୟମାନ ହେଉଛି ପ୍ରାୟତଃ ଅନେକ ସମୟରେ। ଅନେକ କ୍ଷେତ୍ରରେ ସରକାର ଅଯୋଗ୍ୟ ମଣିଷଙ୍କ ଚାରିତ୍ରିକ, ମାନବିକ ମୂଲ୍ୟବୋଧକୁ ସଠିକ୍ ଭାବେ ପରୀକ୍ଷା ନିରୀକ୍ଷା ନକରି କେବଳ ପରୀକ୍ଷାରେ ପାସ୍ ହୋଇଗଲେ ଜଣେ ଯଥେଷ୍ଟ ଅମାନବୀୟ ଦୁଃସଚାରିତ୍ରିକ ମଣିଷକୁ ପଦାଧିକାରୀ ଭାବେ ନିୟୋଜିତ କରୁଛନ୍ତି ! ଦ୍ୱିତୀୟତଃ ଜଣେ ପଦାଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ଆସିଲେ ସେଗୁଡିକୁ ତନଖି ଉଚିତ ପଦକ୍ଷେପ ନନେଇ ଅଭିଯୋଗଟି ସେମାନଙ୍କ ହାତରେ ଧରାଇ ଦେଉଛନ୍ତି ଯଦ୍ୱାରା ସେମାନଙ୍କ ସାହସ ଦ୍ୱିଗୁଣିତ ହୋଇ ସାଧାରଣ ଅଭିଯୋଗ କାରୀଙ୍କୁ ଆହୁରି ଗୁଣାତ୍ମକ ଅସୁବିଧାରେ ପକାଇବା ପାଇଁ ସେମାନଙ୍କ ସାହସ ବଢି ଯାଉ ଅଛି ! ଏମିତିକି ସରକାରୀ କଳ କିମ୍ବା ଶାସକ କ୍ଷମତାଧାରୀଙ୍କ ପ୍ରଶ୍ନରେ ମିଥ୍ୟା ଉତ୍ତର ଦେଇ ଅଭିଯୋଗଟି ଭିତ୍ତିହୀନ ବୋଲି ଲିଖିତ ପ୍ରମାଣ ଦେଉଛନ୍ତି ଯାହା ସରକାର ବିନା ଦ୍ୱିଧାରେ ଗ୍ରହଣ କରି ନେଉଛନ୍ତି ! ଏହା ସରକାର ନିଜେ ସୃଷ୍ଟି କରୁଥିବା ଲକ୍ଷ ଲକ୍ଷ ନମୁନା ପାଇବା ଅନୁସନ୍ଧାନ କଲେ। ପୁନର୍ବାର ଜଣେ ପଦାଧିକାରୀଙ୍କୁ ଗୋଟିଏ ସ୍ଥାନରେ ଦୀର୍ଘ ଦିନ ଧରି ଅବସ୍ଥାପିତ କରାଯିବା ଫଳରେ ସେହି ଚୌକିଟି ସେମାନଙ୍କ ପୈତୃକ ସମ୍ପତ୍ତି ଭଳି ଅନୁଭବ ସୃଷ୍ଟି ହେଉଛି ସେମାନଙ୍କ ମନରେ ! ଫଳତଃ ସେମାନେ ଦୁର୍ନୀତି, ଅମାନବୀୟ କାର୍ଯ୍ୟର ଚରମ ସୀମାରେ ପହଂଚି ଯାଉଛନ୍ତି। ସେମାନଙ୍କୁ ସବୁ ଜାଣିଶୁଣି ଶାସନ ପ୍ରଶାସନର ଯଥେଷ୍ଟ ସହଯୋଗ ମିଳୁଥିବା ବିଷୟ କାହାକୁ ଅଗୋଚର ନୁହେଁ। ଏମିତିକି ମାନ୍ୟବର ନ୍ୟାୟାଳୟଙ୍କ ଆଦେଶକୁ ଖଣ୍ଡନ କରି ଆଇନ ଅମାନ୍ୟ କରି ନିଜ ନିଜ କ୍ଷେତ୍ରରେ ଶାସନ ଚଳାଉଥିବା ପଦାଧିକାରୀଙ୍କ ସଂଖ୍ୟା ମଧ୍ୟ କମ୍ ଦେଖିବାକୁ ମିଳୁନାହିଁ ଆମ ରାଜ୍ୟରେ ଯାହାଙ୍କୁ ସରକାର ବିତାଡିତ କରିବା ବଦଳରେ ଘଣ୍ଟ ଘୋଡାଇ ରଖୁଥିବା ହୁଏତ ସର୍ବସାଧାରଣଙ୍କୁ ଯଥେଷ୍ଟ ଗୋଚର ରହିଛି।

ଉକ୍ତ ପରିପ୍ରେକ୍ଷୀରେ ସରକାର ନିଜେ ଅଯୋଗ୍ୟ ପଦାଧିକାରୀ ସୃଷ୍ଟି କରି ସମାଜକୁ ଦିନକୁ ଦିନ ତଳିତଳାନ୍ତ କରୁଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଭିନ୍ନ ରାଜନୈତିକ ଦଳ ଗୁଡିକ ନିଜ ନିଜ ମଧ୍ୟରେ ଆପୋଷ ବୁଝାମଣା ରଖି କେବଳ ଉପରକୁ ଲୋକଙ୍କୁ ମିଥ୍ୟା ଆଶ୍ୱାସନା ଦେଉଥିବା ଆମେ କହୁ ନାହୁଁ ବରଂ ସର୍ବସାଧାରଣଙ୍କ ସର୍ବତ୍ର ଚର୍ଚ୍ଚାର ବିଷୟ ପାଲଟିଛି ଆମ ରାଜ୍ୟରେ ଯାହାର ଉଚିତ ଅନୁସନ୍ଧାନ ମୂଳକ ସମୀକ୍ଷା କରନ୍ତୁ ସରକାର। ତେଣୁ ଉପସ୍ଥିତ ସରକାର ଯଦି ଏଗୁଡିକ ପୂର୍ବ ସରକାରଙ୍କ ତ୍ରୁଟି ଜନିତ ବୋଲି ସାବ୍ୟସ୍ତ କରିବାକୁ ଚାହୁଁଛନ୍ତି ତାହେଲେ ବର୍ତ୍ତମାନ ସେଗୁଡିକୁ ସୁଧାରିବା ବେଳ ଆସିଛି ନିଶ୍ଚୟ। ଅନ୍ୟଥା ପୁନର୍ବାର ଯେ ରାଜନୈତିକ ପ୍ରଳାପର ସମୟ ଆସିବ ଏହି କଥାରେ କୌଣସି ଦ୍ୱିମତ ରହିବ ନାହିଁ। ତେଣୁ ସମୟ ପୂର୍ବରୁ ଉପସ୍ଥିତ ସରକାର ନିଶ୍ଚିତ କୌଣସି ଏକ ବଡ ଧରଣର ପଦକ୍ଷେପ ନେବେ ବୋଲି ଆମେ ଆଶା କରୁଛୁ। ତେଣୁ ଶାସନ ପ୍ରଶାସନ ବ୍ୟବସ୍ଥାକୁ ଏକ ସୁସ୍ଥ ପରିବେଶ ଦେଇ ସାମାଜିକ ମଙ୍ଗଳ ଦିଗରେ ଯଥେଷ୍ଟ କାର୍ଯ୍ୟ କରିବା ସମୟ ଉପସ୍ଥିତ ହୋଇଥିବା ଅନୁଭବ କରୁଛନ୍ତି ରାଜ୍ୟବାସୀ। ଅତଏବ ସରକାର ସେଗୁଡିକୁ ସଠିକ ଅନୁସନ୍ଧାନ କରି କୌଣସି ପଦକ୍ଷେପ ନେବା ଉଚିତ। ଉପସ୍ଥିତ ସରକାର ତଥା ଆମ ମାନ୍ୟବର ମୁଖ୍ୟମନ୍ତ୍ରୀ ନିଜକୁ ଜଣେ ଆଦିବାସୀ ସମ୍ପ୍ରଦାୟର ସୁସ୍ଥ ସଚେତନ ମଣିଷ ଭାବେ ଉପସ୍ଥାପନା ପୂର୍ବକ ନିଜକୁ ଦୁର୍ବଳ ନୁହେଁ ବୋଲି ବାରମ୍ବାର ଅଭିଭାଷଣ ଦେଉଥିଲେ ମଧ୍ୟ ତାଙ୍କୁ କୌଣସି ପଦାଧିକାରୀ ଆଦୌ ଭ୍ରୂକ୍ଷେପ କରୁନଥିବା ଅନେକ ପ୍ରମାଣ ରହିଛି ଆମ ପାଖରେ। କାରଣ ଆମ ମୁଖ୍ୟମନ୍ତ୍ରୀ ଜଣେ ଅତ୍ୟନ୍ତ ସାମାଜିକ ମାନବିକ ଚେତନାଶୀଳ ମଣିଷ ବୋଲି ସର୍ବସାଧାରଣ ଅନୁଭବ କରୁଥିଲେ ମଧ୍ୟ ତାଙ୍କର ପରାକ୍ରମ ଶୂନ୍ୟ ରହିଥିବା ହୁଏତ ସମସ୍ତଙ୍କୁ ଯଥେଷ୍ଟ ଅନୁଭବ ହେଉଛି। ଏପର୍ଯ୍ୟନ୍ତ ସେହିଭଳି କୌଣସି କଠୋର ପଦକ୍ଷେପ ସେ ନେଇନଥିବା କାରଣରୁ ସାଧାରଣ ଲୋକଙ୍କ ମନରେ ତାଙ୍କ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେବା କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ। ଉପଯୁକ୍ତ ପଦକ୍ଷେପ ନିଆଗଲେ ଯେ ହଜାର ହଜାର ଅଯୋଗ୍ୟ ପଦାଧିକାରୀଙ୍କ ନମୁନା ମିଳିବେ ଆମ ରାଜ୍ୟରେ ଯାହାଙ୍କୁ ବିତାଡିତ, ଦଣ୍ଡବିଧାନ କରାଯିବା ଅତ୍ୟନ୍ତ ଅତ୍ୟନ୍ତ ଆବଶ୍ୟକତା ରହିଛି ଆଜି ସମୟରେ। ଆମ ସରକାର ଏହା କରିବେ କେବେ ବୋଲି ପ୍ରଶ୍ନବାଚୀ ଚର୍ଚ୍ଚା ସର୍ବତ୍ର ଦେଖିବାକୁ, ଶୁଣିବାକୁ ମିଳୁଛି।

ସରକାର ତୁରନ୍ତ ଏହି ପ୍ରସଙ୍ଗରେ ଦୃଢ଼ ପଦକ୍ଷେପ ନେବେ ବୋଲି ଆଶା କରାଯିବା ସହିତ କିଛି ମାର୍ଗଦର୍ଶୀ ଉପାୟ ମଧ୍ୟ ଆମେ ଉପସ୍ଥାପନ କରିବା ଆଗ୍ରହ ପ୍ରକଟ କରୁଛୁ। ସେଗୁଡିକୁ କେମିତି ଦେଖୁଛନ୍ତି / ଦେଖିବେ ଆମ ସରକାର ତାହା ଭବିଷ୍ୟତରେ ଜଣା ପଡିବ। ଅଯୋଗ୍ୟ ପଦାଧିକାରୀ ସୃଷ୍ଟି ନକରି ତଥା ଉପସ୍ଥିତ ଅଯୋଗ୍ୟ ପଦାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ଉପରେ




## ସମ୍ମାନୀୟ ମୁଖ୍ୟ ଶାସନ ସଚିବଙ୍କ ପ୍ରାସଙ୍ଗିକତା

ଉପଯୁକ୍ତ ମାମଲା ରୁଜ୍ଜୁ କରି ତୁରନ୍ତ ବିତାଡିତ କରିବା ଆବଶ୍ୟକତାକୁ ଯଦି ଆମ ଆଦରଣୀୟ ମାନ୍ୟବର ମୁଖ୍ୟ ମନ୍ତ୍ରୀ ଅନୁଭବ କରୁଛନ୍ତି ତାହେଲେ ଏହି ସବୁ ବିଷୟ ଗୁଡିକୁ ନିଶ୍ଚିତ ପ୍ରାଧାନ୍ୟତା ଦେଇ ସେଗୁଡିକୁ ତୁରନ୍ତ ଲାଗୁ କରି ସମାଜରେ ଏକ ପରିବର୍ତ୍ତନ ଆଣିବା ପ୍ରୟାସ କରିବେ ବୋଲି ଆଶା। ଅନ୍ୟଥା ପୁନର୍ବାର ଭବିଷ୍ୟତ ସାମାଜିକ ଅସ୍ଥିରତା ସହିତ ରାଜନୈତିକ ହଲଚଲ ହେବା ସମ୍ଭାବନାକୁ କେହି ଏଡାଇ ପାରିବେ ନାହିଁ ବୋଲି ଆମର ଅନୁମାନ। ବର୍ତ୍ତମାନ ବିଚାର କରିବା ଯେ ଅଯୋଗ୍ୟ ପଦାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ଉପରେ କି ପ୍ରକାର ପଦକ୍ଷେପ ନିଆଯାଇ ପାରିବ ଏବଂ ପୁନର୍ବାର ଅଯୋଗ୍ୟ ପଦାଧିକାରୀ ସୃଷ୍ଟି ନହେବା ପାଇଁ ସରକାର କ'ଣ ସବୁ ପଦକ୍ଷେପ ନେବା ଆବଶ୍ୟକ ?!

ପ୍ରାଥମିକ ସ୍ତରରେ ଦେଖିବାକୁ ହେବ ଯେ କେଉଁ ପଦାଧିକାରୀ ମାନଙ୍କ ଦ୍ୱାରା ସରକାରୀ ତହବିଲରୁ ଅର୍ଥ ଆତ୍ମସାତ ତଥା ଅନାବଶ୍ୟକ ଖର୍ଚ୍ଚ, ନଷ୍ଟ କରାଯାଇ ଅଛି। ଦ୍ୱିତୀୟତଃ କେଉଁମାନେ ଉତ୍କୋଚ ନେଇ ଅନୈତିକ କାର୍ଯ୍ୟ କରି ସରକାର ତଥା ଜନସାଧାରଣଙ୍କୁ ବ୍ୟାପକ କ୍ଷତିର ଶିକାର କରିଛନ୍ତି। ତୃତୀୟରେ କେଉଁ ପଦାଧିକାରୀ ନିଜର ବ୍ୟକ୍ତିଗତ ଆଗ୍ରହ ଜନିତ ବିଭିନ୍ନ ବେଆଇନ ପଦକ୍ଷେପ ନେଇ ଅଧସ୍ତନ କର୍ମଚାରୀଙ୍କୁ ନିଲମ୍ବନ ବହିଷ୍କାର କରିଛନ୍ତି ଯେଉଁମାନେ ପୁନର୍ବାର ନିୟୋଜିତ ହୋଇ ସରକାରୀ ତାହାବିଲରୁ କୋଟି କୋଟି ଟଙ୍କା ନଷ୍ଟ ହୋଇଛି। ଚତୁର୍ଥରେ କେଉଁ ପଦାଧିକାରୀଙ୍କ ଅବହେଳା କାରଣରୁ ସାଧାରଣ ଲୋକେ ନିଜର ଧନ ଜୀବନ ନଷ୍ଟ ହେବାରେ ବ୍ୟାପକ ଦୁଃଖ କଷ୍ଟ ଅନୁଭବ କରୁଛନ୍ତି। ପଂଚମରେ କେଉଁ ଅଧିକାରୀ ମାନେ ମାଫିଆ, ଠିକାଦାରଙ୍କ ସହିତ ହାତ ମିଳାଇ ସାଧାରଣ ଲୋକଙ୍କୁ କିମ୍ବା ସରକାରୀ ଅର୍ଥ ହେରଫେର କରିଛନ୍ତି। ପୁନର୍ବାର ଦେଖିବାକୁ ହେବ ଯେ କେଉଁ ସ୍ଥାନରେ ଅନାବଶ୍ୟକ ଖର୍ଚ୍ଚ କରି ସରକାରୀ ଅର୍ଥ ବାଟ ମାରଣା କରାଯାଇ ଅଛି। ଏମିତି ଆହୁରି ଅନେକ କାରବାର ସହିତ ଯେଉଁମାନେ ସାଧାରଣ ଲୋକଙ୍କୁ ସଠିକ୍ ନ୍ୟାୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି କିମ୍ବା ଉତ୍କୋଚ ଆଶା କରି ନପାଇବା କାରଣରୁ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି ସେମାନଙ୍କ ଉପରେ କଡା ପ୍ରହାର କରାଯିବା ଅତ୍ୟନ୍ତ ଆବଶ୍ୟକ।

ଏସବୁ ବ୍ୟତୀତ ସରକାର ଏକ ସୁସ୍ଥ ପ୍ରଶାସନିକ ପରିବେଶ ସୃଷ୍ଟି କରିବାକୁ ହେଲେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆଦୌ ଅଣଦେଖା କରିବାକୁ ହେବନାହିଁ। ଯେମିତି କି ଜଣେ ପ୍ରଶାସନିକ ଅଧିକାରୀ ସମ୍ପୃକ୍ତ ଚଉକିକୁ ନିଜର ପୈତୃକ ସମ୍ପତ୍ତି ବୋଲି ଅନୁଭବ କରିବାର ସୁଯୋଗ ପାଇବେ ନାହିଁ କିମ୍ବା ସେମାନେ ସରକାରଙ୍କ ଅଧୀନରେ ଅଧିକାରୀ ଭାବେ କାର୍ଯ୍ୟ ନକରି ନିଜସ୍ୱ ଅଧିକାରରେ ଅଧିକାରୀ ହୋଇଥିବା ସେମାନଙ୍କ ଅନୁଭବ ହେବ ନାହିଁ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଗଲେ ଯେ ଅଚିରେ ଆମ ସମାଜରେ ଏକ ବ୍ୟାପକ ଧରଣର ପରିବର୍ତ୍ତନ ହେବ ସେଇଥିରେ କୌଣସି ସନ୍ଦେହ ନାହିଁ। ଅତଏବ ଏସବୁ କରିବାକୁ ହେଲେ ପ୍ରଥମେ ଦ୍ୱିତୀୟ ଶ୍ରେଣୀ ଏବଂ ତଦୁର୍ଦ୍ଧ ପଦାଧିକାରୀଙ୍କ ବଦଳି ଉପରେ ନିଶ୍ଚିତ କଡା ପଦକ୍ଷେପ ନିଆଯିବା ଏକାନ୍ତ ଆବଶ୍ୟକ। ତାପରେ ତୃତୀୟ ଶ୍ରେଣୀ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବଦଳି ମଧ୍ୟ ଅନିବାର୍ଯ୍ୟ ଯାହା ଏକ ନିର୍ଦ୍ଧିଷ୍ଟ ନିୟାମକ ମଧ୍ୟରେ ସମାହିତ ହେବା ଆବଶ୍ୟକ ଯାହା ଦୀର୍ଘ ବର୍ଷ ଧରି ହୋଇ ନାହିଁ କିମ୍ବା ବର୍ତ୍ତମାନ ମଧ୍ୟ ହେଉନାହିଁ ! ଏହା ଏକ ବ୍ୟାପକ ଅସାମାଜିକତା ସହିତ ଯଥେଷ୍ଟ ଦୁର୍ବଳ ପ୍ରଶାସନିକ ବ୍ୟବସ୍ଥାର ପରିପନ୍ଥୀ ପାଲଟିଛି ଆଜି ଆମ ରାଜ୍ୟରେ ! ତେଣୁ ସରକାର ଏଥିପ୍ରତି ନିଶ୍ଚିତ ଦୃଷ୍ଟି ଦେଲେ ଏକ ସୁସ୍ଥ ଦୁର୍ନୀତିମୁକ୍ତ ପରିବେଶର ଆଶା କରାଯାଇ ପାରିବ ଯାହା ଆମ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ସହିତ ଆନ୍ତରିକ ଉଦ୍ଦେଶ୍ୟ ରହିଛି ବୋଲି ସମସ୍ତଙ୍କ ଅନୁଭବ ହେଉଛି। ଅନ୍ୟଥା ଏହା କେବଳ ଅଭିଭାଷଣ ମଧ୍ୟରେ ସୀମିତି ରହି କାର୍ଯ୍ୟରେ ଶୂନ୍ୟତା ପ୍ରଦାନ ପୂର୍ବକ ସମାଜକୁ ଆହୁରି ନିମ୍ନଗାମୀ କରିବା ଛଡା ପୂର୍ବର କୀର୍ତ୍ତିନାମା ଗୁଡିକୁ ପ୍ରୋତ୍ସାହିତ କରିବା ଛଡା ସୁଧାର କରିବା ସମ୍ଭବ ହେବନାହିଁ।

ତେଣୁ ବର୍ତ୍ତମାନ ସରକାର ଏମିତି କରିବା ବିଧେୟ ଯେ ପ୍ରତ୍ୟେକ ଦ୍ୱିତୀୟ ଶ୍ରେଣୀ ଏବଂ ତଦୁର୍ଦ୍ଧ ସରକାରୀ କର୍ମଚାରୀଙ୍କୁ ଗୋଟିଏ ଜିଲ୍ଲାରେ ୨ ବର୍ଷରୁ ଉର୍ଦ୍ଧ୍ୱ ପରେ ସେମାନଙ୍କ ଜିଲ୍ଲାସ୍ତରୀୟ ବଦଳି କରନ୍ତୁ। ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହାକି ଯେ କୌଣସି ଦ୍ୱିତୀୟ ଶ୍ରେଣୀ ବା ତଦୁର୍ଦ୍ଧ କର୍ମଚାରୀ ବିଭିନ୍ନ ଆଳରେ ରାଜନୈତିକ ଚାପ ସୃଷ୍ଟି କରି ନିଜ ଜିଲ୍ଲା ମଧ୍ୟରେ ରହିଛନ୍ତି ଯେଉଁମାନେ ବ୍ୟାପକ ପ୍ରଶାସନିକ ଭ୍ରଷ୍ଟାଚାର ସୃଷ୍ଟି କରୁଛନ୍ତି। ସେମାନଙ୍କୁ ନିଶ୍ଚିତ ଭାବେ ଅନ୍ୟ ଜିଲ୍ଲା ମାନଙ୍କରେ ଅବସ୍ଥାପିତ କରାଗଲେ ହୁଏତ କିଞ୍ଚିତ ପ୍ରଭାବ ପଡିପାରେ ଦୁର୍ନୀତିକୁ ନିୟନ୍ତ୍ରଣ କରିବା ପାଇଁ। ତୃତୀୟ ଶ୍ରେଣୀ କର୍ମଚାରୀଙ୍କୁ ପ୍ରତି ୩ ବର୍ଷ ପରେ ଅନ୍ୟତ୍ର ବଦଳି କରିବା ଆବଶ୍ୟକ। ସେମିତି ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମଧ୍ୟ ଆଜି ସମୟରେ କିଛି କମ୍ ଦରମା ପାଉନଥିବା ବେଳେ ସେମାନଙ୍କୁ ମଧ୍ୟ ଅନ୍ୟୁନ ପ୍ରତି ପାଞ୍ଚ ବର୍ଷରେ ଥରେ ସ୍ଥାନ ପରିବର୍ତ୍ତନ କରାଗଲେ ହୁଏତ ଦୁର୍ନୀତି ଏବଂ କଠୋରତା ପ୍ରଶାସନିକ ସ୍ତରରେ କିଂଚିତ ମାତ୍ରାରେ ପରିବର୍ତ୍ତନ ହେବ ନିଶ୍ଚୟ। ଦଶନ୍ଧି ଦଶନ୍ଧି ଧରି ଗୋଟିଏ ଗର୍ତ୍ତରେ ଖୋଳି ଚାଲିଥିବା ପୁରୁଣା ମୁଷାଙ୍କ ସୁଡ଼ଙ୍ଗକୁ ଭେଦ କରିବା ସରକାରଙ୍କ ପାଖରେ ସମ୍ଭବ ନୁହେଁ ! ତେଣୁ ସେମାନଙ୍କ ସ୍ଥାନ ପରିବର୍ତ୍ତନ ହିଁ ଏକ ମାତ୍ର ଉପାୟ ଦୁର୍ନୀତିକୁ ନିୟନ୍ତ୍ରଣ କରିବା ପାଇଁ ଏହି ବିଷୟର ଗମ୍ଭୀରତା ସରକାର ଅନୁଭବ କରିବା ବିଧେୟ। କାରଣ ଏହାଦ୍ୱାରା ସେମାନଙ୍କ ଅହଂଭାବ ତଥା ଗୋଟିଏ ସ୍ଥାନରେ ରହି ନିଜର କାୟା ବିସ୍ତାର ନୀତିକୁ ନିୟନ୍ତ୍ରଣ କରି କିଛି ମାତ୍ରାରେ ସନ୍ତୁଳିତ କରି ରଖିହେବ ନିଶ୍ଚୟ। ଯାହାଦ୍ୱାରା ସମାଜରେ କିଛି ସୁଧାର ଆସିବ।

ପୁନର୍ବାର କୌଣସି ସରକାରୀ ପଦାଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ଆସିଲେ ତାହା ସମ୍ପୃକ୍ତ ପଦାଧିକାରୀଙ୍କୁ ପ୍ରଦାନ କରାନଯାଇ ତାହା ଅନ୍ୟ କୌଣସି ଅନୁସନ୍ଧାନକାରୀ ସଂସ୍ଥାକୁ ଦେଇ ବିଷୟର ସତ୍ୟାସତ୍ୟକୁ ଅନୁସନ୍ଧାନ ପୂର୍ବକ ଉପଯୁକ୍ତ ପଦକ୍ଷେପ ନେବା ବ୍ୟବସ୍ଥା କରାଯାଉ। ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଚାକିରିଆଙ୍କ ବିରୁଦ୍ଧରେ ଅଭିଯୋଗକୁ ଅନୁସନ୍ଧାନ କରିବା ପାଇଁ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିବା ଭଳି ରାଜ୍ୟ ସରକାର ମଧ୍ୟ କେବଳ ସରକାରୀ ଚାକିରିଆଙ୍କ ବିରୁଦ୍ଧରୁ ଉତ୍ତୋଳିତ ଅଭିଯୋଗ ଗୁଡିକୁ ଅନୁସନ୍ଧାନ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ବା ବିଭାଗ ସୃଷ୍ଟି କରିବା ଅନିବାର୍ଯ୍ୟ। ତା'ହେଲେହିଁ ସେମାନଙ୍କ ଦୁର୍ନୀତିକୁ କିଛି ମାତ୍ରାରେ ନିୟନ୍ତ୍ରିତ କରିହେବ। ଏହାର ଗମ୍ଭୀରତାକୁ ଉପସ୍ଥିତ ସ୍ୱଚ୍ଛ ମୋହନ ସରକାର ଅନୁଭବ ନିଶ୍ଚୟ କରିବେ ବୋଲି ଆମର ଦୃଢ଼ ବିଶ୍ୱାସ ରହିଛି। ଅନ୍ୟଥା ଲୋକଙ୍କ ଆସ୍ଥା ଉପରେ ଯେ କୁଠାରାଘାତ ଭଳି ହେବ ଯାହା ପୂର୍ବରୁ ଆମ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ବହୁବାର କହି ଆସୁଛନ୍ତି ଯେ ସେ ଦୁର୍ନୀତିକୁ ଆଦୌ ବରଦାସ୍ତ କରିବେ ନାହିଁ ବୋଲି !

ଏମିତି ଆହୁରି ଅନେକ ପ୍ରସଙ୍ଗ ରହିଛି ଯାହା ଏତେ କମ୍ ଲେଖା ମାଧ୍ୟମରେ ଆଲୋଚନା କରିବା ସମ୍ଭବ ନୁହେଁ। ସେଗୁଡିକୁ ସରକାର ତନ୍ନତନ୍ନ କରି ପରଖି ଦୃଢ଼ ପଦକ୍ଷେପ ନେଲେହିଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ସଫଳ ହେବା ବ୍ୟତୀତ ଏହି ପ୍ରଶାସନିକ ଅଧିକାରୀଙ୍କ ମିଥ୍ୟା ପ୍ରରୋଚନାରେ ପରିଚାଳିତ ହୋଇ ଏଗୁଡିକ ପ୍ରତି ନଜର ଅନ୍ଦାଜ ହୁଏତ ସମାଜକୁ ଏକ ବଡ଼ ଧରଣର ଧୋକା ହେବ ବୋଲି ଆମର ମତ। ଅତଏବ ଆମ ସମସ୍ତଙ୍କ ପ୍ରିୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ନିଶ୍ଚିତ ଏହି ସବୁ ପ୍ରସଙ୍ଗ ଗୁଡିକ ଉପରେ ତୁରନ୍ତ କଠୋର ପଦକ୍ଷେପ ନେବେ ବୋଲି ଆମର ଦୃଢ଼ ବିଶ୍ୱାସ ରହିଥିବା ବେଳେ ସର୍ବସାଧାରଣଙ୍କ ସପକ୍ଷରେ ବିଶେଷ ଅନୁରୋଧ ରହିବ ଯେ ସେ ଯଥାଶୀଘ୍ର ଏସବୁ ଗୁଡିକର ପ୍ରାସଙ୍ଗିକତା ଉପରେ ଯୋର ଦେଇ କାର୍ଯ୍ୟ କରନ୍ତୁ ଏବଂ ଆମ ରାଜ୍ୟର ହଜିଯାଇଥିବା ପୂରୁବ ସ୍ମୃତି ଗୌରବକୁ ଫେରାଇ ଅଣାନ୍ତୁ।

ଉପସ୍ଥିତ ଶାସନ କଳର ନେତା, ମନ୍ତ୍ରୀ ମାନଙ୍କ ଅନଭିଜ୍ଞତା କାରଣରୁ ସେମାନେ ଅଫିସର ମାନଙ୍କୁ ଭୟ କରୁଛନ୍ତି ବୋଲି ଖୁବ୍ ଚର୍ଚ୍ଚା ମଧ୍ୟ ଶୁଣିବାକୁ ମିଳୁଛି ଅନେକ ସ୍ଥାନରେ। ଅନୁରୂପ ଅଫିସର୍‌ମାନେ ମଧ୍ୟ ବିଭିନ୍ନ ମିଥ୍ୟା ତଥ୍ୟ ଦେଇ ଶାସନ କଳର ନେତା, ମନ୍ତ୍ରୀ ମାନଙ୍କୁ ଭୁଆଁ ବୁଲାଇବାରେ ସକ୍ଷମ ହେଉଥିବା ଏବଂ ସେମାନଙ୍କୁ ଆଦୌ ଖାତିରି କରୁନଥିବା ଦେଖିବାକୁ ମିଳୁଛି ଯାହା ମାନ୍ୟବର ମୁଖ୍ୟ ମନ୍ତ୍ରୀ ମଧ୍ୟ ସ୍ୱୀକାର କରୁଛନ୍ତି ତାଙ୍କ ଅଭିଭାଷଣ ମାଧ୍ୟମରେ ! ତେଣୁ ଯଥା ଶୀଘ୍ର ପଦାଧିକାରୀ ମାନଙ୍କ ପାଇଁ ସର୍ବ ସମାନ ଗଣତାନ୍ତ୍ରିକ ପଦ୍ଧତିରେ କଡା ନିୟମ ଜାରି କରାଯିବା ସହିତ ସେମାନଙ୍କ କାର୍ଯ୍ୟ କଳାପ ଗୁଡିକ ଉପରେ କଡା ନଜର ରଖି ଅବିଳମ୍ବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଭଳି ନିୟମ କରାଗଲେ ସମାଜର ମଙ୍ଗଳ ସାଧିତ ହୋଇ ପାରିବ। ଅନ୍ତତଃ ପକ୍ଷେ ଦ୍ୱିତୀୟ ଶ୍ରେଣୀ ଏବଂ ତାହାଠାରୁ ଉର୍ଦ୍ଧ୍ୱରେ ରହିଥିବା ସମସ୍ତ ସରକାରୀ ଅଧିକାରୀଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁ କରାଯିବା ବିଧେୟ। କାରଣ ସେମାନେ ଗୋଟିଏ ଗୋଟିଏ କାର୍ଯ୍ୟାଳୟର ଅଧିକାରୀ ଭାବେ ନିଯୁକ୍ତ ହୋଇଥା'ନ୍ତି ଯାହାଙ୍କ ସମସ୍ତ ଦାଇତ୍ୱ ରହିଥାଏ ସରକାରୀ ଆଇନ କାନୁନକୁ ନିୟନ୍ତ୍ରଣ କରିବା ପାଇଁ। ସେମାନଙ୍କ କାର୍ଯ୍ୟ କଳାପ ଗୁଡିକ ଉପରେ ଠିକଣା ଅଙ୍କୁଶ ଚାରଣ କରାନଗଲେ ବ୍ରିଟିଶ ଶାସନ ସମୟରେ ଅଧିକାରୀଙ୍କ କ୍ଷମତା ରାଜ ଚଳାଇ ଲୋକଙ୍କୁ କ୍ରିତଦାସ ଭଳି ରଖିଥିବା ଜୁଲୁମରାଜ ଯେ କେବେହେଲେ ସମାପ୍ତ ହେବ ନାହିଁ ଯାହା ଅଦ୍ୟାବଧି ଆମ ଦେଶରେ ପ୍ରଚଳିତ ରହିଛି ସେଇଥିରେ କୌଣସି ସନ୍ଦେହ ନାହିଁ।

**ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ-୭୬୧୦୨୦**
**ମୋବାଇଲ: ୯୪୩୭୩୨୪୯୧୭**

# ଶିବ ବିବାହ ଓ ଶୀତଳଷଷ୍ଠୀ



ପୁଷ୍ପମିତ୍ର ମହାପାତ୍ର

ସଂପ୍ରତି ସୂର୍ଯ୍ୟଦେବଙ୍କ ପ୍ରକୋପ କିଛିଟା ପ୍ରଶମିତ ହୋଇ ପ୍ରାକ ମୌସୁମୀ ଅବସରରେ ପରିବେଶ ଶୀତଳ ହେଉଛି। ଶୀତଳ ଷଷ୍ଠୀ ହେଉଛି ପାର୍ବତୀ ଓ ଦେବାଧିଦେବ ମହାଦେବଙ୍କ ମିଳନର ପର୍ବ କହିବାକୁ ଗଲେ ଶିବ ବିବାହ ଉତ୍ସବ ହିଁ ହୋଇଥାଏ। ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ଦିନ ମାତା ପାର୍ବତୀଙ୍କର ଶିବଙ୍କ ସହ ବିବାହ ହୋଇଥିଲା। "ଶୈବ ରସାମୃତ'ରୁ ସଂଗୃହୀତ ତଥ୍ୟ ଅନୁଯାୟୀ ଶୀତଳ ଷଷ୍ଠୀ ମହୋତ୍ସବ ହେଉଛି ଦେବାଧିଦେବ ମହାଦେବଙ୍କର ବିବାହ ଉତ୍ସବ। ଦାନବ ରାଜା ତାରକାସୁରର ଅତ୍ୟାଚାର, ଅନ୍ୟାୟ ଓ ଦୌରାତ୍ମ୍ୟରୁ ସୃଷ୍ଟିକୁ ରକ୍ଷା କରିବାଲାଗି ଯୋଗେଶ୍ୱର ମହାଦେବ ଓ ଶକ୍ତିସ୍ୱରୂପିଣୀ ମାତା ପାର୍ବତୀଙ୍କ ବିବାହ ବା ମହାମିଳନର ଅବସର। ଶୀତଳ ଷଷ୍ଠୀ ଓଡ଼ିଶାର ବିଭିନ୍ନ ଶୈବଧାମରେ ଅନୁଷ୍ଠିତ ହୋଇଥାଏ। ବିଶେଷକରି ସମ୍ବଲପୁରର ଶୀତଳ ଷଷ୍ଠୀ ଯାତ୍ରା ବେଶ ପ୍ରଖ୍ୟାତ।

ଶୀତଳଷଷ୍ଠୀ ହେଉଛି ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ଧର୍ମବିଶ୍ୱାସର ଆଇନା। ଶିବ-ପାର୍ବତୀଙ୍କୁ ମାନବୀୟ ରୂପଦେଇ ଶୀତଳ ଷଷ୍ଠୀ ଯାତ୍ରାରେ ବିଶ୍ୱ ଭ୍ରାତୃତ୍ୱ, ମୈତ୍ରୀ ସଂହତିର ଯେଉଁ ନିରାଜନା ହୋଇଛି, ତାହା ଏକ ମହାନ ସଂସ୍କୃତିର ସ୍ମାରକୀ। ଦୋଳଉତ୍ସବ ସମୟରେ ଭଗବାନ ଶ୍ରୀକୃଷ୍ଣ ଯେଉଁପରି ବିମାନରେ ବସି ଦ୍ୱାରେ ଦ୍ୱାରେ ଭ୍ରମଣ କରି ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ଦେଇଥାନ୍ତି ଠିକ୍ ସେହିପରି ମାନବୀୟ ରୂପରେ ଏ ଶୀତଳ ଷଷ୍ଠୀରେ ଶିବ ପାର୍ବତୀଙ୍କ



ବିବାହ ଉତ୍ସବ ହୋଇଥାଏ। ଆମ ରାଜ୍ୟର ପଶ୍ଚିମାଞ୍ଚଳରେ ନୂଆଖାଇ ହେଉ ବା ଧନୁଯାତ୍ରା ଠିକ୍ ସେହିପରି ଶୀତଳ ଷଷ୍ଠୀ ଖୁବ୍ ଜାକଜମକ ସହକାରେ ପାଳିତ ହୋଇଥାଏ। ଗ୍ରୀଷ୍ମର ପ୍ରଚଣ୍ଡ ପ୍ରକୋପ ତାପରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ରୁଦ୍ରରୂପୀ ଶିବଙ୍କୁ ପ୍ରସନ୍ନ କରାଇଥାନ୍ତି ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ। ଅନ୍ୟ ଚିନ୍ତନରେ, ମହାବିଷୁବ ସଂକ୍ରାନ୍ତୀ ଠାରୁ ସୂର୍ଯ୍ୟ ଦକ୍ଷିଣରୁ ଉତ୍ତରାୟଣକୁ ଅଗ୍ରସର ହେଉଥିବା ବେଳେ ଜଳବିଷୁବ ସଂକ୍ରାନ୍ତୀରୁ ସେ ଉତ୍ତରରୁ ଦକ୍ଷିଣାସ୍ଥାନକୁ ଗତି କରନ୍ତି। ଯାହାଦ୍ୱାରା ଜ୍ୟେଷ୍ଠମାସର ଶୁକ୍ଳପକ୍ଷ ଷଷ୍ଠୀ ତିଥିରୁ ପୃଥିବୀ କ୍ରମେ କ୍ରମେ ଶୀତଳତା ପାଇବା ସହ ସୂର୍ଯ୍ୟଦେବଙ୍କର ଗତିକ୍ରମରେ ଆକାଶରେ ମେଘ ସୃଷ୍ଟି ହୁଏ ଓ ସେହି ଘନୀଭୂତ ମେଘ ପରବର୍ତ୍ତୀ ସମୟରେ ବର୍ଷାର ରୂପ ନେଇଥାଏ। ଆମ ନିତିଦିନିଆ ଜୀବନରେ ବିବାହ ଉତ୍ସବପରି ଶିବ-ପାର୍ବତୀଙ୍କ ବିବାହ ମାନବ ଜଗତର ସମସ୍ତ ବୈବାହିକ ପ୍ରସ୍ତୁତି, ପରିବେଶ ଓ ସାମାଜିକତା ଅନୁସରଣ କରାଯାଏ। ଏହି ଆନନ୍ଦ ଉଲ୍ଲାସ ମହାପାର୍ବଣରେ ସମସ୍ତେ ସାମିଲ ହୋଇଥାନ୍ତି ଏହି ଆନନ୍ଦ ପ୍ରାପ୍ତି କରିବାକୁ।

ଭଗବାନ ଶିବ ସମଗ୍ର ଜୀବସତ୍ତାର ନିଦର୍ଶନ ରୂପେ ପ୍ରତୀକିତ ହେଉଥିବାବେଳେ ପାର୍ବତୀ ବିଶ୍ୱ ପ୍ରକୃତିର ନିଦର୍ଶନ ରୂପରେ ଅଭିଶିକ୍ତା। ଶିବ-ପାର୍ବତୀ ବିବାହ ଏ ପରିପ୍ରେକ୍ଷୀରେ ବିଶ୍ୱ ଏକାତ୍ମବୋଧର ଗଭୀର ଦର୍ଶନ ରହିଛି। ଏହାର ପୃଷ୍ଠଭୂମିରେ ଏକ ଉଚ୍ଚତର ସାମାଜିକ ଆଦର୍ଶ ନିହିତ। ତା'ଛଡ଼ା ଆତ୍ମାର ମୁକ୍ତି ପାଇଁ ଅନ୍ତର୍ଜାଗତିକ ଆତ୍ମସତ୍ତା ସହିତ ବହିର୍ଜାଗତିକ ପ୍ରବୃତ୍ତି ସତ୍ତାକୁ ସମରସିତ କରାଇବା ଲକ୍ଷ୍ୟ ନେଇ ଏହାର ଆୟୋଜନ। ଏଇଠି ପ୍ରକୃତି ସହିତ ଆତ୍ମାର ମିଳନ ଶିବତ୍ୱର ଦ୍ୟୋତକ ରୂପେ ଗୃହୀତ ହେବାବେଳେ ଶିବତ୍ୱର ଅର୍ଥାତ୍ ବ୍ୟକ୍ତି ଦ୍ୱାରା ଉପଲବ୍ଧ ଶିବତ୍ୱର ସହିତ ପରଶିବତ୍ୱର ସମନ୍ୱୟ ହିଁ ଏ ଦର୍ଶନର ଚରମ ଲକ୍ଷ୍ୟ ଭାବେ ଗୃହୀତ। ଏହି ମହାମିଳନକୁ ପରାପର ମିଳନ ବା ପରମଜ୍ୟୋତି ମିଳନ ରୂପେ ଗ୍ରହଣ କରାଯାଇଥାଏ। ଚଳିତବର୍ଷ ଜୁନ୍ ୧ ଅର୍ଥାତ୍ ରବିବାର ଦିନ ଏହି ପବିତ୍ର ଦିବସ ପଡୁଛି। ବିବାହ ପରଦିନ ଶିବପାର୍ବତୀ ବିମାନରେ ଘର ଘର ବୁଲି ଭୋଗ ଖାଇଥାନ୍ତି। ଲୌକିକ ରୀତିନୀତି ଅନୁଯାୟୀ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥାଏ। କଟକ ସହରର ବିଭିନ୍ନ ଶିବ ମନ୍ଦିରରେ ଏହି ଉତ୍ସବ ଲାଗି ରହିଥାଏ। ରୁଦ୍ରରୂପୀ ଶିବ ଓ ମାତା ପାର୍ବତୀଙ୍କ ଯେଉଁ ମିଳନର ପର୍ବ ତାହା ଅଗଣିତ ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ଦେଇଥାଏ। କହିବାକୁଗଲେ ଶୀତଳ ଷଷ୍ଠୀ ପୁରାଣ ଚେତନା ଓ ଯୁବଚେତନାର ପ୍ରତିଭାଷ ମାତ୍ର ନୁହେଁ ଶାନ୍ତିକାମୀ, ମଙ୍ଗଳମୟ ଓ ନ୍ୟାୟ ପ୍ରତିଷ୍ଠାର ଅବସର ମଧ୍ୟ। ଶୀତଳ ଷଷ୍ଠୀ ଏପରି ଏକ ପାରମ୍ପରିକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସମସ୍ତଙ୍କ ହୃଦୟରେ ଚେତନାକୁ ଜାଗ୍ରତ କରିଥାଏ। ଭଗବାନ ଶିବ ଓ ମାତା ପାର୍ବତୀ ଆମ ସମସ୍ତଙ୍କୁ ଦିବ୍ୟାଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ କାମନା।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ମୋବାଇଲ: ୯୪୩୭୨୨୫୬୮୯**

### ଭୋପାଳରେ ପାକିସ୍ତାନକୁ ଚେତାବନୀ ଦେଲେ ପ୍ରଧାନମନ୍ତ୍ରୀ

# ଆତଙ୍କୀଙ୍କ କାଳ ସାଜିଛି ନାରୀ ଶକ୍ତି



**ଭୋପାଳ,୩୧।୫:** ଭୋପାଳ ଗସ୍ତରେ ରହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଲୋକମାତା ଦେବୀ ଅହଲ୍ୟାବାଇ ମହିଳା ସଶକ୍ତିକରଣ ମହା ସମ୍ମେଳନରେ ସମ୍ବୋଧିକ କରି ଦେଶର ମହିଳାଙ୍କ ପାଇଁ ହୋଇଥିବା ଉନ୍ନତିକରଣ କାମ ବିଷୟରେ କହିଛନ୍ତି । ଆତଙ୍କବାଦୀମାନେ ଭାରତର ମହିଳା ଶକ୍ତିକୁ ଚ୍ୟାଲେଞ୍ଜ କରିଛନ୍ତି । ସେହି ଶକ୍ତି ଆତଙ୍କବାଦୀ ଏବଂ ସେମାନଙ୍କ ମାଲିକଙ୍କ ପାଇଁ କାଳ ସାଜିଛି। ଅପରେସନ ସିନ୍ଦୂର ଆତଙ୍କବାଦୀ ବିପକ୍ଷରେ ଭାରତ ଇତିହାସର ସବୁଠାରୁ ସଫଳ ଅପରେସନ। ଭାରତୀୟ ସେନା ଆତଙ୍କୀ ଆଡ୍ଡାକୁ ମାଟିରେ ମିଶାଇ ଦେବ ପାକିସ୍ତାନ ସେନା କେବେ ଭାବିନଥିଲା। ପ୍ରଧାନମନ୍ତ୍ରୀ କହିଛନ୍ତି, ସିନ୍ଦୂର ଆମ ପରମ୍ପରାରେ ମହିଳା ଶକ୍ତିର ପ୍ରତୀକ । ରାମଙ୍କ ଭକ୍ତିରେ ହନୁମାନ ଜୀ ମଧ୍ୟ ସିନ୍ଦୂର ପିନ୍ଧନ୍ତି। ଆମେ ଶକ୍ତି ପୂଜାରେ ସିନ୍ଦୂର ଅର୍ପଣ କରୁ। ଏହି ସିନ୍ଦୂର ଏବେ ଭାରତର ସାହସର ପ୍ରତୀକ ପାଲଟିଛି। ପହଲଗାମରେ ଆତଙ୍କବାଦୀମାନେ କେବଳ ଭାରତୀୟଙ୍କ ରକ୍ତ ବୁହାଇ ନଥିଲେ, ସେମାନେ ଆମ ସଂସ୍କୃତି ଉପରେ ମଧ୍ୟ ଆକ୍ରମଣ କରିଥିଲେ । ସେମାନେ ସମାଜକୁ ବିଭାଜିତ କରିବାକୁ ଚେଷ୍ଟା କରିଥିଲେ । ଅପରେସନ ସିନ୍ଦୂର ଆତଙ୍କବାଦୀ ବିପକ୍ଷରେ ଭାରତ ଇତିହାସରେ ସବୁଠାରୁ ସଫଳ ଅପରେସନ । ଭାରତୀୟ ସେନା ଆତଙ୍କୀ ଆଡ୍ଡାକୁ ମାଟିରେ ମିଶାଇ ଦେବ ପାକିସ୍ତାନ ସେନା କେବେ ଭାବିନଥିଲା । ସେମାନେ ଶହ ଶହ କିଲୋମିଟର ଭିତରକୁ ପଶି ସେମାନଙ୍କୁ ଧୂଳିସାତ୍ କରିଦେଇଛନ୍ତି । ଅପରେସନ ସିନ୍ଦୂର ସ୍ପଷ୍ଟ ଭାବରେ କହିଛି ଯେ ଆତଙ୍କବାଦୀଙ୍କ ମାଧ୍ୟମରେ ପ୍ରକ୍ସି ଯୁଦ୍ଧ କରାଯିବ ନାହିଁ। ଏବେ ଆମେ ଘରେ ପଶି ମଧ୍ୟ ହତ୍ୟା କରିବୁ । ଯିଏ ଆତଙ୍କବାଦୀଙ୍କୁ ସାହାଯ୍ୟ କରିବ ତାଙ୍କୁ ମଧ୍ୟ ବହୁତ ମୂଲ୍ୟ ଦେବାକୁ ପଡିବ । ଭାରତର ପ୍ରତ୍ୟେକ ନାଗରିକ କହୁଛନ୍ତି, ଯଦି ତୁମେ ଗୁଳି ମାରି ଚଳାଇବ ତ, ଆମେ ଗୁଳିର ଜବାବ ଗୋଳାରେ ଦେବୁ । ଆଜି ଯେତେ ବଡ଼ ସ୍ପେସ ମିଶନ ହେଉ ମଧ୍ୟ ବହୁତ ସଂଖ୍ୟାରେ ମହିଳା ବୈଜ୍ଞାନିକ କାମ କରୁଛନ୍ତି । ଚନ୍ଦ୍ରାନ-୩ରେ ୧୦୦ରୁ ଅଧିକ ମହିଳା ବୈଜ୍ଞାନିକ ଏବଂ ଇଂଜିନିୟର କାମ କରୁଥିଲେ । ତେବେ ଭୋପାଳ ପହଞ୍ଚିବା ଆଗରୁ ପ୍ରଧାନମନ୍ତ୍ରୀ ମୋଦି ରୋଡ ଶୋ କରିଥିଲେ । ଏହି ରୋଡ ଶୋରେ ଲୋକଙ୍କ ଅଭିବାଦନ ସ୍ୱୀକାର କରିଥିଲେ । ଏହି ରୋଡ ଶୋରେ ପ୍ରଧାନମନ୍ତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ରହିଥିଲେ ।

# ମହଙ୍ଗା ପଡିଲା ହେଟ ସ୍ପିଚ, ଆବ୍ବାସ ଦୋଷୀ ସାବ୍ୟସ୍ତ



**ମାଉ,୩୧।୫:** ମାଫିଆ ମୁଖ୍ତାର ଅନସାରୀଙ୍କ ପୁଅ ଏବଂ ମାଉ ସଦରର ସୁଭସପା ବିଧାୟକ ଅବ୍ବାସ ଅନସାରୀଙ୍କୁ ଘୃଣାପୂର୍ଣ୍ଣ ଭାଷଣ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି। ସେହି ସମୟରେ, କାକା ମନସୁର ଅନସାରୀଙ୍କୁ ଷଡ଼ଯନ୍ତ୍ରରେ ଅଂଶଗ୍ରହଣ କରିବା ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଛି। ଏବେ ମାଉର ସିଜେଏମ କୋର୍ଟ ଅବ୍ବାସ ଅନସାରୀଙ୍କୁ ୨ ବର୍ଷ ଏବଂ ମନସୁର ଅନସାରୀଙ୍କୁ ୬ ମାସ ପାଇଁ ଦଣ୍ଡାଦେଶ ଦେଇଛନ୍ତି। ଏହା ସହିତ, ଉଭୟଙ୍କୁ ୨ ହଜାର ଟଙ୍କା ଜରିମାନା ମଧ୍ୟ ଦିଆଯାଇଛି। କୋର୍ଟରେ ଦଣ୍ଡ ଘୋଷଣା ପରେ, ଅବ୍ବାସ ଅନସାରୀ ନିଷ୍ପତ୍ତି ନେଇଛନ୍ତି ଯେ ସେ ମାଉର ସିଜେଏମ କୋର୍ଟର ନିଷ୍ପତ୍ତି ବିରୁଦ୍ଧରେ ହାଇକୋର୍ଟର ଦ୍ୱାରସ୍ଥ ହେବେ। ମୁଖ୍ତାର ଅନସାରୀଙ୍କ ପୁଅ ଏବଂ ମାଉର ସଦର ବିଧାୟକ ଅବ୍ବାସ ଅନସାରୀ ଅଭିଯୋଗ କରିଛନ୍ତି ଯେ ତାଙ୍କ ପକ୍ଷକୁ ସମ୍ପୂର୍ଣ୍ଣ ଶୁଣାଯାଇ ନଥିଲା। ତେଣୁ, ଏବେ ସେ ଏହି ଅଭିଯୋଗ ନେଇ ହାଇକୋର୍ଟ ଯିବେ। ଦଣ୍ଡ ଘୋଷଣା ପୂର୍ବରୁ ଅନୁମାନ କରାଯାଉଥିଲା ଯେ ଦଣ୍ଡର ସମୟସୀମା ଅବ୍ବାସ ଅନସାରୀଙ୍କ ବିଧାୟକ ପଦବୀକୁ ପ୍ରଭାବିତ କରିପାରେ। ପ୍ରଶ୍ନ ଉଠାଯାଉଥିଲା ଯେ ସୁଭସପା ବିଧାୟକ ଅବ୍ବାସ ଅନସାରୀଙ୍କ ବିଧାନସଭା ସଦସ୍ୟତା ବାତିଲ ହେବ କି? ତଥାପି, ଏବେ ଏହା ସ୍ପଷ୍ଟ ହୋଇଯାଇଛି ଯେ ଅବ୍ବାସ ଅନସାରୀଙ୍କ ବିଧାନସଭା ସଦସ୍ୟତା ସୁରକ୍ଷିତ। କାରଣ ଯଦି ଅବ୍ବାସ ଅନସାରୀଙ୍କୁ ଦୁଇ ବର୍ଷରୁ ଅଧିକ ଦଣ୍ଡ ଦିଆଯାଇଥାନ୍ତା, ତେବେ ତାଙ୍କୁ ତାଙ୍କ ବିଧାନସଭା ଆସନ ଛାଡ଼ିବାକୁ ପଡ଼ିଥାନ୍ତା। ଅଥଚ, ମାଉର ସିଜେଏମ କୋର୍ଟ ତାଙ୍କୁ ଠିକ ଦୁଇ ବର୍ଷ ଜେଲଦଣ୍ଡ ଦେଇଛନ୍ତି। ୨୦୨୨ ମସିହାରେ ଉତ୍ତର ପ୍ରଦେଶର ମାଉରେ ବିଧାନସଭା ନିର୍ବାଚନ ସମୟରେ, ସୁଭସପା ବିଧାୟକ ଅବ୍ବାସ ଅନସାରୀ ଏକ ସାଧାରଣ ସଭାକୁ ସମ୍ବୋଧିତ କରି କହିଥିଲେ ଯେ ସରକାର ଗଠନ ହେବା ପରେ ସେ ଅଧିକାରୀଙ୍କ ଯତ୍ନ ନେବେ। ଏହା ପରେ ଅବ୍ବାସ ଅନସାରୀଙ୍କ ବିରୁଦ୍ଧରେ ଅପରାଧିକ ଧମକ, ନିର୍ବାଚନ ଅଧିକାରର ଅପବ୍ୟବହାର, ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା, ସରକାରୀ କର୍ମଚାରୀଙ୍କୁ ଧମକ ଦେବା, ଧର୍ମ-ଜାତି ଆଧାରରେ ବିଦ୍ୱେଷ ପ୍ରସାର କରିବା ଏବଂ ଷଡ଼ଯନ୍ତ୍ର କରିବା ଅଭିଯୋଗରେ ମାମଲା ରୁଜୁ ହୋଇଥିଲା।

# ଆକ୍ରାନ୍ତଙ୍କ ସଂଖ୍ୟା ୨୭ ଶହ ପାର୍, ୭ ମୃତ



**ନୂଆଦିଲ୍ଲୀ,୩୧।୫:** ସାରା ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ପୁଣି ୫୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହାସହ କରୋନାର ନୂଆ ପ୍ରଜାତି ସଂକ୍ରମଣରେ ୭ ଜଣଙ୍କ ଜୀବନ ଯାଇଛି । କରୋନା ସଂକ୍ରମିତ ରାଜ୍ୟ ମଧ୍ୟରେ ସବୁଠାରୁ ଆଗରେ ରହିଛି କେରଳ। ଏଠାରେ ଏପର୍ଯ୍ୟନ୍ତ ୧୧୪୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହି ତୁଳନାରେ ଓଡିଶାରେ ସଂକ୍ରମିତଙ୍କ ସଂଖ୍ୟା ମାତ୍ର ୮ ଜଣ । ଏହାସହ ଦେଶରେ ଏପର୍ଯ୍ୟନ୍ତ ମୋଟ ୨୭୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅନ୍ୟପଟେ କରୋନା ସଂକ୍ରମଣରେ ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରୁ ସର୍ବାଧିକ ବୟସ୍କ ଲୋକ ବୋଲି ଜଣାପଡିଛି। ସାରା ଦେଶରେ ୨୬ ତାରିଖ ସୁଦ୍ଧା ୧୦୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୩୦ ତାରିଖ ସୁଦ୍ଧା ଏହି ସଂଖ୍ୟା ବୃଦ୍ଧି ପାଇ ୧୭୧୦ ରେ ପହଂଚିଛି । ସିକ୍କିମରେ କୌଣସି ସଂକ୍ରମିତ ଚିହ୍ନଟ ହୋଇନଥିବା ବେଳେ ବିହାରରୁ ସଂକ୍ରମିତଙ୍କ ଡାଟା ଆସିନାହିଁ । ଦିଲ୍ଲୀ, ଗୁଜରାଟ, କର୍ଣ୍ଣାଟକ, ପଞ୍ଜାବ, ତାମିଲନାଡୁରେ ଗତ ୨୪ ଘଣ୍ଟା ମଧ୍ୟରେ ଜଣେ ଲେଖାଏଁ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ମହାରାଷ୍ଟ୍ରରେ ୨ ଜଣ ପଞ୍ଜାବରେ ଜଣେ ବ୍ୟକ୍ତି କରୋନା ଭୂତାଣୁ ସଂକ୍ରମଣରେ ମୃତ୍ୟୁବରଣ କରିଛନ୍ତି ।

# କର୍ଣ୍ଣାଟକରେ କମଲଙ୍କ ଫିଲ୍ମ ବ୍ୟାନ୍

**କର୍ଣ୍ଣାଟକ,୩୧।୫:** ସରକାର ଅଭିନେତା କମଲ ହାସନଙ୍କ ସମସ୍ତ ଚଳଚ୍ଚିତ୍ରକୁ ରାଜ୍ୟରେ ନିଷିଦ୍ଧ କରିବାକୁ ନିଷ୍ପତ୍ତି ନେଇଛନ୍ତି । କମଲ ହାସନ କନ୍ନଡ଼ ଭାଷା ଓ ସଂସ୍କୃତିକୁ ନେଇ ଏକ ବିବାଦୀୟ ମନ୍ତବ୍ୟ ଦେବା ପରେ ଆସିଛି।



ଅନ୍ୟପଟେ ଏହି ପ୍ରସଙ୍ଗକୁ ନେଇ କମଲ ହାସନ କ୍ଷମା ମାଗିବାକୁ ସ୍ପଷ୍ଟ ମନା କରିଦେଇଛନ୍ତି । ଅନ୍ୟପଟେ କର୍ଣ୍ଣାଟକର ସଂସ୍କୃତି ମନ୍ତ୍ରୀ ବି. ନାଗେନ୍ଦ୍ର କହିଛନ୍ତି, କମଲ ହାସନଙ୍କ ମନ୍ତବ୍ୟ କନ୍ନଡ଼ ଭାଷାଭାଷୀ ଲୋକଙ୍କ ଆତ୍ମସମ୍ମାନକୁ ଆଘାତ ଦେଇଛି । ସେ କ୍ଷମା ନମାଗିବା ଯାଏ ତାଙ୍କ ଅଭିନୀତ ଚଳଚ୍ଚିତ୍ର ରାଜ୍ୟରେ ପ୍ରଦର୍ଶିତ ହେବ ନାହିଁ । ଏହି ବିବାଦ ଗତ ସପ୍ତାହରେ ଆରମ୍ଭ ହୋଇଥିଲା, ଯେତେବେଳେ କମଲ ହାସନ ଏକ ସାକ୍ଷାତକାରରେ କହିଥିଲେ, କନ୍ନଡ଼ ଫିଲ୍ମ ଇଣ୍ଡଷ୍ଟ୍ରି ଦକ୍ଷିଣ ଭାରତର ଅନ୍ୟ ରାଜ୍ୟ ତୁଳନାରେ ପଛରେ ରହିଛି । ଏହି ମନ୍ତବ୍ୟକୁ ନେଇ କର୍ଣ୍ଣାଟକରେ ବିକ୍ଷୋଭ ଓ ରାଜନୈତିକ ବିବାଦ ସୃଷ୍ଟି ହୋଇଥିଲା । କନ୍ନଡ଼ ସାଂସ୍କୃତିକ ସଂଗଠନ ଓ ଚଳଚ୍ଚିତ୍ର ଶିଳ୍ପର କଳାକାରମାନେ ଏହାକୁ ଅପମାନଜନକ ବୋଲି କହି ଅଭିନେତାଙ୍କୁ କ୍ଷମା ମାଗିବାକୁ ଦାବି କରିଥିଲେ। କମଲ ହାସନ କହିଛନ୍ତି, ମୋର ମନ୍ତବ୍ୟକୁ ଭୁଲ ବୁଝାଯାଇଛି । ମୁଁ କନ୍ନଡ଼ ସଂସ୍କୃତିକୁ ଅସମ୍ମାନ କରିବାକୁ ଚାହିନଥିଲି। ଏହି ନିଷ୍ପତ୍ତି କର୍ଣ୍ଣାଟକରେ କମଲ ହାସନଙ୍କ ଆଗାମୀ ଚଳଚ୍ଚିତ୍ର ଓ ଚଳଚ୍ଚିତ୍ର ଶିଳ୍ପରେ ପ୍ରଭାବ ପକାଇପାରେ ।

# ଇଣ୍ଡୋନେସିଆରେ ଭୁଶୁଡ଼ି ପଡ଼ିଲା ପଥର ଖଣି, ୧୦ ମୃତ୍ୟୁ

**ଜାକାର୍ତ୍ତା,୩୧।୫:** ଇଣ୍ଡୋନେସିଆର ପଶ୍ଚିମ ଜାଭା ପ୍ରଦେଶର ସିରେବନ୍ ଜିଲ୍ଲାରେ ଗତକାଲି ଅର୍ଥାତ୍ ଶୁକ୍ରବାର ଦିନ ପଥର ଖଣିରେ ଏକ ବଡ଼ ପଥର ଭୁଶୁଡ଼ି ପଡିଛି। ଯାହା ଯୋଗୁଁ ଅତି କମରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୬ ଜଣ ଶ୍ରମିକ ନିଖୋଜ ଅଛନ୍ତି। ସ୍ଥାନୀୟ କର୍ତ୍ତୃପକ୍ଷ ଏହି ଦୁଃଖଦ ଦୁର୍ଘଟଣାକୁ ନିଶ୍ଚିତ କରିଛନ୍ତି । ସ୍ଥାନୀୟ ପୋଲିସ ମୁଖ୍ୟ ସୁମାର୍ନି କହିଛନ୍ତି ଯେ ଖଣିର ଉପର ଅଂଶ ହଠାତ୍ ଭୁଶୁଡ଼ି ପଡ଼ିବାରୁ ଦୁର୍ଘଟଣା ଘଟିଥିଲା। ଘଟଣା ସମୟରେ ସେଠାରେ ଦୁଇ ଡଜନରୁ ଅଧିକ ଶ୍ରମିକ କାମ କରୁଥିଲେ। ଦୁର୍ଘଟଣା ପରେ ଅନେକ ଲୋକ ଭଗ୍ନାବଶେଷ ତଳେ ଚାପି ହୋଇ ରହିଥିଲେ। ଘଟଣାସ୍ଥଳରେ ରିଲିଫ୍ ଏବଂ ଉଦ୍ଧାର ଦଳ କାର୍ଯ୍ୟ କରୁଛନ୍ତି । ପ୍ରାଥମିକ ସୂଚନା ଅନୁଯାୟୀ, ଉଦ୍ଧାରକାରୀ ଦଳ ଏପର୍ଯ୍ୟନ୍ତ ୧୨ ଜଣ ଆହତଙ୍କୁ ବାହାର କରିଛନ୍ତି, ଯେଉଁମାନଙ୍କ ମଧ୍ୟରୁ କିଛିଙ୍କ ଅବସ୍ଥା ଗୁରୁତର ରହିଛି । ସୁମାର୍ନି କହିଛନ୍ତି ଯେ, "ଆମେ ବର୍ତ୍ତମାନ ଖଣି ଭୁଶୁଡ଼ିବାର କାରଣ ତଦନ୍ତ କରୁଛୁ ଏବଂ ମାଲିକ ଏବଂ ଶ୍ରମିକମାନଙ୍କୁ ପଚରାଉଚରା କରାଯାଉଛି,"।

# ଟିଭି ସିରିଏଲକୁ ଫେରିବେ ସ୍ମୃତି ଇରାନୀ

**ମୁମ୍ବାଇ,୩୧।୫:** ଭାରତୀୟ ଟେଲିଭିଜନର ଆଇକନିକ ଧାରାବାହିକ 'କ୍ୟୁଙ୍କି ସାସ ଭି କଭି ବହୁ ଥି'ର ଦ୍ୱିତୀୟ ସିଜନ ପାଇଁ ସୁଟିଂ ଆରମ୍ଭ ହୋଇଛି। ଏହି ଧାରାବାହିକରେ ତୁଳସୀ ବିରାଣୀ ଚରିତ୍ରରେ ଘରେ ଘରେ ପରିଚିତ ହୋଇଥିବା ଅଭିନେତ୍ରୀ ତଥା ପୂର୍ବତନ କେନ୍ଦ୍ରୀୟ ମନ୍ତ୍ରୀ ସ୍ମୃତି ଇରାନୀ ପୁନର୍ବାର ଅଭିନୟ ଜଗତକୁ ଫେରୁଛନ୍ତି। ଏହି ସୁଟିଂ ଜେଡ ପ୍ଲସ ସୁରକ୍ଷା ମଧ୍ୟରେ ହେଉଥିବା ଜଣାପଡିଛି। ୨୦୦୦ ମସିହାରୁ ୨୦୦୮ ମସିହା ପର୍ଯ୍ୟନ୍ତ ଷ୍ଟାର ପ୍ଲସରେ ପ୍ରସାରିତ ଏହି ଧାରାବାହିକ ଭାରତୀୟ ଟେଲିଭିଜନରେ ହଲଚଲ ସୃଷ୍ଟି କରିଥିଲା। ଏକତା କପୁରଙ୍କ ବାଲାଜୀ ଟେଲିଫିଲ୍ମସ ଦ୍ୱାରା ନିର୍ମିତ ଏହି ଶୋ'ରେ ସ୍ମୃତି ଇରାନୀଙ୍କ ତୁଳସୀ ଚରିତ୍ର ଦର୍ଶକଙ୍କ ହୃଦୟରେ ଛାପ ଛାଡିବା ପରେ ଏବେ ଏହାର ଦ୍ୱିତୀୟ ସିଜନ ପାଇଁ ସୁଟିଂ ଆରମ୍ଭ ହୋଇଛି, ଯେଉଁଥିରେ ସ୍ମୃତି ପୁନର୍ବାର ତୁଳସୀ ଭାବେ ଦେଖାଦେବେ ବୋଲି ରିପୋର୍ଟରୁ ଜଣାପଡିଛି।

### ବାଂଲାଦେଶୀଙ୍କ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ

# 'ନୋ ମ୍ୟାନ୍ସ ଲ୍ୟାଣ୍ଡ'କୁ ପଠାଇଲେ ହିମନ୍ତ ସରକାର

**ନୂଆଦିଲ୍ଲୀ,୩୧।୫:** ଆସାମର ବିଜେପି ସରକାର ଆଜିକାଲି ଲୋକଙ୍କର ପରିଚୟ ନେଇ ଜୋରସାର କାମ କରିବା ଆରମ୍ଭ କରିଛି। ଯାହାଙ୍କୁ ଫରେନର୍ସ ଟ୍ରିବ୍ୟୁନାଲ 'ଅବୈଧ ବିଦେଶୀ' ଘୋଷିତ କରିଛି। ସରକାର ଏହି ଘୋଷିତ ବିଦେଶୀ ନାଗରିକଙ୍କୁ ଭାରତ-ବାଂଲାଦେଶ ସୀମାର 'ନୋ ମ୍ୟାନ୍ସ ଲ୍ୟାଣ୍ଡ' (ନିର୍ଜନ କ୍ଷେତ୍ର)କୁ ବଳପୂର୍ବକ ପଠାଉଛନ୍ତି। ୨୭ ଓ ୨୯ ମଇରେ ଆସାମର ପଶ୍ଚିମ ଓ ଦକ୍ଷିଣ ଭାଗରେ ଅତି କମ୍‌ରେ ୪୯ ଜଣଙ୍କୁ ଏଭଳି ପଠାଯାଇଛି। 'ଟାଇମ୍ସ ଅଫ୍ ଇଣ୍ଡିଆ'ର ରିପୋର୍ଟ ଅନୁସାରେ, ଏହାପରେ ଅତି କମ୍‌ରେ ତିନି ଆବେଦନକାରୀ ସୁପ୍ରିମକୋର୍ଟ ଓ ଗୌହାଟି ହାଇ କୋର୍ଟରେ ଆବେଦନ ଦାଖଲ କରିଥିଲେ। ଯେଉଁଥିରେ ତାଙ୍କ ପରିବାର ସୂଚନା ମଗାଯାଇଥିଲା। ଏହି ଅଭିଯାନ ଉପରେ ରୋକ ଲଗାଇବାର ମଧ୍ୟ ଦାବି କରାଯାଇଥିଲା। ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଶୁକ୍ରବାର କହିଛନ୍ତି, ଏ ପର୍ଯ୍ୟନ୍ତ ଟ୍ରିବ୍ୟୁନାଲ ଦ୍ୱାରା ବିଦେଶୀ ଘୋଷିତ କରାଯାଇଥିବା ୩୦ ହଜାର ଲୋକ 'ଗାଏବ' ଅଛନ୍ତି। ଏନଆରସି ଅପଡେଟ୍ ବେଳେ ଏହି ପକ୍ରିୟା ବନ୍ଦ ଥିଲା। ଏବେ ଆମେ ଏହାକୁ ବଢାଇବାର ନିଷ୍ପତ୍ତି ନେଇଛୁ। ଯେତେବେଳେ ଆମକୁ କୌଣସି ଘୋଷିତ ବିଦେଶୀ ମିଳେ, ଆମେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ।' ଆସାମ ସ୍ପଷ୍ଟ କରିଛି ଆଗାମୀ ଦିନରେ ଏଭଳି ବହୁ 'ପୁଶ ବ୍ୟାକ୍' କାର୍ଯ୍ୟାନୁଷ୍ଠାନ ହେବ। କେହି ବି ଘୋଷିତ ବିଦେଶୀ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟରେ ଅପିଲ କରିପାରନ୍ତି। ଯଦି କେହି ଅପିଲ ନକରନ୍ତି ତେବେ ଭାରତରେ ରହିବାର, ତାଙ୍କ ଅଧିକାର ଶେଷ ହୋଇଯିବ। ଯଦି ସେମାନେ ଦେଖାଯାଆନ୍ତି ତେବେ ତାଙ୍କୁ ଅପିଲ କରୁଛୁ ଆମେ ତାଙ୍କୁ ଛାଡିବୁନି। ନ୍ୟାୟପାଳିକା ଦ୍ୱାରା କୌଣସି ଟ୍ରିବ୍ୟୁନାଲ ଆଦେଶ ଉପରେ ଷ୍ଟେ ଦିଆଯାଇଛି, ତେବେ ସରକାର ତାଙ୍କର ସମ୍ମାନ କରୁଛନ୍ତି ଓ ଏଭଳି ଲୋକଙ୍କୁ ରହିବାକୁ ଦିଆଯାଉଛି। ବେଆଇନ ପ୍ରବାସୀଙ୍କ ଦୁଇଟି ବର୍ଗ ରହିଛି। ଗୋଟିଏ ହେଲା ଯେଉଁମାନେ ଏବେ ଭାରତରେ ପଶିଛନ୍ତି। ଅନ୍ୟଟି ହେଲା ଯାହାଙ୍କୁ ଟ୍ରିବ୍ୟୁନାଲ ଦ୍ୱାରା ବିଦେଶୀ ଘୋଷିତ କରାଯାଇଛି।



# ବାଜିଲା ସାଇରନ୍, ଚାରିଆଡେ ଧୂଆଁମୟ

### ପାକିସ୍ତାନ ସୀମାବର୍ତ୍ତୀ ରାଜ୍ୟରେ ଚାଲିଲା ମକ୍ ଡ୍ରିଲ୍




**ନୂଆଦିଲ୍ଲୀ,୩୧।୫:** ଗୃହ ମନ୍ତ୍ରଣାଳୟ (ଏମଏଚଏ)ର ନିର୍ଦ୍ଦେଶ ଅନୁଯାୟୀ, ଆଜି ଜମ୍ମୁ ଏବଂ କାଶ୍ମୀର, ପଞ୍ଜାବ, ରାଜସ୍ଥାନ, ଗୁଜରାଟ, ହରିୟାଣା ଏବଂ ଚଣ୍ଡିଗଡ଼ରେ 'ଅପରେସନ୍ ସିଲ୍ଡ' ନାମକ ଏକ ନାଗରିକ ସୁରକ୍ଷା ଅଭ୍ୟାସ କରାଯାଇଥିଲା। ସମ୍ଭାବ୍ୟ ଯୁଦ୍ଧ କିମ୍ବା ବିପର୍ଯ୍ୟୟ ସମୟରେ ନାଗରିକ ପ୍ରତିରକ୍ଷାର ପ୍ରସ୍ତୁତି ପରୀକ୍ଷା କରିବା ପାଇଁ ଏହି 'ମକ୍ ଡ୍ରିଲ୍' ଆୟୋଜିତ ହୋଇଥାଏ। 'ମକ୍ ଡ୍ରିଲ୍' ଅଧୀନରେ, ବିଭିନ୍ନ କାର୍ଯ୍ୟରେ ନାଗରିକ ପ୍ରଶାସନକୁ ସହାୟତା କରିବା ପାଇଁ ନାଗରିକ ପ୍ରତିରକ୍ଷା ୱାର୍ଡେନ, ସ୍ଥାନୀୟ ପ୍ରଶାସନ କର୍ମଚାରୀ ଏବଂ ଏନସିସି, ଏନଏସଏସ, ଏନୱାଇକେଏସ, ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଭଳି ଯୁବ ସ୍ୱେଚ୍ଛାସେବକମାନଙ୍କୁ ସେମାନଙ୍କର ସେବା ପାଇଁ ଡକାଯାଇଥିଲା। ଜମ୍ମୁ-କଶ୍ମୀରର ଶ୍ରୀନଗରରେ ଡିସି ଅଫିସ ବାହାରେ ମକଡ୍ରିଲ୍ କରାଯାଇଥିଲା। ଅନ୍ୟପକ୍ଷେ ପଞ୍ଜାବର ଅମୃତସରରେ ମଧ୍ୟ ଏଭଳି ଅଭ୍ୟାସ କରାଯାଇଛି। ଅମୃତସରର କମାଣ୍ଡେଣ୍ଟ ଜସକରନ୍ ସିଂହ କହିଛନ୍ତି, ମକଡ୍ରିଲର ଉଦେଶ୍ୟ ଏହା ସମୀକ୍ଷା କରିବା ଯେ, ସବୁ ନାଗରିକ ସୁରକ୍ଷା ବିଭାଗ ପରସ୍ପର ସହ କିଭଳି ସମନ୍ୱୟ କରନ୍ତି। ବହୁ ଜିଲ୍ଲାରେ ଅଧିକ ବିପଦ ରହିଛି। କାରଣ ସେଠାରେ ପାକିସ୍ତାନ ସହ ସୀମା ସେୟାର କରିଥାଏ। ଯେପରିକି ଅମୃତସର, ପଠାନକୋଟ୍, ତରନତାରନ୍, ଗୁରୁଦାସପୁର, ଫିରୋଜପୁର ଓ ଫାଜିଲକା। ଏଭଳି ଭାବରେ ମକଡ୍ରିଲର ଉଦେଶ୍ୟ ସୁନିଶ୍ଚିତ କରିବା ଯେ, ଯୁଦ୍ଧ ଭଳି ସ୍ଥିତିରେ ପ୍ରଶାସନ ଚାଲୁ ରହୁ। ଏହା ସହ ପ୍ରାକ୍ଟିସ୍ କରିବା ଯେପରିକି ଏୟାରଷ୍ଟ୍ରାଇ୍, ଡ୍ରୋନ୍ ଆକ୍ରମଣ ବେଳେ ଘରେ କିଭଳି ସୁରକ୍ଷିତ ରହିବେ। ବ୍ଲାକଆଉଟ ବେଳେ ନିଜକୁ କିଭଳି ବଞ୍ଚାଇ ରଖିପାରିବେ ତାହା ହେଉଛି 'ଅପରେସନ୍ ଶିଲ୍ଡ' ମକ୍ ଡ୍ରିଲ୍ ସମୟରେ ଶତ୍ରୁପକ୍ଷର ବିମାନ, ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣର ସ୍ଥିତି ଦେଖାଯାଇଥିଲା। ଏହି ସମୟରେ, ବାୟୁସେନା ଏବଂ ନାଗରିକ ସୁରକ୍ଷା ନିୟନ୍ତ୍ରଣ କକ୍ଷ ମଧ୍ୟରେ ହଟଲାଇନ୍ ସକ୍ରିୟ କରାଯାଇଥିଲା। ଏହା ସହିତ, ବିମାନ ଆକ୍ରମଣର ସତର୍କତା ପାଇଁ ସାଇରନ୍ ମଧ୍ୟ ବଜାଯାଇଥିଲା। ଜମ୍ମୁ ଏବଂ କାଶ୍ମୀରର ଡୋଡାରେ ଏକ ମକ୍ ଡ୍ରିଲ୍ ଆୟୋଜନ କରାଯାଇଥିଲା।

### ● ପୋଲିସ ଆଗରେ ସତ ମାନିଲା ଚତୁର ଭିକାରୀ

# ଅଛନ୍ତି ୩ ସ୍ତ୍ରୀ, ୯ ପିଲା



**ବେଙ୍ଗାଲୁରୁ,୩୧।୫:** ଏକରୋଚକ ଘଟଣା ସାମ୍ନାକୁ ଆସିଛି। ଯାହାକୁ ଜାଣିଲା ପରେ ପୋଲିସ ମଧ୍ୟ ହୋଇଯାଇଛି ଆଶ୍ଚର୍ଯ୍ୟ । ୩୬ ବର୍ଷୀୟ 'ଭିକାରୀ'ଙ୍କର ଅଛନ୍ତି ୩ ଜଣ ସ୍ତ୍ରୀ। କେବଳ ସେତିକି ନୁହେଁ ତାଙ୍କର ୯ଟି ସନ୍ତାନ ବି ଅଛନ୍ତି। ଯେତେବେଳେ ପୋଲିସ ଏକ ମାମଲାରେ ଭିକାରୀକୁ ଗିରଫ କଲା ସେତେବେଳେ ପଦାକୁ ଆସିଲା ଅନେକ ରହସ୍ୟ କଥା । ହଁ ଆଜ୍ଞା । ଅଭିଯୁକ୍ତ ଭିକାରୀଙ୍କର ନାମ ହେଉଛି ବାବାଜାନ । ତେବେ ଅଭିଯୁକ୍ତ ଜଣକ ଭିକାରୀ ବେଶରେ ରହି ପାଲଟି ଥିଲା ଚତୁର ଚୋର । ନିଜେ ଚୋରିରେ ଧୁରନ୍ଧର ଥିବା ବେଳେ ନିଜ ପିଲାଙ୍କୁ ମଧ୍ୟ ଦେଉଥିଲା ଚୋରିର ଟ୍ରେନିଙ୍ଗ । ବାପ ପୁଅ ମିଶି କରୁଥିଲେ ଚୋରି । ତେବେ ଅଭିଯୁକ୍ତ ଚୋର ଠାରୁ ପୋଲିସ ୧୮ ଗ୍ରାମ ସୁନା ଅଳଙ୍କାର, ୫୫୦ ଗ୍ରାମ ରୁପା ଏବଂ ନଗଦ ୧୫୦୦ ଟଙ୍କା ଜବତ କରିଛି। ସୂଚନା ଅନୁସାରେ ଅଭିଯୁକ୍ତ ଜଣକ ଗତ ୮ ବର୍ଷ ଧରି ଚୋରି କରି ଆସୁଥିଲା । ସେ ଜଣେ ଭିକାରୀ ପରି ଜୀବନ ଯାପନ କରୁଥିଲେ ବି ନିଜ ସ୍ତ୍ରୀମାନଙ୍କୁ ଭଲରେ ରଖିଥିଲା। ଅଭିଯୁକ୍ତ ଜଣକ କହିବା କଥା, ଭିକାରୀ ଭାବେ ପରିବାର ଚଳାଇବା କଷ୍ଟକର ଥିବାରୁ ଚୋରି କରିବା ଆରମ୍ଭ କଲା । ଯାହା ପରେ ତାର ପେସା ପାଲଟି ଗଲା । ସୂଚନା ଅନୁସାରେ ଅଭିଯୁକ୍ତ ଜଣକ ଗତ ୮ ବର୍ଷ ଧରି ଚୋରି କରି ଆସୁଥିଲା । ସେ ଜଣେ ଭିକାରୀ ପରି ଜୀବନ ଯାପନ କରୁଥିଲେ ବି ନିଜ ସ୍ତ୍ରୀମାନଙ୍କୁ ଭଲରେ ରଖିଥିଲା। ଅଭିଯୁକ୍ତ ଜଣକ କହିବା କଥା, ଭିକାରୀ ଭାବେ ପରିବାର ଚଳାଇବା କଷ୍ଟକର ଥିବାରୁ ଚୋରି କରିବା ଆରମ୍ଭ କଲା । ଯାହା ପରେ ତାର ପେସା ପାଲଟି ଗଲା । ବାବାଜାନ ପୋଲିସ ଆଗରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ଖୁଲାସା କରିଥିଲା ନିଜ ପରିବାର ବିଷୟରେ । ତାହା ହେଉଛି ତାଙ୍କର ତିନିଟି ସ୍ତ୍ରୀ । ତିନି ପତ୍ନୀ ବେଙ୍ଗାଲୁରୁ, ଚିକ୍କାବଲ୍ଲପୁରା ଏବଂ ଶ୍ରୀରଙ୍ଗପାଟନାର ବୋଲି କହିଥିଲା । ସେ ତିନି ପତ୍ନୀଙ୍କ ସହ ଯୋଗାଯୋଗରେ ରହିଥିବା ପୋଲିସ ଆଗରେ କହିଥିଲା । ତାଙ୍କର ୯ଟି ପିଲା ଅଛନ୍ତି ଓ ସେ ସମସ୍ତଙ୍କର ଯତ୍ନ ମଧ୍ୟ ନିଏ ବୋଲି କହିଛି ।

# ବିବାହ ସାରି ଫେରୁଥିବା ବେଳେ ଖାଇକୁ ଖସିଲା କାର୍, ୫ ମୃତ

**ଉତ୍ତରପ୍ରଦେଶ,୩୧।୫:** ଉତ୍ତରପ୍ରଦେଶ ହରଦୋଇ ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ଘଟଣାରେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ଏକ ବିବାହ ଉତ୍ସବରୁ ଫେରୁଥିବା ବେଳେ କାର୍ ଅନିୟନ୍ତ୍ରିତ ହୋଇ ଖାଇରେ ଓଲଟି ପଡ଼ିଥିଲା। ଫଳରେ କାରରେ ଥିବା ୫ ଜଣଙ୍କ ଜୀବନ ଚାଲିଯାଇଥିଲା। ଘଟଣା ବିଷୟରେ ଖବର ପାଇଁ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି। ଆହତଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି। ଖବର ମୁତାବକ, ହରଦୋଇର ମଝିଲା ଥାନା ଅଞ୍ଚଳ ଗ୍ରାମ ଭୁଥ୍ୱା ପୁରବା ମୋଡ଼ ନିକଟରେ ଦୁର୍ଘଟଣା ଘଟିଛି। ପାଲୀ ଥାନା ଅଞ୍ଚଳର ପାଟିୟାନିମର ନୀରଜଙ୍କ ବରଯାତ୍ରୀକୁ ଯାଇଥିଲେ ଦୁର୍ଘଟଣାର ଶିକାର ହୋଇଥିବା ଲୋକ। ବିବାହ ସରିବା ପରେ ଫେରୁଥିବା ବେଳେ କାର୍ ଟି ଅନିୟନ୍ତ୍ରିତ ହୋଇ ଖାଇକୁ ଓଲଟି ପଡ଼ିଥିଲା। ଫଳରେ ଏଥିରେ ଥିବା ଲୋକଙ୍କ ମଧ୍ୟରୁ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ରହିଛନ୍ତି। ଘଟଣା ବିଷୟରେ ସୂଚନା ପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ହସପିଟାଲରେ ବ୍ୟବଚ୍ଛେଦ ପାଇଁ ପଠାଇଛି। ସେହିପରି ଆହତଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ନାଇଜେରିଆରେ ଭୟଙ୍କର ବନ୍ୟା, ୮୮ ଜଣଙ୍କର ମୃତଦେହ ଉଦ୍ଧାର



**ମୋକୱା,୩୧।୫:** ଲଗାଣ ବର୍ଷାରେ ବେହାଲ ନାଇଜେରିଆ। ଅସ୍ତବ୍ୟସ୍ତ ହୋଇପଡ଼ିଛି ଜନଜୀବନ । ଏଠାରେ ପ୍ରବଳ ବର୍ଷା ଯୋଗୁଁ ଅନେକ ଅଞ୍ଚଳ ଭୟଙ୍କର ବନ୍ୟା ପରିସ୍ଥିତିର ସମ୍ମୁଖୀନ ହୋଇଛି । ନାଇଜର ପ୍ରଦେଶର ମୋକୱା ସହରରେ ବନ୍ୟା ଯୋଗୁଁ ଅତି କମରେ ୮୮ ଜଣଙ୍କର ମୃତ୍ୟୁ ହୋଇଛି। ବନ୍ୟାରେ ଅନେକ ଲୋକ ନିଖୋଜ ଥିବା ମଧ୍ୟ କୁହାଯାଉଛି। ନାଇଜର ରାଜ୍ୟ ଜରୁରୀକାଳୀନ ପରିଚାଳନା ସଂସ୍ଥାର ମୁଖ୍ୟ ହୁସେନି ଇସା କହିଛନ୍ତି ଯେ ଅନେକ ଲୋକ ଏବେ ବି ଫସି ରହିଛନ୍ତି ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ମୃତ୍ୟୁ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି । କୁହାଯାଉଛି ଯେ ହଜାର ହଜାର ଲୋକ ଅସୁରକ୍ଷିତ ସ୍ଥାନରେ ଫସି ରହିଛନ୍ତି ଏବଂ ସେମାନଙ୍କ ପାଖରେ କୌଣସି ସାହାଯ୍ୟ ପହଞ୍ଚି ପାରୁନାହିଁ । ବହୁ ସଂଖ୍ୟକ ଲୋକ ନିଖୋଜ ହୋଇଥିବା ମଧ୍ୟ ରିପୋର୍ଟ ହୋଇଛି । ଏଥି ସହ ମୃତ୍ୟୁ ସଂଖ୍ୟା ଲଗାତାର ବଢ଼ିବାରେ ଲାଗିଛି । ଏପର୍ଯ୍ୟନ୍ତ ୮୮ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି ।

# 'ଅପରେସନ ସିନ୍ଦୁର'କୁ ନେଇ ଇଷ୍ଟାଗ୍ରାମରେ ବିବାଦୀୟ ପୋଷ୍ଟ ସେୟାର, ଗିରଫ ହେଲେ ଆଇନ ଛାତ୍ରୀ



**ମୁମ୍ବାଇ,୩୧।୫:** ପୁଣେ ଆଇନ ଛାତ୍ରୀ ଶର୍ମିଷ୍ଠା ପନୌଲିଙ୍କୁ ଗୁରୁଗ୍ରାମରୁ ଗିରଫ କରିଛି କୋଲକାତା ପୋଲିସ। ଅପରେସନ ସିନ୍ଦୁରକୁ ନେଇ ଇଷ୍ଟାଗ୍ରାମରେ ବିବାଦୀୟ ପୋଷ୍ଟ ସେୟାର କରିଥିଲେ ପୁଣେ ଆଇନ ଛାତ୍ରୀ। ଧାର୍ମିକ ଭାବନାକୁ ଆଘାତ ଦେବା ଅଭିଯୋଗ କାରଣରୁ ପୋଲିସ ତାଙ୍କୁ ଗିରଫ କରିଛି । ଯାହାର ଭିଡିଓ କରି ଶର୍ମିଷ୍ଠା ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି । ଭିଡିଓ ଭାଇରଲ ହେବା ପରେ କୋଲକାତା ଗାର୍ଡେନରିଚ୍ ପୋଲିସ ଷ୍ଟେସନରେ ମାମଲା ରୁଜୁ ହୋଇଛି । ଗିରଫ ପୂର୍ବରୁ ସେ ସୋସିଆଲ ମିଡିଆରେ କ୍ଷମା ପ୍ରାର୍ଥନା କରିବା ସହ ସମସ୍ତ ଭିଡିଓ ଏବଂ ପୋଷ୍ଟଗୁଡିକୁ ସୋସିଆଲ ମିଡିଆରୁ ହଟାଇ ଦେଇଥିଲେ । କିନ୍ତୁ କୋର୍ଟ ୱାରେଣ୍ଟ ଜାରି କରିଥିବାରୁ ତାଙ୍କୁ ପୋଲିସ ଗିରଫ କରିଛି । ସୂଚନାନୁଯାୟୀ, ଶର୍ମିଷ୍ଠା ଏକ ନିର୍ଦ୍ଦିଷ୍ଟ ଧର୍ମ ବିପକ୍ଷରେ ଯାଇ ମନ୍ତବ୍ୟ ଦେଇଥିଲେ। ଏପରି ଭିଡିଓ ଭାଇରଲ ହେବା ପରେ ଏକ ବିବାଦ ଦେଖା ଦେଇଥିଲା। କୋଲକାତାର ଗାର୍ଡେନରିଚ୍ ପୋଲିସ ଷ୍ଟେସନରେ ଏହି ମାମଲା ସଂପର୍କରେ ଅଭିଯୋଗ ଦାଖଲ କରାଯିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏପଟେ ବଲିଉଡ ଅଭିନେତାମାନେ 'ଅପରେସନ ସିନ୍ଦୁର'କୁ ନେଇ ନୀରବ ରହିଥିବାରୁ ସେମାନଙ୍କ ଉପରେ ଅଭିଯୋଗ ଆଣିଥିଲେ। ଯାହାକୁ ନେଇ ସେ ଟ୍ରୋଲର ଶିକାର ହୋଇଥିଲେ । ସେତିକି ନୁହେଁ ବରଂ ତାଙ୍କୁ ଧମକ ମଧ୍ୟ ଦିଆଯାଇଥିଲା । ତେଣୁ ସେ ପୋଷ୍ଟ ହଟାଇ ଦେଇଥିଲେ ଏବଂ କ୍ଷମା ମାଗିଥିଲେ । କିନ୍ତୁ ସେତେବେଳକୁ ତାଙ୍କୁ ବରୋଧରେ ଅଭିଯୋଗ ଦାଖଲ ହୋଇ ସାରିଥିଲା ।

### ● ପୂର୍ବୋତ୍ତର ରାଜ୍ୟରେ ପ୍ରବଳ ବର୍ଷା ସହ ଭୂସ୍ଖଳନ

# ୧୯ ମୃତ, ୧୨ ହଜାରରୁ ଅଧିକ ଲୋକ ପ୍ରଭାବିତ



**ନୂଆଦିଲ୍ଲୀ,୩୧।୫:** ଦେଶରେ ଆଗକୁ ପହଞ୍ଚିଥିବା ମୌସୁମୀ ଯୋଗୁ ପର୍ବୋତ୍ତର ରାଜ୍ୟରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଗତ ତିନି ଦିନରେ ପର୍ବୋତ୍ତରର ମଣିପୁର, ମିଜୋରାମ, ଆସାମ, ଅରୁମାଚଳ ପ୍ରଦେଶ, ତ୍ରିପୁରାରେ ଲଗାତାର ପ୍ରବଳ ବର୍ଷା, ଭୂସ୍ଖଳନ ଓ ବନ୍ୟାରେ ୧୯ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟପଟେ ୧୨ ହଜାରରୁ ଅଧିକ ପରିବାର ପ୍ରଭାବିତ ହୋଇଛି। ବର୍ଷା ଓ ବନ୍ୟାରେ ଘର ଭୁଶୁଡ଼ିବା ଯୋଗୁ ବହୁ ସଂଖ୍ୟାରେ ଲୋକେ ବାସହରା ହୋଇଛନ୍ତି । ପାଣିପାଗ ବିଭାଗ ସବୁ ରାଜ୍ୟ ପାଇଁ ଆଲର୍ଟ ଜାରି କରିଛି । ଦକ୍ଷିଣ ମିଜୋରାମର ଲଙ୍ଗତଲାଇ ସହରରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁ ପାଞ୍ଚଟି ଘର ଓ ଗୋଟିଏ ହୋଟେଲ ଭୁଶୁଡ଼ି ପଡ଼ିଛି । ଏଥିରେ ଅନେକ ଲୋକ ଫସିଛନ୍ତି । ଏସଆରଡିଏଫ୍ ଓ ତୃତୀୟ ଭାରତୀୟ ରିଜର୍ଭ ବାଟାଲିୟନର ଯବାନଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟ କରାଯାଉଛି। ଭୂସ୍ଖଳନ ଯୋଗୁ ରାଷ୍ଟ୍ରୀୟ ରାଜମାର୍ଗ-୫୪ରେ ଯାତାୟତ ବାଧାପ୍ରାପ୍ତ ହୋଇଛି । ଫଳରେ ମିଜୋରାମଠାରୁ ସୁଦୂର ଦକ୍ଷିଣ ଅଞ୍ଚଳ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି ।

ଏସୀୟ ଦୌଡ଼କୁଦ

# ପୂଜା, ନନ୍ଦିନୀ, ଗୁଲବୀରଙ୍କୁ ସ୍ୱର୍ଣ୍ଣ










ଗୁମି (ଦକ୍ଷିଣ କୋରିଆ), ୩୧।୫: ଚଳିତ ଏସୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଭାରତର ସ୍ୱର୍ଣ୍ଣ ପଦକ ଅଭିଯାନ ଜାରି ରହିଛି। ଶୁକ୍ରବାର ଭାରତୀୟ ଖେଳାଳି ଆଉ ୩ ସ୍ୱର୍ଣ୍ଣ ପଦକ ମଧ ଯୋଡ଼ିଛନ୍ତି। ମହିଳା ହାଇଜମ୍ପ୍‌ରେ ପୂଜା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ (୧.୮୯ ମିଟର୍) ସହ ସ୍ୱର୍ଣ୍ଣ ପଦକ ଜିତି ନିଜ ନାମରେ ଥିବା ୨୦ ବର୍ଷରୁ କମ୍ ଜାତୀୟ ରେକର୍ଡକୁ ପଛରେ ପକାଇଛନ୍ତି। ଭାରତକୁ ମଧ ଦୁଇ ଦଶନ୍ଧି ପରେ ଏହି ଇଭେଣ୍ଟ୍‌ରୁ ସ୍ୱର୍ଣ୍ଣ ପଦକ ମିଳିଛି। ବବି ଆଲୟସିସ୍ ୨୦୦୦ ମସିହାରେ ସ୍ୱର୍ଣ୍ଣ ଏବଂ ୨୦୦୨ ମସିହାରେ ରୌପ୍ୟ ପଦକ ଜିତିଥିଲେ। ଶୁକ୍ରବାର ପୂଜା ମଧ ବରିଷ୍ଠ ମହିଳା ବର୍ଗର ରେକର୍ଡ ପାଇଁ ୧.୯୨ ମିଟର୍ ପ୍ରୟାସ କରି ବିଫଳ ହୋଇଥିଲେ। ୨୦୧୨ ମସିହାଠାରୁ ଏହା ସହାନା କୁମାରୀଙ୍କ ନାମରେ ରହିଛି। ପୂଜାଙ୍କ ବ୍ୟତୀତ ଭାରତ ପାଇଁ ଅନ୍ୟ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ ଗୁଲବୀର ସିଂହ (୫୦୦୦ ମିଟର୍ ପୁରୁଷ ଦୌଡ଼) ଏବଂ ନନ୍ଦିନୀ ଅଗସରା (ହେପ୍ଟାଥଲନ୍)। ପାରୁଲ ଚୌଧୁରୀ ବି ଜାତୀୟ ରେକର୍ଡ ସହ ରୌପ୍ୟ ପଦକ ଜିତିଛନ୍ତି ୩୦୦୦ ମିଟର୍ ମହିଳା ଷ୍ଟିପଲ୍‌ଚେଜ୍‌ରେ।

ବ୍ୟକ୍ତିଗତ ଭାବେ ଗୁଲବୀର୍ ଗୁମିରେ ଯୁଗଳ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୂର୍ବରୁ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଭାବେ ଗୁଲବୀର ୧୦,୦୦୦ ମିଟର୍ ଦୌଡ଼ ଜିତିଥିଲେ। ଶୁକ୍ରବାର ସେ ୫,୦୦୦ ପୁରୁଷ ଦୌଡ଼ରେ ୧୩ ମିନିଟ୍ ୨୪.୭୮ ସେକେଣ୍ଡ୍ ସମୟ ସହ ନୂଆ ଚାମ୍ପିୟନସିପ୍ ରେକର୍ଡ ବି କରିଥିଲେ। ୨୦୧୫ ମସିହାରୁ ଏହି ରେକର୍ଡ ମହମ୍ମଦ ଅଲ୍ ଗର୍ମି (୧୩:୩୪.୪୭)ଙ୍କ ନାମରେ ଥିଲା। ବ୍ୟାଙ୍କକ୍‌ରେ ଅନୁଷ୍ଠିତ ଗତ ସଂସ୍କରଣ ଏସୀୟ ଦୌଡ଼କୁଦରେ ଏହି ଇଭେଣ୍ଟ୍‌ରେ ଗୁଲବୀର କାଂସ୍ୟ ଜିତିଥିଲେ। ଭାରତୀୟ ହେପ୍ଟାଥଲେଟ୍ ନନ୍ଦିନୀ ଅଗସରାଙ୍କ ମାଧମରେ ଭାରତ ଶୁକ୍ରବାରର ତୃତୀୟ ତଥା ଦେଶର ଅଷ୍ଟମ ସ୍ୱର୍ଣ୍ଣ ପଦକ ଜିତିଥିଲା। ସୋମା ବିଶ୍ୱାସ (୨୦୦୫) ଓ ସ୍ୱପ୍ନା ବର୍ମନ (୨୦୧୭)ଙ୍କ ପରେ ତୃତୀୟ ଭାରତୀୟ ହେପ୍ଟାଥଲେଟ୍ ଭାବେ ନନ୍ଦିନୀ ଏହି ଗୌରବ ଆଣିଛନ୍ତି। ଶୁକ୍ରବାରର ଅନ୍ତିମ ଇଭେଣ୍ଟ୍ ୮୦୦ ମିଟର ଶେଷରେ ନନ୍ଦିନୀ (୮୮୫) ଚୀନର ଲିୟୁ ଜିଙ୍ଗ (୭୫୯)ଙ୍କୁ ପରାସ୍ତ କରିଥିଲେ। ଏହି ଇଭେଣ୍ଟ୍‌ରେ ନନ୍ଦିନୀ ୨୧:୧୫.୫୪ ସମୟ ନେଇଥିବା ବେଳେ ଲିୟୁଙ୍କୁ ୨:୨୪.୮୭ ସମୟ ଲାଗିଥିଲା। ମହିଳା ୩୦୦୦ ମିଟର୍ ଷ୍ଟିପଲ୍‌ଚେଜ୍‌ରେ ପାରୁଲ ଚୌଧୁରୀ ୯ ମିନିଟ୍ ୧୨.୪୬ ସେକେଣ୍ଡ୍ ସହ ଜାତୀୟ ରେକର୍ଡ କରି ରୌପ୍ୟ ଜିତିଛନ୍ତି। ୨୦୨୩ ବ୍ୟାଙ୍କକ୍‌ରେ କିନ୍ତୁ ସେ ସ୍ୱର୍ଣ୍ଣ ଜିତିଥିଲେ। ଚଳିତ ମାସରେ ଦୋହା ଡାଏମଣ୍ଡ୍ ଲିଗ୍‌ରେ ପାରୁଲ ୯ ମିନିଟ୍ ୧୩.୩୯ ସେକେଣ୍ଡ୍ ସମୟ ସହ ଜାତୀୟ ରେକର୍ଡ କରିଥିବା ବେଳେ ୧୫ ଦିନ ଭିତରେ ପୁଣି ଥରେ ଏହାକୁ ପଛରେ ପକାଇଛନ୍ତି। କାଜାଖସ୍ତାନ ଯୋଡ଼ି ନୋରାହ ଜେରୁତୋ ତାନୁଇ (୯:୧୦.୪୬) ଓ ଡାଇସି ଜେପକେମେଇ (୯.୨୭.୫୧) ଯଥାକ୍ରମେ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ହାସଲ କରିଥିଲେ।

## ଅନିମେଶ ୨୦୦ ମିଟର୍ ଫାଇନାଲ୍‌ରେ

ଓଡ଼ିଶାର ଅନିମେଷ କୁଜୁର ଶୁକ୍ରବାର ପୁରୁଷ ୨୦୦ ମିଟର୍ ଫାଇନାଲ୍‌କୁ ମଧ ଉନ୍ନୀତ ହୋଇଛନ୍ତି। ପ୍ରାରମ୍ଭିକ ରାଉଣ୍ଡରେ ୨୦.୯୮ ସେକେଣ୍ଡ୍ ଏବଂ ସେମିଫାଇନାଲ୍‌ରେ ୨୦.୮୧ ସେକେଣ୍ଡ୍ ସମୟ ନେଇ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଅନ୍ୟତମ ଓଡ଼ିଆ ଶ୍ରାବଣୀ ନନ୍ଦ ସାମିଲ ଥିବା ମହିଳା ୧୦୦ ମିଟର୍ ରିଲେ ଦଳର ଅଭିଯାନ ମଧ ଶନିବାର ଆରମ୍ଭ ହୋଇଯିବ। ମୋଟ ୮ଟି ଇଭେଣ୍ଟ୍‌ର ଫାଇନାଲ୍‌ରେ ଭାରତୀୟ ଖେଳାଳି ରହିଛନ୍ତି। ଚତୁର୍ଥ ଦିନ ସୁଦ୍ଧା ଭାରତ ୮ ସ୍ୱର୍ଣ୍ଣ, ୭ ରୌପ୍ୟ, ୩ କାଂସ୍ୟ ସହ ୧୮ ପଦକ ଜିତି ଦ୍ୱିତୀୟ ସ୍ଥାନକୁ ବଜାୟ ରଖିଛି। ଚୀନ ୧୫ ସ୍ୱର୍ଣ୍ଣ ସହ ୨୬ ପଦକ ଜିତି ଶୀର୍ଷରେ ଥିବାବେଳେ ଭାରତ ପଛକୁ ଜାପାନ ୪ ସ୍ୱର୍ଣ୍ଣ ସହ ୨୪ ପଦକ ଜିତି ତୃତୀୟରେ ରହିଛି।

## ୪ ପଦକ ବିଜେତାଙ୍କୁ କିଟ୍‌ର ଅଭିନନ୍ଦନ

ଏସୀୟ ଦୌଡ଼ ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ କିଟ୍ ବିଶ୍ୱବିଦ୍ୟାଳୟର ୪ ଛାତ୍ରଛାତ୍ରୀ ପଦକ ଜିତି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଜ୍ୟୋତି ୟାରାଜୀ ୧୦୦ ମିଟର ବାଧାଦୌଡ଼ରେ ସ୍ୱର୍ଣ୍ଣ ଜିତିଥିଲା ବେଳେ ଧାବିକା ରୁପଲ ଚୌଧୁରୀ (ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ) ଯୁଗଳ ପଦକ କରାୟତ୍ତ କରିଛନ୍ତି। ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ରୌପ୍ୟ ଜିତିଥିବା ପାରୁଲ ମଧ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ। କିଟ୍‌ର ଛାତ୍ର ପ୍ରବୀଣ ଚିତ୍ରଭେଲ ପୁରୁଷ ଟ୍ରିପଲ୍ ଜମ୍ପ୍‌ରେ ରୌପ୍ୟ ଜିତି ବିଶ୍ୱବିଦ୍ୟାଳୟ ନାମକୁ ଆଗକୁ ନେଇଛନ୍ତି। ଏହି ସଫଳତା ଲାଗି କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଗର୍ବିତ ହେବା ସହ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ଏସୀୟ ଭାରୋତ୍ତୋଳନ ଟ୍ରାଏଲ୍ସରେ ୬ ଓଡ଼ିଆ

**ଭୁବନେଶ୍ୱର, ୩୧।୫ (ସଂଚାର ବ୍ୟୁରୋ):** ଜୁଲାଇ ୨ରୁ ୧୦ ତାରିଖ ପର୍ଯ୍ୟନ୍ତ କାଜାକସ୍ଥାନରେ ଏସୀୟ ଭାରୋତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଭାଗ ନେବାକୁ ଭାରତୀୟ ଦଳ ଚୟନ ପାଇଁ ଏକ ଟ୍ରାଏଲ୍ସ ପଟିଆଲାଠାରେ ଜୁନ୍ ୧ ଓ ୨ ତାରିଖରେ ହେବ। ଏଥି ଲାଗି ଓଡ଼ିଶାରୁ ୬ ଜଣ ମନୋନୀତ ହୋଇଛନ୍ତି। ସେମାନେ ହେଲେ ମୁକେଶ ଗମାଙ୍ଗୋ, ସଦାନନ୍ଦ ବରିହା, ହୃଦାନନ୍ଦ ଦାସ, ଜ୍ୟୋସ୍ନା ସବର, ମୀନା ସାନ୍ତା (ଏ), ବିଦୁସ୍ମିତା ଭୋଇ। ଏମାନଙ୍କ ସହ ହିସମ ଖଫାଜି ଓ ଗୋପାଳ ଦାସ ପ୍ରଶିକ୍ଷକ ଭାବେ ଗସ୍ତ କରିବେ। ଖେଳାଳିମାନଙ୍କୁ ଓଡ଼ିଶା ଭାରୋତ୍ତାଳନ ସଂଘ ସଭାପତି ଇଂ ଚିତ୍ତରଂଜନ ସ୍ୱାଇଁ ଶୁଭକାମନା ଜଣାଇଛନ୍ତି।




# ସିଙ୍ଗାପୁର ଓପନ୍ ସେମିରେ ସାତ୍ତ୍ୱିକ-ଚିରାଗ

ସିଙ୍ଗାପୁର, ୩୧।୫: ଭାରତର ଏକ ନମ୍ବର ପୁରୁଷ ଯୁଗଳ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଚଳିତ ସିଙ୍ଗାପୁର ଓପନ୍ ବିଡବ୍ଲ୍ୟୁଏଫ୍ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଶୁକ୍ରବାର କ୍ୱାର୍ଟରଫାଇନାଲ୍‌ରେ ଏହି ଭାରତୀୟ ଯୋଡ଼ି ୨୧-୧୭, ୨୧-୧୫ରେ ବିଶ୍ୱର ଏକ ନମ୍ବର ଯୋଡ଼ି ମାଲେସିଆର ଗୋଅ ଜି ଫେଇ ଓ ନୁର ଇଜୁଦ୍ଦିନ୍‌ଙ୍କୁ ହରାଇ ବିଦାୟର ରାସ୍ତା ଦେଖାଇଥିଲେ। ଫିଟ୍‌ନେସ୍ ଅସୁବିଧାରୁ ମୁକୁଳି ଫେରିଥିବା ସାତ୍ତ୍ୱିକ-ଚିରାଗ ଚମତ୍କାର ପ୍ରଦର୍ଶନ କରି ମ୍ୟାଚ୍‌କୁ ମାତ୍ର ୩୯ ମିନିଟ୍‌ରେ ଜିତି ନେଇଥିଲେ। ଉଭୟଙ୍କ ଏହା ଚଳିତ ଋତୁର ତୃତୀୟ ସେମିଫାଇନାଲ୍ ପ୍ରବେଶ। ପୂର୍ବରୁ ଏହି ଯୋଡ଼ି ମାଲେସିଆ ଓ ଇଣ୍ଡିଆନ୍ ଓପନ୍ ସେମିଫାଇନାଲ୍ ଖେଳିଥିଲେ।

# ଫ୍ରାନ୍ସ ଗଲେ ୯ପାରା ଅସୀଚାଳକ

**ଭୁବନେଶ୍ୱର, ୩୧।୫ (ସଂଚାର ବ୍ୟୁରୋ):** ଫ୍ରାନ୍ସରେ ଆୟୋଜିତ ସାଟେଲାଇଟ୍ ପାରା ଅସିଚାଳନା ପ୍ରତିଯୋଗିତା ଲାଗି ଭାରତୀୟ ଦଳ ଶୁକ୍ରବାର ଯାତ୍ରା କରିଛନ୍ତି। ଶନିବାରଠୁ ସୋମବାର ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତା ଲାଗି ମନୋନୀତ ୧୬ ଜଣିଆ ଦଳରେ ଓଡ଼ିଶାରୁ ୯ ଜଣ ରହିଛନ୍ତି। ସେମାନେ ହେଲେ ଭି. ରମେଶ ରାଓ, ରାଖାଲ୍ ସେଠୀ, ପୂଜାସ୍ୱିନୀ ନାୟକ, ମାଳତୀ ପାନୌରେ, ସିଲା ମନ୍ତ୍ରୀ, ପବିତ୍ର ସାହୁ, ମଧୁସ୍ମିତା ସାହୁ, ଓମ ପ୍ରକାଶ ବେହେରା ଓ ରୁଦ୍ରନାରାୟଣ ବେହେରା। ଓଡ଼ିଶା ପାରା ସ୍ପୋର୍ଟସ୍ ଆସୋସିଏସନର ସଭାପତି କମଳାକାନ୍ତ ରଥ କହିଛନ୍ତି, "ଓଡ଼ିଶାର ଖେଳାଳିମାନେ ଏହି ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଦେଶର ଗର୍ବ ବଢ଼ାଇବେ ବୋଲି ଆମେ ଆଶା କରୁଛୁ।"

# ଫ୍ରେଞ୍ଚ ଓପନ୍ ପ୍ରିକ୍ୱାର୍ଟରରେ ସାବାଲେଙ୍କା, ସ୍ୱିତେକ, ଝେଙ୍ଗ୍








ପ୍ୟାରିସ୍, ୩୧।୫: ବିଶ୍ୱର ଏକ ନମ୍ବର ମହିଳା ଖେଳାଳି ଆରିନା ସାବାଲେଙ୍କା, ରୋଲାଁ ଗ୍ୟାରୋସରେ ହ୍ୟାଟ୍ରିକ୍ ସହ ୪ ଟ୍ରଫି ଜିତିଥିବା ଇଗା ସ୍ୱିତେକ ଏବଂ ଅଲିମ୍ପିକ୍ ବିଜୟିନୀ ଝେଙ୍ଗ କ୍ୱିନ୍‌ୱେନ୍ ସହଜ ବିଜୟ ସହ ଚଳିତ ଫ୍ରେଞ୍ଚ୍ ଓପନ୍ ଟେନିସ୍ ପ୍ରତିଯୋଗିତାର ପ୍ରିକ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଶୁକ୍ରବାର ତୃତୀୟ ରାଉଣ୍ଡ୍ ମୁକାବିଲାରେ ୩ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ସାବାଲେଙ୍କା ୬-୨, ୬-୨ ସେଟ୍‌ରେ ସର୍ବିୟାର ଓଲଗା ଡାନିଲୋଭିକ୍‌ଙ୍କୁ ପରାସ୍ତ କରିଥିଲେ। ପ୍ରିକ୍ୱାର୍ଟରଫାଇନାଲ୍‌ରେ ଏହି ୨୭ ବର୍ଷୀୟା ବେଲାରୁଷ ମହିଳା ଷୋଡ଼ଶ ମାନ୍ୟତାପ୍ରାପ୍ତ ଆମଣ୍ଡା ଆନିସିମୋଭାଙ୍କୁ ଭେଟିବେ। ଆମେରିକାର ଆନିସିମୋଭା ୭-୬, ୬-୪ ସେଟ୍‌ରେ ଡେନ୍‌ମାର୍କର କ୍ଲାରା ତୌସେନଙ୍କୁ ହରାଇଥିଲେ। ପଞ୍ଚମ ମାନ୍ୟତାପ୍ରାପ୍ତ ପୋଲାଣ୍ଡର ସ୍ୱିତେକ ୬-୨, ୭-୫ ସେଟ୍‌ରେ ରୋମାନିଆର ଜାକ୍ଲିନ୍ କ୍ରିଷ୍ଟିଆନ୍‌ଙ୍କୁ ହରାଇଥିଲେ। ଏହି ବିଜୟ ସହ ୨୩ ବର୍ଷୀୟା ସ୍ୱିତେକ ମୋଟ ଉପରେ ଏଠାରେ ପଞ୍ଚମ ଓ ଷଷ୍ଠ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି ଦିଗରେ ଆଉ ଏକ ପାଦ ବଢ଼ାଇଛନ୍ତି। ଅଷ୍ଟମ ମାନ୍ୟତାପ୍ରାପ୍ତ ଚୀନ୍‌ର ଝେଙ୍ଗ୍ ୬-୩, ୬-୪ ସେଟ୍‌ରେ କାନାଡ଼ାର ଭିକ୍ଟୋରିଆ ଏମ୍‌ବୋକୋଙ୍କୁ ପରାସ୍ତ କରିଥିଲେ। ପରବର୍ତ୍ତୀ ରାଉଣ୍ଡରେ ସେ ରୁଷିଆର ଲିଉଦମିଲା ସାମସୋନୋଭାଙ୍କୁ ଭେଟିବେ। ସାମସୋନୋଭା ୬-୨, ୬-୩ ସେଟ୍‌ରେ ୟୁକ୍ରେନ୍‌ର ଡାୟାନା ୟାସ୍ତ୍ରିମସ୍କାଙ୍କୁ ମାତ୍ ଦେଇଥିଲେ।

**ତୃତୀୟ ରାଉଣ୍ଡରେ ଭାମ୍ବ୍ରି**

ଭାରତୀୟ ପୁରୁଷ ଯୁଗଳ ଖେଳାଳି ୟୁକି ଭାମ୍ବ୍ରି ଚଳିତ ଫ୍ରେଞ୍ଚ ଓପନ୍ ଟେନିସ୍ ପ୍ରତିଯୋଗିତାର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ୟୁକି ଓ ତାଙ୍କ ଆମେରିକୀୟ ସାଥୀ ରବର୍ଟ ଗାଲୋୱେ ୬-୭, ୭-୬, ୬-୩ ସେଟ୍‌ରେ ନ୍ୟୁଜିଲାଣ୍ଡର ମାଇକେଲ ଭେନସ ଓ କ୍ରୋଏସିଆର ନିକୋଲ ମେକ୍‌ଟିକ୍‌ଙ୍କୁ ପରାସ୍ତ କରିଥିଲେ। ତୃତୀୟ ରାଉଣ୍ଡରେ ଭାରତ-ଆମେରିକା ଯୋଡ଼ି ଆମେରିକୀୟ ଯୋଡ଼ି ଇଭାନ କିଙ୍ଗ୍ ଓ କ୍ରିଷ୍ଟିଆନ୍ ହାରିସନ୍‌ଙ୍କୁ ଭେଟିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବର୍ଷକୁ ...

ମଦର ବ୍ୟାପକତାକୁ ରୋକିବା ସକାଶେ ଅବକାରୀ, ଗୃହ ବିଭାଗ ଓ ନିଶା ନିୟନ୍ତ୍ରଣ ବ୍ୟୁରୋର ମିଳିତ ଉଦ୍ୟମରେ ଧରପଗଡ଼ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରାଯାଉଛି। ଏସ୍‌ଟିଏଫ୍‌କୁ କ୍ଷମତାପନ୍ନ କରାଯାଇ ତମାଖୁ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ମଧ୍ୟ ଉଦ୍ୟମ ହେଉଛି। ତମାଖୁ ସହ ସମସ୍ତ ପ୍ରକାର ନିଶାଦ୍ରବ୍ୟ ଉପରେ ଅଙ୍କୁଶ ଲଗାଇବାକୁ ଖୁବ୍‌ଶୀଘ୍ର ନୂତନ ଅବକାରୀ ନୀତି ପ୍ରଣୟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ରାଜ୍ୟବ୍ୟାପୀ ସଚେତନତା ଅଭିଯାନର ଲୋଗୋ, ଟିଭି ସ୍ପଟ୍, ଥିମ୍ ସଙ୍ଗ୍ ଓ ସୂଚନା ପୁସ୍ତିକା ଉନ୍ମୋଚିତ ହୋଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ଆଇନ, ଅବକାରୀ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ନିଶା ବ୍ୟବହାରର ଫଳ ହେଉଛି ମୃତ୍ୟୁ।

ତେଣୁ ଏଥିପ୍ରତି ସଚେତନତା ବୃଦ୍ଧି କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ତମାଖୁ, ମଦ, ଡ୍ରଗ୍‌ସର ବ୍ୟବହାର ଓ ପ୍ରସାର ରୋକିବା ପାଇଁ ଏଭଳି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଓଡ଼ିଶାରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଛି। ଆଗାମୀ ଦିନରେ ଅବକାରୀ ଆଇନରେ ଦୋଷୀ ପ୍ରତି ଦଣ୍ଡବିଧାନ ଆହୁରି କଡ଼ାକଡ଼ି ହେବ ବୋଲି ମନ୍ତ୍ରୀ କହିଥିଲେ। ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଈପ୍‌ସିତ ସମୃଦ୍ଧ ଓ ବିକଶିତ ଓଡିଶାରେ ଯେପରି ନିଶା ନଥିବ, ସେଥିପ୍ରତି ଆମେ ଆଜି ସଂକଳ୍ପ ନେବା ଉଚିତ। ନିଶାମୁକ୍ତି ଅଭିଯାନର ବ୍ରାଣ୍ଡ ଆମ୍ବାସଡର ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏହି ଅଭିଯାନକୁ ଘରେ ଘରେ ପହଞ୍ଚାଇବା ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ। କାର୍ଯ୍ୟକ୍ରମରେ ଅବକାରୀ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଭାଷଣ ଦେଇଥିଲେ ଓ ଓଡିଶା ପାନୀୟ ନିଗମର ପରିଚାଳନା ନିର୍ଦ୍ଦେଶକ ଅମ୍ବର କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାରୁ ଆଭାସୀ ମାଧ୍ୟମରେ ଜିଲ୍ଲାପାଳ, ଅବକାରୀ ଅଧୀକ୍ଷକମାନେ ଯୋଗ ଦେଇଥିଲେ।

## ଏଣିକି...

ଜାଣୁଥିଲେ, ଆଉ ସେ ଅଛୁଆଁ ହେଉଥିଲା। କିନ୍ତୁ ଏବେ ମଦ ଦୋକାନ ମନ୍ଦିର, ସ୍କୁଲ ପାଖରେ ବି ଖୋଲିଲାଣି। ତେଣୁ ଜନସାଧାରଣଙ୍କ ମଙ୍ଗଳ ପାଇଁ ଭୁବନେଶ୍ୱରରୁ ମଦ ବନ୍ଦ ଆରମ୍ଭ ହେଉ ବୋଲି ବିଧାୟକ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ କୋଭିଡ ସମୟରେ ମଦ ଦୋକାନ ବନ୍ଦ ହେଲା।

କିନ୍ତୁ ବ୍ୟବସାୟୀ ଲୋକଙ୍କ ଘରେ ମଦ ପହଞ୍ଚାଇଲେ। ପୁଲିସ ବାହିନୀ ମଧ୍ୟ ମଦ୍ୟପଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ବିଧାୟକ ଅପିଲ କରିଛନ୍ତି। ସବୁ ମଦୁଆକୁ ରାସ୍ତାରେ ମାଡ଼ ଦେବାକୁ ସମସ୍ତେ ସଂକଳ୍ପ ନେବା ଉଚିତ ବୋଲି ସେ କହିଛନ୍ତି। ୟୁପି, ବିହାରରେ ମଦ ବନ୍ଦ ହୋଇଥିବା ବେଳେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀ ଠୋସ୍ ପଦକ୍ଷେପ ସ୍ୱରୂପ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧାୟକ ଦାବି କରିଛନ୍ତି। ରାଜ୍ୟରେ ଘଟୁଥିବା ୫୦ ଅପରାଧର ପାଇଁ ମଦ ହିଁ ଦାୟୀ ବୋଲି ସେ କହିଛନ୍ତି।

## ଉଷାକୋଠି...

ପର୍ଯ୍ୟଟକଙ୍କ ସୁବିଧା ବୃଦ୍ଧି ଦିଗରେ ଡବଲ ଇଞ୍ଜିନ ସରକାର ନିରନ୍ତର ପଦକ୍ଷେପ ନେଉଛନ୍ତି। ଉଷାକୋଠି ଅଭୟାରଣ୍ୟର ବିକାଶ ନେଇ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଅନୁସାରେ କେନ୍ଦ୍ର ସରକାର ସହଯୋଗ କରିବେ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

## ବଢ଼ିଲା...

ବାବଦରେ ପାଉଥିବାବେଳେ ଏବେ ଏହି ପରିମାଣ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ବିଚାରପତିଙ୍କ କ୍ଷେତ୍ରରେ ଏହା ୨୦ ଲକ୍ଷରୁ ୨୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଦିବ୍ୟାଙ୍ଗମାନେ ଜୀବନସାରା ଫ୍ୟାମିଲି ପେନ୍‌ସନ ପାଇବେ। ଏହାବାଦ୍ ବିଧବା ଓ ସ୍ୱାମୀ ପରିତ୍ୟକ୍ତାମାନେ ଫ୍ୟାମିଲି ପେନ୍‌ସନ ପାଇବାକୁ ରହିଥିବା ବେଳେ ଦିବ୍ୟାଙ୍ଗ ଝିଅ ବାହାଘର ପରେ ଏଣିକି ପେନ୍‌ସନ ପାଇପାରିବେ। ଏହାବାଦ୍ ପେନ୍‌ସନ ନିୟମରେ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଅଣାଯାଇଛି ବୋଲି ଅର୍ଥ ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସୂଚନା ଦେଇଛନ୍ତି।

ଏହି ଅବସରରେ ଉଷାକୋଠି ଅଭୟାରଣ୍ୟରେ ଥିବା କୁତବ ଗ୍ରାମର ବାସିନ୍ଦାଙ୍କର ବିଭିନ୍ନ ସମସ୍ୟା ବିଷୟରେ କେନ୍ଦ୍ର ମନ୍ତ୍ରୀ ଆଲୋଚନା କରିଥିଲେ। ସେ କହିଥିଲେ ଯେ ଏହି ଅଞ୍ଚଳରେ ଜଙ୍ଗଲ ବିଭାଗର କଟକଣା କାରଣରୁ ନିତିଦିନିଆ ରାସ୍ତା ନଥିଲେ ହେଁ ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ। ଏଠାକାର ପିଲାଙ୍କ ଶିକ୍ଷାଦାନ ବ୍ୟବସ୍ଥା ସହ ଲୋକଙ୍କୁ ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ଗମନାଗମନ ଓ ଆନୁଷଙ୍ଗିକ ମୌଳିକ ସୁବିଧା ଯୋଗାଇଦେବା ନେଇ ମଧ୍ୟ ଶ୍ରୀ ପ୍ରଧାନ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ଅଞ୍ଚଳରେ ଲୋକଙ୍କ ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା କରିବାକୁ ମଧ୍ୟ ସେ ବନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭୟାରଣ୍ୟ ପରିସରରେ ଥିବା ଲୋକଙ୍କୁ ଉପଯୁକ୍ତ ସୁବିଧା ଯୋଗାଇବା ସହ ସେମାନଙ୍କର ସାମଗ୍ରିକ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

## ବଦଳିବ ...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି। ପୂର୍ବରୁ ବିଜେପି ସରକାର ରାଜ୍ୟରେ ପ୍ରଥମ ଥର ପାଇଁ କ୍ଷମତାକୁ ଆସିବା ପରେ ଅନେକ ଯୋଜନାର ନାମ ପରିବର୍ତ୍ତନ କରିସାରିଛି।

ତେବେ ମାଷ୍ଟର୍ କ୍ୟାଣ୍ଟିନ୍ ରାଜଧାନୀ ଭୁବନେଶ୍ୱରର ଏକ ପ୍ରମୁଖ ବ୍ୟାବସାୟିକ ସ୍ଥଳ ହୋଇଥିବାରୁ ଏହାର ନାମ ପରିବର୍ତ୍ତନ ସଂକ୍ରାନ୍ତ ବିଚାରବିମର୍ଶକୁ ଅନେକ ନାପସନ୍ଦ କରୁଛନ୍ତି।

କାରଣ ଏହି ସ୍ଥାନ ସହ ପିଢ଼ି ପରେ ପିଢ଼ି ଚିର ପରିଚିତ ଥିବାରୁ ଏହାର ନାମ ପରିବର୍ତ୍ତନ ଦ୍ୱାରା ଏହାର ଗୁରୁତ୍ୱ ହ୍ରାସ ପାଇବ ବୋଲି ମତ ଦେଉଛନ୍ତି। ସେହିପରି ଅନ୍ୟ କେତେକ ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦେଇ ନାମ ପରିବର୍ତ୍ତନ ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି। ସେମାନେ କହିଛନ୍ତି ଯେ ଇଂରେଜ ଅମଳର ନାମକୁ ପରିବର୍ତ୍ତନ କରି ଆମେ ଓଡ଼ିଶା ଭାବେ ପରିଚୟ ଦେବାର ସମୟ ଆସିଛି ବୋଲି ସେମାନେ ମତ ଦେଉଛନ୍ତି।

## ମିଳିନି...

ଦଳ ଓ ଓଡ଼ିଶାରୁ ଯାଇଥିବା ଦଳର ଉଦ୍ୟମ ସେତେଟା ଫଳବତୀ ହୋଇପାରିନାହିଁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ତାଙ୍କର କେତେକ ମନ୍ତ୍ରୀ ଓ ସାଂସଦ ନିଜ ନିଜର ଉଦ୍ୟମ ଅବ୍ୟାହତ ରଖିଛନ୍ତି।

ନିଖୋଜ ଓଡ଼ିଆଙ୍କ ମଧ୍ୟରେ ଇତିଶ୍ରୀଙ୍କ ବ୍ୟତୀତ ତାଙ୍କ ଦୁଇ ପୁଅ ଓ ଭାଉଜ ଅଛନ୍ତି। ପୂର୍ବରୁ ସେମାନଙ୍କର ଦୁଇ ଜଣ ଶିଶୁପୁତ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଇତିଶ୍ରୀଙ୍କ ପରିବାରର ଏହି ନିଖୋଜମାନଙ୍କୁ ସୁସ୍ଥ ଅବସ୍ଥାରେ ଉଦ୍ଧାର ନିମନ୍ତେ ମହାଦେବଙ୍କ ନିକଟରେ ଦୀପଦାନ କରିଛନ୍ତି ବିଜେପି ମହିଳା ମୋର୍ଚ୍ଚା ଏବଂ ବ୍ୟାସନଗର ବିଜେପିର କର୍ମକର୍ତ୍ତା।

ଅନ୍ୟପକ୍ଷରେ ଇତିଶ୍ରୀଙ୍କ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସହ ଆଜି ଆଲୋଚନା କରିଛନ୍ତି କୋରେଇ ବିଧାୟକ ଶ୍ରୀ ଦାସନାୟକ। ଏଥିସହ ଉଦ୍ଧାର ପରେ ଗ୍ୟାଙ୍ଗଟକ୍ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ତାଙ୍କ ପୁଅ ଓ ପୁତୁରାଙ୍କୁ ଉନ୍ନତ ମାନର ଚିକିତ୍ସା ସେବା ଯୋଗାଇଦେବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ବିଧାୟକ ଅନୁରୋଧ କରିଥିଲେ। ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ଦାସନାୟକ କହିଛନ୍ତି। ଏହି ଆଲୋଚନା ସମୟରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ଉପସ୍ଥିତ ଥିଲେ।

## ସରକାରଙ୍କୁ ...

ମନ୍ତ୍ରୀଙ୍କ ବକ୍ତବ୍ୟ ତ ସମସ୍ତେ ଶୁଣିଛନ୍ତି। ଆଳୁ ପ୍ରସଙ୍ଗରେ ସରକାରଙ୍କୁ ଅଡୁଆରେ ପକାଇବା ପାଇଁ ମନ୍ତ୍ରୀଙ୍କ ବିବୃତ୍ତି ବେଶ୍ କାମ ଦେଇଥିଲା। ଅଧିକାଂଶ ମନ୍ତ୍ରୀ ଗଣମାଧ୍ୟମରେ ପ୍ରତିକ୍ରିୟା ଦେବା ସମୟରେ ବିଭିନ୍ନ ପ୍ରଶ୍ନକୁ ଏଡ଼ାଇଯିବା କିମ୍ବା ବୁଦ୍ଧିବିଚାରି ଉତ୍ତର ଦେବା ବଦଳରେ ମନକୁ ଯାହା ଆସୁଛି କହି ଦେଉଛନ୍ତି। ସରକାରକୁ ବର୍ଷଟିଏ ପୂରିଥିବା ବେଳେ ଆଉ ପୂର୍ବ ସରକାର ମୁଣ୍ଡରେ ଦୋଷ ଲଦି ଖସିଯାଇପାରିବେ ନାହିଁ ବୋଲି ଖୋଦ ବିରୋଧୀମାନେ କହୁଛନ୍ତି। ତେଣୁ ମନ୍ତ୍ରୀଙ୍କ ଏଭଳି ହାଲୁକା ମନ୍ତବ୍ୟ ଏବେ ସରକାର ଓ ସରକାରୀ କଳକୁ ଅକଳରେ ପକାଇଦେଉଛି।

ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାର ଏକାଧିକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସରକାରଙ୍କ ସଫଳତାର ସବୁ ଖବର ଯେଭଳି ଲୋକେ ଜାଣିବେ ସେଥିପାଇଁ ଯୋଜନା ହୋଇଛି। ଏହି ସମୟରେ ଯଦି ଖୋଦ୍ ମନ୍ତ୍ରୀମାନେ ମୁହଁରେ ଲଗାମ ନଦିଅନ୍ତି, ତେବେ ବାପ ପୁଅ ରାତି ଅନିଦ୍ରା... ଭଳି ସ୍ଥିତି ଉପୁଜିବ ବୋଲି ଚର୍ଚ୍ଚା ଜୋର ଧରିଛି। ତେବେ ମୁଖ୍ୟମନ୍ତ୍ରୀ ଏଥିରେ ତୁରନ୍ତ ହସ୍ତକ୍ଷେପ କରିବା ସହିତ ମନ୍ତ୍ରୀମାନଙ୍କୁ ଡାକି ତାଗିଦା କରିବାକୁ ବି ମତ ପ୍ରକାଶ ପାଉଛି।

## ସତ ପ୍ରଚାର...

ଦାସଙ୍କ ତୁଣ୍ଡ ଖୋଲୁନି। ଓବିସି ବିରୋଧୀ ଆନ୍ଦୋଳନରେ ବି ପଦୁଟିଏ କହିଲେନି। ନିଜେ ନବୀନ ପଟ୍ଟନାୟକ ବି ଦଳର ପ୍ରଥମ ଆନ୍ଦୋଳନକୁ ଓହ୍ଲାଇନଥିଲେ। ସେହିଭଳି ବହୁ ବରିଷ୍ଠ ନେତା ପରିସ୍ଥିତି ସହ ଖାପ ଖୁଆଇ ଲାଙ୍ଗୁଡ ଯାକିଦେଇଛନ୍ତି। ଦଳ ତରଫରୁ ସବୁ ଦିନ ସେଇ ଦେବୀ ମିଶ୍ର, ଲେନିନ ମହାନ୍ତି, ପ୍ରଶାନ୍ତ ମୁଦୁଲି ଓ ନିଜ ଅରୁଣ ସାହୁଙ୍କ ପରି କିଛି ହାତଗଣତି ନେତା ମିଡିଆରେ ବାଡେଇ ଛାତି ହେଉଛନ୍ତି।

ପ୍ରତାପ ଦେବ, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ପୁଷ୍ପେନ୍ଦ୍ର ସିଂହଦେଓ, ରୋହିତ ପୂଜାରୀଙ୍କ ସହ ପୂର୍ବତନ ସାଂସଦମାନେ କାହିଁକି ପଦାକୁ ଆସୁନାହାଁନ୍ତି। ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସ୍ନେହାଙ୍ଗିନୀ ଛୁରିଆ, ପ୍ରମିଳା ମଲ୍ଲିକଙ୍କ ପରି ନେତାଙ୍କ ପାଖକୁ ମିଡିଆ ଗଲେ ବି ସେମାନଙ୍କ ବକ୍ତବ୍ୟକୁ ଗୁରୁତ୍ୱ ଦିଆଯାଉନି। ଯେଉଁଠି ଦଳର ମୁଖିଆ କି ଦଳର ବହୁ ବରିଷ୍ଠ ନେତା ସରକାରଙ୍କ ବିଫଳତାକୁ ନେଇ ମୁହଁ ଖୋଲିବାକୁ ନାରାଜ, ସେଠି ଅରୁଣଙ୍କ ନାଟକରେ କେଉଁମାନେ ଭାଗନେବେ ତାକୁ ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ।

ବିଜେଡିରେ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଏତେ ଭୟଙ୍କର ହୋଇଛି ଯେ କର୍ମୀଙ୍କର ନେତାଙ୍କ ଉପରେ ଭରସା ନାହିଁ କି ନେତାମାନେ କର୍ମୀଙ୍କୁ ବିଶ୍ୱାସକୁ ନେଇପାରୁନାହାଁନ୍ତି। ଯେଉଁସବୁ ପ୍ରସଙ୍ଗରେ ବିଜେଡି ବର୍ତ୍ତମାନର ବିଜେପି ସରକାରଙ୍କୁ ଘେରିବାକୁ ଯୋଜନା କରୁଛି, ଗତ ୨୪ ବର୍ଷ ଧରି ଶାସନରେ ଥିବା ବେଳେ କାହିଁକି ସମାଧାନ କରିନାହିଁ ବୋଲି ସମସ୍ତେ ପ୍ରଶ୍ନ କରୁଛନ୍ତି। ତେଣୁ ଏଠି କିଏ ସତ ପ୍ରଚାର କରୁଛି ଆଉ କିଏ ମିଛ ଜବାବ ଦେବ, ତାହା ଭବିଷ୍ୟତ ହିଁ କହିବ।

## ତାରିଖ...

ବିବରଣୀ, ସ୍ଥଗିତ ମାମଲା ସଂଖ୍ୟା, ଉଠାଯାଇଥିବା କାରଣ, କୋର୍ଟଙ୍କ ନିର୍ଦ୍ଦେଶ ସବୁକିଛି ସରକାରୀ ଓକିଲମାନେ ଉଲ୍ଲେଖ କରିବେ। ଗତ ମାର୍ଚ୍ଚ ମାସରେ ବିଧାନସଭାରେ ଆସିଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ହାଇକୋର୍ଟ ସମେତ ବିଭିନ୍ନ କୋର୍ଟରେ ପ୍ରାୟ ୨୦ ଲକ୍ଷ ୮୭ ହଜାର ୩୪୭ ମାମଲା ବିଚାରାଧୀନ ରହିଛି। ଆଉ ବର୍ଷ ବର୍ଷ ଧରି ଏହି ମାମଲାର ବିଚାର ବିଳମ୍ବିତ ହେବାର କାରଣ ବି ମାନିଛନ୍ତି ସରକାର। ସବୁଠୁ ବଡ଼ କାରଣ ହେଲା ଓକିଲଙ୍କ ଦ୍ୱାରା ବାରମ୍ବାର ତାରିଖ ଘୁଞ୍ଚାଇବା। ସାକ୍ଷୀ, ତଦନ୍ତକାରୀ ଅଧିକାରୀ ଓ ମେଡିକାଲ ଅଧିକାରୀଙ୍କ ଅନୁପସ୍ଥିତି ବି ଅନ୍ୟତମ ପ୍ରମୁଖ କାରଣ। ତେବେ ନୂଆ ଏସଓପି ମାମଲାଗୁଡିକର ତ୍ୱରିତ ବିଚାରରେ ସହଯୋଗ କରିବ ବୋଲି ଆଶା କରାଯାଉଛି। ଏଥିସହ ନୂଆ ଏସଓପି ବାବଦରେ ସମସ୍ତ ପିପି ଓ ଏପିପିଙ୍କୁ ସଚେତନ ଏବଂ ତାଲିମ ନେଇ ସୁନିଶ୍ଚିତ କରାଇବେ ଡିପିପି। ଖାଲି ସେତିକି ନୁହେଁ ନୂଆ ଏସଓପିର ଯେମିତି ଉଲ୍ଲଂଘନ ନହୁଏ, ସମୟ ସମୟରେ ତା'ର ସମୀକ୍ଷା ବି କରିବେ ଡିପିପି।

## ରାଜ୍ୟରେ ...

କିନ୍ତୁ ସେ ଅନ୍ୟାନ୍ୟ ବିଭିନ୍ନ ବ୍ୟାଧିରେ ପୀଡ଼ିତ ଥିବାରୁ ଏହା ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଆହୁରି ଖରାପ କରିଦେଇଥିଲା ଏବଂ ଶେଷରେ ଏହି ରୋଗଗୁଡ଼ିକ ହିଁ ତାଙ୍କ ମୃତ୍ୟୁର ମୁଖ୍ୟ କାରଣ ଥିବା କୁହାଯାଉଛି। ତେବେ ରାଜ୍ୟରେ ପ୍ରଥମ କରୋନା ସଂକ୍ରମିତଙ୍କ ମୃତ୍ୟୁ ହେବା ପରେ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଏ ଦିଗରେ ଯଦିଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କିଛି ସୂଚନା ଦିଆଯାଇନାହିଁ, କିନ୍ତୁ ତୁରନ୍ତ ସଂକ୍ରମଣ ରୋକିବା ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ଜନସାଧାରଣ ମତ ଦେଉଛନ୍ତି।

## 'ଅର୍ଗସ' ନ୍ୟୁଜର ଯୁବ ପ୍ରତିଭା ସମ୍ମାନ




**ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ):** ଯୁବ ଶକ୍ତି ହିଁ ଓଡ଼ିଶାର ଭବିଷ୍ୟତ। ସେମାନଙ୍କ ବିକାଶ ପାଇଁ ରାଜ୍ୟ ସରକାର ବହୁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସେଇ ଯୁବ ଶକ୍ତିକୁ ସମ୍ମାନିତ କରୁଥିବାରୁ ଅର୍ଗସ ପରିବାରକୁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଛନ୍ତି। ଆଜି ଅର୍ଗସ ନ୍ୟୁଜର ଯୁବ ପ୍ରତିଭା ସମ୍ମାନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବାରୁ ନିଜକୁ ଗର୍ବିତ ମନେକରୁଥିବା କହିଛନ୍ତି। ସେ କହିଛନ୍ତି ଯେ, ଯୁବ ପ୍ରତିଭା ସମ୍ମାନ କେବଳ ଏକ ପୁରସ୍କାର ସମାରୋହ ନୁହେଁ, ବରଂ ଓଡ଼ିଶାର ଯୁବ ଶକ୍ତିର ଉତ୍ସାହ, ସଂକଳ୍ପ ଓ ସଫଳତାର ଏକ ଉଜ୍ଜ୍ୱଳ ଉତ୍ସବ। ଯୁବ ଶକ୍ତି, ଓଡ଼ିଶାର ଭବିଷ୍ୟତ । ଆଜି ଆମେ ଏଠାରେ ଏକତ୍ରିତ ହୋଇଛୁ ଆମର ଯୁବ ପ୍ରତିଭାମାନଙ୍କୁ ସମ୍ମାନିତ କରିବା ପାଇଁ, ଯେଉଁମାନେ ନିଜର କଠିନ ପରିଶ୍ରମ, ନିଷ୍ଠା ଓ ସୃଜନଶୀଳତା ଦ୍ୱାରା ଓଡ଼ିଶାର ନାମକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉଜ୍ଜ୍ୱଳ କରିଛନ୍ତି। ଆପଣମାନେ ହେଉଛନ୍ତି ଆମ ରାଜ୍ୟର ଭବିଷ୍ୟତର ନିର୍ମାତା, ଯେଉଁମାନେ ଓଡ଼ିଶାକୁ ଏକ ନୂତନ ଉଚ୍ଚତାରେ ପହଞ୍ଚାଇବେ। ଓଡ଼ିଶା ଏକ ଐତିହାସିକ ଓ ସାଂସ୍କୃତିକ ସମୃଦ୍ଧ ରାଜ୍ୟ। ଆମର ପୂର୍ବଜମାନେ ଆମକୁ ଏକ ଗୌରବମୟ ଅତୀତ ଦେଇଛନ୍ତି, କିନ୍ତୁ ଏହାର ଭବିଷ୍ୟତ ଆପଣମାନଙ୍କ ହାତରେ। ଆପଣମାନେ କେବଳ ନିଜର ସ୍ୱପ୍ନକୁ ପୂରଣ କରୁନାହାନ୍ତି, ବରଂ ଓଡ଼ିଶାର ସ୍ୱପ୍ନକୁ ସାକାର କରୁଛନ୍ତି ବୋଲି ସେ କହିଛନ୍ତି। ସ୍ୱପ୍ନରୁ ସଫଳତା, ଓଡ଼ିଶାର ଯୁବକଙ୍କ କାହାଣୀ ।

## ବ୍ରହ୍ମପୁର ପୁଲିସକୁ ସଫଳତା, ୭ ଅପରାଧୀ ଗିରଫ



● ଦେଶୀ ବନ୍ଧୁକ, ପିସ୍ତଲ, ବୋମା, ଏଟିଏମ୍ କାର୍ଡ, ମଗାଜିନ୍, ଗାଡି, ଟଙ୍କା ଜବତ

**ବ୍ରହ୍ମପୁର, ୩୧।୫ (ସଂଚାର ବ୍ୟୁରୋ):** ସ୍ପେଶାଲ ଡ୍ରାଇଭ ବେଳେ ବ୍ରହ୍ମପୁର ପୁଲିସକୁ ସଫଳତା ମିଳିଛି। ପାଟ୍ରୋଲିଂ ବେଳେ ୭ଜଣ ଅପରାଧିଙ୍କୁ କାବୁ କରାଯାଇଛି। ବ୍ରହ୍ମପୁର ଗୋସାଇଁନୂଆଗାଁ ଥାନା ପକ୍ଷରୁ ୫ ଏବଂ ବୈଦ୍ୟନାଥପୁର ପୁଲିସ ଥାନା ଅଞ୍ଚଳରୁ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ୪ଟି ପିସ୍ତଲ ସହ ଗୋଟିଏ ଦେଶୀ ବନ୍ଧୁକ, ୪୦ରୁ ଉର୍ଦ୍ଧ୍ୱ ଗୁଳି, ୫ଟି ବୋମା, ୬ଟି ମୋବାଇଲ ଫୋନ, ୬ଟି ମାଗାଜିନ, ୨୨ଟି ଏଟିଏମ କାର୍ଡ, ଗୋଟିଏ ଗାଡି, ନଗଦ ଏକ ଲକ୍ଷ ୧୧ ହଜାର ୫ ଶହ ଟଙ୍କା ଜବତ ହୋଇଛି । ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଶ୍ରବଣ ବିବେକ ଏମ୍ ସୂଚନା ଦେଇଛନ୍ତି । ତେବେ ତଦନ୍ତ ବେଳେ ଖୋର୍ଦ୍ଧା ଅଞ୍ଚଳର ଅପରାଧୀ ବି ସାମିଲ ଥିବା ସୂଚନା ରହିଛି । ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା କହିଛନ୍ତି ଏସ୍‌ପି।

## ତାଳଦାରେ ହେବ ନୂତନ ଫାଣ୍ଡି

● ପୂର୍ବରୁ ଲକ୍ଷ୍ମୀଧର ବିଶ୍ୱାଳ କରିଥିଲେ ଆବେଦନ

**କାକଟପୁର/ଅସ୍ତରଙ୍ଗ, ୩୧।୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ତାଳଦା ପଂଚାୟତ ଅଂଚଳ ସମେତ ଜିଲ୍ଲାକୁ ଜିଲ୍ଲା ସଂଯୋଗ କରୁଥିବାରୁ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ପୁରୀ ଜିଲ୍ଲା ଓ ଜଗତସିଂହପୁର ଜିଲ୍ଲାକୁ ସଂଯୋଗ କରୁଥିବା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ତାଳଦା ପଂଚାୟତ ଦେଇ ଅପରାଧିକ କାର୍ଯ୍ୟକଳାପ ଘଟାଇ ଜିଲ୍ଲାରୁ ଜିଲ୍ଲା ପାର ହେବାକୁ ସହଜ ଓ ସୁବିଧା ହେଉଛି। ତେଣୁ ଏ ସବୁକୁ ଦୃଷ୍ଟିରେ ରଖି ଅସ୍ତରଙ୍ଗ ଅଞ୍ଚଳର ସମାଜସେବୀ ଡ଼ଃ ଲକ୍ଷ୍ମୀଧର ବିଶ୍ୱାଳ ଏ ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିବା ପରେ ଜନଶୁଣାଣୀରେ ନିଜ ଦାବୀ ଉପସ୍ଥାପନ କରିଥିଲେ। ଏହି ଦାବୀ ପାଇଁ ପୁରୀ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ପତ୍ର ସଂଖ୍ୟା ୭୮୪/ଇ ତାରିଖ ୧୩/ମାର୍ଚ୍ଚ /୨୫ରେ ଏକ ଆଉଟ ପୋଷ୍ଟ ଖୋଲିବା ପାଇଁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ ପତି ତାଳଦା ପଂଚାୟତ ସ୍ଥିତି ଅନୁଧ୍ୟାନ କରିବା ସହ ତାଳଦା ପଂଚାୟତ ହେଉଛି ୫ଟି ରାଜସ୍ୱ ଗ୍ରାମ ତାଳଦା, ଏଡ଼ବାଂଶ, ଡିହକରଡା, ପାଇଖଳା ଓ ରିଶୋଲ ଭଳି ଅଞ୍ଚଳ ଉପରେ ଫାଣ୍ଡିଟି ପ୍ରଶାସନିକ ନିୟନ୍ତ୍ରଣରେ ରହିବ। ଏହା ନିମାପଡା ସବଡିଭିଜନର ଅସ୍ତରଙ୍ଗ ପୁଲିସ ଷ୍ଟେସନ ଅଧୀନ କାର୍ଯ୍ୟକ୍ରମ କରିବ ବୋଲି ସୂଚନା। ଫାଣ୍ଡିଟି ଖୋଲିବା ସମ୍ପର୍କରେ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ପଠାଯାଇଛି। ଯାହାକି ନୂତନ ଫାଣ୍ଡି ଖୋଲିବା ଦ୍ୱାରା ପୁରୀ ଜିଲ୍ଲାରୁ ଜଗତସିଂହପୁର ଜିଲ୍ଲାକୁ ବିଭିନ୍ନ ନିଶା ଦ୍ରବ୍ୟ ରୋକିବା ସହ, ସଂଗଠିତ ଅପରାଧ, ଅର୍ଥନୈତିକ ଅପରାଧ, ନିଶା ଦ୍ରବ୍ୟ ସମ୍ପର୍କିତ ବିଭିନ୍ନ ଅପରାଧ ସମ୍ପର୍କରେ ଏହି ଫାଣ୍ଡି ଅନୁସନ୍ଧାନ କରି ପଦକ୍ଷେପ ନେବ।

## କାଜରୁଦ୍ରପୁର ସେବା ସମବାୟ ସମିତିରେ ରବି ଧାନମଣ୍ଡିର ଶୁଭାରମ୍ଭ

**ବାଲିଅନ୍ତା, ୩୧।୫ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ସେବା ସମବାୟ ସମିତି ପକ୍ଷରୁ ଆଜି ରବି ଧାନମଣ୍ଡି ଶୁଭାରମ୍ଭ ହୋଇଛି। ଏହି ଅବସରରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, କାକରୁଦ୍ରପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ସସ୍ମିତା ମଲ୍ଲିକ, ସମିତି ସଭ୍ୟା ମିଲିଲତା ବେହେରା, ଏରିଆ ଅଫିସର ଅମୀୟ କୁମାର ଖୁଣ୍ଟିଆ, ସମିତି ସଭାପତି ନୀଳକଣ୍ଠ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଣ୍ଡିର ଶୁଭାରମ୍ଭ କରିଥିଲେ। ସମିତି ସଂପାଦକ ହେମନ୍ତ କୁମାର ନାୟକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରବି ଋତୁରେ ମଣ୍ଡିରେ ମୋଟ ୩ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ନେଇ ଲକ୍ଷଧାର୍ଯ୍ୟ କରାଯାଇଥିବା ବେଳେ ଆଜି ମୋଟ ୪୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ସଂପାଦକ ଶ୍ରୀ ନାୟକ କହିଛନ୍ତି। ପ୍ରତି ସପ୍ତାହର ସୋମବାର ଓ ଶନିବାର ମଣ୍ଡିରୁ ଧାନ ସଂଗ୍ରହ କରାଯିବ। ପାରିବାସୁଦେଇପୁର ସ୍ଥିତ ସାନ୍ତୋଲିଆ ରାଇସ ମିଲ ମଣ୍ଡିରୁ ଧାନ କିଣିବ। ପରିଚାଳନା ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।



## ନିଷିଦ୍ଧାଞ୍ଚଳରେ ତମାଖୁ ବ୍ୟବସାୟ

# କାମ କରୁନି କୋଟପା ଆଇନ

▶ ଶିକାର ହେଉଛନ୍ତି ଅଳ୍ପ ବୟସର ଛାତ୍ରଛାତ୍ରୀ ଓ ଯୁବପିଢ଼ି
▶ ଖୁଲମ୍‌ଖୁଲ୍ଲା ଚାଲିଛି ନକଲି ଗୁଟଖା ବିକ୍ରି
▶ ବଢୁଛି ଫୁସଫୁସ, ହୃଦଘାତ, କର୍କଟ ରୋଗ

**କାକଟପୁର/ଅସ୍ତରଙ୍ଗ, ୩୧।୫ (ସଂଚାର ବ୍ୟୁରୋ) :** ଶିକ୍ଷାନୁଷ୍ଠାନ ହେବ ଗୁଟଖା ମୁକ୍ତ। ବିଦ୍ୟାଳୟ ଠାରୁ ୧ ସହ ମିଟର ଦୂର ପର୍ଯ୍ୟନ୍ତ କରାଯାଇପାରିବ ନାହିଁ ତମାଖୁ ବିକ୍ରି। ଏଥି ଲାଗି ଦଶ ବର୍ଷ ହେଲା ଲାଗୁ ହୋଇଛି କୋଟପା ଆଇନ। ତମାଖୁ ସେବନର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ମେ ୩୧ରେ ପାଳିତ ହେଉଛି ବିଶ୍ୱ ତମାଖୁ ବର୍ଜନ ଦିବସ। ହେଲେ ସ୍କୁଲ, ସ୍ୱାସ୍ଥ୍ୟକେନ୍ଦ୍ର ସମେତ ସରକାରୀ କାର୍ଯ୍ୟାଳୟ ନିକଟରେ ବ୍ୟବସାୟୀମାନେ ଖୁଲମଖୁଲା ଗୁଟଖା ବିକ୍ରି କରୁଛନ୍ତି। କୋଟପା ଆଇନି କାମ କରୁ ନଥିବା ବେଳେ ନିଷିଦ୍ଧାଞ୍ଚଳକୁ ତମାଖୁ ମୁକ୍ତ କରିବା ଲାଗି ଯେତେ ସବୁ ପ୍ରୟାସ ଫସର ଫାଟୁଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ବିଦ୍ୟାଳୟ ନିକଟରେ ଛୋଟ ପାନ ଦୋକାନରେ ତମାଖୁ ବିକ୍ରି ହେଉଛି। ଗୁଟଖା କାରଣରୁ ଅନେକ ସ୍ଥାନରେ ଫୁସଫୁସ, ହୃଦଘାତ, ମୁଖ କର୍କଟ ଦେଖିବାକୁ ମିଳୁଛି। ଏହି କାରଣରୁ ଅକାଳରେ ଝରି ପଡୁଛୁ ମୂଲ୍ୟବାନ ଜୀବନ। ବିଶେଷ କରି ଯୁବପିଢ଼ି ଏହାର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଏହାର କାରଣ କୋମଳମତି ବୟସରୁ ଗୁଟଖା ସେବନ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

ସ୍କୁଲ, କଲେଜ ନିକଟରେ ଅବାଧରେ ତମାଖୁ ବିକ୍ରି ହେଉଛି। ହାତ ପାଆନ୍ତାରେ ଗୁଟଖା ମିଳୁଥିବାରୁ ପିଲାମାନେ ଏହି ନିଶା କବଳରେ ପଡି ଯାଉଛନ୍ତି। ଥରେ ଅଭ୍ୟାସ ହୋଇଗଲେ ଛାଡିବା କଷ୍ଟକର ହୋଇପଡୁଛି। ରାଜ୍ୟରେ କୋଟପା, ଖାଦ୍ୟ ସୁରକ୍ଷା ଆଇନ ଲାଗୁ ହୋଇଥିଲେ ମଧ କୋହଳ କାର୍ଯ୍ୟାନୁଷ୍ଠାନ କାରଣରୁ ନିଷିଦ୍ଧାଞ୍ଚଳ ଗୁଟଖା ମୁକ୍ତ ହୋଇପାରୁନାହିଁ ।

ଅନ୍ୟ ପଟେ ଏହାର ସୁଯୋଗ ନେଇ ଅସ୍ତରଙ୍ଗ ଓ କାକଟପୁର ବଜାରରେ ହାଉଯାଉ ହେଉଛି ନକଲି ଗୁଟଖା। କମ୍ ଦାମ୍ ରେ ମିଳୁଥିବାରୁ ଏହାକୁ ତମାଖୁ ସେବନକାରୀ ବହୁଳ ମାତ୍ରାରେ ବ୍ୟବହାର କରୁଛନ୍ତି।ସଚେତନତା ଅଭାବ ରୁ ଏହା ସେମାନଙ୍କୁ ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ଆଡକୁ ଠେଲି ଦେଉଛି।ଏଭଳି ଅବାଧ ଗୁଟଖା ବିକ୍ରି ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ଦାବୀ କରିଛନ୍ତି।

### ନାମକୁ ମାତ୍ର ବିଶ୍ୱ ତମାଖୁ ବର୍ଜନ ଦିବସ



# ଜୟପୁର କେନ୍ଦ୍ରୀୟ ବିଦ୍ୟାଳୟରେ ଖୁବଶୀଘ୍ର ନାମଲେଖା

### ସ୍ୱାଭିମାନ ମଞ୍ଚର ଦୀର୍ଘ ଦିନର ସଂଘର୍ଷରୁ ମିଳିଲା ସୁଫଳ




**ବୋରିଗୁମ୍ମା/ଜୟପୁର, ୩୧।୫ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ଜୟପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନେଇ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ଜୟପୁର ସ୍ୱାଭିମାନ ମଞ୍ଚ ଏବଂ ଏହାକୁ ସମର୍ଥନ ଜଣାଇ ଅନ୍ୟାନ୍ୟ ସଂଗଠନ ଏବଂ ବ୍ୟକ୍ତି ବିଶେଷ ପକ୍ଷରୁ ମଧ ସହାୟତା କରାଯାଇଥିଲା। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସ୍ୱାଭିମାନ ମଞ୍ଚକୁ ସମର୍ଥନ ଏବଂ ବାରମ୍ବାର ଏଥିନେଇ ଜିଲ୍ଲାପାଳଙ୍କ ଠାରୁ ରାଜ୍ୟ ଓ କେନ୍ଦ୍ରୀୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ ଓ ଉଚ୍ଚ ଅଧିକାରୀଙ୍କୁ ସାକ୍ଷାତ କରିବା ସହ ଦାବି ଉପସ୍ଥାପନ କରିଥିଲେ। ଏହାପରେ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ, ରାଜ୍ୟ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ମଧ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ନେଇ ସ୍ୱାଭିମାନ ମଞ୍ଚ ପକ୍ଷରୁ ବାରମ୍ବାର ଦାବିପତ୍ର ପ୍ରେରଣ କରାଯାଇଥିଲା। ଶେଷରେ କୋରାପୁଟ ଜିଲ୍ଲା ଜୟପୁରଠାରେ ନୂତନ ଭାବେ ସ୍ଥାପନ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକାରୀ ହେବା ନେଇ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପକ୍ଷରୁ ଚିଠି ମାଧ୍ୟମରେ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ସୂଚନା ଦିଆଯାଇଛି।

ଆସନ୍ତା ଦୁଇଦିନ ମଧରେ ଛାତ୍ରଛାତ୍ରୀଙ୍କୁ ଶ୍ରେଣୀ ପ୍ରବେଶ ନେଇ ନାମଲେଖା ଏବଂ ଆସନ୍ତା ଏକ ମାସ ପର୍ଯ୍ୟନ୍ତ ଏହା ଜାରି ରହିବ। ସେହିପରି ପ୍ରଥମରୁ ୫ମ ପର୍ଯ୍ୟନ୍ତ ପ୍ରତ୍ୟେକ ଶ୍ରେଣୀର ୪୦ ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ଗ୍ରହଣ କରାଯିବ। ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରୀୟ ବିଦ୍ୟାଳୟ ଜୟପୁର ନିକଟସ୍ଥ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଥିବା ଭବନରେ ଅସ୍ଥାୟୀ ଭାବେ ବିଦ୍ୟାଳୟ ଶୁଭାରମ୍ଭ ହେବ। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୬ ଏକର ଜମି ବାଇପାସ୍ ରୋଡ ଏମସିସି ନିକଟରେ ପ୍ରଦାନ କରାଯାଇଥିବା ବେଳେ ଅତିଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ଶେଷ ହେବା ପରେ ବିଦ୍ୟାଳୟରୁ ହସ୍ତାନ୍ତର କରାଗଲେ ଉକ୍ତ ଭବନରେ ସ୍ଥାୟୀ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଶୁଭାରମ୍ଭ ହେବ। ଏହାକୁ ନେଇ ଜୟପୁରବାସୀ ଉତ୍ସାହିତ ହୋଇଛନ୍ତି।

## ତମାଖୁ ବର୍ଜନ ଦିବସରେ ମେଗା ସ୍ୱାସ୍ଥ୍ୟ ଶିବିର

**ବୋରିଗୁମ୍ମା, ୩୧।୫ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ବ୍ଲକ୍ କାଠରଗଡ଼ା ପ୍ରାଥମିକ ବିଦ୍ୟାଳୟ ଠାରେ ବିଶ୍ୱ ତମ୍ବାଖୁ ବର୍ଜନ ଦିବସ ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ତଥା ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ଅବିଭକ୍ତ କୋରାପୁଟ ବ୍ରାଞ୍ଚ ଦନ୍ତ ଚିକିତ୍ସକ ମାନଙ୍କ ଦ୍ୱାରା ଆୟୋଜନ କରାଯାଇଥିବା ଏହି ଶିବିରରେ ଜୟପୁର ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦାନ କରିଥିବା ସହ କିଛି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହି ଶିବିରରେ ସମୁଦାୟ ୨୭୮ ଜଣ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା । ସଭାପତି ଡ଼ଃ.ଅଶୋକ କୁମାର ଦାଶ, କୋଷାଧକ୍ଷ ଡ଼ଃ.ସିଦ୍ଧାନ୍ତ ନାୟକ କାର୍ଯକ୍ରମ ଟିକୁ ଆୟୋଜନ କରିଥିବା ବେଳେ ଅନ୍ୟ




ମାନଙ୍କ ମଧରେ ଡ଼ଃ ସୁରଭି ମହାନ୍ତି, ଡ଼ଃ ଦୀପନିତ ସରକାର, ଡ଼ଃ ପୂଜା ସରକାର, ଡ଼ଃ ସୂଚୀସ୍ମିତା ମହାପାତ୍ର, ଡ଼ଃ ଫୌଜିଆ ତନବୀର, ଡ଼ଃ. ସୂଚେତା ପି. ଡ଼ଃ. ବେହେରା , ଡ଼ଃ.ଆର୍.କେ.ବେଉରିଆ, ଡ଼ଃ. ପ୍ରତ୍ୟୁଶା ନନ୍ଦ, ଡ଼ଃ.ଅମିତ ଦାଶ, ଡ଼ଃ ଦେବ ଦେବାର୍ଚ୍ଚନ ପ୍ରମୁଖ ଯୋଗ ଦେଇଥିବା ବେଳେ ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ଃ. ଅରୁଣ କୁମାର ପାଢ଼ୀ ତଥା ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡ଼ଃ. ଦିଲ୍ଲୀପ କୁମାର ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ମାର୍ଗ ଦର୍ଶନରେ ତଥା କାଠରଗଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ଃ. ଶିବପ୍ରସାଦ ମହାରଣାଙ୍କ ସହଯୋଗରେ ଶିବିର ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି।



## ଇଜି ଆଗ୍ରୋ ଇଣ୍ଡଷ୍ଟ୍ରି ମାନୁଫ୍ୟାକଚରିଂ ୟୁନିଟ ଉଦଘାଟିତ

**ବାଲିଅନ୍ତା, ୩୧।୫ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ସ୍ଥିତ ଉତ୍ତରା ଠାରେ ନିରନ୍ତର କୃଷି ଏବଂ ପ୍ରାଣୀ ପାଳନକୁ ଆଗେଇ ନେବା ପାଇଁ ଇଜି ଆଗ୍ରୋ ଇଣ୍ଡଷ୍ଟ୍ରି ମାନ୍ୟୁଫାକଚରିଂ ୟୁନିଟ୍ ଆଜି ଉଦଘାଟିତ ହୋଇଯାଇଛି । ଯାହା ଆଧୁନିକ ପୋଲ୍ଟ୍ରି ଉପକରଣ ତିଆରି କରିବାରେ ଦେଶର ପୂର୍ବାଞ୍ଚଳର ଏକ ମାତ୍ର ଘରୋଇ ଶିଳ୍ପ ଭାବରେ ଗଣାଯାଉଛି । ଗ୍ରାମୀଣ ଜୀବିକା ଏବଂ କୃଷି ପଦ୍ଧତିରେ ପରିବର୍ତ୍ତନ ଆଣିବା ଦିଗରେ ଏହି ପଦକ୍ଷେପ ନିଆଯାଇଛି। ପଶୁ ପାଳନ କ୍ଷେତ୍ରରେ କୃଷକମାନଙ୍କୁ ସଶକ୍ତ କରିବା ସହ ସୁଲଭ ଦରରେ ଅତ୍ୟାଧୁନିକ ଉପକରଣ ସବୁ ଯୋଗାଇ ଦେବା ଏହାର ମୂଳ ଉଦ୍ଦେଶ୍ୟ। ତେବେ ପ୍ରାଣୀ ପାଳନ ଦିଗରେ ଏହାକୁ ଦେଶର ପୂର୍ବାଞ୍ଚଳ ଭାଗର ଏକ ମାତ୍ର ଘରୋଇ ସଂସ୍ଥା ଭାବରେ ଗଣାଯାଉଛି ଏବଂ ଏହା ଦେଶ ତଥା ରାଜ୍ୟର ଏକମାତ୍ର ସଂସ୍ଥା ଯେଉଁଠାରେ ପ୍ରାଣୀ ପାଳନରେ ବ୍ୟବହୃତ ହେଉଥିବା ସମ୍ପୂର୍ଣ୍ଣ ଉପକରଣ ପ୍ରସ୍ତୁତ କରାଯାଇ ଆଶାୟୀ ଉଦ୍ୟୋଗୀ ମାନଙ୍କୁ ଯୋଗାଇ ଦିଆଯାଉଛି। ସଂସ୍ଥାର ପ୍ରତ୍ୟକ୍ଷ ଟିମ ଦ୍ୱାରା ଆଶାୟୀ କୃଷି ଭାଇଙ୍କ ଘରେ ଫାର୍ମ ସେଟଅପର ସମସ୍ତ ସୁବିଧା ମଧ ଯୋଗାଇ ଦିଆଯାଉଛି । ଏହି ଉଦଘାଟନ ସମାରୋହରେ ସନ୍ତୋଷ ଦାଶ (ଚୀଫ୍ ମ୍ୟାନେଜର, ଏସ୍‌ଏମ୍‌ଇ ମଞ୍ଚେଶ୍ୱର ବ୍ରାଞ୍ଚ), ଅମିତ ବିକ୍ରମ ସାହୁ (ମ୍ୟାନେଜର, ଏସ୍‌ଏମ୍‌ଇ ମଞ୍ଚେଶ୍ୱର ବ୍ରାଞ୍ଚ), ରବି ଜିଡାଗା (ଚୀଫ୍ ମ୍ୟାନେଜର, ସେଣ୍ଟ୍ରାଲାଇଜ୍ଡ ଆଗ୍ରି ପ୍ରୋସେସିଂ ସେଲ), ସମ୍ବିତ ମହାନ୍ତି (ମ୍ୟାନେଜର, ସେଣ୍ଟ୍ରାଲାଇଜ୍ଡ ଆଗ୍ରି ପ୍ରୋସେସିଂ ସେଲ), ଉଦୟଭାନୁ ପାତ୍ର(ଚୀଫ୍ ମ୍ୟାନେଜର, ସିସିଆର୍‌ଡି) ଆଦି ବହୁ ବିଶିଷ୍ଟ ଅତିଥି ଓ ଶିଳ୍ପ ଉଦ୍ୟୋଗୀ ମାନେ ଉପସ୍ଥିତ ଥିଲେ। ଏହା ସହ ଅମିତ ପଣ୍ଡା, ବିକ୍ରମ ମହାପାତ୍ର, ଦେବଦତ୍ତ ସାହୁ, ରଶିଦ ଖାନ, ବିକାଶ ସାହୁ, ଜ୍ଞାନରଞ୍ଜନ, ସତ୍ୟବାନ ରାଉତ ଆଦି ଅନ୍ୟାନ୍ୟ ଆଗ୍ରଗାମୀ କୃଷକ ଓ ଉଦ୍ୟୋଗୀ ମାନେ ମଧ ଉପସ୍ଥିତ ଥିଲେ।

### ପରକୀୟା ପ୍ରୀତିର କରୁଣ ପରିଣତି

# ସ୍ୱାମୀଙ୍କୁ ହତ୍ୟାକରି ପୋଡ଼ିଦେଲା ସ୍ତ୍ରୀ, ସହଯୋଗ କଲା ପୁଅ


ବନପାଳଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

**ନୟାଗଡ଼, ୩୧।୫ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ପଞ୍ଚରିଡ଼ା ବନାଞ୍ଚଳ ଅନ୍ତର୍ଗତ ପଞ୍ଚରିଡ଼ା ବନପାଳଙ୍କୁ ତାଙ୍କ ଘରେ ହତ୍ୟା କରାଯାଇଛି' ବନପାଳ ଶିଶିର କୁମାର ସାହୁଙ୍କୁ ପିଟିପିଟି ହତ୍ୟା କରାଯିବା ପରେ ପ୍ରମାଣ ନଷ୍ଟ ତଥା ଆତ୍ମହତ୍ୟା ରୂପ ଦେବାକୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦିଆଯାଇଛି । ବନପାଳଙ୍କ ମୃତଦେହକୁ ନୟାଗଡ଼ ବାରମାସୀ ଦଣ୍ଡାରେ ରହିଥିବା ତାଙ୍କ ବାସଭବନରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ପୁଲିସ ଉଦ୍ଧାର କରିଛି। ଏହି ଘଟଣାରେ ପୁଲିସ ବନପାଳଙ୍କ ସ୍ତ୍ରୀ ନମିତା ସାହୁ, ପୁଅ ଅଭିଷେକ ରଣସିଂଙ୍କୁ ଅଟକ ରଖିଛି ।

ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତିରେ ଶିଶିରଙ୍କ ସହ ସ୍ତ୍ରୀ ଓ ପୁଅଙ୍କ ବଚସା ହୋଇଥିଲା। ଏହାକୁ ନେଇ ସ୍ତ୍ରୀ ଓ ପୁଅ ତାଙ୍କୁ ଲୁହା ପାଇପରେ ଆକ୍ରମଣ କରିଥିଲେ। ଲୁହା ପାଇପ ମାଡ଼ରେ ରକ୍ତାକ୍ତ ହୋଇ ବନପାଳ ଶିଶିର ଅଚେତ ହୋଇପଡ଼ିଥିଲେ। ସେ ମରି ଯାଇଥିବା ଭାବି ତାଙ୍କୁ ଟେକି ନେଇ ବେଡ ଉପରେ ଶୁଆଇ ସ୍ତ୍ରୀ ଓ ପୁଅ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଅଗ୍ନିଶମ ବାହିନୀ ନିଆଁକୁ ଆୟତ କରିବା ବେଳକୁ ଶିଶିରଙ୍କ ମୃତ୍ୟୁ ହୋଇ ସାରିଥିଲା। ଏହି ନିଆଁରେ ସ୍ତ୍ରୀ ନମିତା ମଧ ସାମାନ୍ୟ ଆହତ ହୋଇଥିଲେ। ପୁଲିସ ନମିତାଙ୍କୁ ଡାକ୍ତରଖାନା ପଠାଇବା ସହ ପୁଅଙ୍କୁ ଅଟକ ରଖିଥିଲା। ପଚରାଉଚରା ପରେ ପୁଅ ସତ ମାନିଥିବା ପୁଲିସ ନିକଟରୁ ସୂଚନା ମିଳିଛି ।

ସେପଟେ ଶିଶିରଙ୍କୁ କଣ ପାଇଁ ହତ୍ୟା କରିଛନ୍ତି ତାହାର ଧୀରେ ଧୀରେ ଗୁମର ଫିଟିବାରେ ଲାଗିଛି । ଶିଶିର ବନ ବିଭାଗରେ ବନପାଳ ଭାବେ ନିଯୁକ୍ତ ହୋଇଥିବା କିଛି ପ୍ରେମିକା କବଳରେ ଆଉଟ୍ ପାଉଟ ହେଉଥିଲେ। ତେବେ ଘରେ ସ୍ତ୍ରୀ ଓ ପୁଅ ଥାଉ ଥାଉ ପରକ୍ରିୟା ପ୍ରୀତିରେ ବୁଡ଼ି ରହିଥିଲେ । ଏହାକୁ ନେଇ ଘରେ ମଧ ଅସନ୍ତୋଷ ଲାଗି ରହିଥିଲା । ଯେଉଁଥି ପାଇଁ ସ୍ତ୍ରୀ ଓ ପୁଅ ମିଶି ଶିଶିରକୁ ପ୍ରଥମେ ଲୁହା ପାଇପରେ ଆକ୍ରମଣ କରିଥଲେ ଏବଂ ପ୍ରମାଣ ନଷ୍ଟ କରିବାକୁ ଯାଇ ପେଟ୍ରୋଲ ଢ଼ାଳି ନିଆଁ ଲଗାଇଦେଇଥିବା ଜଣାପଡିଛି ।

ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ଏବଂ ଟାଉନଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ଘଟଣାର ତଦନ୍ତ କରିଛନ୍ତି। ଶିଶିରଙ୍କ ବଡ଼ଭାଇ ଶରତ ସାହୁଙ୍କ ଅଭିଯୋଗ ଆଧାରରେ ପୁଲିସ ହତ୍ୟା ମାମଲା ରୁଜୁ କରିବା ସହ ସ୍ତ୍ରୀ ଓ ପୁଅଙ୍କୁ ଅଟକ ରଖିଥିବା ସୂଚନା ମିଳିଛି ।

# ସୋଆ ଏସ୍‌ଏଚ୍‌ଏମ୍‌ରେ ଅମୁଲ୍ କୁକିଙ୍ଗ ପ୍ରତିଯୋଗିତା



**ଭୁବନେଶ୍ୱର, ୩୧।୫ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ (ଏସ୍‌ଏଚ୍‌ଏମ୍)ରେ ଏସ୍‌ଏଚ୍‌ଏମ୍, ଅମୁଲ୍ ଇଣ୍ଡିଆ ଓ ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର (ଡବ୍ଲ୍ୟୁଟିସି) ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଅମୁଲ୍ କୁକିଙ୍ଗ-୨୦୨୫ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗର କର୍ମଜୀବି ମହିଳା, ଗୃହଣୀ, ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମଧ୍ୟରୁ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ରୋଷେଇ ପ୍ରତି ରୁଚି ରଖିଥିବା ପ୍ରତିଭା ଓ ଦକ୍ଷତାକୁ ଉତ୍ସାହିତ କରିବା ନିମନ୍ତେ ଏହି ରୋଷେଇ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

'ଫ୍ରମ ଟେବୁଲ ଟୁ ଟ୍ରେଡ୍' ପ୍ରସଙ୍ଗ ରହିଥିବା ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ ଅମୁଲ୍‌ର ଯେକୌଣସି ଉତ୍ପାଦକୁ ବ୍ୟବହାର କରି ସୁସ୍ୱାଦ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ପିଏଆର୍‌ସି ପ୍ରାଇଭେଟ୍ ଲିମିଟେଡ୍‌ର କର୍ପୋରେଟ୍ ଆଫେୟାର୍ସ ମୁଖ୍ୟ ଶୁଭ୍ରା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।

ସେହିପରି ଡବ୍ଲ୍ୟୁଟିସି ଭୁବନେଶ୍ୱର ମହିଳା ଫୋରମର ପରାମର୍ଶଦାତା ଡକ୍ଟର ରିନା ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ରୋଷେଇ ହେଉଛି ଏକ କଳା। ତେଣୁ ଏହି ଅଭିନବ ପ୍ରୟାସ ଦ୍ୱାରା ମହିଳାମାନେ ଭଲ ଉଦ୍ୟୋଗୀ ଏବଂ ସେଫ୍ ହୋଇପାରିବେ। ସେହିପରି ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅମୁଲ୍ ଇଣ୍ଡିଆର ଭୁବନେଶ୍ୱର ଜୋନର ଜୋନାଲ ଇନ୍‌ଚାର୍ଜ ବିଶ୍ୱଜିତ୍ କୁମାର ଯୋଗ ଦେଇ ଏଭଳି ସ୍ୱତନ୍ତ୍ର ପ୍ରୟାସ ଦ୍ୱାରା ମହିଳାମାନେ ବେଶ ଉପକୃତ ହୋଇପାରିବେ ବୋଲି କହିଥିଲେ।

ସୋଆ ଏସ୍‌ଏଚଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଡବ୍ଲ୍ୟୁଟିସି ଭୁବନେଶ୍ୱର ମହିଳା ଫୋରମର ସଂଯୋଜକ ଶ୍ରୀମତି ଜ୍ୟୋତ୍ସ୍ନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେଫ୍ ବିଶ୍ୱଜିତ୍ ମହାରାଥୀ ମୁଖ୍ୟ ବିଚାରକ ଥିବା ବେଳେ ପାୟଲ ରାଉତରାୟ ଓ ଏସ୍‌ଏଚ୍‌ଏମ୍‌ର ସେଫ୍ ସତ୍ୟ ଶୋଭନ ଲେଙ୍କାଙ୍କ ସମେତ ବିଭିନ୍ନ ଫୁଡ ବ୍ଲଗରମାନେ ବିଚାରକ ଭାବେ ଯୋଗ ଦେଇ ସୁସ୍ୱାଦ୍ୟ ଖାଦ୍ୟକୁ ପରଖିବା ସହ ଖାଦ୍ୟ ପରିବେଷଣର ଶୈଳୀ ଏବଂ ଉପସ୍ଥାପନା ଉପରେ ଅନୁଧ୍ୟାନ କରି କୃତି ପ୍ରତିଯୋଗୀମାନଙ୍କୁ ଚୟନ କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବୋରିଗୁମ୍ମା, ୩୧।୫ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ମରାଡ଼ ମାଲିଗୁଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତ୍ନାକର ଭଞ୍ଜଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । କୁମୁଲି ସର୍କଲ ସ୍ତରୀୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମିଳିତ ଆନୁକୂଲ୍ୟରେ ରତ୍ନାକର ଭଞ୍ଜଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କୁମୁଲି ସ୍ଥିତ ନୂଆସାହି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରକାଳୀନ ଉତ୍ସବରେ ଶ୍ରୀ ଭଞ୍ଜଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇଥିଲା। କୁମୁଲି ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମହେନ୍ଦ୍ର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରତ୍ନାକର ଭଞ୍ଜଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ଶିକ୍ଷକ ଶ୍ରୀ ଭଞ୍ଜ ଜଣେ ମେଳାପୀ, ମିଷ୍ଟଭାଷୀ ଓ ଦକ୍ଷ ଶିକ୍ଷକ ଥିଲେ ବୋଲି କହିଥିଲେ । ଦୀର୍ଘ ବର୍ଷର ଦୃଢ଼ ନିଷ୍ଠା, ସ୍ନେହ, ପ୍ରେମ ଓ କରୁଣା ସହିତ ଶିକ୍ଷାଦାନ କରି ବିଦ୍ୟାଳୟ ଗୁଡ଼ିକୁ ଉନ୍ନତି ପଥରେ ନେବାରେ ଆମ ମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିବ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କର୍ମଚାରୀ, ଉପସ୍ଥିତ ରହି ଶ୍ରୀଭଞ୍ଜଙ୍କ ଚାକିରୀ କାର୍ଯ୍ୟକାଳ ମଧରେ ତାଙ୍କ ନିଷ୍ଠା, ତ୍ୟାଗ, ସମୟାନୁବର୍ତ୍ତିତା,କର୍ମତତ୍ପରତା ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ସଂଘ ଓ କର୍ମଚାରୀଙ୍କ ପକ୍ଷରୁ ଉପଢୌକୋନ ସହ ସସର୍ଜନା ପତ୍ର ପ୍ରଦାନ କରାଯାଇଥିଲା। ତତ ସହିତ ତାଙ୍କ ସୁସ୍ଥ ଜୀବନ, ସମାଜ ମଙ୍ଗଳ ଓ ଭଗବତ ଚିନ୍ତନରେ ବ୍ରତୀ ହେବା କାମନା କରିଥିଲେ।



## କାନ୍ଥ ଭୁଶୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ

**ନୟାଗଡ଼, ୩୧।୫ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ମାଇଛେଳି ପଞ୍ଚାୟତ ସମ୍ପଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବର୍ଷାରେ ଭିଜିକି ଥିବା ଏକ ମାଟି କାନ୍ଥ ଜଣେ ବୟସ୍କ ବ୍ୟକ୍ତିଙ୍କ ଉପରେ ଭୁଶୁଡି ପଡିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ ସଂପଡା ଗ୍ରାମର ରବି ନାୟକ (୫୮)। ପୁରୁଣା ମାଟି ଘରକୁ ଭାଙ୍ଗି ନୂତନ ଘରକାମ ଆରମ୍ଭ କରିଥିଲେ। ଆଜି ଶ୍ରମିକମାନେ ଘର ନିର୍ମାଣ କାମ ଶେଷ କରିଯିବା ପରେ ଅପରାହ୍ନ ସମୟରେ ରବି ନିର୍ମାଣ ସ୍ଥାନକୁ ଯାଇଥିଲେ। ଆଜି ସମ୍ପଡା ଅଞ୍ଚଳରେ ବର୍ଷା ହୋଇଥିବା ବେଳେ ପୂର୍ବରୁ ବର୍ଷାରେ ଭିଜିକି ଥିବା କାନ୍ଥ ରବିଙ୍କ ଉପରେ ଭୁଶୁଡି ପଡିଥିଲା। ଖବରପାଇ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରୁ ରବିଙ୍କୁ ଉଦ୍ଧାର କରି ଏକ କାର ଯୋଗେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ରବିଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ରବିଙ୍କ ପୁଅ ଅଭିଯୋଗ ଆଧାରରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

### ଇଣ୍ଡୋନେସିଆରେ ଭୂମିପୁତ୍ରଙ୍କ ଫଳକର ଅନାବରଣ କଲେ ସାଂସଦ ଅପରାଜିତା

# ଆତଙ୍କବାଦ ବିରୋଧୀ ଲଢ଼େଇ ପାଇଁ ମାଗିଲେ ସହଯୋଗ

**ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ):** ଆତଙ୍କବାଦ ବିରୋଧରେ ଅନ୍ତର୍ଜାତୀୟ ସ୍ତରରେ ସ୍ୱର ଉତ୍ତୋଳନ କରିବାକୁ ବହୁଦଳୀୟ ସଂସଦୀୟ ପ୍ରତିନିଧି ଇଣ୍ଡୋନେସିଆ ଗସ୍ତ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଇଣ୍ଡୋନେସିଆରେ ବସବାସ କରୁଥିବା ଓଡ଼ିଆଙ୍କୁ ଭେଟିଛନ୍ତି। ଏହି ଅବସରରେ ଇଣ୍ଡୋନେସିଆର ଭାରତୀୟ ଦୂତାବାସରେ ସେଠାକାର ଭୂମିପୁତ୍ର ତଥା ଓଡ଼ିଶାର ବରପୁତ୍ର, କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ବିଜୁ ହଲର ଲୋକାର୍ପଣ କରିଛନ୍ତି। ତା' ସହ ସେଠାରେ ବିଜୁ ପଟ୍ଟନାୟକଙ୍କର ଏକ ଫଳକକୁ ଅପରାଜିତା ଉନ୍ମୋଚନ କରିଛନ୍ତି। ଏନେଇ 'ଏକ୍ସ'ରେ ଇଣ୍ଡୋନେସିଆସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ପ୍ରବାସୀ ଭାରତୀୟଙ୍କୁ ଭେଟିବା ସହ ଅପରାଜିତ ସେମାନଙ୍କ ସହ ଭାବ ବିନିମୟ କରିଛନ୍ତି। ସେ କହିଥିଲେ ଯେ ଓଡ଼ିଶା ସହ ଇଣ୍ଡୋନେସିଆର ସାଂସ୍କୃତିକ ଓ ଐତିହାସିକ ସମ୍ପର୍କ ବହୁ ପୁରୁଣା। ୧୯୫୧ରେ ଭାରତରେ ପ୍ରଥମ ସାଧାରଣତନ୍ତ୍ର ଦିବସରେ ତତ୍କାଳୀନ ଇଣ୍ଡୋନେସିଆ ରାଷ୍ଟ୍ରପତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡଚ୍‌ମାନଙ୍କ ସହ ୧୯୪୭ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର କିମ୍ବଦନ୍ତୀ ବିଜୁ ପଟ୍ଟନାୟକ ପ୍ରମୁଖ ଭୂମିକା ନେଇଥିଲେ ବୋଲି ଅପରାଜିତା କହିଥିଲେ। ସେହିପରି ଓଡ଼ିଶାର ସାଧବ ପୁଅମାନେ କିଭଳି ନୌବାଣିଜ୍ୟ ମାଧ୍ୟମରେ ଜାଭା, ସୁମାତ୍ରା, ସ୍ୱର୍ଣ୍ଣଦ୍ୱୀପ, ବାଲି ସହ ସମ୍ପର୍କ ସ୍ଥାପନ କରିଥିଲେ, ତାହା ମଧ୍ୟ ଅପରାଜିତ ମନେ ପକାଇ ଦେଇଛନ୍ତି।



ଏହି ଅବସରରେ ଅପରାଜିତା ତାଙ୍କର ଇଣ୍ଡୋନେସିଆ ଗସ୍ତର ଦୁଇଟି କାରଣ ଦର୍ଶାଇଥିଲେ। ପ୍ରଥମତଃ ଆନ୍ତର୍ଜାତିକସ୍ତରରେ ଆତଙ୍କବାଦ ବିରୋଧରେ ଭାରତର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ଏଦିଗରେ ଇଣ୍ଡୋନେସିଆର ସମର୍ଥନ ହାସଲ କରିବା। ଦ୍ୱିତୀୟତଃ ପଡ଼ୋଶୀ ପାକିସ୍ତାନ ସବୁବେଳେ ଭାରତ ବିରୋଧରେ ଅପପ୍ରଚାର ଚଳାଇଥିବା ବେଳେ ଏହି ଦେଶର ଅସଲ ମୁଖା ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବା। ପାକିସ୍ତାନର ଅପପ୍ରଚାର ଫଳରେ ଅନ୍ତର୍ଜାତୀୟ ସ୍ତରରେ ଭାରତର ଭାବମୂର୍ତ୍ତିକୁ ମଳିନ କରୁଛି। ତେଣୁ ଏହାର ପର୍ଦ୍ଦାଫାସ୍ କରିବା ତାଙ୍କ ଗସ୍ତର ଅନ୍ୟତମ କାରଣ ବୋଲି ଅପରାଜିତା କହିଛନ୍ତି। ଭାରତ ସବୁବେଳେ ହିଂସାକୁ ବିରୋଧ କରେ ଓ ଅହିଂସାର ବାର୍ତ୍ତା ପ୍ରଚାରରେ ବିଶ୍ୱାସ କରେ। କିନ୍ତୁ ପଡ଼ୋଶୀ ଦେଶ ଭାବେ ପାକିସ୍ତାନ ସବୁବେଳେ ହିଂସାକୁ ପ୍ରଶ୍ରୟ ଦେବା ସହ ଆତଙ୍କୀମାନଙ୍କୁ ପାଳିପୋଷି ଭାରତରେ ସବୁବେଳେ ବିଭ୍ରାଟ ସୃଷ୍ଟି କରିଆସିଛି। ପହଲଗାମ୍ ଆତଙ୍କୀ ଆକ୍ରମଣରେ ପାକିସ୍ତାନର କୁରୂପକୁ ପଦାରେ ପଡ଼ିଛି। ପାକିସ୍ତାନ ଇସାରାରେ ଏହି ଆତଙ୍କୀମାନେ ପହଲଗାମ୍‌ରେ ଯେପରି ସ୍ତ୍ରୀ ଆଗରେ ସ୍ୱାମୀକୁ, ଝିଅ ଆଗରେ ବାପାକୁ ହତ୍ୟା ଗଲେ, ତାହାକୁ ଯେତେ ନିନ୍ଦା କଲେ ବି କମ୍ ହେବ। ସିନ୍ଦୂର ହରାଇଥିବା ମହିଳାମାନଙ୍କ ଯନ୍ତ୍ରଣା ଦୂର କରିବା ସକାଶେ ଭାରତ ସରକାର 'ଅପରେସନ୍ ସିନ୍ଦୂର' ମାଧ୍ୟମରେ ପାକିସ୍ତାନର ପ୍ରମୁଖ ଆତଙ୍କୀ ଆଡ୍ଡା ନଷ୍ଟ କରିଛି। ସେହିପରି ଭାରତ ଏବେ ବିଶ୍ୱର ଚତୁର୍ଥ ସର୍ବବୃହତ୍ ଅର୍ଥନୀତିରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଖୁବ୍‌ଶୀଘ୍ର ଦେଶ ତୃତୀୟ ସ୍ଥାନରେ ପହଞ୍ଚିବ। କିନ୍ତୁ ପାକିସ୍ତାନ ପାଇଁ ଏସବୁ ଅସହ୍ୟ ହେଉଛି।

ସେଥିପାଇଁ ଦେଶ କଙ୍କଡ଼ା ନୀତି ଆପଣାଇ ନିଜେ ବୁଡ଼ିବା ସହ ଭାରତକୁ ସାଙ୍ଗରେ ନେବାକୁ ଉଦ୍ୟମ କରୁଛି। ଏଥିପାଇଁ ଏହି ଦେଶ ଆତଙ୍କବାଦକୁ ମୁଖ୍ୟ ଅସ୍ତ୍ର ଭାବେ ବ୍ୟବହାର କରୁଛି। କିନ୍ତୁ ଭାରତ କଦାପି ଆତଙ୍କବାଦକୁ ପ୍ରଶ୍ରୟ ଦେବ ନାହିଁ ଓ ଏହା ବିରୋଧରେ ଦେଶ ଶୂନ୍ୟ ସହନଶୀଳତା ନୀତି ଆପଣାଇଛି। ଭାରତର ଏହି ମନୋଭାବକୁ ସମଗ୍ର ବିଶ୍ୱ ସମର୍ଥନ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ହିଁ ଆତଙ୍କବାଦର ମୂଳୋତ୍ପାଟନ ହୋଇପାରିବ ବୋଲି ଅପରାଜିତ କହିଛନ୍ତି। ଏଥିସହ ସେ ଇଣ୍ଡୋନେସିଆରେ ଥିବା ପ୍ରବାସୀ ଭାରତୀୟଙ୍କୁ ଜଣେ ଜଣେ ଭାରତୀୟ ଦୂତ ଭାବେ ଅଭିହିତ କରି ସେମାନଙ୍କୁ ଆତଙ୍କବାଦ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ନିବେଦନ କରିଛନ୍ତି।

# ବିଜେଡିକୁ ପୁଣି ଝଟ୍‌କା: ଦଳ ଛାଡ଼ିଲେ ସ୍ନେହଲତା



**ପୁରୁଷୋତ୍ତମପୁର,୩୧।୫(ସଂଚାର ବ୍ୟୁରୋ):** ପୁଣି ବିଜେଡିକୁ ଝଟ୍‌କା। ଗଞ୍ଜାମ ଜିଲ୍ଲାର ବରିଷ୍ଠ ବିଜେଡି ନେତ୍ରୀ ତଥା ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା ଶନିବାର ଦଳ ଛାଡ଼ିଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ସ୍ନେହଲତା ଦଳ ଛାଡ଼ିବା ଏବେ ପୁରୁଷୋତ୍ତମପୁର ସମେତ ଗଞ୍ଜାମ ଜିଲ୍ଲା ବିଜେଡିକୁ ଏକ ଶକ୍ତ ଧକ୍କା ଲାଗିଛି। ସେ ପ୍ରତିକ୍ରିୟା ଦେଇ କହିଛନ୍ତି ଦୀର୍ଘ ୩୦ ବର୍ଷ ଧରି ଜନତା ଦଳ ଓ ବିଜେଡିରେ ରହିବା ସାଙ୍ଗକୁ ୩ ଥର ଜିଲ୍ଲା ପରିଷଦ ସଭ୍ୟା, ଥରେ ସମିତି ସଭ୍ୟା, ରାଜ୍ୟ ମହିଳା ସାଧାରଣ ସମ୍ପାଦିକା, ଜିଲ୍ଲା ମହିଳା ଉପସଭାନେତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦରେ ଲୋକଙ୍କ ସେବା କରିବାର ସୁଯୋଗ ପାଇଥିଲେ। ନବୀନଙ୍କ ସ୍ୱଚ୍ଛ ଭାବମୂର୍ତ୍ତିକୁ ନେଇ ଆନ୍ତରିକତାର ସହ ସମ୍ମାନ ଜଣାଉଛି ବୋଲି ସେ କହିଛନ୍ତି। ତେବେ ଗତ ୨୦୧୯ରୁ ତାଙ୍କୁ ଆଉ ଦଳରେ ଗୁରୁତ୍ୱ ଦିଆଯାଉ ନ ଥିବା ସହ ଦଳୀୟ କାର୍ଯ୍ୟକ୍ରମ ସମ୍ପର୍କରେ ବି ସୂଚନା ଦିଆଯାଉନାହିଁ। ଏଣୁ ସେ ଦଳରୁ ଇସ୍ତଫା ଦେଇଥିବା ସ୍ପଷ୍ଟ କରିଛନ୍ତି ସ୍ନେହଲତା। ତେବେ ତାଙ୍କ ରାଜନୈତିକ କ୍ୟାରିଅର୍‌ର ଗତି କୁଆଡ଼େ, ସେନେଇ ସ୍ନେହଲତା କିଛି ବି କହିନାହାନ୍ତି। ଆଗାମୀ ଦିନରେ ସେ କେଉଁ ଦଳକୁ ଯିବେ ଓ କ'ଣ କରିବେ, ସେନେଇ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ ପୁରୁଷୋତ୍ତମପୁର ଅଞ୍ଚଳଟି ବିଜେଡିର ଗଡ଼ ଭାବେ ପରିଚିତ ଥିବା ବେଳେ ଦଳୀୟ ଅଣଦେଖା କାରଣରୁ ଜଣକ ପରେ ଜଣେ ବରିଷ୍ଠ ନେତା ଦଳ ଛାଡୁଛନ୍ତି। ଦଳୀୟ ମୁଖ୍ୟ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ପରିସ୍ଥିତି ଗୁରୁତର ହେବା ସୁନିଶ୍ଚିତ ବୋଲି ଦଳୀୟ କର୍ମୀଙ୍କ ଭିତରେ ଆଲୋଚନା ହେଉଛି।

# ଶିକ୍ଷା, ସାହିତ୍ୟ ଓ ସେବାରେ ବ୍ରତୀ 'ମିହିର'



**ବ୍ରହ୍ମପୁର,୩୧।୫(ସଂଚାର ବ୍ୟୁରୋ):** ସମ୍ମାନର ଅର୍ଥ କ'ଣ ସମସ୍ତେ ବୁଝନ୍ତି, ଏ କଥା ଅନେକ ସମୟରେ ମନ ଭିତରେ ଉଙ୍କିମାରେ। ସମୟ ସହ ତାଳ ଦେଇ ବଞ୍ଚୁଥିବା ମଣିଷ ଏବେ ସମସ୍ତଙ୍କୁ ମର୍ଯ୍ୟାଦା ଦେଇ ଆଗକୁ ବଢ଼ିବା ବି ଏତେଟା ସହଜ ନୁହେଁ। ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ସମ୍ମାନର ସହ ଆପଣେଇବାର କଳା ପ୍ରତିଟି ମଣିଷଙ୍କ ଭିତରେ ରହିବା କାହିଁ ସମ୍ଭବ ମନେ ହେଉନାହିଁ। କିନ୍ତୁ ଏହି ସମ୍ମାନ ପ୍ରଦାନର ବାଟରେ ସଫଳତାର ସହ ଆଗେଇ ଚାଲିଛନ୍ତି ବ୍ରହ୍ମପୁରର ଜଣାଶୁଣା ଚେହେରା ତଥା ଶିକ୍ଷାବିତ୍ ମିହିର ରଞ୍ଜନ ତ୍ରିପାଠୀ। ସେ କେବଳ ଶିକ୍ଷକ ନୁହଁନ୍ତି ବରଂ ଜଣେ କବି, ଲେଖକ, ସାହିତ୍ୟିକ, ଗାଳ୍ପିକ ଏବଂ ସମାଜସେବୀ ମଧ୍ୟ। ନିଜ ମନର ଶବ୍ଦଗୁଡିକୁ ଅନେକ ମଞ୍ଚରେ ପରଷିଦେଇ ସଭିଙ୍କ ଅତି ଆପଣାର ହୋଇପାରିଛନ୍ତି ସେ। ସାହିତ୍ୟ ସଭାଠାରୁ ଆରମ୍ଭ କରି ପୌରାଣିକ ଓ ଆଧୁନିକ କାର୍ଯ୍ୟକ୍ରମ ମଞ୍ଚରେ ତାଙ୍କୁ ବିଭିନ୍ନ ସମୟରେ ଦେଖିବାକୁ ମିଳେ। କେତେବେଳେ ମଞ୍ଚ ଉପରେ ତ ଆଉ କେତେବେଳେ ମଞ୍ଚ ତଳେ ରହି ଅନେକ କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି ବ୍ରହ୍ମପୁର ମାଟିର ଏହି ମହାନ ବ୍ୟକ୍ତିତ୍ୱ। ଗର୍ବ ଏବଂ ଅହଂକାରକୁ ଜାବୁଡି ଧରି ବଞ୍ଚୁଥିବା ମଣିଷ ତାଙ୍କୁ ଦେଖି କିଛି ଶିଖିବାର ବି ଆବଶ୍ୟକତା ଥିବା ପରି ମନେହୁଏ। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ଓ ରାଜ୍ୟସ୍ତରୀୟ, ପ୍ରତି ସାହିତ୍ୟ ସଭା ଓ ମଞ୍ଚରେ ତାଙ୍କ ମୁଖରିତ ଶବ୍ଦଗୁଡିକ ଶ୍ରୋତାଙ୍କୁ ବାନ୍ଧି ରଖେ। ଜଣେ ଶିକ୍ଷକ ଭାବେ ନିଜ କର୍ମମୟ ଜୀବନ ଆରମ୍ଭ କରିଥିବା ମିହିର ଧୀରେ ଧୀରେ ସାହିତ୍ୟ ଓ କବିତା ପ୍ରତି ଆକର୍ଷିତ ହୋଇଥିଲେ। ହାତରେ କଲମ ଆଉ ଅନ୍ତରରେ ଭାବ, ଏହି ଦୁଇଟିକୁ ଏକତ୍ର କରି ଶିକ୍ଷକରୁ ସାହିତ୍ୟିକ ଓ କବି ହୋଇପାରିଛନ୍ତି ସେ। ସାମାଜିକ ଗଣମାଧ୍ୟମରେ ତାଙ୍କ ସ୍ୱଲିଖିତ କବିତାଗୁଡିକ ପାଠକଙ୍କ ପାଇଁ ଗୋଟିଏ ଗୋଟିଏ ଶିକ୍ଷଣୀୟ ବାର୍ତ୍ତାଠାରୁ କମ୍ ନୁହେଁ। ତାଙ୍କ ଲେଖାରେ ଦେଶପ୍ରେମ, ମାନବତା, ଓଡିଆ ସଂସ୍କୃତି ଓ ମାତୃଭୂମି ପାଇଁ ଗଭୀର ଭାବ ଦେଖିବାକୁ ମିଳେ। ସାଧାରଣ ଜୀବନର ଦୁଃଖ, ଖୁସି, ଆଶା ଓ ଆକାଂକ୍ଷା ସେ ତାଙ୍କ ଶବ୍ଦରେ ଗଭୀର ଭାବେ ଅଭିବ୍ୟକ୍ତ କରନ୍ତି। ବାସ୍ତବରେ ଜଣେ ମଣିଷ ପ୍ରତି ମଣିଷର ସମ୍ମାନ ଯେ କେତେ ଗୁରୁତ୍ୱ ବହନ କରେ, ତାହା ତାଙ୍କଠାରୁ ଶିଖିବାର ଆବଶ୍ୟକତା ରହିଛି। ଅନେକ କୁହନ୍ତି, ସତରେ କ'ଣ ସମ୍ମାନର ସୂତା ଖିଅରେ ସମସ୍ତଙ୍କୁ ବାନ୍ଧି ରଖିବା ସହଜ। କିନ୍ତୁ ଏକ୍ଷେତ୍ରରେ ଶ୍ରୀ ତ୍ରିପାଠୀ ଯେ ଏକ ଜ୍ୱଳନ୍ତ ଉଦାହରଣ, ଏହାକୁ ଅନସ୍ୱୀକାର୍ଯ୍ୟ। କେବଳ ସେତିକି ନୁହେଁ, ତାଙ୍କର ଚାଲିଚଳନ, କଥାବାର୍ତ୍ତା ଓ ଆଚରଣ ମଧ୍ୟରେ ଗଭୀର ସମ୍ମାନ ଓ ଅପାର ସହଯୋଗ ବିକିରିତ ହୁଏ। ସେହିପରି ଗଭୀର ଚିନ୍ତାଧାରା, ମିଠା ଭାଷା ଓ ହୃଦୟ ଅତ୍ୟନ୍ତ ସହଯୋଗଶୀଳ। ନିଜର ସ୍ୱପ୍ନ ସହ ଅନ୍ୟ ଆଖିର ସ୍ୱପ୍ନକୁ ସାକାର କରିବା ପାଇଁ ସେ ସବୁବେଳେ ଆଗଭର ହୋଇଆସିଛନ୍ତି। ଏଥିସହ ସମାଜସେବା ସହ ପରିବେଶ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିବାର ରୁଚି ମଧ୍ୟ ତାଙ୍କର ରହିଛି।

### ପୁଣ୍ୟଶ୍ଳୋକା ଅହିଲ୍ୟାବାଈ ହୋଲକାରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# ଶାସକ ସହ ସମାଜ ସଂସ୍କାରକ ଥିଲେ ଅହିଲ୍ୟାବାଈ




**ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ):** ଅହିଲ୍ୟାବାଈ କେବଳ ଜଣେ ଶାସକ ନଥିଲେ, ସେ ଥିଲେ ସମାଜ ସଂସ୍କାରକ। ତାଙ୍କ ଜୀବନ ଓ କାର୍ଯ୍ୟାବଳୀ ଆମ ପାଇଁ ଏକ ପ୍ରେରଣାର ଉତ୍ସ ଏବଂ ସେ ନାରୀ ଶକ୍ତି, ସୁଶାସନ ଓ ସମାଜସେବାର ଅନନ୍ୟ ଉଦାହରଣ ବୋଲି ମତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସ୍ଥାନୀୟ ଜୟଦେବ ଭବନଠାରେ ଆଜି ଆୟୋଜିତ ପୂଣ୍ୟଶ୍ଳୋକା ମହାରାଣୀ ଅହିଲ୍ୟାବାଈ ହୋଲକରଙ୍କ ୩୦୦ତମ ରାଜ୍ୟସ୍ତରୀୟ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅହିଲ୍ୟାବାଈ ଏପରି ଜଣେ ନାରୀ ଥିଲେ, ଯିଏ ନିଜର ନ୍ୟାୟନିଷ୍ଠା, ସାହସ ଓ ପ୍ରଜା ପ୍ରତି ଅନୁପମ ସମର୍ପଣ ଦ୍ୱାରା ଭାରତୀୟ ଇତିହାସରେ ଅମର ହୋଇ ରହିଛନ୍ତି। ଅହିଲ୍ୟାବାଈଙ୍କ ଜୀବନ ଆମ ଓଡ଼ିଶାବାସୀଙ୍କ ପାଇଁ ବଡ଼ ପ୍ରେରଣା। ଆମ ରାଜ୍ୟରେ ମଧ୍ୟ ନାରୀ ଶକ୍ତିର ଅନେକ ଉଦାହରଣ ରହିଛି। ଅହିଲ୍ୟାବାଈଙ୍କ ପରି ଆମେ ମଧ୍ୟ ସମାଜରେ ନ୍ୟାୟ, ଶିକ୍ଷା, ଓ ସମାନତାକୁ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ସେ କହିଛନ୍ତି ଯେ ରାଜ୍ୟ ସରକାର ମଧ୍ୟ ମା'ମାନଙ୍କ ସଶକ୍ତିକରଣ ପାଇଁ 'ସୁଭଦ୍ରା' ଭଳି ଏକ ଯୁଗାନ୍ତକାରୀ ଯୋଜନାର ରୂପାୟନ କରିଛନ୍ତି। ଏହା ମହିଳାମାନଙ୍କୁ ଆର୍ଥିକ, ସାମାଜିକ ଓ ଆତ୍ମନିର୍ଭରଶୀଳ ହୋଇ ପ୍ରଗତି ପଥରେ ଆଗେଇବାରେ ସହଯୋଗ କରୁଛି। ବର୍ତ୍ତମାନର ଶାସନ ବ୍ୟବସ୍ଥାକୁ ଦେଖିଲେ ଏହା ଅହିଲ୍ୟାବାଈଙ୍କ ଆଦର୍ଶରୁ ପ୍ରେରଣା ନେଇଥିବା ସ୍ପଷ୍ଟ ବାରି ହୋଇପଡ଼େ। ଆଜିର ସରକାର ଗ୍ରାମୀଣ ବିକାଶ, ନାରୀ ସଶକ୍ତିକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଯେପରି ଗୁରୁତ୍ୱ ଦେଉଛନ୍ତି, ତାହା ଅହିଲ୍ୟାବାଈଙ୍କ ଦୃଷ୍ଟିଭଙ୍ଗୀ ସହ ସମନ୍ୱୟ ରଖେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ 'ଅପରେସନ ସିନ୍ଦୂର' କେବଳ ଏକ ସାମରିକ କାର୍ଯ୍ୟାନୁଷ୍ଠାନ ନଥିଲା, ଏହା ନାରୀଶକ୍ତିର ପ୍ରତୀକ ଥିଲା। ଦେଶର ନାରୀଙ୍କ ସିନ୍ଦୂର ଉପରେ ଯିଏ ବି ନଜର ପକାଇଛି, ତା'ର ଭେଟ ନିଶ୍ଚିତ ଭାବେ ଯମ ସହ ହୋଇଛି, ଏହା ନିକଟରେ ପାଳିତ ହୋଇଥିବା ସାବିତ୍ରୀ ବ୍ରତରୁ ବି ସ୍ପଷ୍ଟ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଅପରେସନ୍ ସିନ୍ଦୂର' ମାଧ୍ୟମରେ ଦେଶ ସୁରକ୍ଷିତ ହାତରେ ରହିଛି ବୋଲି ମଧ୍ୟ ପ୍ରମାଣିତ କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ବାଚସ୍ପତି ସୁରମା ପାଢ଼ୀ ଅହିଲ୍ୟାବାଈଙ୍କୁ ନ୍ୟାୟନିଷ୍ଠା, ସାହସିକତାର ପ୍ରତୀକ ବୋଲି କହିବା ସହ ତାଙ୍କ ଜୀବନ ସମସ୍ତଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ବୋଲି କହିଛନ୍ତି। ଏହାଛଡ଼ା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି ଯେ ଅହିଲ୍ୟାବାଈଙ୍କ ଆଦର୍ଶକୁ ଅନୁସରଣ କରି ଆମେ ଓଡ଼ିଶାରେ ସୁଶାସନ, ଶିକ୍ଷା, ଓ ମହିଳା ସଶକ୍ତିକରଣରେ ନୂତନ ଦିଗନ୍ତ ସୃଷ୍ଟି କରିପାରିବା। ଭାଷା, ସାହିତ୍ୟ, ସଂସ୍କୃତି ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜିର ସମାଜ ପାଇଁ ଅହିଲ୍ୟାବାଈ ଆଲୋକ ବର୍ତ୍ତିକା ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ସରୋଜ ପାଣ୍ଡେ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅହିଲ୍ୟାବାଈଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ 'କର୍ମଯୋଗିନୀ ପୂଣ୍ୟଶ୍ଳୋକା ଅହିଲ୍ୟାବାଇ ହୋଲକାର'କୁ ଉନ୍ମୋଚନ କରିଥିଲେ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜସେବୀ ପ୍ରଜ୍ଞାପ୍ରିୟଦର୍ଶିନୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ରିଲିଜ ହେଲା 'ଏତେ ଦୁଃଖ ଆଉ ଦେ ନା କାଳିଆ'




**ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ):** ସାରଞ୍ଜାଲ୍ କ୍ରିଏସନରେ ରିଲିଜ ହୋଇଛି ଭାବବିହ୍ୱଳ ଜଗନ୍ନାଥ ଭଜନ 'ଏତେ ଦୁଃଖ ଆଉ ଦେ ନା କାଳିଆ'। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଯୋଜକ ସଚ୍ଚିକାନ୍ତ ଜେନା, ପ୍ରଣୟ ଜେଠୀ, ଅଭିନେତା ତଥା ଆଙ୍କର କେପି, ସାମ୍ବାଦିକା ଓ ଅଭିନେତ୍ରୀ କବିତା ସ୍ୱାଇଁ, ନିର୍ଦ୍ଦେଶକ ବାବୁ ବାବୁ, ପ୍ରଯୋଜକ ଓ ଅଭିନେତା ସୁନୀଲ୍ କୁମାର୍ ଓଝା ଓ ଗୀତିକାର ବାସୁଦେବ ମହାରଣା ଉପସ୍ଥିତ ରହି ସିଡିଟିକୁ ଉନ୍ମୋଚନ କରିଥିଲେ। ଜଣେ ଭିନ୍ନକ୍ଷମ ମଣିଷ କେମିତି ନିଜର ନିଷ୍ଠା ବଳରେ କାଳିଆ ପାଖରେ ପହଞ୍ଚିପାରୁଛି। ଯିବା ସମୟରେ କିପରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛି ଓ ନିଜର ହୃଦୟର କଥାକୁ କିପରି ଜଗାକୁ ଜଣାଉଛି, ତାହା ଉକ୍ତ ଭିଡିଓରେ ରହିଛି। ବାବୁ ବାବୁଙ୍କ ନିର୍ଦ୍ଦେଶନାରେ ଅଭିନୟ କରିଛନ୍ତି ସୁନୀଲ୍। ଦୀପକ କୁମାରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ କଣ୍ଠଦାନ କରିଛନ୍ତି ସୌରଭ ଭରଦ୍ୱାଜ। ଗୀତ ରଚନା କରିଛନ୍ତି ଗୀତିକାର ବାସୁଦେବ ମହାରଣା। ଆଗକୁ ରଥଯାତ୍ରା ଥିବାରୁ ଏହି ଭଜନଗୁଡ଼ିକୁ ଲୋକେ ବେଶ୍ ପସନ୍ଦ କରିବେ ବୋଲି ନିର୍ଦ୍ଦେଶକ ଆଶା ପ୍ରକାଶ କରିଛନ୍ତି।

## ଟିଟିଲାଗଡ଼ ବିଧାୟକ ଅସୁସ୍ଥ

### ❑ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମୁଖ୍ୟମନ୍ତ୍ରୀ



**ବଲାଙ୍ଗିର,୩୧।୫(ସଂଚାର ବ୍ୟୁରୋ):** ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନ ଶନିବାର ଅପରାହ୍ନରେ ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲ ଓ ପରେ ରାୟପୁରର ରାମକୃଷ୍ଣ ହସ୍ପିଟାଲକୁ ନିଆଯାଇଛି। ଏବେ ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ତେବେ ବିଧାୟକ ଅସୁସ୍ଥ ହେବା ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ସହ ଟେଲିଫୋନ ଯୋଗେ କଥା ହେବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ବିଧାୟକଙ୍କ ଆଶୁ ଆରୋଗ୍ୟ ମଧ୍ୟ କାମନା କରିଥିଲେ।

## ୭ ଦୁର୍ଦ୍ଦାନ୍ତ ଅପରାଧି ଗିରଫ

### ❑ ୭ ମାଉଜର ଓ ୬ ମାଗାଜିନ ଜବତ



**ବ୍ରହ୍ମପୁର, ୩୧।୫ (ସଂଚାର ବ୍ୟୁରୋ) :** ବ୍ରହ୍ମପୁର ବୈଦ୍ୟନାଥପୁର ଓ ଗୋଷାଣି ନୂଆଗାଁ ପୋଲିସର ଚଢ଼ାଉ । ୭ ଦୁର୍ଦ୍ଦାନ୍ତ ଅପରାଧି ଗିରଫ । ସେମାନଙ୍କ ନିକଟରୁ ୭ମାଉଜର, ୬ ମାଗାଜିନ, ୩୪ ଗୁଳି, ନଗଦ ୧ଲକ୍ଷ ୧୧ ହଜାର ଟଙ୍କା ଜବତ ହୋଇଛି । ବଡ଼ଧରଣର ଅପରାଧ ଘଟାଇବାକୁ ଯୋଜନା କରୁଥିବା ଜଣାପଡିଛି । ଗିରଫ ଅପରାଧୀଙ୍କ ବିରୋଧରେ ବହୁ ଅପରାଧିକ ମାମଲା ରହିଛି। ଅପରାଧୀଙ୍କ ଭିତରେ ଜଣେ ଏଟିଏମ୍ କାର୍ଡ ଚୋର ଥିବା ବେଳେ ତାଠାରୁ ୨୨ଟି ଏଟିଏମ୍ କାର୍ଡ ଜବତ ହୋଇଛି। ଏନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି।

# କେନ୍ଦୁଝର ଜିଲ୍ଲା ଗସ୍ତରେ ଉଷା ପାଢ଼ୀ



**କେନ୍ଦୁଝର,୩୧।୫(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ନଗର ଉନ୍ନୟନ ଓ ଗୃହ ନିର୍ମାଣ, ବାଣିଜ୍ୟ ଏବଂ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱରେ ଏକ ବରିଷ୍ଠ ଅଧିକାରୀଙ୍କ ଦଳ କେନ୍ଦୁଝର ଗସ୍ତ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ଶ୍ରୀମତୀ ପାଢ଼ୀ କେନ୍ଦୁଝର ପୌରପାଳିକା ୯ ନମ୍ବର ୱାର୍ଡ ଅନ୍ତର୍ଗତ ସ୍ୱଞ୍ଚ କଲୋନି ପରିଦର୍ଶନରେ ଯାଇ ଦୀର୍ଘ ଦିନ ଧରି ଲାଗି ରହିଥିବା ଜଳବନ୍ଦୀ ଏବଂ ଡ୍ରେନେଜ୍ ସମସ୍ୟାର କାରଣ ଅନୁସନ୍ଧାନ କରିଥିଲେ। ୱାଟକୋର ଅଧିକାରୀ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ସମ୍ଭାବ୍ୟ ସମାଧାନ ବିଷୟରେ ଆଲୋଚନା କରିବା ସହ କଲୋନୀର ବାସିନ୍ଦାଙ୍କ ସହିତ ମଧ୍ୟ

● ପୌରାଞ୍ଚଳ ଓ ପରିବହନ ବିଭାଗ କାର୍ଯ୍ୟର ସମୀକ୍ଷା

● ସ୍ୱଞ୍ଚ କଲୋନୀର ଡ୍ରେନେଜ ସମସ୍ୟାର ଅନୁଧ୍ୟାନ

ଭାବବିନିମୟ କରିଥିଲେ ଏବଂ ସେମାନଙ୍କୁ ସେମାନଙ୍କର ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହାପରେ ଶ୍ରୀମତୀ ପାଢ଼ୀ ଓଡ଼ିଶା ରାଜ୍ୟ ପରିବହନ ନିଗମ ଦ୍ୱାରା ପରିଚାଳିତ ସରକାରୀ ବସଷ୍ଟାଣ୍ଡ ଓ ପୌରପାଳିକା ବସଷ୍ଟାଣ୍ଡ ପରିଦର୍ଶନ କରି ପରିଚାଳକ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହ ସମସ୍ୟାଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ। ଆହୁରି ମଧ୍ୟ ସେ 'ଆମ ବସ' କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ପରେ ଶ୍ରୀମତୀ ପାଢ଼ୀ ଜିଲ୍ଲାପାଳ, କେନ୍ଦୁଝର, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଓ କେନ୍ଦୁଝର ଜିଲ୍ଲାର ସମସ୍ତ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ସମୀକ୍ଷା ବୈଠକ କରିଥିଲେ। ବର୍ଷା ଋତୁରେ ଲୋକେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ସେ ସମସ୍ତ ଅଧିକାରୀଙ୍କୁ ଡ୍ରେନେଜ୍ ଏବଂ ଜଳବନ୍ଦୀ ସମସ୍ୟା ଦୂର କରିବାକୁ ସମସ୍ତ ବ୍ୟବସ୍ଥା ଆପଣାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## ଭିଜିଲାନ୍ସ ଜାଲରେ ଏଇଇ



**ବ୍ରହ୍ମପୁର,୩୧।୫(ସଂଚାର ବ୍ୟୁରୋ):** ଦିନକ ତଳେ ଅବସର ପୂର୍ବରୁ ଭିଜିଲାନ୍ସ ଜାଲରେ ପଡ଼ିଥିଲେ ଜଣେ ମୁଖ୍ୟଯନ୍ତ୍ରୀ। ଆଜି ଆଉ ଜଣେ ସରକାରୀ ବାବୁଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉକରାଯାଇଛି। ବ୍ରହ୍ମପୁର ଆର୍‌ଆଣ୍ଡ୍‌ବି ଡିଭିଜନ-୧ର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଇଇ) ଏନ୍. ଦିଲ୍ଲୀପ କୁମାର ଚୌଧୁରୀଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏକକାଳୀନ ୪ଟି ସ୍ଥାନରେ ଚଢ଼ାଉ ଜାରି ରହିଛି। ସ୍ୱତନ୍ତ୍ର ବିଚାରପତି, ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ଜାରି ହୋଇଥିବା ସର୍ଚ୍ଚ ୱାରେଣ୍ଟ ଆଧାରରେ ୩ ଜଣ ଡିଏସ୍‌ଏସ୍‌ପି, ୭ ଜଣ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ ଚାଲିଛି। ଏହି ଚଢ଼ାଉ ଶ୍ରୀ ଚୌଧୁରୀଙ୍କ ବ୍ରହ୍ମପୁରର ଧର୍ମ ନଗରସ୍ଥିତ ସ୍ପେକ୍ଟ୍ରମ ରୟାଲଠାରେ ୨ ବିଏଚ୍‌କେ ଫ୍ଲାଟ୍, ବ୍ରହ୍ମପୁରର ମୟୂରୀ ବିହାର ଦୁଇ ମହଲା କୋଠା, ବ୍ରହ୍ମପୁରର ଆର୍‌ଆଣ୍ଡବି ଡିଭିଜନ-୧ସ୍ଥିତ କାର୍ଯ୍ୟାଳୟ, ଭୁବନେଶ୍ୱରର ଶହୀଦନଗରର ଇଭୋସ୍ ଏକ୍ସୋଟିକା ଆପାର୍ଟମେଣ୍ଟରେ ଥିବା ୩ ବିଏଚ୍‌କେ ଫ୍ଲାଟ୍‌ରେ ଚଢ଼ାଉ ହୋଇଛି। ଚଢ଼ାଉ ସମୟରେ ଶ୍ରୀ ଚୌଧୁରୀଙ୍କ ନାମରେ ବ୍ୟାଙ୍କ୍ ଜମା ଓ ବୀମା ବାବଦରେ ୨୮ ଲକ୍ଷ ୫୩ ହଜାର ଟଙ୍କା ରହିଥିବା ବେଳେ ୨ଟି ଦୁଇଚକିଆ ଏବଂ ୧୦.୧୧ ଲକ୍ଷ ଟଙ୍କାର ଆସବାବପତ୍ର ରହିଥିବା ଜଣାପଡ଼ିଛି।

# ବର୍ଷକରେ ଲାଗିଛି ୧୩ କୋଟିର ପାଣି ମିଟର

**ଭୁବନେଶ୍ୱର,୩୧।୫:** ରାଜ୍ୟର ପୌରାଞ୍ଚଳରେ ବର୍ତ୍ତମାନ ସୁଦ୍ଧା ୧୧ ଲକ୍ଷରୁ ଅଧିକ ଲୋକଙ୍କୁ ୨୪ଘଣ୍ଟିଆ ଜଳ ଯୋଗାଣ କରିଥିବା ୱାଟ୍‌କୋ କର୍ତ୍ତୃପକ୍ଷ ଜଳକର ଆଦାୟ ପାଇଁ ଗତ ଆର୍ଥିକ ବର୍ଷରେ ପାଖାପାଖି ୧୩କୋଟି ଟଙ୍କା ପାଣି ମିଟର ଲଗାଇଛନ୍ତି । ତେବେ ବର୍ତ୍ତମାନ ସୁଦ୍ଧା ୱାଟ୍‌କୋ ଲଗାଇଥିବା ପାଣିମିଟର ମଧ୍ୟରୁ ଅନେକ ଚୋରି ଏବଂ ନଷ୍ଟ ହୋଇଯାଇଥିବାବେଳେ ଯେଉଁଠାରେ ବି ପାଣି ମିଟର ରହିଛି ସେଠାରେ ମିଟର ରିଡିଂ ନେଇ ସେହି ଅନୁଯାୟୀ ଜଳକର ବିଲ୍ ପ୍ରସ୍ତୁତ ହେଉନାହିଁ।

ରାଜଧାନୀର ବିଭିନ୍ନ ୟୁନିଟ୍‌ରେ ୨୪ଘଣ୍ଟିଆ ଜଳ ଯୋଗାଣ ସାଙ୍ଗକୁ ୱାଟ୍‌କୋ କର୍ତ୍ତୃପକ୍ଷ ପାଣି ମିଟର ଲଗାଇଛନ୍ତି। ପାଣି ମିଟର ଲାଗିବାପରେ କିଛି ଦିନ ଅଳ୍ପ କେତେକ ସ୍ଥାନରେ ମିଟର ରିଡିଂ ଅନୁଯାୟୀ ଜଳକର ବିଲ୍ ପ୍ରସ୍ତୁତ ହେଉଥିଲା । ପରବର୍ତ୍ତୀ ସମୟରେ ମିଟର ଚୋରି ଆରମ୍ଭ ହେଲା। ବିଶେଷକରି ସରକାରୀ କ୍ୱାର୍ଟର୍ସରେ ଲାଗିଥିବା ପାଣିମିଟରକୁ ଚୋରମାନେ ରାତାରାତି କାଟିନେଇଗଲେ । ଯେଉଁଠାରେ ବି ପାଣିମିଟର ଲାଗିଛି, ତା'ର ନିୟମିତ ରିଡିଂ ନିଆଯାଉନାହିଁ। ଏଥିପାଇଁ ୱାଟ୍‌କୋର ତାଲିମପ୍ରାପ୍ତ କର୍ମଚାରୀ ନାହାନ୍ତି। ସରକାରୀ କ୍ୱାର୍ଟର୍ସଗୁଡ଼ିକରେ ମାସିକ ଘରଭଡା ସହ ପାଣିବିଲ୍ ସାମିଲ ହୋଇ ଦରମାରୁ କଟୁଥିବା ବେଳେ ସେଠାରେ କର୍ତ୍ତୃପକ୍ଷ କାହା ସ୍ୱାର୍ଥରେ ପାଣିମିଟର ଲଗାଇଥିଲେ ଓ ଏହି ମିଟର ଲଗାଇବା ପରେ କାହିଁକି ରିଡିଂ ନେଲେନାହିଁ, ତାହା ଏବେ ପ୍ରଶ୍ନବାଚୀ ହୋଇଛି ।



କେବଳ ସେତିକି ନୁହେଁ, ଯେଉଁସବୁ ସ୍ଥାନରେ ଡ୍ରିଙ୍କ ଫ୍ରମ ଟ୍ୟାପ୍ ଯୋଜନା କାର୍ଯ୍ୟକାରୀ ହେଉଛି ସେଠାରେ ନିୟମିତ ଜଳପରୀକ୍ଷା ହେବା କଥା। ଏଥିପାଇଁ ଜଳସାଥୀମାନଙ୍କୁ ତାଲିମ ଦିଆଯାଇଥିଲା। ସେମାନେ ଘରକୁ ଘର ବୁଲି ସପ୍ତାହରେ ଥରେ ଜଳର ମାନ ପରୀକ୍ଷା କରି ରିପୋର୍ଟ ପ୍ରଦାନ ପାଇଁ ସେମାନଙ୍କୁ ଆନୁଷଙ୍ଗିକ ସାମଗ୍ରୀ ପ୍ରଦାନ କରାଯାଇଥିଲା। ତେବେ ଖୋଦ୍ ରାଜଧାନୀରେ ଏହି ବ୍ୟବସ୍ଥାରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡୁଛି। ତେଣୁ ଲୋକେ ଟ୍ୟାପ୍‌ରୁ କେଉଁମାନର ପାଣି ପିଉଛନ୍ତି ତାହା ଜାଣିପାରୁନାହାନ୍ତି। ଏହା ଫଳରେ ଡ୍ରିଙ୍କ ଫ୍ରମ ଟ୍ୟାପ୍‌କୁ ନେଇ ଉତ୍ସାହିତ ଲୋକେ ଏବେ ଆକ୍ୱା ଗାର୍ଡ ଓ ଫିଲଟର ଆଦି କିଣିବାରେ ଲାଗିଲେଣି।

ଉଲ୍ଲେଖନୀୟ ଯେ ୨୦୧୯ରେ ରାଜ୍ୟର ୩ଟି ପୌରାଞ୍ଚଳରେ ୱାଟ୍‌କୋ ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ୨୬ଟି ପୌରାଞ୍ଚଳ ଏଥିରେ ସାମିଲ ହୋଇଛି। ଏହି ସମସ୍ତ ପୌରାଞ୍ଚଳରେ ପାନୀୟ ଜଳ ଯୋଗାଣ ସହ ୫ଟି ପୌରାଞ୍ଚଳ ଭୁବନେଶ୍ୱର, କଟକ, ରାଉରକେଲା, ପୁରୀ ଓ ସମ୍ବଲପୁରରେ ୧୫ ଲକ୍ଷ ଲୋକଙ୍କୁ ସ୍ୱେରେଜ ସେବା ପ୍ରଦାନ କରାଯାଉଛି। ଏହି ୫ଟି ପୌରାଞ୍ଚଳରେ ୱାଟ୍‌କୋ ପକ୍ଷରୁ ୧୧ଟି ସ୍ୱରେଜ ଟ୍ରିଟମେଣ୍ଟ ପ୍ଲାଟି (ଏସଟିପି) ଓ ୪ଟି ବର୍ଜ୍ୟ ପୋଖରୀ ପରିଚାଳନା କରାଯାଉଛି।

ତେବେ ପୌରାଞ୍ଚଳରେ ପାନୀୟଜଳର ପରୀକ୍ଷଣ ପାଇଁ ବର୍ତ୍ତମାନ ସୁଦ୍ଧା ପିପିପି ବ୍ୟବସ୍ଥାରେ ୯ଟି ଜଳ ପରୀକ୍ଷାଗାର ପ୍ରତିଷ୍ଠା କରାଯାଇଥିବାବେଳେ ଆଉ ୯ଟି ପରୀକ୍ଷାଗାର ନିର୍ମାଣାଧିନ ରହିଛି। ୱାଟ୍‌କୋ ଅଧିନରେ ଗୋଟିଏ ୱାଟର କ୍ୱାଲିଟି ଆସ୍ୟୁରାନ୍ସ ସେଲ୍ (ଡବ୍ଲ୍ୟୁକ୍ୟୁଏସି) ରହିଥିବା ଜଣାଯାଇଛି। (ତଥ୍ୟ)

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଦୁର୍ବଳ ସ୍ଥିତିରେ ତୁର୍କୀ ଅର୍ଥନୀତି



ନୂଆଦିଲ୍ଲୀ, ୩୧।୫: ତୁର୍କୀ ଅର୍ଥବ୍ୟବସ୍ଥା ପୂର୍ବରୁ ହିଁ ଭେଣ୍ଟିଲେଟରରେ ଥିଲା। ଏବେ ଭାରତର ବୟକଟ୍ ଏହାର ଯନ୍ତ୍ରଣାକୁ ଆହୁରି ବଢ଼ାଇଦେଇଛି। ୨୦୨୫ର ପ୍ରଥମ ତ୍ରୟମାସରେ ତୁର୍କୀର ଅର୍ଥନୈତିକ ଅଭିବୃଦ୍ଧି ମାତ୍ର ୨% ରହିଛି, ଯାହା ଆଶାଠାରୁ ଅନେକ ମାତ୍ରାରେ କମ୍। ରୟଟର୍ସ ପକ୍ଷରୁ କରାଯାଇଥିବା ଏକ ସର୍ଭେରେ ୨.୩% ଅନୁମାନ ରହିଥିଲା। ଭାରତରେ ତୁର୍କୀ ସାମଗ୍ରୀ ଏବଂ ସେବାର

## ଭାରତର ବୟକଟ୍ ସଂକଟ ବଢ଼ାଇବ

## ଭଣ୍ଡାର ଖାଲି, ଋଣ ଖିଲାପୀ ଆଶଙ୍କା

ବର୍ଜନ ବଢ଼ିଚାଲିଛି। ଏହା ତୁର୍କୀର ଆର୍ଥିକ ସଂକଟକୁ ଆହୁରି ଭୟଙ୍କର କରିପାରେ। ଭାରତ ଏବଂ ତୁର୍କୀ ମଧ୍ୟରେ ରାଜନୈତିକ ଓ ଆର୍ଥିକ ସମ୍ପର୍କ ଖରାପ ହୋଇଚାଲିଛି। ଅପରେଶନ ସିନ୍ଦୁର ବେଳେ ପାକିସ୍ତାନକୁ ସମର୍ଥନ ଏହାକୁ ମହଙ୍ଗା ପଡ଼ିଛି। ଭାରତରେ ଲୋକେ ଏବଂ ବ୍ୟବସାୟିକ ସଂସ୍ଥାଗୁଡ଼ିକ ତୁର୍କୀ ସହ ସମସ୍ତ ସମ୍ପର୍କ ଶେଷ କରିବାକୁ ଦାବି କରୁଛନ୍ତି। ତୁର୍କୀ ସେବା ଓ ସାମଗ୍ରୀକୁ ବଡ଼ ଆକାରରେ ବର୍ଜନ କରାଯାଇଛି। ଏହାଦ୍ୱାରା ସେଠାକାର ଦୁର୍ବଳ ଅର୍ଥବ୍ୟବସ୍ଥା ଉପରେ ଭୟଙ୍କର ପ୍ରଭାବ ପଡ଼ିପାରେ।

ଭାରତ ତୁର୍କୀ ସହ ଏକ ବଡ଼ ଜାହାଜ ନିର୍ମାଣ ଚୁକ୍ତିକୁ ରଦ୍ଦ କରିଦେଇଛି। ଆହୁରି ଅନେକ ଆର୍ଥିକ ପଦକ୍ଷେପ ମଧ୍ୟ ନେଇଛି। ଭାରତରେ ଲୋକେ ତୁର୍କୀ ସାମଗ୍ରୀକୁ ବର୍ଜନ କରିବା ସହ ସେଠାକୁ ବୁକିଙ୍ଗ କରିବା ପାଇଁ ଯାଉନାହାନ୍ତି। ଫଳରେ ସେଠାକାର ପର୍ଯ୍ୟଟନ କ୍ଷେତ୍ର ପ୍ରଭାବିତ ହୋଇଛି। ସେଠାକାର ଅର୍ଥବ୍ୟବସ୍ଥା ଏବଂ ରାଜନୈତିକ ସ୍ଥିତି ଆହୁରି ବିକୃତ ହୋଇଛି। ଭାରତ ଆଗରେ ମୁଣ୍ଡ ନ ନୁଆଁଇଲେ ତୁର୍କୀ ଦେବାଳିଆ ହେବା ଥୟ। ଏହା ଉପରେ ଋଣ ଖିଲାପୀ ଟ୍ୟାଗ୍ ଲାଗିପାରେ। ଇଣ୍ଡିଆନ୍ ବ୍ରାଣ୍ଡ ଇକ୍ୱିଟି ଫାଉଣ୍ଡେସନ ଅନୁସାରେ, ଆର୍ଥିକବର୍ଷ ୨୦୨୩-୨୪ରେ ଭାରତ ତୁର୍କୀରୁ ୩.୭୮ ବିଲିୟନ ଡଲାରର ସାମଗ୍ରୀ ଆମଦାନି କରିଥିଲା। ଏବେ ଭାରତ ସରକାର ତୁର୍କୀର କଣ୍ଟ୍ରାକ୍ଟର୍ସମାନଙ୍କ ସହ ୨.୩ ବିଲିୟନ ଡଲାରର ଜାହାଜ ନିର୍ମାଣ ଚୁକ୍ତିକୁ ରଦ୍ଦ କରି ଦେଇଛନ୍ତି। ଏଥିରୁ ଜଣାପଡୁଛି ଯେ, ରାଜନୈତିକ ସ୍ତରରେ ପରିଣାମ ଗମ୍ଭୀର ହୋଇପାରେ। ସେଲେବି ଆଭିଏସନ୍ ଭଳି ତୁର୍କୀ କମ୍ପାନି, ଯାହା ଭାରତର ପ୍ରମୁଖ ବିମାନ ବନ୍ଦରରେ ଗ୍ରାଉଣ୍ଡ ହ୍ୟାଣ୍ଡଲିଂ କାର୍ଯ୍ୟ କରୁଛି ତାହା ସହ ଚୁକ୍ତିକୁ ରଦ୍ଦ କରାଯାଇଛି। ଏବେ ଭାରତୀୟ କିମ୍ବା ଅନ୍ୟ ଅନ୍ତର୍ଜାତୀୟ କମ୍ପାନିଙ୍କୁ ଏହା ସ୍ଥାନରେ ଅବସ୍ଥାପିତ କରାଯିବ। ଭାରତର ବିରୋଧ କେବଳ ବ୍ୟାପାର ଏବଂ ପ୍ରତିରକ୍ଷା ପର୍ଯ୍ୟନ୍ତ ସୀମିତ ନାହିଁ। ଏହା ଶିକ୍ଷା ଏବଂ ସଂସ୍କୃତି ପର୍ଯ୍ୟନ୍ତ ବି ପ୍ରସାରିତ ହୋଇଛି। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଏବଂ ଜାମିଆ ମିଲିଆ ଇସ୍‌ଲାମିଆ ଭଳି ଭାରତୀୟ ସଂସ୍ଥା ଏବଂ ତୁର୍କୀର ସଂସ୍ଥାନଗୁଡ଼ିକ ମଧ୍ୟରେ ସହଯୋଗିତା ଏବେ ବିଫଳରେ। ଏହାମଧ୍ୟରେ ତୁର୍କୀ ଅର୍ଥବ୍ୟବସ୍ଥା ଦଶନ୍ଧିର ସବୁଠାରୁ ଖରାପ ସମୟ ଦେଇ ଗତି କରୁଛି। ୨୦୨୫ ମାର୍ଚ୍ଚରେ ଏଠାରେ ମୁଦ୍ରାସ୍ଫୀତି ୩୮.୦୧% ଥିଲା, ଯାହା ପୂର୍ବବର୍ଷ ୭୫% ରହିଥିଲା। କିନ୍ତୁ ଅର୍ଥନୀତି ଉପରେ ଲୋକଙ୍କ ଭରସା କମିଯାଇଛି। ସାଧାରଣ ଲୋକଙ୍କ କହିବାନୁସାରେ, ବାସ୍ତବ ମୁଦ୍ରାସ୍ଫୀତି ଏହାଠାରୁ ଅଧିକ। ତୁର୍କୀର ଆର୍ଥିକ ସ୍ଥିତି ରାଷ୍ଟ୍ରପତି ଏର୍ଦୋଗନଙ୍କ ବିବାଦୀୟ ମୁଦ୍ରାନୀତି ଯୋଗୁ ଖରାପ ହୋଇଛି। ସେ ସୁଧ ହାର ବଢ଼ାଉନାହାନ୍ତି, ସାର୍ବଜନୀନ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିନାହାନ୍ତି ଏବଂ ରାଜନୈତିକ ସହଯୋଗୀମାନଙ୍କୁ ହିଁ ମେଗା ପ୍ରୋଜେକ୍ଟ ଦେଉଛନ୍ତି। ଏହାଦ୍ୱାରା ବିଦେଶୀ ଭଣ୍ଡାର ଖାଲି ହୋଇଯାଇଛି। ସରକାରୀ ଭଣ୍ଡାର ବି ଖାଲି। ତୁର୍କୀର ମୁଦ୍ରା ଲିରା ଲଗାତର ଦୁର୍ବଳ ହେଉଛି। ୨୦୨୫ ମେ'ରେ ଏହା ଆମେରିକା ଡଲାର ତୁଳନାରେ ୩୮.୭ ରେକର୍ଡ ନିମ୍ନ ସ୍ତରକୁ ଖସିଆସିଛି। ଏଭଳି ସ୍ଥିତିରେ ଅର୍ଥନୀତି ଭୁଷୁଡ଼ିବା ଆଶଙ୍କା ରହିଛି।

## ତୁର୍କୀସ୍ ଏୟାରଲାଇନ୍ସ ସହ ସମ୍ପର୍କ ଛିନ୍ନ କରିବାକୁ ଇଣ୍ଡିଗୋକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୩୧।୫: ଭାରତର ଆତଙ୍କବାଦ ବିରୋଧ ଲଢ଼େଇରେ ପାକିସ୍ତାନକୁ ଖୋଲାଖୋଲି ସମର୍ଥନ କରିଥିବା ତୁର୍କୀର ବିମାନ ଚଳାଚଳ କମ୍ପାନି ତୁର୍କୀସ୍ ଏୟାରଲାଇନ୍ସ ସହ ହୋଇଥିବା ବିମାନ ଲିଜ୍ ବୁଝାମଣା ଶେଷ କରିବାକୁ ଇଣ୍ଡିଗୋକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। କିଛି ଦିନ ପୂର୍ବେ ତୁର୍କୀର ଅନ୍ୟତମ ସଂସ୍ଥା ସେଲେବିର ନିରାପତ୍ତା ଅନୁମୋଦନକୁ ସରକାର ପ୍ରତ୍ୟାହାର କରିଥିଲେ। ତୁର୍କୀସ୍ ଏୟାରଲାଇନ୍ସର ଦୁଇଟି ବୋଇଂ ୭୭୭ ବିମାନକୁ ଇଣ୍ଡିଗୋ ଲିଜରେ ଆଣିଛି। ସେଥିପାଇଁ କମ୍ପାନିକୁ ମେ' ୩୧ ପର୍ଯ୍ୟନ୍ତ ଅନୁମତି ଥିଲା। କମ୍ପାନି ଆଉ ୬ ମାସ ପାଇଁ ଅନୁମତି ମାଗିଥିଲା। କିନ୍ତୁ ସେହି ଅନୁମୋଦନ ଦେବାକୁ ସରକାର ମନା କରିଦେଇଛନ୍ତି। ତେବେ ଶେଷ ସୁଯୋଗ ସ୍ୱରୂପ ଇଣ୍ଡିଗୋକୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଅନୁମୋଦନ ପ୍ରଦାନ କରାଯାଇଛି। ତେବେ ଏହି ତିନି ମାସ ଭିତରେ ତୁର୍କୀସ୍ ଏୟାରଲାଇନ୍ସ ସହ ଲିଜ୍ ବାତିଲ କରିବା ଓ ଆଉ ସମୟ ସୀମା ବଢ଼ାଇବା ଲାଗି ଆବେଦନ ନ କରିବାକୁ କମ୍ପାନିକୁ ସ୍ପଷ୍ଟ ଭାବେ କୁହାଯାଇଛି।

## ଆପୋଲୋ ହସ୍ପିଟାଲ୍‌ରେ 'ଓରାଲ କ୍ୟାନ୍‌ସର୍ ସ୍କ୍ରିନ୍'




ଭୁବନେଶ୍ୱର, ୩୧।୫: ଆପୋଲୋ ହସ୍ପିଟାଲ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ କ୍ୟାନ୍‌ସର ସେଣ୍ଟର ତରଫରୁ ପ୍ରାଥମିକ ସ୍ତରରେ କ୍ୟାନ୍‌ସର ରୋଗ ଚିହ୍ନଟ ପାଇଁ 'ଓରାଲ କ୍ୟାନ୍‌ସର ସ୍କ୍ରିନ୍' ଆରମ୍ଭ କରାଯାଇଛି। ହସ୍ପିଟାଲର ସିଓଓ ତଥା ମେଡିକାଲ ସେବା ନିର୍ଦ୍ଦେଶକ ଆଲୋକ ଶ୍ରୀବାସ୍ତବ କହିଛନ୍ତି ଯେ ଧୂମପାନ ତଥା ତମାଖୁ ସେବନ ଦ୍ୱାରା ଶରୀରକୁ ବିଭିନ୍ନ ରୋଗ, ବିଶେଷ କରି କ୍ୟାନ୍‌ସର ଭଳି ମାରାତ୍ମକ ରୋଗ ମାଡ଼ି ବସେ। କେବଳ ସଚେତନତା ଦ୍ୱାରା ହିଁ ଲୋକଙ୍କୁ ଏଥିରୁ ବଞ୍ଚାଇ ହେବ। ଏହି ସ୍କ୍ରିନ୍‌ରେ ସୁଲଭ ମୂଲ୍ୟରେ ପ୍ରାଥମିକ ସ୍ତରରୁ କ୍ୟାନ୍‌ସର ଚିହ୍ନଟ କରିହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ହସ୍ପିଟାଲର କର୍କଟ ରୋଗ ବିଶେଷଜ୍ଞ ଡା. ପ୍ରଶାନ୍ତ କୁମାର ଦାସ, ଡା. ସମରେନ୍ଦ୍ର ଦାସ, ହେମାଟୋଲୋଜି କନ୍‌ସଲ୍‌ଟାଣ୍ଟ ଡା. ପ୍ରତିଶ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ତମାଖୁ ଯୋଗୁ ମୁଖ ଗହ୍ୱର, ଫୁସଫୁସ ଭଳି ମାରାତ୍ମକ କ୍ୟାନ୍‌ସର ତଥା ଅନ୍ୟାନ୍ୟ ରୋଗ ବଢ଼ୁଛି ବୋଲି କହିଥିଲେ। ମୁଖ ଗହ୍ୱର କ୍ୟାନ୍‌ସରର ଜୈାଣସି ଲକ୍ଷଣ ଦେଖାଗଲେ, ତୁରନ୍ତ ଏହାର ସ୍କ୍ରିନିଂ ହେଲେ ରୋଗମୁକ୍ତ ହେବାର ସମ୍ଭାବନା ଅଧିକ ବଢ଼ିଯିବ ବୋଲି କହିଥିଲେ।

## ଚାନ୍ଦି ଭଣ୍ଡାରର ଟ୍ୟୁଲିପ୍ କଲେକ୍ସନ୍

### ବର୍ଣ୍ଣ ବିଉଟିଫୁଲ୍ ଅଭିଯାନ ଘୋଷଣା




ଭୁବନେଶ୍ୱର, ୩୧।୫: ଚାନ୍ଦି ଭଣ୍ଡାର ପକ୍ଷରୁ ରାଜକୁ ଦୃଷ୍ଟିରେ ରଖି ଏହାର ଆକର୍ଷଣୀୟ ଟ୍ୟୁଲିପ୍ କଲେକ୍ସନ୍‌କୁ ଉନ୍ମୋଚନ କରାଯାଇଛି। ଏଥିରେ ରହିଛି ୧୮ କ୍ୟାରେଟ୍ ସୁନା ଲେପ ଥିବା ରୁପା ଗହଣା ଯାହାକୁ ଟ୍ୟୁଲିପ୍ ଫୁଲର ରଙ୍ଗ ଓ ସୌନ୍ଦର୍ଯ୍ୟରୁ ଅନୁପ୍ରାଣିତ ହୋଇ ପ୍ରସ୍ତୁତ କରାଯାଇଛି। ଗାଢ଼ ଲାଲ, ଉଜ୍ଜ୍ୱଳ ହଳଦିଆ ଓ ଗାଢ଼ କମଳା ରଙ୍ଗକୁ ମଧ୍ୟ ବ୍ୟବହାର କରାଯାଇପାରିଛି ପ୍ରତ୍ୟେକ ଗହଣାକୁ ଜିଙ୍କନ୍ ସହିତ ସଜ୍ଜାଯାଇଛି। ସବୁ ବୟସ ବର୍ଗର ମହିଳା ଓ ଷ୍ଟାଇଲ୍‌କୁ ଦୃଷ୍ଟିରେ ରଖି ଗହଣାଗୁଡ଼ିକୁ ପ୍ରସ୍ତୁତ କରାଯାଇଛି। ଏଥି ସହିତ ଚାନ୍ଦି ଭଣ୍ଡାର ପକ୍ଷରୁ ବର୍ଣ୍ଣ ବିଉଟିଫୁଲ୍ ଅଭିଯାନ ଘୋଷଣା କରାଯାଇଛି। ଏହା ସାରା ରାଜ୍ୟରୁ ୪୦୦୦ରୁ ଅଧିକ ପଞ୍ଜୀକରଣ ହାସଲ କରିଥିଲା। ଦୁଇଦିନର ଅଡିସନ୍ ପରେ ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ଚୟନ କରାଯାଇଥିଲା। ବଡ଼ ସ୍ୱପ୍ନ ରଖିଥିବା ସାଧାରଣ ଝିଅମାନଙ୍କୁ ସେଲିବ୍ରିଟି କରିବା ଏହି ଅଭିଯାନର ଲକ୍ଷ୍ୟ ଥିଲା। ଏହି ଅବସରରେ ଚାନ୍ଦି ଭଣ୍ଡାର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଛନ୍ତି ଯେ ଚାନ୍ଦି ଭଣ୍ଡାରରେ ଏହା ଏକ ପର୍ବଠାରୁ ଅଧିକ। ଏହା ଏକ ଆନ୍ଦୋଳନ। ଆମର ନୂଆ କଲେକ୍ସନ ଓ ଅଭିଯାନ ମହିଳାମାନଙ୍କ ପ୍ରତି ଏକ ସମ୍ମାନ। ଉପଭୋକ୍ତାଙ୍କ ପ୍ରତ୍ୟେକ ମହିଳା ବିଶ୍ୱାସ ନେବା, ଚମକିବା ପାଇଁ ଯୋଗ୍ୟ ବୋଲି ସେ କହିଛନ୍ତି। ଏହି ଅବସରରେ ଉତ୍ସବ ଅଫର ଘୋଷଣା କରାଯାଇଛି। ଗ୍ରାହକମାନେ ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୦ ପ୍ରତିଶତ ରିହାତି ପାଇପାରିବେ। ଏହି ଅଫର ଜୁନ୍ ୧୬ ପର୍ଯ୍ୟନ୍ତ ଜାରି ରହିବ। ଏହି ଅବସରରେ ମାଲିକ ହଂସ ଉପସ୍ଥିତ ଥିଲେ।

## ଅଭିନେତା ଅର୍ଶଦ ୱର୍ସି ପୁଞ୍ଜି ବଜାରରୁ ବ୍ୟାନ

### ଜାଲିଆତି କାର୍ଯ୍ୟରେ ଜଡ଼ିତ ଥିବାରୁ ସେବିର କଟକଣା



ମୁମ୍ବାଇ,୩୧।୫: ପୁଞ୍ଜି ବଜାର ନିୟାମକ ସେବି ବଲିଉଡ୍ ଅଭିନେତା ଅର୍ଶଦ ୱର୍ସି, ତାଙ୍କ ପତ୍ନୀ ଏବଂ ଭାଇଙ୍କୁ ବର୍ଷକ ପାଇଁ ସିକ୍ୟୁରିଟି ବଜାରରୁ ବ୍ୟାନ୍ କରିଛି। ଅର୍ଶଦଙ୍କ ବ୍ୟତୀତ ଆଉ ୫୮ ଜଣଙ୍କୁ ମଧ୍ୟ ବଜାରରୁ ବ୍ୟାନ କରାଯାଇଛି। ସେବିର କହିବାନୁସାରେ, ଏହି ବ୍ୟକ୍ତିମାନେ ବଜାରରେ ଜାଲିଆତି କାର୍ଯ୍ୟରେ ଜଡ଼ିତ ରହିଥିଲେ। ସେବି ବର୍ଷକ ପାଇଁ ବ୍ୟାନ୍ କରିବା ସହିତ କିଛି ଲୋକଙ୍କ ଉପରେ ୫ ଲକ୍ଷ ଟଙ୍କା ଲେଖାଏଁ ଜରିମାନା ବି ଲଗାଇଛି। ମୋଟ ୧.୦୫ କୋଟି ଟଙ୍କାର ଅବୈଧ ଆୟକୁ ଜବତ କରିବା ଲାଗି ନିର୍ଦ୍ଦେଶ ଦେଇଛି ସେବି। ଏହି କାର୍ଯ୍ୟାନୁଷ୍ଠାନ ସାଧନା ବ୍ରଡ଼କାଷ୍ଟ ଲିମିଟେଡ଼ର ସେୟାର ହେରଫେର ପାଇଁ ନିଆଯାଇଛି। ସେବି ଅନୁସାରେ, ଏହି ବ୍ୟକ୍ତିମାନେ ସେୟାର ମୂଲ୍ୟକୁ ମନମୁଖୀ ଭାବେ ବଢ଼ାଇ ତାହାକୁ ଉଚ୍ଚ ଦରରେ ବିକ୍ରି କରୁଥିଲେ।

## ୫୭% କମିଗଲା ହିରୋର ଏଚଏଫ ଡିଲକ୍ସ ବାଇକର ବିକ୍ରି



ନୂଆଦିଲ୍ଲୀ, ୩୧।୫: ବର୍ତ୍ତମାନ ଦେଶରେ ଲୋକମାନେ ଅଧିକ ପାୱାର ସମ୍ପନ୍ନ ଇଂଜିନ ଥିବା ବାଇକ୍ ଉପରେ ଧ୍ୟାନ ଦେଉଛନ୍ତି। କାରଣ, ୬୦-୭୦ ହଜାର ଟଙ୍କା ମୂଲ୍ୟର ବାଇକ ପ୍ରତି ଲୋକଙ୍କ ପସନ୍ଦ କମିବାରେ ଲାଗିଛି। ବାସ୍ତବରେ ଏବେ ହିରୋର ଏକ ବାଇକର ବିକ୍ରି ଏତେ ହ୍ରାସ ପାଇଛି ଯେ ଏବେ ଏହା ପ୍ରମାଣିତ ହୋଇଛି। ବାସ୍ତବରେ ହିରୋର ଏଚଏଫ ଡିଲକ୍ସ ବାଇକ୍, ଯାହା ଦିନେ ବିକ୍ରି ମାମଲାରେ ଏକ ଲକ୍ଷ ସଂଖ୍ୟା ଅତିକ୍ରମ କରିଥିଲା, ଏବେ ବିକ୍ରିରେ ବହୁତ ପଛରେ ପଡ଼ିଯାଇଛି। ଗତ ବର୍ଷ ତୁଳନାରେ, ଏହି ବାଇକର ବିକ୍ରି ଏବେ ଅଧା ହୋଇଯାଇଛି। ବାସ୍ତବରେ ଗତ ମାସରେ ଏଚଏଫ ଡିଲକ୍ସ ୪୧,୦୨୮ ୟୁନିଟ୍ ବିକ୍ରି କରିଥିଲା, ଯେତେବେଳେ ଗତ ବର୍ଷ ସମାନ ସମୟରେ କମ୍ପାନୀ ଏହି ମଡେଲର ୯୭୦୪୮ ୟୁନିଟ୍ ବାଇକ୍ ବିକ୍ରି କରିଥିଲା। ଏଥର ହିରୋକୁ ବଡ଼ ଝଟକା ଲାଗିଛି, ଏବଂ ପ୍ରାୟ ୫୫୪୦୩ ୟୁନିଟ୍ କମ୍ ବିକ୍ରି ହୋଇଛି, ଏପରି ପରିସ୍ଥିତିରେ କମ୍ପାନୀକୁ ବିକ୍ରୟରେ ୫୭% କ୍ଷତି ସହିବାକୁ ପଡିଛି। ଏହି ବାଇକ୍‌ର ଏକ୍ସ-ଶୋରୁମ୍ ମୂଲ୍ୟ ୬୦୪୪୮ ଟଙ୍କାରୁ ଆରମ୍ଭ ହେଉଛି। ଏଚଏଫ ଡିଲକ୍ସରେ ଏକ ୯୭.୨ ସିସି ଫୁଏଲ୍ ଇଞ୍ଜେକ୍ସନ୍ ଇଞ୍ଜିନ୍ ଅଛି, ଯାହା ୮.୩୬ ପିଏସ ପାୱାର ଏବଂ ୮.୦୫ ଏନଏମ ଟର୍କ ଜେନେରେଟ୍ କରେ। ଏହା ଦୈନନ୍ଦିନ ବ୍ୟବହାର ପାଇଁ ଏକ ଭଲ ବାଇକ୍। ବୈଶିଷ୍ଟ୍ୟ ବିଷୟରେ କହିବାକୁ ଗଲେ, ଏହି ବାଇକ୍‌ରେ ମେଟାଲ୍ ଗ୍ରାବ୍ ରେଲ୍, କ୍ରାସ୍ ଗାର୍ଡ, ଆଲୟ ଚକ ଏବଂ ଟ୍ୟୁବଲେସ୍ ଟାୟାର ଭଳି ବୈଶିଷ୍ଟ୍ୟ ରହିଛି। ବାଇକ୍‌ର ଆଗ ଏବଂ ପଛ ଚକରେ ଡ୍ରମ୍ ବ୍ରେକ୍ ଉପଲବ୍ଧ।




## ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ୨ ନୂଆ ପେଟେଣ୍ଟ ଉତ୍ପାଦ

ନୂଆଦିଲ୍ଲୀ, ୩୧।୫: ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆ ପକ୍ଷରୁ ୨ଟି ନୂଆ ପେଟେଣ୍ଟପ୍ରାପ୍ତ ରଙ୍ଗ ଆବୃତ ଉତ୍ପାଦ ଅପ୍ଟିଗାଲ୍ ପ୍ରାଇମ୍ ଓ ଅପ୍ଟିଗାଲ୍ ପିନାକଲ୍‌କୁ ଉନ୍ମୋଚନ କରାଯାଇଛି। ଦୁଇ ଉତ୍ପାଦ ଉପରେ ଯଥାକ୍ରମେ ୧୫ ବର୍ଷ ଓ ୨୫ ବର୍ଷର ୱାରେଣ୍ଟି ରହିଛି। ଅପ୍ଟିଗାଲ୍ ପ୍ରାଇମ୍ ସହରାଞ୍ଚଳ ଓ ମଧ୍ୟମ କ୍ଷୟକାରୀ ପରିବେଶ ପାଇଁ ଉପଯୁକ୍ତ। ସେହିପରି ଅପ୍ଟିଗାଲ୍ ପିନାକଲ୍ ରୁକ୍ଷ ଶିଳ୍ପ ପରିବେଶ ଓ ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ପ୍ରସ୍ତୁତ କରାଯାଇଛି। ଏହି ଅବସରରେ କମ୍ପାନିର ବିକ୍ରୟ ଓ ବିପଣନ ନିର୍ଦ୍ଦେଶକ ତଥା ଉପସଭାପତି ରଞ୍ଜନ ଧର କହିଛନ୍ତି ଯେ ନୂଆ ଉତ୍ପାଦର ଶୁଭାରମ୍ଭ ଗୁଣବତ୍ତା, ଦୀର୍ଘସ୍ଥାୟିତ୍ୱ ଓ ନବସୃଜନ ପ୍ରତି ଆମ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଭାରତର ଭିତ୍ତିଭୂମି ଓ ନିର୍ମାଣ ଆବଶ୍ୟକତା ବିକଶିତ ଭାରତ ପଥରେ ଅଗ୍ରସର ହେଉଥିବାରୁ ଆମେ ବିବିଧ ଜଳବାୟୁ ଓ ଶିଳ୍ପ ଚାହିଦା ପୂରଣ କରୁଥିବା ବିଶ୍ୱସ୍ତରୀୟ ଉଚ୍ଚ କ୍ଷମତା ସମ୍ପନ୍ନ ଇସ୍ପାତ ସମାଧାନ ପ୍ରଦାନ କରି ଗର୍ବ ଅନୁଭବ କରୁଛୁ।

## ଫ୍ୟୁଚର୍ ଫର୍ଟିଲିଟିର 'ଫ୍ୟୁଚର୍‌କନ୍ ୨୦୨୫'

ଭୁବନେଶ୍ୱର, ୩୧।୫: ଫ୍ୟୁଚର୍ ଫର୍ଟିଲିଟି ପକ୍ଷରୁ ପଲିସିଷ୍ଟିକ୍ ଓଭାରି ସିଣ୍ଡ୍ରୋମ୍ (ପିସିଓଏସ୍) ଉପରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାରା ରାଜ୍ୟରୁ ଆସିଥିବା ପ୍ରାୟ ୩୦୦ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ସମାରୋହକୁ ଡାକ୍ତର ବବିତା ପଣ୍ଡା ସମ୍ବୋଧିତ କରିଥିଲେ। କାର୍ଯ୍ୟକ୍ରମରେ ପିସିଓଏସ୍‌ର ସଠିକ ନିଦାନ, କିଶୋରୀ ପିସିଓଏସ୍, ପ୍ରଜନନ କ୍ଷମତା ଓ ଗର୍ଭଧାରଣ ଫଳାଫଳରେ ଉନ୍ନତି ଆଣିବା ଉପରେ ଆଲୋଚନା ହୋଇଥିଲା। ଡାକ୍ତର ଚାର୍ମିଳା ଆୟ୍ୟାଭୁଙ୍କ ନେତୃତ୍ୱରେ ଏକ ପ୍ୟାନେଲ୍ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅତିଥି ଭାବେ ଯୋଗଦେଇ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର 'ବେଡ୍‌ରୁମ୍‌ରୁ ଲାବୋରେଟୋରି: ପ୍ରଜନନର ଗୁପ୍ତ ରହସ୍ୟ' ବିଷୟରେ ଅଭିଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ସିନ୍ଧୁ ନନ୍ଦିନୀ ତ୍ରିପାଠୀ, ସୂର୍ଯ୍ୟ ନାରାୟଣ ଦାଶ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପୋଷ୍ଟ ଗ୍ରାଜୁଏଟ କୁଇଜ୍, ବିଶେଷଜ୍ଞ ଅଧ୍ୟୟନ ଅଧିବେଶନ ଓ ପ୍ରତିନିଧିମାନଙ୍କ ପାଇଁ ଲକି ଡ୍ର' ଅନୁଷ୍ଠିତ ହୋଇଥିଲା।




## ଆଜିର ସୁନା ଦର



ସୁନା ଦର ଏବେ ଆକାଶଛୁଆଁ ହେବାକୁ ଲାଗିଛି। ତାହା ସହିତ ରହିଛି ଗଢ଼ା ମଜୁରୀ। ଗତ କିଛି ମାସ ଭିତରେ ସୁନାର ଦର କ୍ରମାଗତ ଭାବେ ବଢ଼ି ଚାଲିଥିବାରୁ ସୁନା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଛି।ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭, ୩୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭, ୩୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୨୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭,୩୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯, ୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୭, ୪୬୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୩୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯, ୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୩୧୦ ଓ ୮୯, ୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୯,୯୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।

## ବିଲ୍ଡିଂରେ ମାଡ଼ିଗଲାଣି ଅନାବନା ଗଛ

# ଭୂତକୋଠି ପାଲଟିଛି ବିଏଡ୍ କଲେଜ

**ରାୟଗଡ଼ା,୩୧।୫(ସଂଚାର ବ୍ୟୁରୋ):** ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାରେ ଉଚ୍ଚଶିକ୍ଷାର ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ରାଜ୍ୟ ସରକାର ବିଭିନ୍ନ ଶିକ୍ଷାନୁଷ୍ଠାନ ଖୋଲିବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ପାଇଁ ତାଲିମ ପ୍ରଦାନ କରୁଛନ୍ତି । କିନ୍ତୁ ପ୍ରଶାସନିକ ଅବହେଳାରୁ ବହୁ ଶିକ୍ଷାନୁଷ୍ଠାନ କାର୍ଯ୍ୟକ୍ଷମ ହୋଇପାରୁନି । ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ରାୟଗଡ଼ା ବିଏଡ୍ କଲେଜ। ରାୟଗଡ଼ା ପେଣ୍ଠା ପଞ୍ଚାୟତ ଅମ୍ଳଭଟା ଛକରେ ଥିବା ବିଏଡ୍ କଲେଜ, କାର୍ଯ୍ୟକ୍ଷମ ନହେବା କାରଣରୁ ଏହି କୋଠା ଏବେ ଏକ ଭୂତକୋଠିରେ ପରିଣତ ହୋଇଛି। କୋଠା ଚାରିପାଖରେ ଜଙ୍ଗଲ ପାଲଟିଗଲାଣି। କୋଠାରେ ଲାଗିଥିବା ଝରକା କବାଟ ସାଙ୍ଗକୁ ବିଦ୍ୟୁତ ସରଞ୍ଜାମ ଚୋରି ହୋଇଗଲାଣି। ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ପାଲଟିଛି ଏହି କୋଠା । ରାୟଗଡ଼ା ଜିଲ୍ଲାରେ ବିଏଡ୍ କଲେଜ ନଥିବାରୁ ଛାତ୍ରଛାତ୍ରୀ ଆନ୍ଧ୍ର ପ୍ରଦେଶକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି। ୨୦୧୭ରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ୮ କୋଟି ଟଙ୍କାରେ ବିଏଡ୍ କଲେଜ ନିର୍ମାଣ ହୋଇଥଲା । ୨୦୨୨ରେ ବିଏଡ୍ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ରାୟଗଡ଼ା ମଡେଲ୍ ଡିଗ୍ରି କଲେଜକୁ ଚିଠି ଲେଖିଥିଲା ଉଚ୍ଚଶିକ୍ଷା ବିଭାଗ। ମଡେଲ୍ ଡିଗ୍ରି କଲେଜ ଅଧ୍ୟକ୍ଷ ବିଏଡ୍ କଲେଜରେ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ବାରମ୍ବାର ଆଇଟିଡିଏ, ପିଡବ୍ଲ୍ୟୁଡି ଓ ଉଚ୍ଚଶିକ୍ଷା ବିଭାଗକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ । ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି । ରାୟଗଡ଼ା ଜିଲ୍ଲାର ଛାତ୍ରଛାତ୍ରୀ ବିଏଡ୍ କରି ଶିକ୍ଷକତା କରିବା ପାଇଁ ଦେଖିଥିବା ସ୍ୱପ୍ନ ତାହା ସ୍ୱପ୍ନରେ ରହିଯାଇଛି। ବିଏଡ୍ କଲେଜ ଖୋଲିବା ପାଇଁ ଏବେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପକୁ ଅପେକ୍ଷା ।



# ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ, ଆଜି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା

**ସୁବର୍ଣ୍ଣପୁର,୩୧।୫(ସଂଚାର ବ୍ୟୁରୋ):** ଗତକାଲି ଭେରୀତୁରୀ, ଘଣ୍ଟ ମୃଦଙ୍ଗ ଡିଜେବାଜା ଓ ଶବର ଶବରୁଣୀ ନୃତ୍ୟ ସହ ଥନାପତିପଡା ସ୍ଥିତ ବାବା ଚନ୍ଦ୍ର ଶେଖର ମନ୍ଦିର ରୁ ଦେବାଦେବୀ ଙ୍କ ବିରାଟ ପଟୁଆରରେ ବାହାରି ଘୋଡାଘାଟପଡା ସ୍ଥିତ ହିମାଦ୍ରୀ ନଗର ରେ ମାତା ପାର୍ବତୀଙ୍କ ସହ ବିବାହ ପାଣିଗ୍ରହଣ ପାଇଁ ପହଞ୍ଚି ଥିଲେ।କନ୍ୟାପିତା ସ୍ୱରୁପ ରେ ଥିବା ଇତିଶ୍ରୀ ବିଦ୍ୟାଧର ଓ ପ୍ରକାଶ ବିଦ୍ୟାଧର ଙ୍କ ବାସଭବନ ପରିସର ଲୋକାରଣ୍ୟ ହୋଇପଡ଼ିଥିଲା ପରେ ମଧ୍ୟରାତ୍ରରେ ପ୍ରଭୁ ଭୋଳା ଶଙ୍କର ଓ ମାତା ପାର୍ବତୀ ଙ୍କ ବିବାହ ସଂପନ୍ନ ହୋଇଥିଲା। ସୁବର୍ଣ୍ଣପୁର ର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ର ଏକ ବିଶେଷତ୍ୱ ଏହା ଯେ ଯାତ୍ରା ର ମୁଖ୍ୟ ଆକର୍ଷଣ ଭାବରେ ୧୦୮ ଭରି ସୁନା ନାଗ ମୂର୍ତ୍ତି ଓ ମହଣ ମହଣ ରୂପା ନିର୍ମିତ ଦେବା ଦେବୀ ଙ୍କ ଆକର୍ଷଣୀୟ ବିମାନ ଯାହାକି ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଙ୍କ ଏକ ଆକର୍ଷଣ ର କେନ୍ଦ୍ରବିନ୍ଦୁ ପାଲଟିଥାଏ। କଥିତ ଅଛି ମହାଦେବ ଓ ମାତା ପାର୍ବତୀ ଙ୍କ ଏଇ ଦୁର୍ଲଭ ଯୁଗଳ ମୂର୍ତ୍ତି ଦର୍ଶନ ରେ ଅନେକ ପୂଣ୍ୟ ଫଳ ପ୍ରାପ୍ତି ହୋଇଥାଏ। ଶୀତଳଷଷ୍ଠୀ ଚତୁର୍ଦ୍ଦଶୀ ତିଥି ରେ ସୁବର୍ଣ୍ଣପୁର ର ଇଷ୍ଟ ଦେବ ବାବା ସୁବର୍ଣ୍ଣ ମେରୁ ମହାରାଜାଙ୍କ ଚଳନ୍ତି ପ୍ରତିମା ଶ୍ରୀ ଚନ୍ଦ୍ର ଶେଖର ବାବା ଏହି ବିବାହ ଶୋଭାଯାତ୍ରାରେ ବାହାରିବା ବେଳେ ସହରର ଅଷ୍ଟ ଶମ୍ଭୁ, ଅଷ୍ଟ ବିଷ୍ଣୁ, ଅଷ୍ଟ ଚଣ୍ଡୀ ଙ୍କସହ ସମସ୍ତ ଦେବା ଦେବୀ ହିମାଦ୍ରୀ ନଗର କୁ ବିଜେ କରିଥାନ୍ତିକ୍ଷ ସେଠାରେ ଶିବ ମହାପ୍ରଭୁ ଙ୍କୁ ପୂଜା ଅର୍ଚ୍ଚନା ସହ ଆମନ୍ତ୍ରଣ କରାଯାଇ ବିଧିମତେ ମାତା ପାର୍ବତୀ ଦେବୀଙ୍କ ସହ ବିବାହ ଅନୁଷ୍ଠିତ ହୋଇଥିଲାକ୍ଷ ଦେବ ଦମ୍ପତି ଙ୍କ ବିବାହ ସମାପନ ପରେ ଉଭୟ ଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରିବାପାଇଁ ମାତା ପିତା ଙ୍କ ବାସ ଭବନ ରେ ଭକ୍ତ ଓ ଶ୍ରଦ୍ଧାଳୁ ଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଆଜି ମଧ୍ୟ ରାତ୍ରରେ ନିଜର ସ୍ୱ -ମନ୍ଦିର ବିଜେ ପାଇଁ ଏକ ବିରାଟ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରାରେ ନୀତି କାନ୍ତି ଅନୁସାରେ ସମସ୍ତ ଦେବା ଦେବୀ ଙ୍କୁ ସାଙ୍ଗରେ ଧରି ବାହାରିପଡ଼ିବେ।



## ଆନନ୍ଦପୁରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ।

# ଲୁଟେରା, ମାଫିଆ ସକ୍ରିୟ ; ମାମଲା ରୁଜୁକରି ବସିଛି ପୁଲିସ

**ଆନନ୍ଦପୁର,୩୧।୫(ସଂଚାର ବ୍ୟୁରୋ):** ସମଗ୍ର ଆନନ୍ଦପୁର ଉପଖଣ୍ଡରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଚୋରି ଡକାୟତି ସାଙ୍ଗକୁ ମାଫିଆରାଜ୍ ବଢ଼ିଚାଲିଥିବାବେଳେ ପୁଲିସ୍ ବିଭାଗର ଅସହାୟତା ମଧ୍ୟ ନଜରକୁ ଆସିଛି। ବିଭିନ୍ନ ଚୋରି ଘଟଣାରେ ପୁଲିସ୍ କେବଳ ମାମଲା ରୁଜୁକରି ଚୁପ୍ ବସୁଥିବାବେଳେ ସେମାନଙ୍କୁ ଧରିବାକୁ ସାମାନ୍ୟତମ ଉଦ୍ୟମ ମଧ୍ୟ କରୁନଥିବା ଅଭିଯୋଗ ହୋଇଛି। ନିକଟରେ ଅନେକ ଚୋରି ଘଟଣା ଘଟିଥିଲେ ମଧ୍ୟ ପୁଲିସ୍ କୌଣସି ତତ୍ପରତା ପ୍ରକାଶ କରୁନାହିଁ। ଏପରିକି ଅନେକ ସ୍ୱର୍ଣ୍ଣକାତର ଘଟଣାରେ ଅଭିଯୁକ୍ତମାନଙ୍କୁ ରାଜନୈତିକ ଚାପରେ ଧରିବାକୁ ସାହସ ଜୁଟାଇ ପାରୁନଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଗତ ୨୭ତାରିଖ ରାତିରେ ରାମଚନ୍ଦ୍ରପୁର ଥାନା ଅଳତୀ ଗ୍ରାମରେ ସିରିଜ୍ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ଗ୍ରାମର ମଦନମୋହନ ବରାଳ, ରାମଚନ୍ଦ୍ର ବରାଳ, ବାମନ ସେଠୀଙ୍କ ଘରେ ପଶି ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଓ ଟଙ୍କା ନେଇ ପଳାଇଥିଲେ। ସେହି ରାତିରେ ଚୋରମାନେ ହାଟଡିହି ବ୍ଲକ ନନ୍ଦିପଦା ଥାନା ନାହାଳିଆ ଗ୍ରାମର ବିଶ୍ୱନାଥ ନାୟକଙ୍କ ଘରର ଗ୍ରୀଲ ଭାଙ୍ଗି ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଓ ଟଙ୍କା ଲୁଟି ନେଇଥିଲେ। ୨୯ତାରିଖ ମଧ୍ୟାହ୍ନରେ ଶାଳନିଆଁ ବଜାରରେ ଭଦ୍ରକ ଶାନ୍ତି ଫାର୍ମାସ୍ୟୁଟିକାଲର କର୍ମଚାରୀ ସୁବାସ ବେହୁରିଆଙ୍କ ବାଇକ୍ ଡିକି ଭାଙ୍ଗି ଲୁଟେରାମାନେ ୪୦ହଜାର ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ଥାନାରେ କେବଳ ମାମଲା ରୁଜୁ ହୋଇଛି। ଗତକାଲି ରାତିରେ ରାମଚନ୍ଦ୍ରପୁର ଥାନା ଜନାର୍ଦ୍ଦନପୁର ପାଟଣା ଗ୍ରାମରେ ଜଣେ ବ୍ୟକ୍ତିଙ୍କର ୧୭ଟି ଛେଳିକୁ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ଗତକାଲି ରାତିରେ ଆନନ୍ଦପୁର ଥାନା ବଞ୍ଝୋ ଗ୍ରାମର ମାର୍କଣ୍ଡ ଓଝାଙ୍କ ଘରେ ଚୋରମାନେ ପଶି ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଚୋରି ହୋଇଛି। ସେହିପରି କିଛିଦିନ ତଳେ ଛେନାପଦିରେ ଅଧ୍ୟାପିକାଙ୍କ ଘରୁ ଲୁଟ୍, କୁଣ୍ଡିସାହି ଗ୍ରାମରୁ ଲୁଟ୍, ଛେନାପଦି ଛକରେ ବିପିନ୍ ସାଙ୍କଘରୁ ଲୁଟ୍, ହାଟଡିହିର ଯତୀନ୍ଦ୍ର ବୈଠାଙ୍କଘରୁ ଲୁଟ୍ ଘଟଣାରେ ପୁଲିସ୍ କେବଳ ମାମଲା ରୁଜ କରିବାରେ ସକ୍ଷମ ହୋଇଛି। ଗତ ମାର୍ଚ୍ଚ ୪ତାରିଖ ରାତି ଗୋଟାଏବେଳେ ଶାଳପଡ଼ା ଆନନ୍ଦପୁର ଆରଏମସି କାର୍ଯ୍ୟାଳୟ ପରିସରରେ ଥିବା ଅନନ୍ତଗୋପାଳ ଡିଷ୍ଟ୍ରିବ୍ୟୁଟର ଗୋଦାମରୁ ୧୦ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ମଧ୍ୟ ପୁଲିସ୍ କୌଣସି ତତ୍ପରତା ପ୍ରକାଶ ନକରିବାରୁ ଏହାର କୌଣସି ପର୍ଦ୍ଦାଫାସ ହୋଇପାରିନି।

# ‘ବର୍ଜ୍ୟବସ୍ତୁ ପରିଚାଳନା’ ଉପରେ ଜିଲ୍ଲାସ୍ତରୀୟ ଆଇନ୍ ସଚେତନତା ଶିବିର



**ସୁବର୍ଣ୍ଣପୁର,୩୧।୫ (ସଂଚାର ବ୍ୟୁରୋ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ ମୟୂରଉଡାନ ପଞ୍ଚାୟତ ଅନ୍ତର୍ଗତ କୀର୍ତ୍ତିପୁର ଅଙ୍ଗନବାଡି ଠାରେ “ବର୍ଜ୍ୟବସ୍ତୁ ପରିଚାଳନା” ବିଷୟ ଉପରେ ଏକ ଜିଲ୍ଲା ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଏହି ଶିବିର ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ସଚିବ ଶ୍ରୀ ଦେବାଶିଷ ଦାଶ ମୁଖ୍ୟ ଅତିଥି ରୂପରେ ଯୋଗ ଦେଇ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ ଓ ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀ ଦେବାଶିଷ ଭୂୟାଁ, ସହକାରୀ ଯନ୍ତ୍ରୀ, ସୋନପୁର ପୌରପାଳିକା ଏବଂ ଶ୍ରୀ ଅଜୟ ସ୍ୱାଇଁ, ସାନିଟାରୀ ବିଶେଷଜ୍ଞ, ସୋନପୁର ପୌରପାଳିକା ପ୍ରମୁଖ ଯୋଗ ଦେଇ ବର୍ଜ୍ୟବସ୍ତୁ ପରିଚାଳନା ବିଷୟ ଉପରେ ସାଧାରଣ ଜନତା ଙ୍କୁ ଅବଗତ କରିଥିଲେ ଓ ଏହି ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ସିଦ୍ଧାନ୍ତ କୁମାର ବାଘ, ରଞ୍ଜନ କୁମାର ଭୋଇ ଏବଂ ଅନାମ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଉମାକାନ୍ତ ରଥ ରାଇକିଆ କଲେଜର ନୂତନ ଅଧ୍ୟକ୍ଷ

**ରାଇକିଆ,୩୧।୫ (ସଂଚାର ବ୍ୟୁରୋ):** ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବେ ଅର୍ଥଶାସ୍ତ୍ର ବିଭାଗର ବରିଷ୍ଠ ପ୍ରଫେସର ଉମାକାନ୍ତ ରଥ ଦାୟତ୍ୱ ଗ୍ରହଣ କରିଛନ୍ତି। ଏନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସର ଗ୍ରହଣ କରିଥିବା ଇଂରାଜୀ ବିଭାଗ ବରିଷ୍ଠ ପ୍ରଫେସର୍ ପ୍ରଭାକର ରାଜୁଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ପୂର୍ବତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏଥି ସହ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ ନାୟକ, ଶଙ୍କର୍ଷଣ ସାହୁ, ଅବସର ପ୍ରାପ୍ତ ପ୍ରଫେସର୍ ଖଦାଳ ସାହୁଙ୍କ ସମେତ ପୂର୍ବତନ ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ।



# ଗୋଷ୍ଠୀ ସହଶିକ୍ଷାଧିକାରୀ ଅବସରକାଳୀନ ସମ୍ବର୍ଦ୍ଧନା



**ଡୁଙ୍ଗୁରିପାଲି,୩୧।୫(ସଂଚାର ବ୍ୟୁରୋ):** ଡୁଙ୍ଗୁରିପାଲି ବ୍ଲକ ଗୋଷ୍ଠୀ ସହଶିକ୍ଷାଧିକାରୀ ବଟକୃଷ୍ଣ ପାଢ଼ୀ ଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ବ୍ଲକ ଶିକ୍ଷାଧିକାରୀ ଗଣେଷ କିଷାନ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏବିଇଓ ତଥା ବିଆରସିସି ଗଞ୍ଜୁ ମିର୍ଧା ଓ ଏବିଇଓ ଜଗତ ମଲ୍ଲିକ ଯୋଗଦେଇ ଉପଢୌକନ, ମାନ ପତ୍ର ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପୂର୍ବତନ ସିଆରସିସି ସୁରେଶ ପୂଜାରୀ, ଡାକ୍ତର ପତି, ସଲିଲ ସାହୁ, ପୌଲସ୍ତି ବାରିକ, ଥବିର ବୁଡ଼େକ, ହାରାଧନ ବେରିଆ, ଥବିର ଦୋରା, ବର୍ତମାନ ର ସିଆରସିସି ସୁରେନ୍ଦ୍ର ରଥ, ପ୍ରବୀର ଭୋଇ, ରମେଶ ଭୋଇ, ଚିତ୍ତରଞ୍ଜନ ଠାକୁର, ସୁରେଶ ନାୟକ, ଦିଲ୍ଲୀପ ପଧାନ, ସୁଧାଂସୁ ସାହୁ, ନୀଳକଣ୍ଠ ନାଏକ, ରଞ୍ଜନ ଦାଶ, ସୌରଭ ସାହୁ, ରାଧେଶ୍ୟାମ ରଥ, ସୁନୀଲ ସେଟ, ପ୍ରଦୀପ୍ତ କିଶୋର ଦାଶ, ବିଆରଟି ମନୋଜ ସାହୁ, ସୀତାରାମ ପଧାନ ଯୋଗଦେଇ ଅବସର ପ୍ରାପ୍ତ ଏବିଇଓ ବଟକୃଷ୍ଣ ପାଢ଼ୀ ଙ୍କ ଗୁଣଗାନ କରିଥିଲେ। ଅବସର ପ୍ରାପ୍ତ ଏବିଇଓ ଶ୍ରୀଯୁକ୍ତ ପାଢ଼ୀ ନିଜ ବକ୍ତବ୍ୟ ରେ ନିଜ ଶିକ୍ଷକତା ଜୀବନର ବିଗତ ଦିନର କଥା ଓ ବ୍ଲକ ର ଶିକ୍ଷା ପରିବାର ର ସ୍ନେହ ଶ୍ରଦ୍ଧା ଓ କର୍ମ ତତ୍ପରତା ବିଷୟରେ ସ୍ମୃତି ଚାରଣ କରି ଛାତ୍ରଛାତ୍ରୀ ଙ୍କ ଶିକ୍ଷାର ବିକାଶ ପାଇଁ ନିରନ୍ତର ପ୍ରୟାସ କରିବା ଏକ ଆଦର୍ଶ ଶିକ୍ଷକ ର ଗୁଣ ବୋଲି କହିଥିଲେ। ବ୍ଲକ ଶିକ୍ଷା କାର୍ଯ୍ୟାଳୟ ର ସରୋଜ ମେହେର, ସମୀର ପଧାନ, ଅରୁଣ ଥପା, ଯଜ୍ଞଦତ୍ତ ବିଶ୍ୱାଳ, ଶ୍ରଦ୍ଧା ସାହୁ, ବିନାୟକ ମିଶ୍ର, ସେବକ ସା, ବିଭୁତି ପଧାନ ଓ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ। ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ କରମ ଚନ୍ଦ୍ର ବାରିକ ମାନପତ୍ର ପଠନ କରିଥିଲେ। ତମାମୁରା ସିଆରସିସି ଶୁଭଲାଲ ସାହୁ ସଭା ପରିଚାଳନା କରିଥିବା ବେଳେ ଗଜବନ୍ଧ ସିଆରସିସି ଧନ୍ୟବାଦ ଅର୍ପଣ କରିଥିଲେ ।

# ୫ ବର୍ଷ ପରେ ବି ସରୁନି ପାର୍କ କାମ ; ପାଣିରେ ପଡ଼ିଲା ୫୦ ଲକ୍ଷ

**ମାଲକାନଗିରି,୩୧।୫(ସଂଚାର ବ୍ୟୁରୋ):** ମାଥିଲିରେ ଫେଲ୍ ମାରିଛି ସରକାରୀ ଯୋଜନା । ଦୀର୍ଘ ୫ବର୍ଷ ହେଲାଣି ପାର୍କ କାମ ସରୁନି । ଖାଲି ପାଚେରି ନିର୍ମାଣ କରି କାମ ସାରିଦେଇଛନ୍ତି ବିଭାଗୀୟ ବାବୁ । ଅଧପନ୍ତରିଆ କାମ ବି ସେ ପାଚେରି ବି ନଷ୍ଟ ହେବାକୁ ବସିଲାଣି । ମାଲକାନଗିରି ମାଥିଲି ବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ୫୦୦ ମିଟର ଦୂର ଝୁଲୁନିବାହାଲରେ ଚାଲିଛି ପାର୍କ କାମ । ଏଥିପାଇଁ ମନରେଗାରେ ୩୦ ଲକ୍ଷ ଏବଂ ବ୍ଲକ୍ ପକ୍ଷରୁ ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । ୨୦୨୦ରୁ କାମ ଆରମ୍ଭ ହୋଇଛି । ୫ ବର୍ଷରେ ଖର୍ଚ୍ଚ ହୋଇଛି ମାତ୍ର ୧୦% ଅର୍ଥ । ଅଧାଗଢ଼ା ପାଚେରିରେ ଅଟକିଛି ପ୍ରକଳ୍ପ । ବଳକା ଅର୍ଥକୁ ବିନିଯୋଗ କରି ପାର୍କ କାମ ସାରିବାକୁ ବ୍ଲକ୍ ପ୍ରଶାସନ ମନଯୋଗ ଦେଉନଥିବା ଅଭିଯୋଗ ହୋଇଛି । ନିର୍ମାଣାଧୀନ ପାର୍କ ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ପ୍ରକଳ୍ପ କାମରେ ବିଳମ୍ବ ପାଇଁ ବ୍ଲକ ପ୍ରଶାସନକୁ ଦାୟୀ କରିଛନ୍ତି ସ୍ଥାନୀୟ ବାସିନ୍ଦା ।



# ଶିଶୁ ରୋଗ ବିଶେଷଜ୍ଞ ତଥା ଏଡିଏମ୍‌ଓ ହତ୍ୟା ମାମଲାରରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ



**ସୁବର୍ଣ୍ଣପୁର,୩୧।୫ (ସଂଚାର ବ୍ୟୁରୋ):** ବହୁ ଚର୍ଚ୍ଚିତ ସୁବର୍ଣ୍ଣପୁର ଏଡିଏମଓ ତଥା ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଦୁର୍ବାଦଳ ମିଶ୍ର ହତ୍ୟା ମାମଲାରେ ପ୍ରକାଶ ପାଇଲା ରାୟ। ଦୀର୍ଘ ୧୧ ବର୍ଷ ପରେ ମାମଲାର ରାୟ ଶୁଣାଇଲେ ସୁବର୍ଣ୍ଣପୁର ଏଡିଜେ କୋର୍ଟ। ଦୁଇ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ୨୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍। ସୂଚନାନୁଯାୟୀ, ୨୦୧୪ ମସିହା ନଭେମ୍ବର ୨୧ ତାରିଖ ରାତି ପ୍ରାୟ ୯ଟାରେ ସୁବର୍ଣ୍ଣପୁରର ଶିଶୁରୋଗ ବିଶେଷଜ୍ଞ ତଥା ଏଡିଏମ୍‌ଓ ଡା ଦୁର୍ବାଦଳ ମିଶ୍ରଙ୍କୁ ତାଙ୍କ ଘର ଆଗରେ ଅତି ନିର୍ମମ ଭାବେ ହତ୍ୟା କରିଥିଲେ ଦୁର୍ବୃତ୍ତ। ଏହି ମାମଲାରେ ତଦନ୍ତ କରି ୩ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା। ଆଜି ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୨୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ଅଭିଯୁକ୍ତ ଦ୍ୱୟ ହେଲେ ପ୍ରତ୍ୟୁଷ ପଣ୍ଡା (ବବୁଲୁ) ଓ ଅଶୋକ ସାହୁ। ଏହି ଘଟଣା ଆଉ ଜଣେ ନାବାଳକ ଅଭିଯୁକ୍ତ ରହିଛନ୍ତି। ଯାହାଙ୍କର ଜୁଭେନାଇଲ ଟ୍ରାଏଲ ଚାଲିଛି। ଏହି ଚର୍ଚ୍ଚିତ ଘଟଣାରେ ସରକାରୀ ଓକିଲ ଭାବେ କହ୍ନେୟା ଲାଲ ପ୍ରଧାନ ମାମଲା ପରିଚାଳନା କରୁଥିଲେ। ଅଭିଯୁକ୍ତଙ୍କ ଓକିଲ ଭାବେ ରାଜେନ୍ଦ୍ର ଅଗ୍ରୱାଲ କେସ୍ ପରିଚାଳନା କରୁଥିଲେ। ଏହି କେସରେ କୋର୍ଟ ସରକାରୀ ଓକିଲଙ୍କ ପକ୍ଷରୁ ୨୬ଟି ଏବଂ ଡିଫେନ୍ସ ତରଫରୁ ୩ଟି ସାକ୍ଷ୍ୟରେ ବୟାନକୁ ରେକର୍ଡ କରିଥିଲେ। ସାକ୍ଷ୍ୟ ପ୍ରମାଣ ଏବଂ ପାରିପାର୍ଶ୍ୱିକ ପରିସ୍ଥିତିକୁ ତର୍ଜମା କରି ଏଡିଜେ କୋର୍ଟ ରାୟ ଶୁଣାଇଛନ୍ତି।

- ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

# ଚାଷୀଙ୍କୁ ଉନ୍ନତ ଚାଷ ସମ୍ପର୍କରେ ବୈଷୟିକ ଜ୍ଞାନ ଦେଲେ ବୈଜ୍ଞାନିକ

**ଭବାନୀପାଟଣା,୩୧।୫(ସଂଚାର ବ୍ୟୁରୋ):** କୃଷି ଓ କୃଷକ ମନ୍ତ୍ରଣାଳୟ ଭାରତ ସରକାର ଙ୍କ ପକ୍ଷରୁ ଦେଶ ର କୃଷି ଓ କୃଷକ ଙ୍କ ମାନଦଣ୍ଡ କୁ ସୁଦୃଢ଼ କରିବା ପାଇଁ ଆରମ୍ଭ ହୋଇଛି ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ। ଏହି ଅଭିଯାନ ମାଧ୍ୟମରେ ରାଜ୍ୟର ଚାଷି ମାନଙ୍କୁ ଉନ୍ନତ ମାନର କୃଷି ବୈଷୟିକ ଜ୍ଞାନ କୌଶଳ ବିକାଶ ପାଇଁ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ୨୯ ମେ ରୁ ୧୨ ଜୁନ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ବ୍ଲକରେ କୃଷି ବିଭାଗ ପକ୍ଷରୁ ଆୟୋଜନ କରାଯାଇଛି। ଶନିବାର କୋକସରା ବ୍ଲକ ର କୋକସରା ଧାନ ମଣ୍ଡି ଓ ଡେଙ୍ଗାଗୁଡା ଗ୍ରାମରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠି କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀ ଙ୍କ ଅଧ୍ୟକ୍ଷତାରେ କୋକସରା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ କୋକସରା ବ୍ଲକ ସାଂସଦ ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନୀ, ବିଧାୟକ ପ୍ରତିନିଧି ତ୍ରିନାଥ ଶବର, ସମ୍ମାନିତ ଅତିଥି ଭାବେ କୃଷି ବୈଜ୍ଞାନିକ ପ୍ରକାଶ ଚନ୍ଦ୍ର ଜେନା, ଅଜୟ କୁମାର ମାରାଣ୍ଡି, ଏଡିଓ ଧର୍ମଗଡ଼ ସୂର୍ଯ୍ୟ କୁମାର ପାତ୍ର, ଉଦ୍ୟାନ କୃଷି ବୈଜ୍ଞାନିକ ତୁଳସୀ ମାଝୀ, ପେକ୍ସ ସମ୍ପାଦକ ନିରଞ୍ଜନ ପ୍ରସାଦ ବାଗ, ସମିତି ସଭ୍ୟା ଗାୟତ୍ରୀ ପଣ୍ଡା, ନାଏବ ସରପଞ୍ଚ ଖଲୋନୀ ନାଗ ଉପସ୍ଥିତ ଥିଲେ। କୃଷି ବୈଜ୍ଞାନିକ ମାନେ ଉନ୍ନତ ମାନର କୃଷି ଉତ୍ପାଦନ ବୃଦ୍ଧି ପାଇଁ ବୈଷୟିକ, ନୂତନ ପଦ୍ଧତିରେ ଚାଷ ପ୍ରଣାଳୀ ନେଇ ପରାମର୍ଶ ଦେଇଥିଲେ। ସେହିପରି ଡେଙ୍ଗାଗୁଡା ଠାରେ ମଧ୍ୟ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆମପାଣି ଯୋନ ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ଆମପାଣି ଯୋନ ବିଜେପି ମଣ୍ଡଳ ସଭାପତି ମଧୁବନ ପାତ୍ର, ବିଜେପି ନେତା ଗରୁଡ଼ ଧ୍ୱଜ ମାଝୀ, ସମିତି ସଭ୍ୟ ଘନଶ୍ୟାମ ନାଏକ, ଟେମରା ପେକ୍ସ ସମ୍ପାଦକ ରଞ୍ଜନ କୁମାର ପାଣିଗ୍ରାହୀ, ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀ, କୃଷି ବୈଜ୍ଞାନିକା ଶ୍ରଦ୍ଧା ମହାନ୍ତି, ତୁଳସୀ ମାଝୀ ଉପସ୍ଥିତ ରହି ଚାଷି ଙ୍କୁ ଉନ୍ନତ ମାନର କୃଷି ଉତ୍ପାଦନ ବୃଦ୍ଧି ପାଇଁ ବୈଷୟିକ, ନୂତନ ପଦ୍ଧତିରେ ଚାଷ ପ୍ରଣାଳୀ ନେଇ ପରାମର୍ଶ ଦେଇଥିଲେ।



# ୧୯ନଂ ରାଜ୍ୟ ରାଜପଥ କାର୍ଯ୍ୟ ସମ୍ପୂର୍ଣ୍ଣନେଇ ପ୍ରମୁଖ ସଚିବଙ୍କୁ ପୂର୍ବତନ ବିଧାୟକଙ୍କ ଚିଠି

**ନୀଳଗିରି,୩୧।୫(ସଂଚାର ବ୍ୟୁରୋ):** ଶେରଗଡ଼ ଝରଣାଘାଟି ୧୯ନଂ ରାଜ୍ୟ ରାଜପଥର ପ୍ରଶସ୍ତିକରଣ ଏବଂ ନବୀକରଣ କାର୍ଯ୍ୟଜାରି ରହିଥିବା ବେଳେ ୨ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ନିର୍ମାଣକାର୍ଯ୍ୟ କଚ୍ଛପଗତିରେ ଚାଲିଛି। ରାସ୍ତାମଧ୍ୟରେ ଥିବା କିଛି ପୋଲକୁ ମୁଖ୍ୟରାସ୍ତା ସହିତ ସଂଯୋଗ ହୋଇପାରିନାହିଁ। ଏଥିସହ ଟାଙ୍ଗଣା ନିକଟରେ ଭଗ୍ନଅବସ୍ଥାରେ ଥିବା ପୁରାତନ ପୋଲଦେଇ ଯାତାୟାତ କରୁଥିବା ଯାତ୍ରୀଙ୍କ ଜୀବନହାନୀକୁ ଏଡ଼ାଇବା ପାଇଁ ନୂତନପୋଲ ନିର୍ମାଣ ଏବଂ ମୁଖ୍ୟରାସ୍ତା ସହ ସଂଯୋଗ କରିବାକୁ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଗତ ୩୦ତାରିଖରେ ନିର୍ମାଣବିଭାଗ ପ୍ରମୁଖ ସଚିବଙ୍କୁ ଚିଠିଲେଖିଥିବା ସୂଚନା ମିଳିଛି। ତେଣୁ ତୁରନ୍ତ ଉକ୍ତରାସ୍ତାର ନିର୍ମାଣକାର୍ଯ୍ୟ ସାରିବାକୁ ସୁକାନ୍ତ ନାୟକ ପ୍ରମୁଖ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।ସୂଚନା ଅନୁଯାୟୀ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ତଥା ବର୍ତ୍ତମାନର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉଦ୍ୟମରେ କେନ୍ଦ୍ର ସଡ଼କ ଓ ପରିବହନମନ୍ତ୍ରୀ ନୀତିନ ଗଡ଼କରୀଙ୍କ ଦ୍ୱାରା ୧୨୫କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁରୀପ୍ରାପ୍ତ ହୋଇଥିଲା।

# ଏଣିକି ସରକାରୀ ଯୋଜନାର ଲାଭ ଉଠାଇପାରିବେ ଚାଷୀ

**କର୍ଲାମୁଣ୍ଡା,୩୧।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରଠାରେ କୃଷି ବିଭାଗ ପକ୍ଷରୁ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ଆତ୍ମା ଅଧ୍ୟକ୍ଷ ଗୌର କିଶୋର ରଣା, କର୍ଲାମୁଣ୍ଡା ସରପଞ୍ଚ ସ୍ୱର୍ଣ୍ଣ ଲତା ସାହୁ, ସ. ମାଲପଡ଼ା ସରପଞ୍ଚ ବରୁଣ ଛତ୍ରୀଆ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ଚାଷୀ ନେତା ଗୋବିନ୍ଦ ସାହୁ, ସ.ମାଲପଡ଼ା ସମିତି ସଭ୍ୟ ଗୋଲାପ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନର୍ଲା ଜିଲା କୃଷି ଅଧିକାରୀ ଶୁଭେନ୍ଦୁ କର, କୃଷି ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଜୟ କୁମାର ମାରାଣ୍ଡି, କୃଷି ବୈଜ୍ଞାନିକ ତ୍ରିବିଜୟ ବଡ଼ଜେନା, ସ୍କିମ ଅଫିସର ମନୋରଞ୍ଜନ ସେନାପତି, ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ଏଏଓ କୁମାର ଚିରଞ୍ଜିବୀ ତଥା ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଯୋଗଦେଇ ଚାଷୀଙ୍କୁ ଖରିଫ ଫସଲ ଉପରେ ବୁଝାଇଥିଲେ। ଏପରିକି ଚାଷୀ କିପରି ସରକାରୀ ଯୋଜନାର ଲାଭ ପାଇପାରିବେ ସେନେଇ ଆଲୋଚନା କରିଥିଲେ।

# ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ




**ନୟାଗଡ଼,୩୧।୫(ସଂଚାର ବ୍ୟୁରୋ):** ବିଶ୍ୱ ତମାଖୁ ବର୍ଜନ ଦିବସ। ନୟାଗଡ଼ ଜିଲ୍ଲା ଓଡଗାଁ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ରୋହିବାଙ୍କର ସ୍କାଉଟ ଗାଇଡ ଓ ଇକୋକ୍ଲବ ଛାତ୍ର ଛାତ୍ରୀ ମାନଙ୍କ ପକ୍ଷରୁ ବିଶ୍ୱ ତମାଖୁ ନିରୋଧ/ ବର୍ଜନ ଦିବସ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁ ପ୍ରିୟା ବାରିକଙ୍କ ନିର୍ଦ୍ଦେଶ କ୍ରମେ ଶିକ୍ଷକ ସନ୍ତୋଷ କୁମାର ସାହୁ ତତ୍ୱାବଧାନରେ ଆୟୋଜିତ ସଭାରେ ତମାଖୁ ସେବନର ଭୟାବହତା ସାଙ୍ଗକୁ ବ୍ରେନଷ୍ଟ୍ରୋକ, ଫୁସ ଫୁସ କ୍ୟାନସର, ବୃକକ ଏପରିକି ଏହି ଧୂଆଁ ଯେଉଁ ପଥ ଦେଇ ଯାଉଛି ସେହିବାଟେ ନିକୋଟିନ ର ପରିମାଣ ବୃଦ୍ଧି ଓ ତାହାର ସଂକ୍ରମିତ ଯୋଗୁଁ ବର୍ତ୍ତମାନ ଦିନକୁ ଦିନ କ୍ୟାନ୍ସର ରୋଗ ସୃଷ୍ଟି ସମ୍ବନ୍ଧିତ ସଚେତନତା ବାର୍ତ୍ତା ପ୍ରେରଣ କରାଯାଇଥିଲା। ଖାଲି ସେତିକି ନୁହେଁ ବର୍ତ୍ତମାନ ସଙ୍ଗଦୋଷ କାରଣରୁ ଅଧିକରୁ ଅଧିକ କମ ବୟସ ଯୁବ ଗୋଷ୍ଠୀକୁ ଏ ତମାଖୁ କବଳିତ କରିଥିବା ଆଲୋଚନା ହୋଇଥିଲା। ଯାହାଫଳରେ ତମାଖୁ ସେବନର ପ୍ରତିକ୍ରିୟା ସ୍ୱରୂପ ଯୁବ ପିଢ଼ି ଅଳ୍ପାୟୁ ମୃତ୍ୟୁ, ପରିବାର ମଧ୍ୟରେ ଦମ୍ପତି ବିଚ୍ଛେଦ, ଆର୍ଥିକ ଅଭାବ, ଅସାମାଜିକ କାର୍ଯ୍ୟ ଭଳି ନାନା ପ୍ରକାର ଘଟଣା ଘଟୁଛି। ତେଣୁ ଏସବୁ ଠାରୁ ନିବୃତ ରଖିବା ପାଇଁ ଓ ନିଜ ପରିବାରକୁ ବଞ୍ଚାଇବା ପାଇଁ କୋମଳ ମତି ପିଲାଙ୍କ ମନରେ ଶପଥ ପାଠ କରାଇ ସଚେତନତା ବାର୍ତ୍ତା ପ୍ରେରଣ କରାଯାଇଥିଲା। ଗ୍ରାମ ପରିକ୍ରମା ସାଙ୍ଗକୁ ପିଲାମାନେ ଅଙ୍କି ଆଣିଥିବା ଚିତ୍ର ଗୁଡିକୁ ପ୍ରଦର୍ଶନ କରାଯାଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଖେଳ ଶିକ୍ଷକ ଆଲୋକ ନାୟକ ପରିଚାଳନା କରିଥିବାବେଳେ, ଶିକ୍ଷକ ରାଧାଗୋବିନ୍ଦ ନାୟକ, ସୂର୍ଯ୍ୟମଣୀ ନାୟକ, ଖଗେଶ୍ୱର ବେହେରା, ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ମହାପାତ୍ର ସମେତ ସହଯୋଗ କରିଥିଲେ।

# ପଞ୍ଚାୟତ ସମିତି ବୈଠକରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା

**ପାଟଣା,୩୧।୫(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ବ୍ଲକ ସଭା ଗୃହରେ ଶନିବାର ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ଅଧିବେଶନ ବ୍ଲକ ଅଧ୍ୟକ୍ଷା ବୀଣା ପାଣି ନାୟକଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇଥିବା ବେଳେ ୨୩ନମ୍ବର ଜିଲା ପରିଷଦ ସଦସ୍ୟ ରୁନୁ ମାହାନ୍ତ, ୨୨ନମ୍ବର ସୌଭାଗ୍ୟ ମଞ୍ଜରୀ ନାୟକ, ଏମପି ଅନନ୍ତ ନାୟକଙ୍କ ବ୍ଲକ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ବିଧାୟକଙ୍କ ପ୍ରତିନିଧି କମଳା କାନ୍ତ ଦାଶ, ବିଡିଓ ମାନସ କୁମାର ଦଣ୍ଡ ପାଟ,ପୂର୍ବତନ ବ୍ଲକ ଅଧକ୍ଷ ତଥା ସମିତି ସଭ୍ୟ ବିଶ୍ୱନାଥ ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାୟକ, ରେଞ୍ଜର ବନ ବିହାରି ସର୍ଦ୍ଦାର,ବଡ ପାଟଣା ସରପଞ୍ଚ ବିନତୀ ବାନରା, ଡୁମୁରିଆ ସରପଞ୍ଚ ଗୌର ହରି ନାଏକ, ମଲ୍ଲି ପଶି ସରପଞ୍ଚ ଭାମା ମଣି ଦାସ, ମିରିଖୋଜି ସରପଞ୍ଚ ମନ ମୋହନ ବେହେରା, ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ, ଟାଙ୍ଗର ପଡ଼ା ସରପଞ୍ଚ ଅନିରୁଦ୍ଧ ନାଏକ ଓ ଚେମେଣା ସମିତି ସଭ୍ୟ ମନୋଜ ମହାନ୍ତ ଙ୍କ ସହ ସମସ୍ତ ସମିତି ଓ ସରପଞ୍ଚ , ସହକାରୀ ଯନ୍ତ୍ରୀ ସିଦ୍ଧ ମାଝି, ଜି ପି ଡି ଓ ରଶ୍ମି ରେଖା ମହାନ୍ତି, ଏପି ଓ ଦୀପକ କୁମାର ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଗ୍ରାମ ଉନ୍ନୟନ ବିଭାଗ ରାସ୍ତା, ପ୍ରଧାନ ମନ୍ତ୍ରୀ ଆବାସ ନିର୍ମାଣପାଇଁ ଅଭାବୀବାଲି, ବିଭିନ୍ନ ପଂଚାୟତର ଷ୍ଟ୍ରିଟ ଲାଇଟରେ ଭୁଲ ବିଲ ଆସିବା ନେଇ ଉଦବେଗ ପ୍ରକାଶ ପାଇଥିଲା।





# ଡାହାଣୀ ପରି ଜଗି ରହୁଥିଲେ ମଧୁ!

ଆଜି ଅନ୍ତର୍ଜାତୀୟ ତାରକା ପାଲଟିଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ମାଆ ଡାକ୍ତର ମଧୁ ଚୋପ୍ରା ନିକଟରେ ପ୍ରକାଶ କରିଛନ୍ତି, ପ୍ରିୟଙ୍କା ବଲିଉଡ୍‌ରେ ପାଦ ଦେବା ସମୟରେ ସେ କିଭଳି ଝିଅର ସୁରକ୍ଷା ନେଇ ଅତ୍ୟନ୍ତ ସତର୍କ ରହୁଥିଲେ। ଅତି ସ୍ୱଳ୍ପ ବୟସରେ ପ୍ରିୟଙ୍କା ବଲିଉଡ୍ ସିନେମାରେ ଅଭିନୟ ଆରମ୍ଭ କରିଥିଲେ। ବଲିଉଡ୍ ଶିଳ୍ପ ମହିଳାଙ୍କ ପାଇଁ ସୁରକ୍ଷିତ ନୁହେଁ ବୋଲି ଶୁଣିଆସିଥିବାରୁ ମଧୁ ତାଙ୍କ ଏକମାତ୍ର ଝିଅ ସହ କିଛି ଅଘଟଣ ହେଉ ବୋଲି ଚାହୁଁନଥିଲେ। ତେଣୁ ସେ ସିନେମା ସୁଟିଂ ବେଳେ 'ଡାହାଣୀ' ପରି ନିଜ ଝିଅ ଉପରେ ନଜର ରଖୁଥିଲେ ବୋଲି ପ୍ରକାଶ କରିଛନ୍ତି। ମଧୁ ଏହି ଅବସରରେ ପ୍ରିୟଙ୍କାଙ୍କ ଆତ୍ମବିଶ୍ୱାସ ଓ ଦୃଢ଼ନିଶ୍ଚିତ ରହିବାର ଗୁଣକୁ ପ୍ରଶଂସା କରିଛନ୍ତି। ଏକଦା ଜଣେ ନିର୍ଦ୍ଦେଶକ ପ୍ରିୟଙ୍କାଙ୍କୁ ଦୃଶ୍ୟ ବିଷୟରେ ବୁଝାଇବା ପାଇଁ ଡାକିଥିଲେ ଏବଂ ମାଆଙ୍କୁ ବାହାରେ ରହିବାକୁ କହିଥିଲେ। ପ୍ରିୟଙ୍କା ନିର୍ଦ୍ଦେଶକଙ୍କୁ କହିଥିଲେ, 'ଯଦି ଆପଣ ମୋ ମାଆ ସାମ୍ନାରେ ଦୃଶ୍ୟ ବିଷୟରେ ବୁଝାଇପାରିବେ ନାହିଁ ତେବେ ମୁଁ ଏ ସିନେମା କରିବି ନାହିଁ।' ପ୍ରିୟଙ୍କା ସେ ସିନେମା ପ୍ରତ୍ୟାଖ୍ୟାନ କରିଦେଇଥିଲେ। ମଧୁ ଆତ୍ମମୂଲ୍ୟାୟନକୁ ନେଇ ପ୍ରିୟଙ୍କାଙ୍କୁ ଦେଇଥିବା ଏକ ମୂଲ୍ୟବାନ ଶିକ୍ଷା ହେଲା, 'ଯଦି ତୁ ଚାରଣି ଭଳି ଆଚରଣ ଦେଖାଇବୁ ତେବେ ଲୋକମାନେ ତତେ ସେହି ଦୃଷ୍ଟିରେ ଦେଖିବେ। ନିଜ ମୂଲ୍ୟ ଉଚ୍ଚ କରି ରଖିଲେ ଲୋକମାନେ ସମ୍ମାନ କରିବେ।'



## ସୁନ୍ଦରତାର ନୂଆ ପରିଭାଷା

**ଆଜିକାଲି କେବଳ ପୁରୁଷମାନେ ଜିମ୍‌ରେ ଝାଳ ବୁହାଉନାହାନ୍ତି, ଆକର୍ଷଣୀୟ ପେଶୀବହୁଳ ଶରୀର ଏବେ ଅନେକ ଆଧୁନିକ ନାରୀମାନଙ୍କ ପାଇଁ 'ସୁନ୍ଦରତାର ନୂଆ ପରିଭାଷା'...**

ଗତ ସପ୍ତାହରେ ଭାରତର ପ୍ରସିଦ୍ଧ ସୁନ୍ଦରୀ ବଡି ବିଲ୍‌ଡର୍ ଓ ଫିଟନେସ୍ ଟ୍ରେନର୍ ଚିତ୍ରା ପୁରୁଷୋତ୍ତମ୍ ନିଜକୁ ବିବାହ ରମଣୀ ବେଶରେ ସଜାଇ ନିଜ ଫଟୋସବୁ ସାମାଜିକ ଗଣମାଧମରେ ଛାଡ଼ିବା ପରେ ଏହାକୁ ନେଇ ବିଶ୍ୱବ୍ୟାପୀ ଚର୍ଚ୍ଚା ହେଉଛି। ଚିତ୍ରାଙ୍କ ନିକଟକୁ ଦେଶବିଦେଶରୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟିଛି। ଚିତ୍ରା ବିବାହର ପାରମ୍ପରିକ ବେଶଭୂଷାରେ ନିଜକୁ ସଜାଇବା ସହିତ ନିଜ ଶରୀରର ଶକ୍ତିଶାଳୀ ସୁନ୍ଦର ମାଂସପେଶୀକୁ ପ୍ରଦର୍ଶନ କରିଛନ୍ତି। ଚିତ୍ରା ପୁରୁଷୋତ୍ତମ୍ ଏକ ସୁନ୍ଦର ହଳଦିଆ ଓ ନୀଳ କାଞ୍ଜିଭରମ୍ ଶାଢ଼ି ପିନ୍ଧି ତାଙ୍କ ଶରୀରର ଅବୟବ ସବୁକୁ ପ୍ରଦର୍ଶନ କରିଛନ୍ତି। "ମାନସିକତା ହେଉଛି ସବୁକିଛି। ନାରୀ ଚାହିଲେ ନିଜକୁ ଶକ୍ତିଶାଳୀ କରିପାରିବ। ନାରୀ ହେଉଛି ଆମ ଶକ୍ତିର ପ୍ରତୀକ। ଭାରତୀୟ ଇତିହାସ ଓ ପୌରାଣିକ ବିଷୟବସ୍ତୁ ଆମକୁ ଏହାର ଶିକ୍ଷା ଓ ପ୍ରମାଣ ଦେଇଛି। ନାରୀ ଦୁର୍ବଳା, ଅବଳା କିମ୍ବା ଭୋଗ୍ୟ ସାମଗ୍ରୀ ନୁହେଁ। ସେ ମଧ ବୀର ରମଣୀ ଓ ଅସାଧକୁ ସାଧ କରି ପାରିବ" ବୋଲି ସେ କହିଛନ୍ତି। ସାମାଜିକ ଗଣମାଧମରେ ଲକ୍ଷାଧିକ ଅନୁଗାମୀ ଥିବା ଚିତ୍ରା ଅନେକ ସୁନ୍ଦର ସ୍ୱାସ୍ଥ୍ୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ମିସ୍ ଇଣ୍ଡିଆ ଫିଟନେସ୍, ଇଣ୍ଡିଆ ୱେଲ୍‌ନେସ୍, ମିସ୍ ସାଉଥ୍ ଇଣ୍ଡିଆ ଓ ମିସ୍ କର୍ଣ୍ଣାଟକ ସମେତ ଅନେକ ଟାଇଟଲ୍ ଜିତିଛନ୍ତି।

ବଡି ବିଲ୍‌ଡର୍ ଆଶିଷ ନିଧା କହନ୍ତି, "ମୁଁ ଶାରୀରିକ ଭାବେ ଦୁର୍ବଳ ଥିଲି। ମୋ ମା'ବାପା ସ୍କୁଲ ବେଳେ ମୋତେ ବାହାରକୁ ଯାଇ ଅନ୍ୟ ପିଲାଙ୍କ ସହ ଖେଳିବାକୁ ଦେଇନଥିଲେ। ବୟସର ବୃଦ୍ଧି ସାଙ୍ଗକୁ ମୋ ଦୁର୍ବଳ ଶରୀରକୁ ନେଇ ମୁଁ ଚିନ୍ତିତ ହେଲି ଏବଂ ଧୀରେ ଧୀରେ ବ୍ୟାୟାମ କରିବା ଆରମ୍ଭ କଲି। ପରେ ବ୍ୟାୟାମଶାଳାରେ ଯାଇ ତାଲିମ ନେବା ଆରମ୍ଭ କଲି। ମୋର ଅଧ୍ୟବସାୟ ମୋତେ ଆଜି ଜଣେ ସଫଳ ଓ ଆକର୍ଷଣୀୟ ମାଂସପେଶୀ ଥିବା ମହିଳା କରି ଗଢ଼ିତୋଳିଛି"। ସେହିପରି ୨୫ ବର୍ଷ ବୟସ୍କ ସଫଳ ମହିଳା ମଲ୍ଲଯୋଦ୍ଧା ଓ ବଡି ବିଲ୍‌ଡର୍ ଶାନ୍ଦ୍ରା ଏ.ଏସ୍. କହନ୍ତି, "ଦିନେ ଆମକୁ ଏହି ସ୍ଥାନରେ ପହଞ୍ଚିବାକୁ ସମାଜ ଓ ପରିବାରରେ ସଂଘର୍ଷ କରିବାକୁ ପଡୁଥିଲା। ଆଜି ଦୃଢ଼ ମନୋବଳ ଓ ଅଭ୍ୟାସ ବଳରେ ଏହାକୁ ଅକ୍ତିଆର କରିପାରୁଛୁ। ମୁଁ ଭାବୁଛି ଆମ ସଂଘର୍ଷ କାହାଣୀଗୁଡ଼ିକୁ ଆଗାମୀ ପିଢ଼ିର କିଶୋରୀମାନେ ଜାଣିବା ଉଚିତ। ତା'ହେଲେ ହୁଏତ ସେମାନେ ଏଥିପ୍ରତି ଆଗ୍ରହୀ ହେବେ। ମୁଁ ବର୍ତ୍ତମାନ ୪ ବର୍ଷ ଧରି ବଡି ବିଲ୍‌ଡିଂ ଅଭ୍ୟାସ ଜାରିରଖି ଅନେକ ସଫଳତା ପାଇଛି। ବିଭିନ୍ନ ବର୍ଗର ମହିଳାମାନଙ୍କୁ ମୁଁ ଏବେ ତାଲିମ ଦେଉଛି। ଫଳରେ କେରଳରେ ବର୍ତ୍ତମାନ ବଡି ବିଲ୍‌ଡିଂ ପ୍ରତି ମହିଳାମାନଙ୍କ ଆଗ୍ରହ ବଢୁଛି। ଅତୀତରେ ବଡି ବିଲ୍‌ଡିଂ ତାଲିମ କେବଳ ପୁରୁଷମାନେ ଦେଉଥିବାରୁ ବହୁତ ବାଳିକା ଓ କିଶୋରୀ ତଥା ମହିଳାଙ୍କ ଘରେ ଏଥିପ୍ରତି ସମର୍ଥନ ମିଳୁନଥିଲା"।

କେରଳର କୋଚି ସହରରେ ରହୁଥିବା ୨୨ ବର୍ଷ ବୟସ୍କା ଭୂମିକା କୁମାର କହିଛନ୍ତି, "ବଡି ବିଲ୍‌ଡିଂ ପ୍ରତି ମୋର ଜିଦ୍ ଓ ଆଗ୍ରହ ମୋତେ ମୋ ପରିବାର ସଦସ୍ୟଙ୍କ ସହ ମତଭେଦ ସୃଷ୍ଟି କରିଛି। ତଥାପି ମୁଁ ଅନେକ ସମ୍ମାନ ଓ ପୁରସ୍କାର ଜିତିବା ଜାରି ରଖିଛି ଏବଂ ବର୍ତ୍ତମାନ ବଡି ବିଲ୍‌ଡର୍ସମାନଙ୍କୁ ମଧ ପ୍ରଶିକ୍ଷଣ ଦେଇ ସମାଜରେ ଏକ ଆନ୍ଦୋଳନ ସୃଷ୍ଟି କରିଛି। କିନ୍ତୁ ଆଜିବି ଏହାକୁ ମୋ ପରିବାରର କିଛି ସଦସ୍ୟ ସହଜରେ ଗ୍ରହଣ କରି ପାରୁନାହାନ୍ତି। ବଡି ବିଲ୍‌ଡିଂ ପ୍ରତିଯୋଗିତା ପାଇଁ ତାଲିମ ଦେଇ ଜଣେ ପ୍ରଶିକ୍ଷକ ହେବାର ଇଚ୍ଛା ପୂରଣ ହୋଇଛି। ପିଲାଦିନେ ଅନୁମତି ଦିଆଯାଇ ନଥିବା ମୋ ସ୍ୱପ୍ନକୁ ଆଜି ମୁଁ ବାସ୍ତବରେ ପରିଣତ କରିଛି।'' ବର୍ତ୍ତମାନ ମିସ୍ କେରଳ ଓ ମିସ୍ ଏର୍ଣ୍ଣାକୁଲମ୍ ପରି ପ୍ରତିଯୋଗିତାରେ ଭୂମିକା ସ୍ୱର୍ଣ୍ଣପଦକ ବିଜେତା ହୋଇପାରିଛନ୍ତି। ସେ ଅନ୍ତର୍ଜାତୀୟ ସ୍ତରରେ ବୃତ୍ତିଗତ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯୋଗ୍ୟତା ଅର୍ଜନ କରି ମହିଳା ପ୍ରତିଯୋଗୀଙ୍କ ପାଇଁ ରହିଥିବା ପ୍ରତିବନ୍ଧକ ଭାଙ୍ଗିବାକୁ ଆଶା ରଖିଛନ୍ତି।





# ଘରକୁ ସୁନ୍ଦର ଦିଶେ ଘରଣୀ ଥିଲେ



ଉପସ୍ଥାପନା: ପ୍ରଜ୍ଞାଶ୍ରୀ ରଥ

**"ନ ଗୃହଂ ଗୃହମିତ୍ୟାହୁର୍ଗୃହିଣୀ ଗୃହମୁଚ୍ୟତେ। ଗୃହଂ ତୁ ଗୃହିଣୀହୀନମରଣ୍ୟସଦୃଶ ମତମ୍।" ଅର୍ଥାତ୍ କେବଳ ଗୃହୋପକରଣ ବା ଇଟା, ବାଲିରେ ଗଢ଼ା ଘର ଘର ନୁହେଁ, ଘରଣୀ ହିଁ ଘର। ଘରଣୀହୀନ ଘର କେଉଁ ବନସ୍ତ ପରି,ଏହା ସର୍ବଦା ସତ୍ୟ"।**

ଆଜିକାଲିର ସମାଜରେ ଗୃହିଣୀ, ଘରଣୀମାନଙ୍କୁ ସମୁଚିତ ସମ୍ମାନ ମିଳୁନାହିଁ। ଯେଉଁ ନାରୀମାନେ ଘରର ଚାରିକାନ୍ଥ ଭିତରେ ରହି ନିଜ ପରିବାରର ଅସଂଖ୍ୟ କାର୍ଯ୍ୟ ହସିହସି ସୁଚାରୁରୂପେ ତୁଲାଇଥାନ୍ତି, ସେମାନେ କିଛି କରନ୍ତିନି ବୋଲି କଥାକଥାରେ କୁହାଯାଉଛି। ବାହାରେ ଚାକିରି, ବ୍ୟବସାୟ ବା ଅନ୍ୟକୌଣସି ସୂତ୍ରରେ ଆୟ କରୁଥିବା ମଣିଷମାନେ 'କର୍ମଜୀବୀ' ଓ ଘର ସମ୍ଭାଳୁଥିବା ନାରୀମାନେ 'ବିଚାରୀ ଗୃହିଣୀ' ଏପରି ବିଚାର କରାଯାଉଛି, ଯାହା ଏକାନ୍ତ ଭାବରେ ଭୁଲ୍।

ଘରର ଅସଂଖ୍ୟ କାର୍ଯ୍ୟ ଭିତରେ ଶ୍ରେଣୀବିଭାଗ କଲେ କାୟିକ କାର୍ଯ୍ୟ ବା ଶାରୀରିକ ପରିଶ୍ରମଜନିତ କାର୍ଯ୍ୟ ଅନେକ। ଘରକୁ ସଫା ରଖିବା ଠାରୁ ରୋଷେଇ ପର୍ଯ୍ୟନ୍ତ ଯାବତୀୟ କାମ ଅନେକ ଶକ୍ତି ଓ ସମୟ ନିଏ। ପୁଣି ପରିବାରର ସବୁ ସଦସ୍ୟଙ୍କର ଦାୟିତ୍ୱ ନେବା ବି ଗୃହିଣୀମାନଙ୍କ କାମ। ଏସବୁ କାର୍ଯ୍ୟରେ ସେବକ ବା ସେବିକା ନିୟୋଜିତ ହୋଇଥିଲେ ସେମାନଙ୍କ କାମର ତତ୍ତ୍ୱାବଧାନରେ ଗୃହିଣୀ ଲାଗିଥାଆନ୍ତି। ଘରେ ବଗିଚାଟିଏ ଥିଲେ ସେଠାରେ ମଧ ଗୃହିଣୀଙ୍କର ଆଦରଯତ୍ନ ସର୍ବଦା ରହିଥାଏ। ଋତୁ ଅନୁଯାୟୀ ଫୁଲ, ଫଳ ଚାରା ଲଗେଇ ତାକୁ ଯତ୍ନ ନେବାଠୁ ଆରମ୍ଭକରି ଆବଶ୍ୟକତା ଅନୁସାରେ ସେସବୁ ତୋଳି ରଖିବା ବି ଗୃହିଣୀମାନଙ୍କ କାମ।

ଏହାଛଡ଼ା ସବୁଠାରୁ ବଡ଼ ଦାୟିତ୍ୱ ହେଲା ରୋଷେଇ। 'ଆଜି କ'ଣ ରନ୍ଧା ହେବ' ଗୃହିଣୀମାନଙ୍କ ନିୟମିତ ମନ୍ତ୍ର। ଗୁରୁଜନ, ପତି, ପୁତ୍ର, କନ୍ୟା ତଥା ସେବକସେବିକାମାନଙ୍କ ଖାଦ୍ୟର ବନ୍ଦୋବସ୍ତ ଗୃହିଣୀଙ୍କୁ କରିବାକୁ ହୁଏ। ବଢୁଥିବା ବଜାରଦର ସହ ତାଳଦେଇ ପରିବାରର ଆୟ ତ ବଢ଼େନାହିଁ, ତେଣୁ ପରିବାର ଛୋଟ ହେଉ କି ବଡ଼ ଘରୋଇ ବଜେଟ୍ ଗୃହିଣୀମାନଙ୍କ ଦ୍ୱାରା ହିଁ ପ୍ରସ୍ତୁତ ହୁଏ। ପିଆଜର ଦାମ୍ ବଢ଼ିଲେ ସୋରିଷମସଲା ତରକାରୀ କରିବା ହେଉ କି ଆଳୁ ନ ମିଳିଲେ ଛୁଆଙ୍କୁ ଭାତଡ଼ାଲି ଚକଟି ଖୁଆଇବା ହେଉ ଗୃହିଣୀ ସବୁ ସମସ୍ୟାର ସମାଧାନ ନିଜ ଉପସ୍ଥିତ ବୁଦ୍ଧି ତଥା କାର୍ଯ୍ୟକୁଶଳତା ଦ୍ୱାରା ତୁଲେଇନିଅନ୍ତି। ତେଲଲୁଣର ହିସାବ ହିଁ ପରିବାରର ଆର୍ଥିକ ସ୍ଥିତି ନିର୍ଦ୍ଧାରଣ କରେ। ଗରିବ, ମଧ୍ୟବିତ୍ତ ଓ ଧନୀ ସବୁପ୍ରକାର ପରିବାରରେ ବିବାହ, ବ୍ରତାଦି ଉତ୍ସବ ଲାଗି ରହିଥାଏ। ସବୁ ଜାଗାରେ ନିଜ କ୍ଷମତାକୁ ଚାହିଁ ଭାରବେଭାର ଦେବାକୁ ହୁଏ। ଏଥିପାଇଁ ଯେଉଁ ଅଧିକା ଆର୍ଥିକ ବୋଝ ପଡ଼େ ତାହା କୁଶଳୀ ଗୃହିଣୀ ନିଜ ସ୍ୱଳ୍ପ ସଞ୍ଚୟରୁ ଯୋଗାଡ଼ କରେ। ପରିବାରର ମାନସମ୍ମାନ ରକ୍ଷାରେ ଗୃହିଣୀମାନଙ୍କ ଅବଦାନ ଅତୁଳନୀୟ।

ଘରୋଇ ଆସବାବପତ୍ର ହେଉ ବା ଲୁଗାପଟା, ଗୃହିଣୀଙ୍କ ରୁଚି ଓ ପସନ୍ଦ ଅନୁସାରେ ଆସେ। ଏଥିପାଇଁ ଅନେକ ତର୍କବିତର୍କ ବି ହୁଏ; ଗୃହିଣୀ ଜଣେ ବରିଷ୍ଠ ବିଚାରକ ପରି ନିଷ୍ପତ୍ତି ନିଅନ୍ତି। ପୁଅଝିଅଙ୍କ ବାହାଘର ଠିକ୍ ହେଲାପରେ ଗୃହିଣୀମାନଙ୍କ କାମ ବହୁତ ବଢ଼ିଯାଏ। ମାଆ ଟେ ନଥିଲେ କିଏ ସଜାଡ଼ନ୍ତା ଝିଅଭାର! କିଏ ରଖନ୍ତା ବୋହୂର ବରଣଡ଼ାଲା! ଦାଣ୍ଡକୁ ବାପା ଘରକୁ ମା' ନଥିଲେ ପିଲାଏ କେମିତି ଚଳନ୍ତେ ନୂଆ ଜୀବନର ଦିନସବୁ! ଘରର ପରିବେଶକୁ ଶାନ୍ତ ତଥା ସୁସଂହତ ରଖିବାରେ ଗୃହିଣୀଙ୍କ ମାନସିକ ସ୍ଥିରତା ଓ କୋମଳତା ହିଁ ଚୁମ୍ବକ ପରି କାର୍ଯ୍ୟ କରେ। ଜଣେ ବାହାରେ ଯେତେ ଆରାମରେ ବୁଲିଲେ ବି ଘରକୁ ଫେରିଲେ ହିଁ ସୁଖ ଅନୁଭବ କରେ। ଘର ପରି ସୁନ୍ଦର ସ୍ଥାନ କେଉଁଠି ନାହିଁ କହିଲାବେଳେ ଆମେ ପ୍ରକାରାନ୍ତରେ ଗୃହିଣୀଙ୍କ ପରିଚାଳନା ଓ ବ୍ୟବସ୍ଥାର ପ୍ରଶଂସା ହିଁ କରିଥାଉ। ପିଲାଙ୍କ ପରୀକ୍ଷା ହେଉ ବା ସ୍ୱାମୀଙ୍କ ବିଦେଶଗସ୍ତ, ସବୁ ଆକସ୍ମିକ ପରିସ୍ଥିତିରେ ଗୃହିଣୀ ହିଁ ନିର୍ଣ୍ଣୟ ନିଅନ୍ତି। ଅର୍ଥାତ୍ ଗୃହିଣୀଙ୍କ ବିନା ଏସବୁ ଅସମ୍ଭବ।

ପରିବାରରେ ଅସୁସ୍ଥ ବୟସ୍କ ଗୁରୁଜନ ବା କୋମଳ ନବଜାତକଟିଏ ଥିଲେ ଗୃହିଣୀଙ୍କ ବିନା ସେ ପରିସ୍ଥିତିର କଳ୍ପନା କରାଯାଇପାରେନା। ଔଷଧଠୁ ଆରମ୍ଭକରି ସେମାନଙ୍କ ଗାଧୁଆ, ବିଛଣା ପ୍ରସ୍ତୁତ କରିବା ଆଦି କାମ ଯାଏ ବିଶ୍ରାମବିହୀନ ଭାବେ ଖଟୁଥାଆନ୍ତି। ଏହା ବ୍ୟତୀତ ସବୁ ସାମାଜିକ ଉତ୍ସବାନୁଷ୍ଠାନରେ ଗୃହିଣୀମାନଙ୍କ ଉପସ୍ଥିତି ଅପରିହାର୍ଯ୍ୟ। ହିନ୍ଦୁ ଧର୍ମରେ ଧର୍ମପତ୍ନୀଙ୍କ ବିନା କୌଣସି ଧାର୍ମିକ କାର୍ଯ୍ୟ ଅନୁଷ୍ଠିତ ହୋଇପାରେନା। ଖାଲି ପରିବାର କାହିଁକି, ଦେଶର ଭାବୀ ନାଗରିକ ଗଠନ ପାଇଁ ସବୁ ଗୃହିଣୀ ସନ୍ତାନମାନଙ୍କୁ ପ୍ରଥମ ଶିକ୍ଷୟିତ୍ରୀ ଭାବେ ଘରେ ହିଁ ପାଠ ପଢ଼ାଇ ସେ ଉଦ୍ୟମ ଆରମ୍ଭ କରିଥାଆନ୍ତି। ମା' ଟିଏ ଯେତେ ଅପାଠୁଆ ହେଲେ ବି ନିଜ ପିଲାଙ୍କୁ ଭଲ ପଢ଼ିବାକୁ ଓ ନିଜ ମନପସନ୍ଦର କାମ କରିବାକୁ ସର୍ବଦା ପ୍ରେରଣା ଦେଇଚାଲିଥାଏ। ପେଟରେ ଓଦାକନା ପକେଇ ପିଲାଙ୍କୁ ମଣିଷ କରିବାରେ ନିଜର ସମଗ୍ର ଜୀବନ ଉତ୍ସର୍ଗ କରିଥିବା ଗୃହିଣୀ କେବେ ହେଲେ ନିଜପାଇଁ ଶିରିପା ଚାହେନି। ସମସ୍ତଙ୍କୁ ଭଲରେ ରଖିବାର ଚେଷ୍ଟାରେ ନିଜ ହାଡ଼କୁ ଚନ୍ଦନକାଠ କରି ଘୋରୁଥାଏ। ପ୍ରତି ଘରେ ଥାଆନ୍ତି ସିଦ୍ଧ ଯୋଗିନୀ ପରି ଜଣେ ଜଣେ ସମର୍ପିତା ମାଆ। ସେମାନଙ୍କ ଋଣ କେହିବି ଶୁଝିପାରେନି।

ବାହାରେ କାମ କରୁଥିବା ସ୍ତ୍ରୀ ପରି ଘରେ ରହି ଘରର ତମାମ୍ ସୁଖଦୁଃଖରେ ସାମିଲ ଗୃହିଣୀ ସବୁବେଳେ ସମାଜର ମୁଖ୍ୟସ୍ରୋତର ଆଦ୍ୟ ଉତ୍ସ। ଅନ୍ତର୍ଜାତୀୟ ମହିଳାଦିବସ ଉପଲକ୍ଷେ ନାନାଦି କାର୍ଯ୍ୟକ୍ରମ ହେଉଥିବା ବେଳେ ଏସବୁଠାରୁ ଦୂରରେ ଥାଇ ଘର ଗଢ଼ିବାରେ ମନପ୍ରାଣ ଢାଳିଦେଇଥିବା ସବୁ ଗୃହିଣୀ, ସବୁ ମାଆମାନଙ୍କୁ ଆମର ସଶ୍ରଦ୍ଧ ପ୍ରଣାମ।





## ମହିଳାଙ୍କୁ ନ୍ୟାୟ ଦେଉଛି ଛାଡ଼ପତ୍ର ମନ୍ଦିର

ଜାପାନର କାମାକୁରା ସହରସ୍ଥିତ ମତ୍ସୁଗାଓକା ଟୋକେଇଜି ମନ୍ଦିରକୁ ଛାଡ଼ପତ୍ର ମନ୍ଦିର ବୋଲି ମଧ୍ୟ କୁହାଯାଏ। ବୈବାହିକ ଜୀବନରେ ବିଭିନ୍ନ ଅସୁବିଧା ଓ ନିର୍ଯାତନାର ସମ୍ମୁଖୀନ ହେବାପରେ ମହିଳାମାନେ ଏଠାରେ ଆଶ୍ରୟ ନେଇଥାନ୍ତି। ଫଳରେ ମହିଳାମାନେ ସେମାନଙ୍କ ସ୍ୱାମୀ ଓ ଦାମ୍ପତ୍ୟ ଜୀବନଠାରୁ ସ୍ୱାଧୀନତା ପାଇପାରନ୍ତି। କୁହାଯାଏ, ଏହି ମନ୍ଦିରର ଇତିହାସ ୭ ଶହ ବର୍ଷ ପୁରୁଣା। ସେତେବେଳେ ଜାପାନରେ କେବଳ ପୁରୁଷମାନେ ସେମାନଙ୍କ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇପାରୁଥିଲେ। ଏପରି ସ୍ଥିତିରେ କେବଳ ଏହି ମନ୍ଦିର ହିଁ ସ୍ୱାମୀଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ମହିଳାଙ୍କର ଆଶ୍ରୟସ୍ଥଳୀ ପାଲଟିଥିଲା। ଘରୋଇ ହିଂସାର ଶିକାର ହୋଇଥିବା ପ୍ରତିଟି ମହିଳାଙ୍କ ପାଇଁ ଏହି ମନ୍ଦିରର ଦ୍ୱାର ସର୍ବଦା ଖୋଲା ରହିଥାଏ। କିଂବଦନ୍ତି ଅନୁଯାୟୀ, ପ୍ରାୟ ୭୦୦ ବର୍ଷ ତଳେ କାକାସୁନି ନାମ୍ନୀ ଜଣେ ମହିଳା ନିଜ ସ୍ୱାମୀ ହୋଜୋ ଟୋକିମୁନ୍‌ଙ୍କ ଦ୍ୱାରା ନିର୍ଯାତିତ ହେଉଥିଲେ। ତେବେ ସେତେବେଳର ସାମାଜିକ ନିୟମ ଅନୁଯାୟୀ, କାକାସୁନ୍ ତାଙ୍କ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇପାରୁ ନଥିଲେ। ତେଣୁ ସେ ଏହି ମନ୍ଦିରରେ ରହିବାକୁ ଲାଗିଲେ। ଏହାପରଠାରୁ ସ୍ୱାମୀଙ୍କ ଦ୍ୱାରା ନିର୍ଯାତିତ ହୋଇଥିବା ଅନେକ ମହିଳା ଏହି ମନ୍ଦିରରେ ଆଶ୍ରୟ ନେଇଥିଲେ। ୩ ବର୍ଷ ଧରି ମନ୍ଦିରରେ ରହିବା ପରେ ସେମାନଙ୍କୁ ଛାଡ଼ପତ୍ର ମିଳିପାରୁଥିଲା। ତେବେ ପରେ ଏହି ସମୟସୀମାକୁ ହ୍ରାସ କରାଯାଇ ୨ ବର୍ଷ କରାଯାଇଥିଲା।



## ଆଖି ତଳ କଳା ପଡୁଥିଲେ

- ଆଖି ତଳ କଳା ନ ପଡ଼ିବା ପାଇଁ ପ୍ରତିଦିନ ଅତିକମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ। ଆଖିକୁ ବିଶ୍ରାମ ଦେବା ଲାଗି ଅନାବଶ୍ୟକ ସମୟରେ ମୋବାଇଲ୍, କମ୍ପ୍ୟୁଟର୍ ଦେଖିବାଠୁ ଦୂରେଇ ରହନ୍ତୁ। ପର୍ଯ୍ୟାପ୍ତ ପାଣି ପିଅନ୍ତୁ ଏବଂ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ସବୁଠୁ ବଡ଼କଥା ହେଲା ନିଶା ସେବନଠୁ ଦୂରେଇ ରହନ୍ତୁ।
- ଅଧାଚାମଚ ବାଦାମତେଲ ସହ ୨ ବୁନ୍ଦା ମହୁ ମିଶାନ୍ତୁ। ରାତିରେ ଶୋଇବା ପୂର୍ବରୁ ଏହି ମିଶ୍ରଣକୁ ଆଙ୍ଗୁଳି ଦ୍ୱାରା ଆଖିର ଚାରିପଟେ ମାଲିସ କରନ୍ତୁ। ୧୦-୧୫ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ପ୍ରତିଦିନ ଏପରି କଲେ ଆଖିତଳେ କଳାଦାଗ ଆଦୌ ରହିବ ନାହିଁ।
- କୁକମ୍ବର ଥେରାପି ଆଖି ତଳ କଳାଦାଗ ଦୂରକରିବା ପାଇଁ ବେଶ୍ ଉପଯୋଗୀ। ଏଥିପାଇଁ କାକୁଡ଼ିକୁ ଗୋଲ୍ ଗୋଲ୍ କରି କାଟି ଆଖି ଉପରେ ରଖନ୍ତୁ। କାକୁଡ଼ି ଆଖିକୁ ଥଣ୍ଡା ରଖିବା ସହ କଳାଦାଗ ମଧ ଦୂର କରିବ।
- ବ୍ୟବହାର କରିସାରିଥିବା ଗ୍ରିନ୍‌ଟି-ବ୍ୟାଗ୍‌କୁ ଆଖି ତଳେ ରଖନ୍ତୁ। ଏଥିରେ ଥିବା ତତ୍ତ୍ୱ ଟ୍ୟାନିଂ, ଆଖି ଫୁଲିବା ଓ ଆଖି ତଳର କଳାଦାଗ ଦୂରକରିବାରେ ସାହାଯ୍ୟ କରିଥାଏ।
- ୫୦ ଗ୍ରାମ୍ ତୁଳସୀପତ୍ର, ନିମ୍ବପତ୍ର ଓ ପୋଦିନାପତ୍ରରେ ସାମାନ୍ୟ ଗୋଲାପଜଳ ମିଶାଇ ଭଲଭାବେ ଗ୍ରାଇଣ୍ଡିଂ କରନ୍ତୁ। ଏହି ମିଶ୍ରଣରେ ସାମାନ୍ୟ ହଳଦୀଗୁଣ୍ଡ ମିଶାଇ ପେଷ୍ଟ ପ୍ରସ୍ତୁତ କରି ଆଖି ତଳେ ଲଗାନ୍ତୁ। କିଛି ସମୟ ପରେ ଧୋଇଦିଅନ୍ତୁ। କିଛିଦିନ ଏପରି କଲେ ଦେଖିବେ କଳାଦାଗ ଦୂର ହୋଇଯାଉଛି।

● ପଞ୍ଚାୟତ ସମିତି ବୈଠକ

# ଅଦିନିଆ ବର୍ଷାରେ ଚାଷ କ୍ଷତି ନେଇ ଉଦବେଗ



**ଭେଡେନ,୩୧।୫(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ସଭାଗୃହ ରେ ଶନିବାର ଦିନ ଭେଡେନ ପଞ୍ଚାୟତ ସମିତି ର ବୈଠକ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଛି। ଏହି ବୈଠକ ରେ ବରଗଡ଼ ସାଂସଦ ଙ୍କ ପ୍ରତିନିଧି ସୋମନାଥ ଭୋଇ, ଅତାବିରା ବିଧାୟକ ଙ୍କ ପ୍ରତିନିଧି ସୁରେଶ୍ୱର ଶତପଥୀ, ଭେଡେନ ବିଡିଓ ତ୍ରିପୁର ମହାନନ୍ଦ, ତହସିଲଦାର ରଶ୍ମିତା ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ଡୋଳାମଣି ଖେତୀ ଙ୍କ ସମେତ ତିନି ଜିଲ୍ଲା ପରିଷଦ ସଭ୍ୟସଭ୍ୟା ବିଭିନ୍ନ ଗ୍ରାମପଞ୍ଚାୟତ ର ସରପଞ୍ଚ ସମିତି ସଭ୍ୟ ଏବଂ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ବିଗତ ୫ ଦିନ ଧରି ଚାଲିଥିବା ଲଗାଣ ବର୍ଷା ରେ ବ୍ଲକ ର ସମସ୍ତ ଗ୍ରାମପଞ୍ଚାୟତ ରେ ଅମଳ ହୋଇଥିବା ଧାନ ଫସଲ ପାଣିରେ ଭିଜି ବ୍ୟାପକ କ୍ଷତି ହୋଇଥିବା ନେଇ ଉଦବେଗ ପ୍ରକାଶ ପାଇଥିବା ସହ ଶୀଘ୍ର ଏହି କ୍ଷତି ଆକଳନ ହୋଇ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଏହାସହ ବିକଶିତ ଓଡିଶା ବିକଶିତ ଗ୍ରାମ ଯୋଜନା ରେ ୪୦ ଭାଗ ୬୦ ଭାଗ କାମ ସମ୍ପର୍କ ରେ ସ୍ପଷ୍ଟୀକରଣ ଦେବାକୁ ରକ୍ଷୁଡା ସରପଞ୍ଚ ସୁରେନ୍ଦ୍ର କର୍ମୀ ଦାବି କରିଥିଲେ। ଏହି ଯୋଜନା ରେ ଗ୍ରାମସଭା ଦେଇଥିବା ପ୍ରସ୍ତାବ ସବୁ ଚୂଡାନ୍ତ ତାଲିକା ରୁ ବାଦ ପଡ଼ିଥିବା ଜଣା ପଡ଼ିବା ପରେ ସଭା ରେ ଉତ୍ତେଜନା ପ୍ରକାଶ ପାଇ ଆଇଁଲାପାଲି ସମିତି ସଭ୍ୟ ତୁଷବନ୍ତ ବେହେରା ଚୂଡାନ୍ତ ତାଲିକା ଫାଡ଼ି ଦେବାସହ ସମଗ୍ର ତାଲିକା ବାଦ ଦେଇ ନୂତନ ତାଲିକା କରିବାକୁ ଦାବି କରିଥିଲେ। ସେହିପରି ସିଆଲ ଖଣ୍ଡାହଥା ଏବଂ ବକଟି ସମିତି ସଭ୍ୟା ମଧ୍ୟ ଅନୁରୂପ ଦାବି କରି ସଭା କକ୍ଷ ତ୍ୟାଗ କରି ବାକୁ ଚାହିଁ ଥିଲେ। ଏ ବିଡିଓ ପ୍ରିତିଶ ଦୋରା ତାଙ୍କୁ ବୁଝାସୁଝା କରିବା ପରେ ସଭା ଚାଲିଥିଲା। ଏହି ବୈଠକ ରେ ବ୍ଲକ ର ଶିକ୍ଷା, କୃଷି, ଜଳ ଯୋଗାଣ, ସ୍ୱାସ୍ଥ୍ୟ ଆଦି ବହୁ ଅଧିକାରୀ ଯୋଗ ଦେଇଥିଲେ। ଶେଷରେ ଏ ବିଡିଓ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

## କାଗଜ କଲମରେ ସୀମିତ ବିଶ୍ୱ ତମାଖୁ ବର୍ଜନ ଦିବସ

# ପ୍ରହସନ ପାଲଟିଛି ଗୁଟଖା ବନ୍ଦ ଆଇନ

**କଳାହାଣ୍ଡି,୩୧।୫(ସଂଚାର ବ୍ୟୁରୋ):** ପ୍ରତିବର୍ଷ ମଇ ମାସ ୩୧ ତାରିଖକୁ ସାରା ଭାରତ ବର୍ଷରେ ବିଶ୍ୱ ତମାଖୁ ବର୍ଜନ ଦିବସ ଭାବେ ପାଳନ କରାଯାଇଥାଏ। ତମାଖୁର ଭୟାବହତାକୁ ନେଇ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ। ଚଳିତ ବର୍ଷ ତମାଖୁ ଜନିତ ହୃଦରୋଗ ବିଷୟକୁ ଗୁରୁତ୍ୱ ଦିଆଯାଇଛି। ଏହା ସତ୍ତ୍ୱେ ତମାଖୁ କିମ୍ବା ତମାଖୁ ଜନିତ ଦ୍ରବ୍ୟର ବିକ୍ରି ଓ କ୍ରୟ ନିୟନ୍ତ୍ରଣ ହୋଇ ପାରିନାହିଁ। ୨୦୧୩ ମସିହା ଠାରୁ ଗୁଟଖାକୁ ନିଷିଦ୍ଧ ଘୋଷଣା କରାଯାଇଛି। ଏହା ମଧ୍ୟରେ ଦୀର୍ଘ ୧୨ ବର୍ଷ ଅତି ବାହିତ ହୋଇଯାଇଥିଲେ ମଧ୍ୟ ରାଜ୍ୟରେ ସମ୍ପୂର୍ଣ୍ଣ ଭାବେ ଗୁଟଖା ବିକ୍ରି ବନ୍ଦ ହୋଇ ପାରିନାହିଁ। ନିଷିଦ୍ଧ ଘୋଷଣା ହେବାର କିଛି ଦିନ ପର୍ଯ୍ୟନ୍ତ ଲୁଚାଛପାରେ ଏହାର ବିକ୍ରି ହେଉଥିଲା ବେଳେ ଏବେ ଖୁଲମ୍‌ଖୁଲା ଗୁଟଖା ବିକ୍ରି ହେଉଛି।ବିଦ୍ୟାଳୟ ଠାରୁ ଆରମ୍ଭ କରି ଡ଼ାକ୍ତରଖାନା ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ଗୁଟଖା ମାଳ ଝୁଲୁଥିବା ଦେଖିବାକୁ ମିଳୁଛି। କୋପା ଆଇନର ଧାରା ୬ ରେ ବିଦ୍ୟାଳୟ ଠାରୁ ୧୦୦ ମିଟର ମଧ୍ୟରେ ତମାଖୁ ବିକ୍ରି ବାରଣ କରାଯାଇଛି। ମାତ୍ର ପ୍ରଶାସନ ଏହାକୁ ଭୁଲି ଯାଇଛି। ପ୍ରଶାସନ ପକ୍ଷରୁ ଧରପଗଡ଼ ଠିକ୍ ଭାବେ ହେଉନଥିବାରୁ ଏହାର ବିକ୍ରି ଦିନକୁ ଦିନ ବଢ଼ିବାରେ ଲାଗିଛି। ଗୁଟଖା ନିଷିଦ୍ଧ ଘୋଷଣା ହୋଇଥିଲେ ମଧ୍ୟ ଏହାର ବିକ୍ରି ଚାଲିଥିବାରୁ ସରକାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବା ଏକ ଅନୁସନ୍ଧାନରୁ ଜଣାପଡ଼ିଛି।ରାଜ୍ୟରେ କୋପା ଆଇନ ସହ କେନ୍ଦ୍ର ଖାଦ୍ୟ ସୁରକ୍ଷା ଓ ମାନବ ପ୍ରାଧିକରଣ ଆଇନ ବା ଏଫଏସଏସଆଇ କାର୍ଯ୍ୟକାରୀ ହେଉଛି। ଏଫଏସଏସଆଇ ଆଇନରେ ଜର୍ଦା ଓ ଖଇନି ଆସୁନଥିବାରୁ ଖାଦ୍ୟ ସୁରକ୍ଷା ପକ୍ଷରୁ ଏହାର ବିକ୍ରି ଉପରେ କଟକଣା ଜାରୀ କରିବା ସମ୍ଭବପର ହେଉନାହିଁ। ଗତ ୨୦୧୩ ମସିହା ଠାରୁ ରାଜ୍ୟ ସରକାର ତମାଖୁ ନିଷେଧ ପାଇଁ ନିର୍ଦ୍ଦେଶନାମା ଜାରୀ କରିଛନ୍ତି। ତମାଖୁ ପ୍ରସ୍ତୁତି ସହ କିଣାବିକା ଓ କଟକଣା ଉପରେ ମଧ୍ୟ ଜାରୀ ହୋଇଛି। କିନ୍ତୁ ସରକାରଙ୍କ ଏଥିପ୍ରତି ଆନ୍ତରିକତା ନଥିବା ସ୍ପଷ୍ଟ ବାରି ହୋଇପଡୁଛି। କଳାହାଣ୍ଡି ଜିଲ୍ଲା ସମେତ ଏହାର ଆଖପାଖ ଅଞ୍ଚଳରେ ଥିବା ପାନ ପୁଡ଼ିଆ ଦୋକାନରେ ବିନା ଦ୍ୱିଧାରେ ଗୁଟଖା ବିକ୍ରି ହେଉଛି। ଯେଉଁଠି ଦେଖିବ ମାଳମାଳ ଗୁଟଖା ପାଉଚ୍ ଦେଖିବାକୁ ମିଳୁଛି। ନା ହେଉଛି ଧରପଗଡ଼ ନା ହେଉଛି କାର୍ଯ୍ୟାନୁଷ୍ଠାନ। ବେଧଡ଼କ ଭାବେ ବିକ୍ରି ଚାଲିଛି ଗୁଟଖା ବେପାର।ତମାଖୁ ସେବନରେ ଅଭ୍ୟସ୍ତ ବ୍ୟକ୍ତି ମାନେ ଏହାର କୁପ୍ରଭାବ ଜାଣି ମଧ୍ୟ ଅଭ୍ୟାସ ଛାଡ଼ି ପାରୁ ନାହାନ୍ତି। ସଚେତନତା ଅଭାବରୁ ଅଧିକାଂଶ କିଶୋର ଓ ଯୁବପିଢ଼ି ମଧ୍ୟ କୁସଙ୍ଗରେ ପଡ଼ି ତମାଖୁ ସେବନ ପ୍ରତି ଆକର୍ଷିତ ହେଉଛନ୍ତି।କଳାହାଣ୍ଡି ଏବଂ ଆଖପାଖ ଅଞ୍ଚଳର



**ଲୋକ ଦେଖାଣିଆକୁ କାଁ ଭାଁ ଚଢ଼ାଉ କରି କାମ ସାରୁଛି ଖାଦ୍ୟ ସୁରକ୍ଷା ଓ ଯୋଗାଣ ବିଭାଗ**

ଗୁଟଖା ବେପାରୀ ମାନେ ଲକ୍ଷ ଲକ୍ଷ ଟଙ୍କାର ବିଭିନ୍ନ ବ୍ରାଣ୍ଡର ଗୁଟଖା ଆଣି ଅବାଧରେ ବିକ୍ରି କରି ମାଲାମାଲ ହେଉଛନ୍ତି। ସରକାରଙ୍କ ତମାଖୁ ନିଷେଧ କେବଳ କାଗଜକଲମରେ ସୀମିତ ରହିଯାଉଥିବା ଦେଖିବାକୁ ମିଳୁଛି। ବର୍ଷକୁ ଥରେ ଅଧେ ଜିଲ୍ଲା ଖାଦ୍ୟ ସୁରକ୍ଷା ଓ ଯୋଗାଣ ବିଭାଗ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଚଢ଼ାଉ କରାଯାଉଥିବା ଜଣାପଡ଼ିଛି। ତାହା ବି ପୁଣି ଲୋକ ଦେଖାଣିଆ ଭାବେ ହାତ ଗଣତି ମାତ୍ର ୪ କିମ୍ବା ୫ଟି ଛୋଟ ଛୋଟ ପାନ ଓ ଚାହା ଦୋକାନରୁ। ଗୁଟଖା ବିକ୍ରି ବାବଦକୁ ୨ଶହରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଆଦାୟ କରି ପ୍ରଶାସନ ହାତବାନ୍ଧି ବସୁଥିବା ଜଣାପଡ଼ିଛି।କଳାହାଣ୍ଡି ଜିଲ୍ଲା ତଥା ଏହାର ଆଖ ପାଖ ଅଞ୍ଚଳ ରେ ଲୁଚାଛପାରେ ନକଲି ଗୁଟଖା ଓ ମାଓ୍ୱା ମସଲା ତିଆରି କାରଖାନା ଚାଲୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ମାନେ କିପରି ନିରବଦ୍ରଷ୍ଟା ସାଜିଛନ୍ତି, ତାହା ବିରାଟ ପ୍ରଶ୍ନବାଚି ସୃଷ୍ଟି କରିଛି। ନକଲି ଗୁଟଖା ପ୍ରସ୍ତୁତକାରୀ ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏଭଳି ବେଆଇନ କାରଖାନା ଚାଲୁଥିବା ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି ଓ ତମାଖୁ ସେବନ ଦ୍ୱାରା ମୁଖ କର୍କଟ, ଯକ୍ଷ୍ମା ଭଳି ଦୂରାରୋଗ୍ୟରେ ପୀଡ଼ିତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।କଳାହାଣ୍ଡି ଅଞ୍ଚଳରେ ମଧ୍ୟ ଏହାର ସଂଖ୍ୟା କିଛି କମ୍ ନୁହେଁ।କଳାହାଣ୍ଡି ସମେତ ବିଭିନ୍ନ ବ୍ଲକ ରେ ଦୈନିକ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗୁଟଖା କାରବାର ହେଉଥିବା ଲକ୍ଷ୍ୟ କରାଯାଉଛି।

# କ୍ରାନ୍ତି ପକ୍ଷରୁ ତମାଖୁ ବର୍ଜନ ଦିବସ




**ବ୍ରହ୍ମପୁର,୩୧।୫(ସଂଚାର ବ୍ୟୁରୋ):** ସ୍ଥାନୀୟ ଅଗ୍ରଣୀ ସାମାଜିକ ଅନୁଷ୍ଠାନ କ୍ରାନ୍ତି ତରଫରୁ ବିଶ୍ୱ ତମାଖୁ ବର୍ଜନ ଦିବସରେ ସଚେତନତା କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ନିକଟରେ କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ କର୍କଟ ରୋଗୀ ଡ଼ଃ ଦେବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ବିଏମସିର ପୂର୍ବତନ ମେୟର ଶିବ ଶଙ୍କର ଦାସ, ଏମ.କେ.ସି.ଜି ମେଡିକାଲ କଲେଜ ଓ ହସ୍ପିଟାଲର ଟିବି ଓ ଚେଷ୍ଟର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ପ୍ରୀୟଜୀତ ଜେନା, ଦାନ୍ତ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ବୀରେନ ପଲେଇ, ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ, ସାମନ୍ତରାୟ ଏକାଡେମି ର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ, ଓ୍ୱାନ ଷ୍ଟେପ ସେଣ୍ଟର ର ନିର୍ଦ୍ଦେଶିକା ମହେଶ୍ୱେତା ପାଢ଼ି ଓ ସମାଜସେବୀ ବନମାଳୀ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ବିଭିନ୍ନ ଗଣମାଧ୍ୟମ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ତମାଖୁ ସେବନର ଭୟାବହତା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀ, ଯୁବସମାଜ ଓ ଜନସାଧାରଣଙ୍କୁ ବୁଝାଇଥିଲେ। ଉପସ୍ଥିତ ଥିବା ସମସ୍ତେ ମାନବ ଶୃଙ୍ଖଳ ମାଧ୍ୟମ ରେ ତମାଖୁ ମୁକ୍ତ ଭାରତ ଗଠନ ପାଇଁ ବଜ୍ର ଶପଥ ନେଇଥିଲେ।କ୍ରାନ୍ତି ର ଡ଼ଃ ଦାଶ ସେ ଜଣେ ମୁଖ କର୍କଟ ରୋଗୀ ହୋଇ ଥିବା ଯୋଗୁଁ ତାଙ୍କର କଷ୍ଟ ଓ ଯନ୍ତ୍ରଣା ମାଧ୍ୟମରେ ସମସ୍ତଙ୍କୁ ସଚେତନତା କରି କିପରି ତମାଖୁ ମୁକ୍ତ ଭାରତ ହୋଇ ପାରିବ ହାତଯୋଡି ନିବେଦନ କରିଥିଲେ।ପରେ ପରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ନିକଟରୁ ଏକ ସଚେତନତା ପଦଯାତ୍ରା ବାହାର କରାଯାଇ ଜନସାଧାରଣଙ୍କୁ ସଚେତନ କରା ଯାଇଥିଲା। ଏହି ପଦଯାତ୍ରାରେ ନିମନ୍ତ୍ରିତ ଅତିଥି ମାନଙ୍କ ସହିତ ବିଭିନ୍ନ ସ୍କୁଲ ଓ ଅନୁଷ୍ଠାନର ସଦସ୍ୟ ପ୍ରମୁଖ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ କ୍ରାନ୍ତି ଅନୁଷ୍ଠାନ ତରଫରୁ ଆୟୋଜିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ଆସୁନି ଜିଓ ନେଟୱାର୍କ, ଗ୍ରାହକ ହନ୍ତସନ୍ତ

**ଖପ୍ରାଖୋଲ,୩୧।୫(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ତଥା ଖପ୍ରାଖୋଲ ପଞ୍ଚାୟତ ଅନ୍ତର୍ଗତ ମହୁରୁଣ୍ଡି ଗାଁରେ ଜିଓ ଗ୍ରାହକ ସଂଖ୍ୟା ସର୍ବାଧିକ ଥିବା ବେଳେ ନେଟୱାର୍କ ଦିନ କୁ ଦିନ ଦୁର୍ବଳ ହେବାରେ ଲାଗିଛି। ଅଞ୍ଚଳର ଅଧିକାଂଶ ସ୍ଥାନରେ ଘର ଭିତରେ ନେଟୱାର୍କ ଆସୁ ନଥିବାରୁ ପିଲାଙ୍କ ଅନଲାଇନ୍ ପାଠପଢ଼ା ସହ ଅନଲାଇନ ଆବେଦନ ପ୍ରକ୍ରିୟା ଯୋଗଦେବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବ୍ୟାହତ ହେଉଛି। ଏଥି ସହ କଲ୍ ଡ୍ରପ ଓ ଓଟିପି ଆସିବାରେ ସମସ୍ୟା ମଧ୍ୟ ଲାଗି ରହୁଛି। ଫଳରେ ବର୍ଷକୁ ହଜାର ହଜାର ଟଙ୍କା ଗଣି ଜିଓ ବ୍ୟବହାର କରୁଥିବା ଗ୍ରାହକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ସମୟରେ ଅଧିକାଂଶ କାର୍ଯ୍ୟ ପାଇଁ ଅନଲାଇନ ସେବା ଅପରିହାର୍ଯ୍ୟ ହୋଇ ପଡ଼ିଥିବାରୁ ଲୋକଙ୍କୁ ମୋବାଇଲ ନେଟୱାର୍କ ଉପରେ ହିଁ ନିର୍ଭର କରିବାକୁ ପଡ଼ିଥାଏ। ମହୁରୁଣ୍ଡି ଗାଁରେ କୌଣସି କମ୍ପାନୀ ର ନେଟୱାର୍କ ଠିକ୍ ଭାବେ ଆସୁ ନଥିବାରୁ ଲୋକେ ଜିଓ ଉପରେ ଭରସା କରିଥିଲେ।



ବର୍ତ୍ତମାନ ଜିଓ ମଧ୍ୟ ବିଏସଏନଏଲ ଠାରୁ ବଳି ଗଲାଣି। ଏପରିକି ଅଧିକ ଟଙ୍କା ଗଣି ଘରେ ଜିଓ ଫାଇଭର ଲଗାଇଥିବା ଗ୍ରାହକ ମାନେ ମଧ୍ୟ ବୀତସ୍ପୃହ ହୋଇ ପଡ଼ିଲେଣି। ଏ ନେଇ ଗ୍ରାହକ ମାନେ ଜିଓ କମ୍ପାନୀକୁ ବାରମ୍ବାର ଅଭିଯୋଗ କରୁଥିଲେ ହେଁ କୌଣସି ସୁଫଳ ମିଳୁନି। ଜିଓ ପ୍ରତି ଅତିଷ୍ଠ ହୋଇ ପୋର୍ଟ କରିବା ପାଇଁ ଆବେଦନ କରୁଥିବା ଗ୍ରାହକଙ୍କୁ ଜିଓ ତରଫରୁ ପୋର୍ଟ ନକରିବା ପାଇଁ ଅନୁରୋଧ କରାଯାଇ ଅତିଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଉଥିଲେ। ମଧ୍ୟ ଆଜି ପର୍ଯ୍ୟନ୍ତ କମ୍ପାନୀ କର୍ତ୍ତୃପକ୍ଷ କୌଣସି ସମାଧାନ କରୁନଥିବାରୁ ଗ୍ରାହକ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି।

# ଦୁଇ ସହକାରୀ ଯନ୍ତ୍ରୀଙ୍କୁ ଡିଭିଜନ ସ୍ତରୀୟ ବିଦାୟୀ ସମ୍ବର୍ଦ୍ଧନା



**ଯାଜପୁର ରୋଡ଼,୩୧।୫(ସଂଚାର ବ୍ୟୁରୋ):** ଜାରକା ଜଳସେଚନ ବିଭାଗ ତରଫରୁ ଦୁଇ ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀଙ୍କୁ ଆଜି ବିଦାୟୀ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଅଛି। ଏଭଳି ଏକ ବର୍ଣ୍ଣାଢ୍ୟ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଚଣ୍ଡିଖୋଲର ଚିଫ ଇଞ୍ଜିନିଅର ଶ୍ରୀ ବିଘ୍ନରାଜ ପୁରୋହିତ, ସଂମ୍ମାନିତ ଅତିଥି ଭାବେ ଆସିଷ୍ଟାଣ୍ଟ ଚିଫ ଇଞ୍ଜିନିଅର ପ୍ରଣବ କୁମାର ନାୟକ, ଅଧିକ୍ଷଣ ଯନ୍ତ୍ରୀ ଶିଶିର କୁମାର ଦାସ, ଏସଡିଓ ସବ୍ୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଜୋକଡ଼ିଆ ଓ ବରି'ର ଦୁଇ ସହକାରୀ ଯନ୍ତ୍ରୀ ଶ୍ରୀ ସୁବାସ ଚନ୍ଦ୍ର ସାହୁ ଓ ଏସ.କେ.ଆଲମ'ଙ୍କୁ ପୁଷ୍ପ ଗୁଚ୍ଛ, ଉତରୀୟ ଓ ଉପହାର ଦେଇ ଚାକିରୀ ଜୀବନର ଶେଷ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ତାଙ୍କ ଚାକିରୀ ଜୀବନ ଭିତରେ ସେ ସମସ୍ତଙ୍କର ପ୍ରିୟଭାଜନ ହେବା ସହିତ ସେ ଜଣେ କର୍ତବ୍ୟନିଷ୍ଠା, ଦାଇତ୍ୱ ବୋଧ, ସମୟାନୁବର୍ତିତା ଓ ଦକ୍ଷ୍ୟ ଅଫିସର ଭାବେ କାର୍ଯ୍ୟ କରୁଥିବା ମୁଖ୍ୟ ଅତିଥି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜାରକା ଓ ଚଣ୍ଡିଖୋଲ ଜଳସେଚନ ବିଭାଗର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ବଢୁଛି ଉତ୍ସୁକତା



**ସୁବର୍ଣ୍ଣପୁର,୩୧।୫(ସଂଚାର ବ୍ୟୁରୋ):** ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ ସଂପର୍କରେ ଜାଣିବା ପରେ ଜିଲ୍ଲା ର ସଚେତନ ନାଗରିକ ବର୍ଗଙ୍କ ମଧ୍ୟରେ ଉତ୍ସୁକତା ବୃଦ୍ଧି ପାଇଥିବା ଦେଖାଯାଉଛି। ସେହି କ୍ରମରେ ଜିଲ୍ଲା ସଚେତନ ନାଗରିକମଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଭାପତି ସିତାଂଶୁ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଶିତଳେଇ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ଆଲୋଚନା ହୋଇଥିଲା। ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ସୁବର୍ଣ୍ଣପୁର ଜିଲ୍ଲା ସମ୍ଭାବନାର ପ୍ରାଚୁର୍ଯ୍ୟ ଭିତରେ ରହି ମଧ୍ୟ ଜିଲ୍ଲାର ଲୋକମାନଙ୍କ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଉନ୍ନତି ଦେଖିବାକୁ ମିଳୁନାହିଁ। ଯାହାକି ଉଦବେଗ ଜନକ ଅଟେ ବୋଲି ଆଲୋଚନାରେ ସମସ୍ତ ସଭ୍ୟ ମତ ପ୍ରକାଶ କରିଥିଲେ ଏବଂ ଆଶା ବ୍ୟକ୍ତ କରିଥିଲେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଲୋକଙ୍କ ମୁଖ୍ୟମନ୍ତ୍ରୀ ନିଶ୍ଚିତ ଭାବରେ ଜିଲ୍ଲା ବାସୀଙ୍କ କଥା କୁ ବୁଝି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ତେଣୁ ନିଷ୍ପତ୍ତି ହୋଇଥିଲା ଜିଲ୍ଲାର ବିକାଶ ସମ୍ବନ୍ଧୀୟ ଏକ ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ।ଏହି ବୈଠକରେ ସଚେତନ ନାଗରିକ ମଞ୍ଚର ସଭାପତି ସିତାଂଶୁ ଶେଖର ମିଶ୍ର, ଶ୍ରୀଧର ବାଘ, ନବ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସଭା ଶେଷରେ ଅକ୍ଷୟ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍ ଦଖଲ ପାଇଁ ବଳ କଷାକଷି ; ତୃଣମୂଳ ସ୍ତରରେ ବିଜେପି-ବିଜେଡି ମୁହାଁମୁହିଁ

**ନିଶ୍ଚିନ୍ତକୋଇଲି,୩୧।୫(ସଂଚାର ବ୍ୟୁରୋ):** ସରକାର ବଦଳିବା ପରେ ବ୍ଲକସ୍ତରରେ ବଡ଼ ଧରଣର ଅଦଳବଦଳ ପାଇଁ ଉଦ୍ୟମ ଚାଲିଛି । ବିଜେଡି ଗଡ଼ ଥିବା ସ୍ଥାନରେ ସିନ୍ଧି କରି ପଞ୍ଚାୟତ ଦଖଲ ପାଇଁ ଜୋରଦାର ହେଲାଣି ବଳ କଷାକଷି । ଆଉ ଏହାକୁ ନେଇ ବିଭିନ୍ନ ଜିଲ୍ଲାର ବ୍ଲକସ୍ତରରେ ଦଳୀୟ ରାଜନୀତିର ରୋଚକ ଲଢ଼େଇ ଦେଖିବାକୁ ମିଳୁଛି । ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଛି । ବ୍ଲକ ଦଖଲ ପାଇଁ ବିଜେଡି-ବିଜେପିର ବଳ କଷାକଷି ଚଳିତ ସପ୍ତାହରେ ରାଜ୍ୟ ରାଜନୀତିକୁ ସରଗରମ କରିଛି । ମହାକାଳପଡ଼ା ବ୍ଲକରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀଙ୍କୁ ମାତ ଦେଇଛନ୍ତି ବିଜେପି ବିଧାୟକ ଦୁର୍ଗାପ୍ରସାଦ ନାୟକ। ପୌରାଧ୍ୟକ୍ଷା କଳ୍ପନା ରାଉତ ଅନାସ୍ଥା ଭୋଟରେ ହାରି ପଦ ହରାଇଛନ୍ତି । ଏବେ ସାନି ନିର୍ବାଚନରେ କିଏ ବାଜିମାରିବ ତାକୁ ନେଇ ଛକାପଞ୍ଝା ଚାଲିଛି । ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷା ରୋଜି ସେଠୀଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ କାଟ ଖାଇଛି। ଆବଶ୍ୟକୀୟ କରୋମ ନହେବାରୁ ଆସ୍ଥାଭୋଟ ହୋଇପାରି ନାହିଁ । ସେପଟେ କୋରାପୁଟ ଜିଲ୍ଲା ପଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ବିରୋଧରେ ମଧ୍ୟ ଅନାସ୍ଥା ପ୍ରସ୍ତାବ ଆସିଛି । ତଦନ୍ତ ପରେ ପଦକ୍ଷେପ ନେବେ ବୋଲି ଜିଲ୍ଲାପାଳ କହିଛନ୍ତି ।

## ସମୂହ ଅବସର ସମ୍ବର୍ଦ୍ଧନା ସଭା



**ବାଲିପାଟଣା,୩୧।୫(ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ଶ୍ରୀ ବୁଦ୍ଧନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ଆଜି ପୂର୍ବାହ୍ନରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରିଣୀଙ୍କ ସହିତ ପାଞ୍ଚ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସମୂହ ଭାବରେ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।ବାଲିପାଟଣା ବ୍ଲକ୍ ଶିକ୍ଷା ଅଧିକାରୀ ଡ: ପ୍ରଭାତ କୁମାର ରଥ ଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ସ୍ଥାନୀୟ ତହସିଲଦାର କଳ୍ପନା ଦାସ, ବାଲିପାଟଣା ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା, ପ୍ରଧାନ ଶିକ୍ଷକ ଅର୍ଣବ କୁମାର ବେହୁରା, ବିଜୟ କୁମାର ବେହେରା, ସୁଷମାରାଣୀ ମହାପାତ୍ର, ଶରତଚନ୍ଦ୍ର ଆଚାର୍ଯ୍ୟ, ପ୍ରଦୀପ ପ୍ରଧାନ, ଦୀନକୃଷ୍ଣ ସାହୁ, ପ୍ରଭାକର ମଲ୍ଲିକ, ପ୍ରଫେସର ମନମୋହନ ରାଉତ, ବେସରକାରୀ ବିଦ୍ୟାଳୟ ସଂଘ ସଭାପତି ଅଭିମନ୍ୟୁ ନାୟକ ଓ ଆଦର୍ଶ ବିଦ୍ୟାଳୟ ର ପ୍ରିୟଦର୍ଶିନୀ ଦାସ ପ୍ରମୁଖ ଯୋଗ ଦେଇ ଅବସର ପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ କର୍ତ୍ତବ୍ୟ ନିଷ୍ଠା ଓ କାର୍ଯ୍ୟକାଳ ରେ ସମର୍ପିତ ଅବଦାନ କୁ ପ୍ରଶଂସା କରିଥିଲେ। ଅବସର ଗ୍ରହଣ କରିଥିବା ସହ ଶିକ୍ଷା ଅଧିକାରୀ ମଞ୍ଜୁଲତା ରାଉତ, ଶିକ୍ଷକ ସଲିଳ କୁମାର ମହାନ୍ତି, ଶିକ୍ଷୟତ୍ରୀ ବିଦ୍ୟୁଲତା ପଣ୍ଡା, ମଧୁମିତା ମହାନ୍ତି, ବିଜୟ ଲକ୍ଷ୍ମୀ ପଣ୍ଡା ଙ୍କୁ ବିଭାଗ ତରଫରୁ ସମ୍ମାନ ପତ୍ର ଓ ଅବସର କାଳୀନ ପ୍ରାପ୍ୟ ପ୍ରଦାନ କରାଯାଇଥିଲା। ସି ଆର ସି ସି ମମିତା ଦଳେଇ, ଝୁନୀ ଦେଇ ଓ ଅନ୍ୟମାନଙ୍କ ସହିତ କାର୍ଯ୍ୟାଳୟ ର ସ୍ୱିଟି ଦଳାଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ବିକଶିତ କୃଷି ସଙ୍କଳ୍ପ ଅଭିଯାନ' ଅନ୍ତର୍ଗତ କୃଷି ରଥ ଶୁଭାରମ୍ଭ




**ସୁବର୍ଣ୍ଣପୁର,୩୧।୫(ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ଆରମ୍ଭିତ 'ବିକଶିତ କୃଷି ସଙ୍କଳ୍ପ ଅଭିଯାନ' ଅନ୍ତର୍ଗତରେ ସୁବର୍ଣ୍ଣପୁର ଜିଲ୍ଲାରେ ଆଜି ତିନିଟି କୃଷି ସଚେତନତା ରଥର ଉଦ୍‌ଘାଟନ କଲେ ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ। ଏହି ରଥ ଜିଲ୍ଲାର ବିଭିନ୍ନ ଗ୍ରାମ ପଞ୍ଚାୟତର ଷାଠିଏ ଗୋଟି ଗ୍ରାମକୁ ବୈଜ୍ଞାନିକ ଦଳ ସହିତ ପରିକ୍ରମା କରି କୃଷକମାନେ ମଧ୍ୟରେ ଆଧୁନିକ କୃଷି ପ୍ରଣାଳୀ, 'ମାଟି ସ୍ୱାସ୍ଥ୍ୟ କାର୍ଡ' ବ୍ୟବହାର, ସମତୁଳିତ ଭାବେ ରସାୟନିକ ଓ ଜୈବ ବର୍ଦ୍ଧକ ବ୍ୟବହାର ଓ ସରକାରୀ କୃଷି କଲ୍ୟାଣ ଯୋଜନା ବିଷୟରେ ସଚେତନତା ବୃଦ୍ଧି କରିବ ଓ ଆଧୁନିକ କୃଷି ପ୍ରଯୁକ୍ତି ଏବଂ ଚିରନ୍ତନ କୃଷି ପଦ୍ଧତି ବିଷୟରେ ସଚେତନତା ସୃଷ୍ଟି କରିବ। ଶୁଭାରମ୍ଭ ଅବସରରେ ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ କହିଛନ୍ତି: କି 'କୃଷି ହେଉଛି ଗାଁର ଆଧାର ଓ ଆମ ଅର୍ଥନୀତିର ମୂଳ ଶକ୍ତି। ଆଜିର ଏହି ବିକଶିତ କୃଷି ସଙ୍କଳ୍ପ ଅଭିଯାନ ମାଧ୍ୟମରେ ଆମେ ଚାଷୀଙ୍କୁ ନୂତନ ପ୍ରଯୁକ୍ତି, ସମସ୍ତ ସରକାରୀ ସୁବିଧା ବିଷୟରେ ଅବଗତ କରି ତାଙ୍କ ଆୟ ବୃଦ୍ଧି କରିବା ଉଦ୍ଦେଶ୍ୟ ରଖିଛୁ। ଏହି ଅଭିଯାନ ଆଗାମୀ ଦିନରେ ଗ୍ରାମିଣ ଅର୍ଥନୀତିକୁ ମଜବୁତ କରିବା ସହ, ଏକ ଆଧୁନିକ ଓ ସ୍ୱାବଳମ୍ବୀ କୃଷି ବ୍ୟବସ୍ଥା ତିଆରି କରିବ। ଆମେ ଆଶା କରୁଛୁ ଯେ ଏହା ଆଗାମୀ ଭବିଷ୍ୟତ ପାଇଁ ଏକ ମିଳିତ ପଦକ୍ଷେପ ହେବ।' ଏହି ଅବସରରେ କୃଷି ଓ ଅନୁସଂଗିକ ବିଭାଗ ର ପ୍ରମୁଖ ବୈଜ୍ଞାନିକ ଡ଼. ପିକେ ନାଏକ, ଡ଼ ଏସ କେ ମିଶ୍ର, ବୈଜ୍ଞାନିକ ଡ଼. ଧୀରେନ୍ଦ୍ର କୁମାର, ଡ଼. ପିକେ ମେହେର, ବିଶ୍ୱରଞ୍ଜନ ପଟ୍ଟନାୟକ, ସୁପ୍ରଭା ସେଠି, ତ୍ରିନାଥ ଖଣ୍ଡାୟତ ରାୟ, ସି.ଡି.ଏ.ଓ. ରୁଦ୍ରଦେବ ରାଉତ, ଏ.ଡ଼ି.ଓ. ଧୀରେନ୍ଦ୍ର ସିଂ ବରିହା ଓ ଅନ୍ୟାନ୍ୟ କୃଷି ବିଭାଗ ଓ ଉଦ୍ୟାନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅଭିଯାନ ଜିଲ୍ଲାର କୃଷକଙ୍କ ଆୟ ବୃଦ୍ଧି, ଉତ୍ପାଦନ ଗୁଣ ମାନରେ ଉନ୍ନତି ଓ ଗବେଷଣା ଭିତ୍ତିକ ନୂତନ ପ୍ରଯୁକ୍ତି ଅନୁପ୍ରୟୋଗ ନିମନ୍ତେ ଏକ ଦୃଢ଼ ପଦକ୍ଷେପ ବୋଲି ବିଭାଗ ତରଫରୁ ସୂଚନା ମିଳିଛି।

# ଅସ୍ତରଙ୍ଗ ଅଞ୍ଚଳରେ ଗୋରୁ ଚାଲାଣ ର୍ୟାକେଟ୍ ସକ୍ରିୟ

**କାକଟପୁର/ଅସ୍ତରଙ୍ଗ,୩୧।୫(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ଦେବୀ ନଦୀ ବନ୍ଧରେ ପ୍ରତ୍ୟେକ ଦିନ ଅବାଧରେ ଚାଲିଛି ଗୋ ଚାଲାଣ। ଏ ସ୍ଥିତିରେ ବିଭିନ୍ନ ସ୍ଥାନରେ ଗୋ ରକ୍ଷକଙ୍କ ଚଢ଼ାଉ ଓ ଆଇନି ଶୃଙ୍ଖଳା ପରିସ୍ଥିତି ଉପୁଜିବାରୁ ବେଆଇନି ଗୋରୁ ଚାଲାଣ କାରୀଙ୍କ ତରିକା ବଦଳିଛି। ଖୋଲା ଡାଲା ଗାଡି ଏବଂ ଟ୍ରକ ବଦଳରେ ଏବେ ବନ୍ଦ କଣ୍ଟେନର ଅବା ବନ୍ଦ ଟାଟା ଏସି ଯୋଗେ ଅତି ଦୟନୀୟ ଅବସ୍ଥାରେ ଗୋରୁ ଚାଲାଣ କରାଯାଉଛି। ନିବୁଜ କଣ୍ଟେନର ଭିତରେ ବନ୍ଧା ହୋଇ ଗୋରୁ ଅଣନିଶ୍ୱାସୀ ହୋଇ ପଡୁଛନ୍ତି। ଏଭଳି ଗାଡିକୁ ଅସ୍ତରଙ୍ଗ ପୁଲିସ ଧରିବାରେ ସଫଳ ହୋଇଛି। ଏବେ ପ୍ରଚଣ୍ଡ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ଏକ ନିବୁଜ ଟାଟା ଏସି ଭିତରେ ସ୍ୱଳ୍ପ ସ୍ଥାନରେ ଗୋରୁ ଙ୍କୁ ବାନ୍ଧି ଶ୍ୱାସରୁଦ୍ଧ ସ୍ଥିତିରେ ଦିନ ଦ୍ୱିପ୍ରହର ରେ ଦେବୀ ନଦୀ ବନ୍ଧ ଦେଇ ଚାଲାଣ କରାଯାଉଥିଲା। ଅସ୍ତରଙ୍ଗ ଓ କାକଟପୁର ରୁ ପଶ୍ଚିମବଙ୍ଗ କୁ ଏହି କାରବାର ଚେର ଲମ୍ବିଥିବା ବେଳେ ବିଭିନ୍ନ ସ୍ଥାନରେ ଗୋରୁ ଚାଲାଣ ରାକେଟ ସକ୍ରିୟ ଥିବା ସନ୍ଦେହ କରାଯାଉଛି। ଶନିବାର ଦିନ ଦିବା ୯ଘ ୩୦ ମିନିଟ ସମୟରେ ଅସ୍ତରଙ୍ଗ ପୁଲିସ ବିଶେଷ ସୂତ୍ରରୁ ଖବର ପାଇଁ ଅସ୍ତରଙ୍ଗ ଥାନା ଏ ଏସ ଆଇ ପ୍ରଶାନ୍ତ ସାମନ୍ତରାୟ ଓ ଥାନା କର୍ମଚାରୀ ସଞ୍ଜୟ ମହାନ୍ତି, ରଞ୍ଜନ ପଟ୍ଟନାୟକ ଦେବୀ ନଦୀ ବନ୍ଧ ଅସନ ନିକଟରେ ଗୋରୁ ଯାଉଥିବା ଗାଡି (ଓଡି ୦୨ କେ ୩୫୮୩)କୁ ଜବତ କରି ତଦନ୍ତ ଆରମ୍ଭ କରିଛି ପୋଲିସ। ଗାଡି ଚାଳକ କେନ୍ଦ୍ରାପଟି ଅଞ୍ଚଳର ମଙ୍ଗରାଜ ମହାପାତ୍ର (୪୯)ଅଟକ ରଖି ପଚରା ଉଚରା କରିଥିଲା। ରାତି ଅନ୍ଧାର ହେଉ ଅବା ସକାଳୁ ସକାଳୁ ଶୂନଶାନ ରାସ୍ତାର ସୁଯୋଗ ନେଇ ଅସ୍ତରଙ୍ଗ ରୁ ଦେବୀ ନଦୀ ବନ୍ଧ ଦେଇ କାକଟପୁର ପହଂଚୁଛି ଗୋରୁ ଚାଲାଣ ଗାଡି। ପୁଲିସ ଖବର ପାଇଁ ଆଳସାହି ପଞ୍ଚାୟତ ଅଧୀନ ଅସନ ଦେବୀ ନଦୀ ବନ୍ଧ ଉପରୁ ଏକ ଗାଡି ସହ ଉଦ୍ଧାର ୨ଟି ଗାଈ ଓ ୧ ଛୋଟ ବାଛୁରୀ କୁ ସୁରକ୍ଷିତ ଅବସ୍ଥାରେ ପୁରୀ ସ୍ଥିତ ଗୋଶାଳା ଛାଡି ଦିଆଯାଇଛି। ହେଲେ ପୁଲିସ ଅଚାନକ ଚଢ଼ାଉ ସତ୍ତ୍ୱେ ଗାଡି ଚାଳକ ପୁଲିସ ହାତରେ ଧରା ପଡ଼ିବାରେ ସଫଳ ହୋଇଥିଲା। ଇତି ମଧ୍ୟରେ ଗାଡି କୁ ଜବତ କରି ଅସ୍ତରଙ୍ଗ ପୁଲିସ ଥାନା କେଶ ନମ୍ବର ୧୦୬/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଅଟକ ଥିବା ଗାଡି ଚାଳକ ଙ୍କୁ ଅଦାଲତ ଚାଲାଣ କରିଛି। ଏହି ବେଆଇନି କାରବାର ପଛରେ କିଏ ସମ୍ପୃକ୍ତି, ଗାଡିର ମାଲିକ କିଏ? ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ଗୋରୁ ଚାଲାଣକୁ କେନ୍ଦ୍ର କରି ଆଇନି ଶୃଙ୍ଖଳା ପରିସ୍ଥିତି ଉପୁଜିବାର ଆଶଙ୍କା ସୃଷ୍ଟି ହୋଇପାରେ।




# ଦାରିଙ୍ଗବାଡ଼ିରେ ବର୍ଷା ସାଙ୍ଗକୁ ଅଦିନ କୁହୁଡ଼ି

**ଦାରିଙ୍ଗବାଡ଼ି,୩୧।୫(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଲଘୁଚାପ ଜନିତ ବର୍ଷାରେ ଜନଜୀବନ ପ୍ରଭାବିତ ହୋଇଛି। ଦିନ ତମାମ ପାଗ ମେଘୁଆ ସହ ବର୍ଷା ଲାଗିରହିଛି। ସେହିପରି ଦିନ ହେଉକି ରାତି ଦାରିଙ୍ଗବାଡ଼ି ଓ ତାର ଆଖପାଖ ଅଞ୍ଚଳରେ ଘନକୁହୁଡି ଆଚ୍ଛାଦିତ ହୋଇ ରହୁଛି। ବିଶେଷ କରି ସନ୍ଧ୍ୟା ସମୟରୁ ସକାଳ ପର୍ଯ୍ୟନ୍ତ ଅଧିକ କୁହୁଡିର ପ୍ରଭାବ ରହୁଛି। ଫଳରେ ଗାଡ଼ି ମୋଟର ଯାତାୟାତରେ ବାଧା ସୃଷ୍ଟି ହେଉଛି। ବର୍ଷାର ପ୍ରଭାବ ଅଧିକା ନଥିଲେ ମଧ୍ୟ ତୁହାକୁ ତୁହା ବର୍ଷା ଯୋଗୁ ଲୋକମାନେ ହଇରାଣ ହରକତ ହେଉଛନ୍ତି। କିନ୍ତୁ ଏହାର ମଜା ନେଉଛନ୍ତି ଦାରିଙ୍ଗବାଡ଼ିକୁ ଆସୁଥିବା ସମସ୍ତ ପର୍ଯ୍ୟଟକ। ଜଳବାୟୁ ଥଣ୍ଡା ରହୁଥିବାରୁ ବହୁତ ଆନନ୍ଦ ଦେଉଥିବା କହୁଛନ୍ତି ପର୍ଯ୍ୟଟକ।